ଜାନୁଆରୀ ୨୦୨୦ • ୫୦ଟଙ୍କା

# ଲୋକବାର୍ତ୍ତା

ଆମ ମାଟିର ସ୍ୱର




New Product
HDPE Pipes
SAVE WATER!
WATER IS LIFE.
Ohm PVC Pipes
Agriculture / Irrigation / Industries / Domestic
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୩ୟ ସଂଖ୍ୟା, ଜାନୁଆରୀ, ୨୦୨୦ ■ Vol-2, Issue-3, January, 2020



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ
- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ଣ୍ଣ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**







## ‘ରେବତୀ’ର ସବୁ କବିତା ସୁନ୍ଦର

● ନକୁଳ ଚନ୍ଦ୍ର ସାହୁଙ୍କ ଦ୍ୱାରା ପ୍ରସ୍ତୁତ କବି ହରିହର ମିଶ୍ରଙ୍କ ଉପରେ ସମୀକ୍ଷାଟି ପଢ଼ିବା ପରେ ନିଶ୍ଚିତ ଭାବରେ ଚାହିଁବି mysticismର କବିଙ୍କୁ ଥରେ ପଢ଼ିବା ପାଇଁ । କବିତା ବିଭାଗରେ ଆଠଟି କବିତା । ଯେଉଁଠାରେ ଓହ୍ଲାଇଲେ କବିଙ୍କ ଉଷ୍ମ ହାତ ପାପୁଲିର ସ୍ପର୍ଶ । ‘ବିଶ୍ୱଭାରତୀରେ ବର୍ଷା’ରେ ‘ଚଣ୍ଡାଳିକା’ର ବିରହୀ ବେଦନା ପରି କଚାଡ଼ି ହୋଇ କାନ୍ଦୁଥାଏ ବର୍ଷା ଏକ ଚମତ୍କାର ଉପମା । ଦୁଇଜଣ ପୁରୁଷଙ୍କ କଥା- ଅମରେନ୍ଦ୍ରଙ୍କ ବକ୍ତବ୍ୟ । ମୋତେ କୃଷ୍ଣ ବନାଅ ଅବା କିମ୍ବଦନ୍ତୀର ବାସାନୋଭା, ବକ୍ତବ୍ୟରେ ସରଳ, ଭାବୋଦ୍ଦୀପକ । ‘ସହଯାତ୍ରୀ’ରେ କବିପୁରୁଷ ଫିଙ୍ଗି ଦେବାକୁ ଚାହିଁଛନ୍ତି ମିଛ ମୁକୁଟଟି । ‘ଦେଶଭକ୍ତି’ରେ କବିଙ୍କ ସହ କାଳେ କାଳେ ସମସ୍ତେ ସ୍ୱୀକାର କରିବେ ଦେଶ ମୁଠାଏ ମାଟି ନୁହଁ, ମନ୍ତ୍ରାଭିଷିକ୍ତ ବିଭୂତି ମୁଠାଏ । ‘ଗରୀବର ଚାଳରେ ନାଉନଟା’ର ଜୀବନସଂଗ୍ରାମ ଅବା ‘ଡାଏରୀ ପୃଷ୍ଠାରୁ’ରେ କବିଙ୍କ ଜୀବନସଂଗ୍ରାମରେ ଫିମ୍ପି ମାରି ଯାଇଥିବା ମନ, ‘ଖରା’ର ଚାରୋଟି ସ୍କେଚ୍ ଓ ‘ଅବାକ୍’ରେ କବି କହିଥିବା କଥା ‘ସତ ଜୀବନରେ ତାଙ୍କର ମାଟିରେ ମିଶୁଥାଏ ମିଛ ଖେଳ ଘରର ଗୋଟି ଗୋଟି କାନ୍ଥ’... ଖୁବ୍ ଭାବପୂର୍ଣ୍ଣ । ସବୁ କବିତା ସୁନ୍ଦର । ‘ରେବତୀ’ ପାଇଁ ନୂତନବର୍ଷ ଆଣିଦେଉ ଅଧିକ ପ୍ରତିଷ୍ଠା ଓ ସମ୍ମାନ ।

**ସୌଭାଗିନୀ ପରିଡ଼ା,ଭୁବନେଶ୍ୱର**

## ‘ରେବତୀ’ର ସଂପାଦକୀୟ ଭଲଲାଗିଲା

● ୨୦୧୯ ଡିସେମ୍ବର ସଂଖ୍ୟା ‘ରେବତୀ’ ପାଠ କଲି । ପ୍ରଚ୍ଛଦ ପରିକଳ୍ପନା ଚମତ୍କାର ହୋଇଛି । ଆପଣଙ୍କ ସମ୍ପାଦକୀୟ ‘ଘରର ଗୃହଲକ୍ଷ୍ମୀ ଓ ଘରର ଶ୍ରୀ’ ବେଶ୍ ମର୍ମସ୍ପର୍ଶୀ ଓ ଉଚ୍ଚକୋଟୀର । ମହାଲକ୍ଷ୍ମୀ ଭାବରେ ନାରୀ ହେଉଛି ଘରର ରତ୍ନ ଓ ନରୀ ସଂସାରରେ ସାର । ‘ସଂସ୍କୃତି’ ପୃଷ୍ଠାରେ ଚଇତି ଘୋଡ଼ାନାଚରୁ ଅନେକ ତଥ୍ୟ ଜାଣିହେଲା । ‘ମତ-ଅମତ’ ପୃଷ୍ଠାରେ ବିଭିନ୍ନ ପାଠକପାଠିକାଙ୍କ ମତାମତ ପଢ଼ିବାକୁ ଭଲ ଲାଗୁଛି । କବିତା ଓ ଅନ୍ୟାନ୍ୟ ଲେଖାଗୁଡ଼ିକ ପଢ଼ି ଖୁସି ହେଲି । ପତ୍ରିକାଟି ସୁଖପାଠ୍ୟ ଓ ଏହାର ଉତ୍ତରୋତ୍ତର କାମନା କରୁଛି ।

**ନିରଂଜନ ସାହୁ**
କେ/୭-୬୪୧, ଭୁବନେଶ୍ୱର-୩

## ‘ରେବତୀ’ରେ ପ୍ରତ୍ୟେକଟି କବିତା ମନଛୁଆଁ

● ମାଟିକାନ୍ଥର ଝୋଟି ଚିତା ସହ ପ୍ରଚ୍ଛଦ ନାୟିକା ହାତରେ ଧାନକେଣ୍ଡା, ଡିସେମ୍ବର ପ୍ରଚ୍ଛଦର ଚମତ୍କାର ପରିକଳ୍ପନା । ‘ମତ-ଅମତ’ ପୃଷ୍ଠାରେ ରବି ପଣ୍ଡାଙ୍କର ବର୍ଷକର ‘ରେବତୀ’କୁ ନେଇ ଆଲୋଚନା ଖୁବ୍ ସୁନ୍ଦର । ମା’ର ସମ୍ମାନ ପାଇଁ ସମ୍ପାଦକୀୟରେ ସୁନ୍ଦର ଆଲୋଚନା ସମ୍ପାଦିକାଙ୍କର । କବି ହୃଷୀକେଶ ମଲ୍ଲିକଙ୍କ କାବ୍ୟସମ୍ଭାରକୁ ନେଇ ଡକ୍ଟର ଭରତ ବେହେରାଙ୍କ ଅନୁଶୀଳନଟି ଖୁବ୍ ଗଭୀର । ବାପାଙ୍କ ପାଇଁ ରାଜେନ୍ଦ୍ର ରାଉଳଙ୍କ ଶ୍ରଦ୍ଧାଞ୍ଜଳି ଆବେଗପ୍ଲୁତ । ଲୁପ୍ତପ୍ରାୟ ଚଇତି ଘୋଡ଼ାନାଚକୁ ପୁନଃ ଉଜ୍ଜୀବିତ କରିବାକୁ ସୁନ୍ଦର ପ୍ରୟାସ କରିଛନ୍ତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ‘ସଂସ୍କୃତି’ ପୃଷ୍ଠାରେ । ନେତାଜୀ ଅଭିନନ୍ଦନଙ୍କ ‘ରାଜନୀତିର ରେଖାଚିତ୍ର’ ଭଲ ଗପଟିଏ ଭଳି ବାନ୍ଧି ରଖିବାରେ ସମର୍ଥ । ଆହା, ଆମ ବିଦ୍ୟାଳୟର ଇତିହାସ ପାଠ୍ୟପୁସ୍ତକ ଏମିତି ରୋଚକ ହୋଇପାରନ୍ତାନି ! ପ୍ରତ୍ୟେକଟି କବିତା ମନଛୁଆଁ । କିଛି କିଛି ପଦ ଚମତ୍କାର । (କୁହୁଳିରେ କିଛି ବି ଘଟି ନଥିଲା ଝିଅଟିଏ ଆତ୍ମହତ୍ୟା କରିଥିଲା ଏ କଥା ସତ, / କୁହୁଡ଼ି ପରି ଜମାଟ ବାନ୍ଧୁଚି ଭୟ ହୃଦୟ ସନ୍ଧିରେ । ଛନଛନ ଘାସ ଦେଶର ପରିଚୟ ହେଉ । / ଛୁଇଁଲେ ଜାଣିବ ଦେଶ ଗୋଟାଏ ହୃଦୟ... ।) ନକୁଳ ଚନ୍ଦ୍ର ସାହୁଙ୍କର ଗଭୀର ଅଧ୍ୟୟନ ପ୍ରତିଫଳିତ ହୋଇଛି ହରିହରଙ୍କ ‘ଦିବ୍ୟ ଅସନ୍ତୋଷ’ରେ । ମୋ ଭଳି ଗଳ୍ପ ପାଠକଙ୍କ ପାଇଁ ଅଧିକ ସଂଖ୍ୟକ ଗଳ୍ପ, ନିଶ୍ଚୟ ଉତ୍ସାହଜନକ । ସବୁ ଗଳ୍ପ ରୋଚକ । ବନ୍ଧୁ ବିଦ୍ୟାଧର ପଣ୍ଡାଙ୍କର କୀଚକେଶ୍ୱରୀ ଓ ପବିତ୍ର ମୋହନଙ୍କ ପାଟଣେଶ୍ୱରୀ ଦୁଇ ପ୍ରସିଦ୍ଧ ମନ୍ଦିର ବିଷୟରେ ଜ୍ଞାନ ଦେଲା । କୁସୁମା ବିଷୟରେ ଶୁଣିଥିଲି । ନାରାୟଣ ରାଉତରାୟଙ୍କ ‘କୁସୁମାର କିମିଆଁ’ ଭଲ ଲାଗିଲା । ଏକାଧିକ ସ୍ୱାଦିଷ୍ଟ ବ୍ୟଞ୍ଜନ ମହିଳା ଓ ରୋଷେଇରେ ରୁଚି ରଖୁଥିବା ସମସ୍ତଙ୍କୁ ପତ୍ରିକା ପ୍ରତି ଆକୃଷ୍ଟ କରିବ ନିଶ୍ଚୟ । ‘ଶେଷପୃଷ୍ଠା’ରେ କୃଷ୍ଣକୁମାରଙ୍କ ଆଲୋଚନା ମାର୍ମିକ । ଲେଖକ, ପାଠକ ଓ ପ୍ରକାଶକର ସମନ୍ୱୟ ହିଁ ସାହିତ୍ୟିକୁ ଆଗେଇ ନେବ । ପାଠକଙ୍କ ପ୍ରୋତ୍ସାହନ ଯୋଜନା ଖୁବ୍ ସୁନ୍ଦର ପ୍ରସ୍ତାବ । ବର୍ଷଟିଏ ଭିତରେ ଅନେକ ପାଠକଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇ ପାରିଥିବା ‘ରେବତୀ’ ପାଇଁ ଆଗାମୀ ବର୍ଷ ଅନେକ କିଛି ସଫଳତା ଆଣିଦେଉ ।

**ପ୍ରତ୍ୟୁଷ ପଣ୍ଡା,୪ଡି/୧୪୬୯, ସେକ୍ଟର-୯, ସିଡ଼ିଏ, କଟକ**

## ‘ରେବତୀ’କୁ ତା’ର ପ୍ରକୃତ ପରିଚୟ ମିଳିଯାଇଛି

● ‘ରେବତୀ’ର ବର୍ଷଶେଷ ଡିସେମ୍ବର ସଂଖ୍ୟାର ବିଶଦ ବିବରଣୀ ପଢ଼ିଥିଲି ‘ଇଣ୍ଡୋକଲିଙ୍ଗ ଟାଇମ୍ସ’ରୁ । ହୃଦୟରେ ଭିନ୍ନ ଏକ ଉଦ୍‌ବେଳନ ସୃଷ୍ଟି ହୋଇ ସାରା ଶରୀରକୁ ରୋମାଂଚିତ କରି ଦେଇଥିଲା । ଖୁସିରେ ଆତ୍ମବିଭୋର ହେଲି । ‘ରେବତୀ’କୁ ତାର ପ୍ରକୃତ ପରିଚୟ ମିଳି ଯାଇଛି । ସେ ଯେ ପତ୍ରିକା ଜଗତରେ ଅନନ୍ୟା, ଏଥିରେ ଦ୍ୱିମତ ନାହିଁ । ଏବେ ‘ରେବତୀ’ର ସେଇ ସଂଖ୍ୟା ମୋ’ ହାତରେ । ତେଣୁ ମୁଁ ଉତ୍‌ଫୁଲ୍ଲିତା ହେବା ସ୍ୱାଭାବିକ । ପ୍ରତ୍ୟେକଥର ‘ରେବତୀ’ ହାତକୁ ଆସିଲେ ଲାଗେ...ସାରା ଜଗତ ମୋ ହାତରେ । ତାକୁ ପରଖେ ‘ଶେଷପୃଷ୍ଠା’ରୁ । କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କ ଆଲେଖ୍ୟ ସବୁବେଳେ ଜଣେ ସ୍ରଷ୍ଟାକୁ ବେଶ୍ ଅଭିଭୂତ କରିବା ସହିତ ଜ୍ଞାନର ଗନ୍ତାଘରକୁ ରାସ୍ତାଟିଏ ଦେଖେଇଥାଏ । ଏଥର ଆହୁରି ଭଲ ଲାଗିଲା, ସେ ଲେଖକ, ପାଠକ ଆଉ ପ୍ରକାଶକ- ସମସ୍ତଙ୍କ ପାଇଁ ଉପଯୋଗୀ ବାର୍ତ୍ତା ଦେଇଛନ୍ତି । ସବୁଥର ପରି ସୁବାସିନୀ ଜେନା ମାଡ଼ାମ୍‌ଙ୍କ ସଂପାଦକୀୟ ଭଲ ଲାଗିଲା, ନାରୀ ଜୀବନର ମହନୀୟତାକୁ ସୂଚେଇ ଯେମିତି ଧନ୍ୟ କରିଦେଇଛନ୍ତି ସେ ନାରୀ ଜଗତକୁ । ସମସ୍ତେ ତାକୁ ହୃଦୟଙ୍ଗମ କଲେ ସ୍ୱର୍ଗୀୟ ସୁନ୍ଦର ବାତାବରଣଟେ ସୃଷ୍ଟି ହୋଇ ସାରା ଜଗତ ମହକିବ । ରାଜେନ୍ଦ୍ର ରାଉଳଙ୍କ ‘ମୋ ସବୁ ପରିଚୟର ଆରମ୍ଭ, ବାପା’ର କେତୋଟି ଧାଡ଼ି- ସତରେ କିଏ ? ମୋ ଭିତରେ ଅସ୍ଫୁଟ ଆର୍ତ୍ତନାଦ, ଟୁପୁରୁ ଟୁପୁରୁ ଟୋପା, ଦୁଇଟି ଅକ୍ଷର ବାପା !... ବେଶ୍ ପ୍ରଭାବିତ କଲା ।

‘ରେବତୀ’ ହଜି ଯାଉଥିବା ପର୍ବପର୍ବାଣି, ପୁରୁଣା ଇତିହାସକୁ ପୁଣିଥରେ ଜୀବନ୍ତ କରିଦେଉଛି ତା ପୃଷ୍ଠାରେ । ପ୍ରକୃତିକୁ ନେଇ ବିଭୋର ହେଇ ଯାଉଥିବା କବି ସୁରେନ୍ଦ୍ର ପାଣିଗ୍ରାହୀଙ୍କ କବିତା ‘ବିଶ୍ୱ ଭାରତୀରେ ବର୍ଷା’ ସତରେ ବିଭୋର କରିଦେଲା । କଥା-କାହାଣୀରେ ‘ମୁଗ୍ଧ ପଦ୍ମବନ ବିମୁଗ୍ଧ ଭ୍ରମର’ ନାମ ହିଁ ଯଥେଷ୍ଟ, କାହାଣୀର ବିଷୟବସ୍ତୁ ଆଡ଼କୁ ଟାଣି ନେବାରେ । ବାକି ସମସ୍ତ ବିଭାଗ ମଧ୍ୟ ନିଜ ନିଜର ସୁନ୍ଦର ସ୍ଥାନ ବଜାୟ ରଖିଛନ୍ତି ।

**ସସ୍ମିତା ମେହେର,ସୋନପୁର**

LM®

Bureau of Indian Standards

Ph : 06782-267028
Mob : 099370-26428

# Mahalaxmi jewellery

ଧନୀଠୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ ।



V. N. Marg, Front of Durga Nursing Home, Balasore-1
:lmdrana@gmail.com :www.mahalaxmijewellery.com

ମାସିକ ଓଡ଼ିଆ ପାରିବାରିକ ଫିଚର୍ ପତ୍ରିକା

ସୂ ଚୀ ପ ତ୍ର

୨ୟ ବର୍ଷ ୩ୟ ସଂଖ୍ୟା । ଜାନୁଆରୀ ୨୦୨୦ ।

ରେବତୀ
ଆମ ମାଟିର ସ୍ୱର



୯ ସମ୍ପାଦକୀୟ : ପରିବାର ପୂରିଉଠୁ...: ସୁବାସିନୀ ଜେନା











୧୦
ମୋ ବାପା : ବାଲେଶ୍ୱରର ବହ୍ନି
: ମନସ୍ୱିନୀ ଦେବୀ

୧୮
ପର୍ଯ୍ୟଟନ : ଦ୍ୱୀପର ନାମ ହିଉ
: ଲକ୍ଷ୍ମୀପ୍ରିୟା ଓଝା

୨୪
ପ୍ରେରଣା: ଇଏବି ଜଣେ........
: ଶ୍ରୀଗୋବିନ୍ଦ

୨୫
ଜୀବନ ଜୀବିକା : କନ୍ଧମାଳ ହଳଦୀ
: ଅନ୍ନପୂର୍ଣ୍ଣା ଦାସ

୩୦
ନଦନଦୀ : ପୁଣ୍ୟତୋୟା ବୈତରଣୀ
: ରଂଜନ ପ୍ରଧାନ

୩୬
ଶିକ୍ଷାୟତନ : ସମ୍ବଲପୁରର ଶ୍ରୀ
: କୈଳାଶ ମହାକୁଡ଼

୪୧ କଳା-ସଂସ୍କୃତି-୧ : ମୀନା ସ୍ୱାଇଁ
୪୭ କଥା-କାହାଣୀ-୧ : ସ୍ୱାଗତିକା ସେଠୀ
୫୦ ଦିବ୍ୟ-ଅନୁଭବ : ଶ୍ୱେତା ରାଉତ
୫୪ ଦ୍ୱି-ପ୍ରଚ୍ଛଦ : ରେବତୀ କ୍ୟାଲେଣ୍ଡର୍
୫୬ କବି-କବିତା : ଫନୀ ମହାନ୍ତି
୫୭ ସମକାଳ କବିତା : ମୁକୁଳ ମିଶ୍ର
୫୮ : ହରପ୍ରସାଦ ଦାସ
୫୯ : ପ୍ରଦୀପ କୁମାର ପଣ୍ଡା
: ସୁଜାତା ସାହାଣୀ
୬୦ : କମଳ କୁମାର ମହାନ୍ତି
୬୧ : ପ୍ରମୀଳା ଶତପଥୀ
: ଅକ୍ଷୟ ବେହେରା
୬୨ : ଗାୟତ୍ରୀବାଳା ପଣ୍ଡା
୬୩ : ପ୍ରତୀକ୍ଷା ଜେନା
୬୪ : ଲିପିରେଖା ଶତପଥୀ
: ଜୟନ୍ତୀ ବିଶ୍ୱାଳ
୬୫ : ଦେବଯାନୀ ରାୟ
: ଜୟଂତିକା
୬୬ : ଶ୍ରୀକାନ୍ତ ଜେନା
: ମାଧୁରୀ ପଣ୍ଡା












୩୦





୭୫


୬୭ କଥା-କାହାଣୀ-୨ : **ପ୍ରତ୍ୟୁଷ ପଣ୍ଡା**

୭୧ କଥା-କାହାଣୀ-୩ : **ରବି ପଣ୍ଡା**

୭୫ ଧାରାବାହିକ ଉପନ୍ୟାସ : **ପବିତ୍ର ମୋହନ ଦାଶ**

୮୧ କଳା-ସଂସ୍କୃତି-୨ : **ନାରାୟଣ ରାଉତରାୟ**

୮୯ ଆଇନକାନୁନ : **ଆଡ୍‌ଭୋକେଟ ସ୍ନିଗ୍ଧା ତ୍ରିପାଠୀ**

୯୮ ଛାୟାଚିତ୍ର : **ଶ୍ରୀଗୋବିନ୍ଦ**




୯୮

## ନିୟମିତ ବିଭାଗ


୮୬ ଗୃହ ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**

୯୦ ରୋଷେଇଶାଳ : **ଜ୍ୟୋସ୍ନା ଅଶ୍ୱିନ ପଞ୍ଚାଲ**

୯୨ : **କଳ୍ପଲତା ବେହେରା**

୯୪ : **ଗାୟତ୍ରୀ ଦାସ**

୯୬ : **ସୁନନ୍ଦା ବେହେରା**

୧୦୫ ମୁଦ୍ରା : **ସସ୍ମିତା ମେହେର**




୯୬


୧୦୬ ଶେଷପୃଷ୍ଠା : **ଛଦ୍ମଲେଖକ ବା .... : କୃଷ୍ଣ କୁମାର ମହାନ୍ତି**






୧୮


ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ କ୍ରିଏଟିଭ୍ ନିର୍ଦ୍ଦେଶନା : **ନିରୂପମା ପତି ଆଚାର୍ଯ୍ୟ**
ପ୍ରଚ୍ଛଦ ଫଟୋଗ୍ରାଫି : **ତନିସ୍ କୁମାର,** କଟକ
ପ୍ରଚ୍ଛଦ ଡିଜାଇନ୍ : **ଶିବ୍‌ରାଜ୍ କମ୍ପ,** ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ପ୍ରଚ୍ଛଦ ମଡେଲ୍ : **ଅନ୍ତରା ଚକ୍ରବର୍ତ୍ତୀ,** କଟକ
ଉଚ୍ଚତା : **୫ ଫୁଟ୍ ୭ ଇଞ୍ଚ୍**
ଶିକ୍ଷା : **ଭାଷାସାହିତ୍ୟରେ ସ୍ନାତକୋତ୍ତର**
ବୃତ୍ତି : **କଣ୍ଠଶିଳ୍ପୀ**
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : **ପ୍ରଭାତୀ ସେନ, ଅଭିନନ୍ଦା ଆଚାର୍ଯ୍ୟ, କଟକ**
ବିଶେଷ କୃତଜ୍ଞତା : **ଆଦର୍ଶ ଆନନ୍ଦ,** ଭୁବନେଶ୍ୱର
ସ୍ଥାନ : **ମହ୍ଲାର୍,** କଟକ


**ମଲାଟ କଥା :** ପୂଜାପାଠ ଓ ଓଷାବ୍ରତ ଭିତରେ ଅଧାରୁ ବେଶି ଆୟୁଷ ନାରୀର ଶେଷ ହୋଇଯାଏ, ତଥାପି ସେ ମଙ୍ଗଳକାମୀ ଆମ ଘରର, ଆମ ଆୟୁଷର । ତାକୁ ଘରର ଲକ୍ଷ୍ମୀ କହୁ ସିନା, ହେଲେ କେବେ ବି ତାକୁ ଆମେ ଦେଇନଥାଉ ତା ତ୍ୟାଗ ଓ ତିତିକ୍ଷାର ପୁରସ୍କାର । ଅଥଚ, ସେ ଆମ ପାଇଁ ଭାବୁଥାଏ, ସେ ଆମର ଦୀର୍ଘାୟୁ କାମନା କରୁଥାଏ, ସେ ପ୍ରାର୍ଥନା କରୁଥାଏ ଭଗବାନଙ୍କ ପାଖରେ ପ୍ରତିନିୟତ । ପବିତ୍ର କାର୍ତ୍ତିକ ମାସର ନିଷ୍ଠା ହେଉ କି ମାର୍ଗଶିରର ମାଣଓଷା, ସବୁଥିରେ ଘରର ନାରୀ ହିଁ ଉଠାଏ ଦାୟିତ୍ୱବୋଧ । ଅମଳର ଋତୁରେ ଘରେ ମାଣ ବସାଇବାର ବାସ୍ନା ଭିତରେ ନାରୀର ଖୁସି ହିଁ ଏଥରର ଆମ ପ୍ରଚ୍ଛଦ ଭାବନା ।

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚରରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ : ସମ୍ପାଦିକା, 'ରେବତୀ', ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧

ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦

ଇ-ମେଲ୍ : rebati.rebati2018@gmail.com

ସମ୍ପାଦକୀୟ

# ପରିବାର ପୂରିଉଠୁ ନୂଆ ଆନନ୍ଦରେ

ଆମ ପରିବାରମାନଙ୍କରେ ନବଜାତ ଶିଶୁଟିଏ ଜନ୍ମ ଗ୍ରହଣ କଲେ, ଆନନ୍ଦମୁଖର ହୋଇଉଠେ ଘର । ଠିକ୍ ସେହିପରି ଘରକୁ ନବବଧୂ ଆସିବାର ମୁହୂର୍ତ୍ତଟିକୁ ବି ଆମେ ଆନନ୍ଦମୁଖର କରି ତୋଳୁ । କେବେ ନୂଆଘରକୁ 'ଗୃହପ୍ରବେଶ'ର ଆନନ୍ଦଦାୟୀ ମୁହୂର୍ତ୍ତ ଆସେ ତ କେବେ ପୁଣି ଘରେ କୌଣସି ସଦସ୍ୟର ନୂଆ ସଫଳତାରେ 'ଆନନ୍ଦ'ଟି ଆସେ ଅଚିରେ । ପ୍ରକୃତରେ ଏ 'ଆନନ୍ଦ'ଟି ଥାଏ କୋଉଠି ? ଯଦି ଏହା ଆମ ଭିତରେ ଥାଏ, ତେବେ କାହିଁକି ଆମେ ଏତେ ଏତେ ଦୁଃଖବିଷାଦ ଭିତରେ ଘାଣ୍ଟି ହେଉ ଅହରହ ! କାହିଁକି ଦିନର ଅଧିକାଂଶ ସମୟ ଆମେ ଏପରି 'ଭାବ' ପ୍ରକଟ କରୁ, ଯେପରିକି ଆମର ବଂଚିବା ନିରର୍ଥକ । ଆମେ ଜନ୍ମବେଳେ ଆଣିଥିଲୁ ଅନେକ କିଛି, କିଏ ଯେପରି ଆମ ଠୁ ଲୁଟି ନେଇଛି ସବୁକିଛି- ଏପରି ଏକ ମନୋସ୍ଥିତିରେ ଆମେ  ଚଳପ୍ରଚଳ ହେଉ କାହିଁକି ସତେ !

ଗୋଟିଏ କଥା ସ୍ପଷ୍ଟ ଯେ, 'ଆନନ୍ଦ' ଅବଶ୍ୟ ଆନନ୍ଦବଜାରରେ ନଥାଏ କି, ନଥାଏ ମଧ୍ୟ ଘରର ଠାକୁରଘର ଭିତରେ । ପ୍ରକୃତ ଆନନ୍ଦଟି କିନ୍ତୁ କସ୍ତୁରୀ ମୃଗ ସମ ଥାଏ ଆମରି ଅନ୍ତଃକରଣରେ । ଆମେ କିନ୍ତୁ ଚାରିପାଖରେ ଖୋଜିବୁଲୁ ଓ ହତାଶ ହେଉ । କେବେ କେବେ ତ ଅନ୍ୟର ଆନନ୍ଦ ଆମକୁ ଅସହିଷ୍ଣୁତା ଆଡ଼କୁ ଘେନିଯାଏ । ଆମେ ଅନ୍ୟର ଆନନ୍ଦରେ ନିଜକୁ ସାମିଲ୍ ତ କରାଇ ପାରୁନା, ଅଧିକନ୍ତୁ ଈର୍ଷା ପରାୟଣ ହୋଇଉଠୁ ବେଶି । ଏହା ହିଁ ଆମର 'ଆନନ୍ଦ-ଶୂନ୍ୟତା'ର ହେତୁ । ଏହାକୁ ବୁଝିବା ପାଇଁ ଚେତନା ସ୍ତରରେ ଯେଉଁ ଉତ୍ତରଣର ଆବଶ୍ୟକତା ରହିଛି, ଆମକୁ ପ୍ରଥମେ ସେ ଦିଗରେ ଭାବିବାକୁ ପଡ଼ିବ ।

ଆମେ ସବୁବେଳେ ନୂତନତା ଖୋଜୁ । ସବୁ କଥାରେ ନୂଆ କିଛି ଘଟିଲେ ଆମେ ଆନନ୍ଦିତ ହେଉ । କିନ୍ତୁ ଏଇ ନୂଆଟି ପ୍ରକୃତରେ କ'ଣ ? ନୂଆ ଚେତନା ନା ନୂଆ ଜାଗରଣ ? ନୂତନ ଚଳଣି ନା ନୂତନ ଜୀବନାଦର୍ଶ ? କଣ ପ୍ରକୃତରେ ନୂଆ ହୋଇ ଦିଶେ ଆମକୁ ! କ'ଣ ଆବୋରି ବସେ ଆମର ଚିନ୍ତା ଓ ଚେତନାକୁ । କେବେ ସେ ବିଷୟରେ ଆମେ ଭାବୁ ନାହୁଁ ଭଲ କରି । ଗୋଟିଏ ବର୍ଷ ଶେଷ ହୋଇଯାଏ । ଆଉ ଗୋଟିଏ ବର୍ଷ ନୂଆ ହୋଇ ପ୍ରବେଶ କରେ ଆମର ଜୀବନଚର୍ଯ୍ୟାକୁ । ସେ ବି ଚାଲିଯାଏ । ପୁଣି ଆସେ ନୂଆ । ଅଥଚ କେବେ ଆମେ ଚିନ୍ତା କରିଛେ ଯେ, ଏ ନୂଆର ଆସିବା ଯିବା ଭିତରେ କ'ଣ ବଦଳିଛି ଆମ ଜୀବନରେ । କ'ଣ ବଦଳିଛି ଆମ ଆଚରଣରେ । କ'ଣ ବଦଳିଛି ଆମ ନୀତି ଓ ଆଦର୍ଶରେ । କିଛି ବି ନୁହେଁ । କେବଳ ନୂଆବର୍ଷକୁ ପାଳିବାର ଏକ ପ୍ରଖର ଆକାଂକ୍ଷା ଭିତରେ ହିଁ ସବୁକିଛି ଶେଷ ହୋଇଯାଏ ।

ଗୋଟେ ପରିବାରର ଆନନ୍ଦ ଭିତରେ ଆମେ ଯେତେବେଳେ ନିଜକୁ ସମର୍ପି ଦେଇଥାଉଁ, ସେତେବେଳେ ପରିବାରର ପ୍ରତିଟି ସଦସ୍ୟଙ୍କ ମନପ୍ରାଣରେ ଖୁସି ହିଁ ଖେଳୁଥାଏ । କିନ୍ତୁ ଠିକ୍ ଅପର ପାର୍ଶ୍ୱରେ ଅନ୍ୟ ଏକ ପରିବାରରେ ହୁଏତ ଏହାର ବିପରୀତ କଛି ଘଟୁଥାଇ ପାରେ । ଆମେ ସେ ବିଷୟରେ ଜାଣୁ । କିନ୍ତୁ ତାହା ଆମର ପ୍ରସଙ୍ଗ ନୁହେଁ ଭାବି, ଆମେ ନିଜ ନିଜର ଆନନ୍ଦରେ ହେଉ ଆତ୍ମହରା । ଆମକୁ ଆଉ କାହାର ଦୁଃଖ କାତର କରି ପାରେନା । ଏମିତି ଅନେକ କଥାକୁ ଆମେ ଅଣଦେଖା କରିପାରୁ ବୋଲି ଜୀବନକୁ ନେଇ ଆଗେଇ ପାରୁ ଆମେ । ଏ ହେଉଛି ଆଜିର 'ନୂଆ-ମଣିଷ'ଙ୍କ ଜୀବନାଦର୍ଶ ।

ସତକଥା କହିଲେ, ନୂଆ ବୋଲି କିଛି ନଥାଏ । ଆମର ଦୃଷ୍ଟିଭଙ୍ଗୀକୁ ଟିକିଏ ବଦଳେଇ ଦେଲେ ଆମେ ଜାଣି ପାରିବା ଯେ, ନୂଆ ବୋଲି ଯାହା ଆମ ପାଖକୁ ଆସେ, ତାହା ଆଉ କାହା ପାଇଁ ହୁଏତ ପୁରୁଣା ହୋଇପାରେ । ଏମିତିରେ ନୂଆକୁ ସ୍ୱାଗତ କରିବାର ଏକ ଉଚ୍ଚ ପରମ୍ପରାରେ  ବିଶ୍ୱାସୀ ଆମେ । ତେଣୁ 'ପରିବାର' ଠୁ ଆରମ୍ଭ କରି 'ସମାଜ' ପର୍ଯ୍ୟନ୍ତ, ସବୁଠି ନୂଆକୁ ଆମେ ସ୍ୱାଗତ କରୁ । ଭଲ ପାଇବା ଦେଉ । ଏଇ ସ୍ୱାଗତିକାରେ ହିଁ ସବୁଜ ହୋଇ ଉଠେ 'ନୂଆ'ର ଆଗମନ ।  ପ୍ରତିଟି ପରିବାରରେ ଏଇ ସ୍ୱାଗତିକା ହିଁ ଆନନ୍ଦର ଆଉ ଏକ ମାର୍ଗ । ଆମେ ଆମର ପରିବାରଟିକୁ ଯଦି ନୂଆର ସ୍ୱାଗତିକାରେ 'ଆନନ୍ଦମୟ' କରି ତୋଳିବା, ତେବେ ସବୁ ସମସ୍ୟାର ହିଁ ସମାଧାନ ଅଚିରେ ହୋଇ ପାରିବ । କାରଣ ଏଇ ପରିବାରକୁ ନେଇ ହିଁ ସମାଜ । ସମାଜକୁ ନେଇ ଦେଶ, ପ୍ରଦେଶ, ପୁରପଲ୍ଲୀ । ସୁତରାଂ ପରିବାର ଭିତରେ ନୂଆ ଚେତନାଟିଏର ମଂଜି ପୋତିବା ଏକାନ୍ତ ଅପରିହାର୍ଯ୍ୟ । ଏପରି ହେଲେ ହିଁ ଯେଉଁ ନକରାତ୍ମକ ଚେତନାଶକ୍ତି ଆମର ମନୋବଳକୁ ଦୁର୍ବଳ ଓ ବିପଥଗାମୀ କରାଏ, ତାହା କ୍ରମଶଃ ଲୋପ ପାଇବ । ଏକ ସକରାତ୍ମକ ଉର୍ଜାରେ ପ୍ରତିଭାତ ହେବ ନୂଆ ସକାଳ । ସେଇ ସକାଳର ନୂଆ କିରଣରେ ବିଞ୍ଚି ହୋଇ ପଡ଼ିବ ନୂଆ ଧରିତ୍ରୀର ବୀଜମନ୍ତ୍ର । 'ଆନନ୍ଦ' ଆଉ କ'ଣ କି ? ଆତ୍ମଶୋଧନର ପରବର୍ତ୍ତୀ ପର୍ଯ୍ୟାୟ । ଆତ୍ମନିରୀକ୍ଷଣ କଲେ ହିଁ ଜଣେ ଜାଣି ପାରିବ ତା' ଭିତରେ ଆନନ୍ଦ କେତେ ଭରି ହୋଇ ରହିଛି । ଆମ ଚାରିପାଖରେ ବି ଆନନ୍ଦ ସାଉଁଟିବାର ଅନେକ ମାଧ୍ୟମ ରହିଛି । ତେବେ ଏଥିପାଇଁ ପ୍ରାଥମିକ ଭାବରେ ଆମକୁ ଖୋଲା ରଖିବାକୁ ହେବ ଆମର ଚେତନାର ଦ୍ୱାର ।

ଆସନ୍ତୁ, ଆମେ ସଭିଏଁ ନୂଆର ସ୍ୱାଗତିକାରେ ଆନନ୍ଦ ସାଉଁଟିବା ଓ ନିଜେ ବି ଅପର ପାଇଁ ଆନନ୍ଦର ହେତୁ ହେବା । ଜ୍ଞାନ, ବୁଦ୍ଧି ଓ ବିବେକର ଦେବୀ 'ସରସ୍ୱତୀ'ଙ୍କ ଆଶିଷ ଭିକ୍ଷା ସହ ଆପଣମାନଙ୍କୁ ଇଂରାଜି ନବବର୍ଷର ଶୁଭେଚ୍ଛା ଜଣାଉଛି ।

ସମ୍ପାଦିକା



ମୋ ଗାଥା

# ବାଲେଶ୍ୱରର ବନ୍ଧି



# ସ୍ନେହୀ ମଣିଷ ଥିଲେ ବାପା


**ମନସ୍ୱିନୀ ଦେବୀ**

ପ୍ରୁଫ୍‌ରୋଡ଼, ସୁନହଟ, ବାଲେଶ୍ୱର-୭୫୬୦୦୨

ଫୋନ : ୯୪୩୯୦୯୫୫୫୬

ଫଟୋ ସୌଜନ୍ୟ : ଲେଖିକା ଓ ବ୍ରହ୍ମନାଥ ରଥ

ତୈଳଚିତ୍ର : ନିତ୍ୟାନନ୍ଦ ସାହୁ




▼ସହଧର୍ମିଣୀଙ୍କ ସହ କବି

**ସେ ଥିଲେ ବାଲେଶ୍ୱରର ବହ୍ନି । ଶବ୍ଦରେ ଥିଲା ତାଙ୍କର ବିଦ୍ରୁପ ଓ ପ୍ରତିବାଦର ଆଗ୍ନେୟ ଶିଖା । ପ୍ରଗତିଶୀଳ କାବ୍ୟ-ଚେତନାର ସେ ଥିଲେ ଅଗ୍ରଣୀ ସାରଥୀ । ଡେଙ୍ଗା ଓ ସଫା ଦିଶୁଥିବା ଧୋବ ଫର୍ଫର୍ ଧୋତି ଓ ପଞ୍ଜାବୀ ପରିହିତ ଏ ବାପା ଜଣକ ହେଲେ କବି ବ୍ରଜନାଥ ରଥ । ଓଡ଼ିଆ କାବ୍ୟ-ମନ୍ଦିରର ଅନିର୍ବାଣ ଜ୍ୟୋତିଶିଖା । ତାଙ୍କ ସମ୍ପର୍କରେ ତାଙ୍କ ବଡ଼ଝିଅ ମନସ୍ୱିନୀ ଦେବୀଙ୍କ ସ୍ମୃତି ନିବେଦନ ।**



▶ଲେଖିକା ମନସ୍ୱିନୀ ଦେବୀ

'ବାପା' ଶବ୍ଦଟି ଉଚ୍ଚାରଣ କଲାବେଳେ ମୋ ଆଖିରେ ଲୁହ ଆସିଯାଏ । ଆଉ ଆଗକୁ ଭାବି ପାରେନି । ଭାରି କଷ୍ଟ ଲାଗେ । ସେଦିନ ଥିଲା ୨୦୧୪ ମସିହା ମେ ମାସ ୨୯ ତାରିଖ । ରୋଗଶଯ୍ୟାରେ ବାପା ଶୋଇଥାନ୍ତି । ତାଙ୍କ ମୁଣ୍ଡ ପାଖରେ ମୁଁ ବସିଥାଏ । ମୋ ସାନ ଭଉଣୀ ପିକୁ, ଦୁଇ ଭାଇ ବିଧୁ, ବ୍ରହ୍ମ ମଧ୍ୟ ମୋ ପାଖରେ ବସିଥାନ୍ତି । ସେତେବେଳକୁ ଦୁଇମାସ ହେବ ରାତି ଉଜାଗର ଥିବାରୁ ମୋ ସାନ ଭାଇ ବ୍ୟୋମ ଖଟ ଉପରେ କାନ୍ଥକୁ ଆଉଜି ଢୁଳାଉଥାଏ । ମୁଁ ବାପାଙ୍କ ମୁହଁ ଉପରକୁ ଝୁଙ୍କି ପଡ଼ି ଚାହିଁଲି । ତାଙ୍କ ମୁଣ୍ଡରେ ହାତ ମାରିଲି, ଧିରେ ଧିରେ ପଚାରିଲି ବାପା, "କଣ କଷ୍ଟ ହେଉଛି ବାପା!" ପ୍ରଥମଥର ପ୍ରଶ୍ନରେ ସେ କୌଣସି ଉତ୍ତର ଦେଲନି, ସେଇମିତି ଶୋଇଥାନ୍ତି । ତାଙ୍କ ମୁହଁରୁ ଅତ୍ୟଧିକ କଷ୍ଟ ହେଉଥିବା ମୁଁ ବାରି ପାରୁଥାଏ । ପୁଣି ଥରେ ଡାକିଲି, ବାପା...ବାପା... । ସେ ଅଳ୍ପ ଆଖି ଖୋଲି ଚାହିଁଲେ । ଆଖି ଦୁଇଟି ସଂପୂର୍ଣ୍ଣ ଲାଲ୍, ପାଟି ଅଳ୍ପ ଖୋଲାଥାଏ । ପଚାରିଲି, "ବହୁତ କଷ୍ଟ ହେଉଛିନା ?" ଆଉ ଥରେ ଚାହିଁଲେ, କିଛି କହିଲେନି । ଦେଖିଲି ତାଙ୍କ ଆଖି କଡ଼ ଦେଇ ଲୁହ ବହି ଯାଉଛି । ସେଇମିତି ନିସ୍ତେଜ ହୋଇ ପୁଣି ଆଖି ବୁଜିଲେ । ପିକୁ କହିଲା, "ନାନି କିଛି ପଚାର ନାହିଁ । ତାଙ୍କୁ ବହୁତ କଷ୍ଟ ହେଉଛି ବୋଧେ ।" ସେତେବେଳକୁ ଆମ ଦୁଇଜଣଙ୍କ ଆଖି ଲୁହରେ ଭର୍ତ୍ତି ହୋଇ ଯାଇଥାଏ । ସବୁ ଲୁହର ସ୍ରୋତ ଯେମିତି ଏକାଧାରରେ ବହି ଯାଉଥାଏ ସୁଦୂର ଅତୀତକୁ... ।

ବାପା ବ୍ରଜନାଥ ରଥ ଥିଲେ ଜେଜେ ବିଶ୍ୱନାଥ ରଥଙ୍କର ଏକମାତ୍ର ସନ୍ତାନ । ମା' ତାରାମଣୀ ଦେବୀ ଓ ବିଶ୍ୱନାଥଙ୍କର ବାପାଙ୍କୁ ଛାଡ଼ି ଆଉ ଜଣେ ମଧ୍ୟ ପୁଅ ଥିଲା । ଯାହାର ନାମ ଥିଲା ଭବନାଥ । ବାପାଙ୍କ ଠାରୁ ଶୁଣିଛି 'ଭବନାଥ' କୁଆଡ଼େ ଆଠବର୍ଷ ବୟସରେ ଟାଇଫଏଡ୍ ଜ୍ୱରରେ ମରି ଯାଇଥିଲା । ତେଣୁ ବାପା ଓ ମାଆଙ୍କର ଆଦର ଯତ୍ନ କୁଆଡ଼େ ଅଜାଡ଼ି ହୋଇ ପଡ଼ିଥିଲା ବାପା ବ୍ରଜନାଥଙ୍କ ଉପରେ । ତାଙ୍କ ବାପାଙ୍କର ୪୨ବର୍ଷ ଆଉ ମା'ଙ୍କର ୩୨ବର୍ଷ ବୟସ ବେଳକୁ ସେ ଜନ୍ମ ହୋଇଥିଲେ ।

ବିଶ୍ୱନାଥ ରଥଙ୍କର ପ୍ରକୃତ ଘର ଥିଲା ବାଲେଶ୍ୱର ଜିଲ୍ଲାର ସୋର ଠାରୁ କୁପାରୀ ରାସ୍ତାରେ ଗଲେ ବ୍ରାହ୍ମଣପୋଖରୀ ଛକ ପଡ଼େ । ସେହି ବ୍ରାହ୍ମଣପୋଖରୀ ପାଖରୁ ପଶ୍ଚିମକୁ ତିନି କି.ମି. ଯିବା ପରେ ନଛିପୁର ଓ ମୁନିନ୍ଦା ଗାଁ । ସେହି ମୁନିନ୍ଦା ଗାଁରେ ବିଶ୍ୱନାଥ ରଥଙ୍କର ଜନ୍ମ । ଜେଜେ ବିଶ୍ୱନାଥ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ବାଲେଶ୍ୱର ଚାଲି ଆସିଥିଲେ, କାରଣ ସେଠାରେ ସ୍କୁଲ୍‌ମାନଙ୍କରେ ଇଂରାଜୀ ଶିକ୍ଷାର ସୁବିଧା ନଥିଲା । ତେବେ ଇଂରାଜୀ ପଢ଼ିନଥିବାରୁ ସେ ବାଲେଶ୍ୱର ଜିଲ୍ଲାସ୍କୁଲ୍‌ରେ ପୁଣି ଥରେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ ଓ ମାଟ୍ରିକୁଲେସନ୍‌ରେ ପ୍ରଥମ ଶ୍ରେଣୀରେ ପାଶ୍ କଲେ ।

ବର୍ତ୍ତମାନର ଟାଉନ୍ ହାଇସ୍କୁଲ୍ ସେତେବେଳେ ଭିକ୍ଟୋରିଆ ଜୁବୁଲି ସ୍କୁଲ୍ ନାମରେ ନାମିତ ଥିଲା । ଏହି ସ୍କୁଲ୍‌କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଆଦ୍ୟ



ସପରିବାରେ କବି ବ୍ରଜନାଥ ରଥ

ନାୟକ ତଥା ଉତ୍କଳ ସମ୍ମିଳନୀର ଅଧିନାୟକ ସଭାପତି ମହାରାଜା ବୈକୁଣ୍ଠନାଥ ଦେବ, ମହାରାଣୀ ଭିକ୍ଟୋରିଆଙ୍କ ହୀରକ ଜୁବୁଲିର ସ୍ମାରକ ଭାବରେ ପ୍ରତିଷ୍ଠା କରିଥିଲେ । ସେହି ଭିକ୍ଟୋରିଆ ଜୁବୁଲି ସ୍କୁଲ୍‌ରେ ଜେଜେ ବିଶ୍ୱନାଥ ରଥ ଶିକ୍ଷକତା କଲେ । ଦୀର୍ଘ ତେୟାଳିଶ୍ ବର୍ଷ ସେଠାରେ ସେ ଶିକ୍ଷକ ଥିଲେ ।

ସେତେବେଳେ ବାଲେଶ୍ୱରରେ ବଡ଼ ଜମିଦାର ଥାଆନ୍ତି ରାଧା ପ୍ରସନ୍ନ ଦାସ । ଜେଜେବାପା ତାଙ୍କ ଠାରୁ କିଛି ଜାଗାଜମି କିଣି ସୁନହଟ ଠାରେ ଛୋଟ ଘର ଖଣ୍ଡିଏ କରି ରହିଲେ ଓ ବାଲିଖଣ୍ଡର ଚୌଧୁରୀ ଉଆସର ଝିଅ ତାରାମଣୀଙ୍କୁ ବିବାହ କଲେ । ୧୯୩୬ ମସିହା ଜାନୁଆରୀ ମାସ ୧୨ ତାରିଖରେ ସେହିଠାରେ ବାପା ବ୍ରଜନାଥ ରଥ ଜନ୍ମ ହେଲା ।

ବାପାଙ୍କ ପିଲାଦିନ କଟିଛି ଏହି ବାଲେଶ୍ୱର ସହରରେ । ଯାହାକୁ ଏବେ ସହର ବୋଲି କୁହାଯାଉଛି ଆଜକୁ ୭୫ବର୍ଷ ତଳେ ତାହା ଥିଲା ଏକ ଉନ୍ନତ ଗାଁ । ଯଦିଓ ଏଠି ମ୍ୟୁନିସପାଲ୍‌ଟି ଥିଲା ଏବଂ ଏହା ଥିଲା ଜିଲ୍ଲାର ସଦର ମହକୁମା, ତଥାପି ଅସଂଖ୍ୟ ପୋଖରୀ, ଧାନଜମି, ବାଉଁଶବଣ ଓ ରାସ୍ତାଧାରରେ ବଡ଼ବଡ଼ ବର-ଅଶ୍ୱସ୍ଥ ଗଛର ଅବାରିତ ବିସ୍ତାର ଏହାକୁ ପ୍ରକୃତ ସହରର ମାନ୍ୟତା ଦେବାକୁ ଯେମିତି କୁଣ୍ଠାବୋଧ କରୁଥିଲେ । ବାପା ଯାହା କୁହନ୍ତି, ସେତେବେଳେ ଏହାର ଲୋକସଂଖ୍ୟା ୨୦/୨୨ ହଜାର ମଧ୍ୟରେ ସୀମିତ ଥିଲା । ତାହା ପୁଣି କିଛି ବ୍ୟବସାୟୀଙ୍କ ବ୍ୟବସାୟ ପ୍ରତିଷ୍ଠାନ, ଘର, କିଛି ଅଫିସର୍‌ଙ୍କ କ୍ୱାଟର୍ସ ଏବଂ କିଛି ଜମିଦାର ଓ ସମ୍ଭ୍ରାନ୍ତମାନଙ୍କ ଗୃହ ମଣ୍ଡନ କରୁଥିଲା ।

ବାପା ନଅ ବର୍ଷ ପର୍ଯ୍ୟନ୍ତ ସେ ଘରେ ଜଣେ ୟୁ.ପି. ସ୍କୁଲ୍ ମାଷ୍ଟର୍ ଶ୍ୟାମସୁନ୍ଦର ଦାସ (ଆଳଦିଆ)ଙ୍କ ପାଖରେ ଅକ୍ଷର ଚିହ୍ନି ବର୍ଣ୍ଣବୋଧ ଶେଷ କରି ଅନ୍ୟାନ୍ୟ ପାଠ ପଢ଼ି ଏକାବେଳକେ ଭିକ୍ଟୋରିଆ ଜୁବୁଲି ଏମ୍.ଇ. ସ୍କୁଲ୍‌ରେ ଭର୍ତ୍ତି ହେଲେ । ସେଠାରେ ପଞ୍ଚମ ଶ୍ରେଣୀରେ ନାମ ଲେଖାଇଲେ । ଏହା ୧୯୪୪ ମସିହା କଥା । ବାପାଙ୍କ ବାପା ବିଶ୍ୱନାଥ ରଥ ସେହି ସ୍କୁଲ୍‌ରେ ସହକାରୀ ପ୍ରଧାନ ଶିକ୍ଷକ ଥାନ୍ତି । ସ୍କୁଲ୍‌ଟି ହେଉଥିଲା ସେହି ପୁରୁଣା କୋଠା ଯେଉଁଠି ଏକଦା ରାଜା ବୈକୁଣ୍ଠନାଥ ଦେବଙ୍କ ପ୍ରତିଷ୍ଠିତ ଉତ୍କଳପ୍ରେସ୍ ସ୍ଥାପିତ ହୋଇଥିଲା । ଯେଉଁଠୁ ଓଡ଼ିଶାର ପ୍ରଥମ ସାହିତ୍ୟ ପତ୍ରିକା 'ଉତ୍କଳ ଦର୍ପଣ' (୧୮୭୩) ପ୍ରକାଶ ପାଇଥିଲା । ଯେଉଁ 'ଉତ୍କଳ ଦର୍ପଣ' ପତ୍ରିକାରେ ରାଧାନାଥ, ମଧୁସୂଦନ, ଫକୀରମୋହନ ଇତ୍ୟାଦି ଓଡ଼ିଆ ସାହିତ୍ୟର ଯୁଗପୁରୁଷମାନେ ଲେଖିଥିଲେ । ସେହି କୋଠାରେ ଚାରିବର୍ଷ ପାଠ ପଢ଼ି ଧନ୍ୟ ହୋଇଯାଇଛି ବୋଲି ବାପା ବହୁବାର କହିଥିବାର ଶୁଣିଛି ।

ବାପା ପିଲାବେଳୁ ବହିକୁ ଖୁବ୍ ଭଲ ପାଉଥିଲେ । ବହି କିଣିବା, ପଢ଼ିବା ଓ ସଂଗ୍ରହ କରି ରଖିବାରେ ତାଙ୍କର ଥିଲା ଖୁବ୍ ଆନନ୍ଦ । ଆମଘର ସେତେବେଳେ ଥିଲା ମାଟି ଓ ଚାଳଘର । ହଜାର ହଜାର ବହିକୁ ଅତି ଯତ୍ନରେ ସୁରୁଖୁରୁରେ ସାଇତି ରଖିବା ଥିଲା ଅତି କଷ୍ଟକର । କାରଣ ମାଟି ଘରେ ମୂଷା ଓ ଉଇଙ୍କର ଦୌରାତ୍ମ୍ୟ ଥିଲା ଅଧିକ । ଅନେକ ସମୟରେ ଅନେକ ବହି ଓ ପତ୍ରିକା ମଧ୍ୟ ଉଇ ଖାଇ ନଷ୍ଟ କରି ଦେଉଥିଲେ । ସେଦିନ ବାପା ରାତିରେ ନଖାଇ ଶୋଇ ଯାଉଥିଲେ । ତାଙ୍କ ଆଖିରେ ପାଣି ଜକେଇ ଆସୁଥିଲା । ଯାଃ ସବୁ ଚାଲିଗଲା...., ଏସବୁକୁ ନେଇ ଫିଙ୍ଗିଦିଅ..., ଆଉ ବହି କିଣିବିନି, ରାଗି ଲାଲ୍ ହୋଇ ଯାଇ କହୁଥିଲେ ସେ । ଆମେ ଡରରେ ସେତେବେଳେ ତାଙ୍କ ସାଙ୍ଗରେ କଥା ନକହି ଲୁଚି ପଡୁଥିଲୁ ।

ପିଲାବେଳେ ଡଗର, ଝଙ୍କାର, ନବରବି,ପୌରୁଷ, ସମାବେଶ, ଆସନ୍ତାକାଲି ପ୍ରଭୃତି ପତ୍ରିକାରେ ବାପାଙ୍କ କବିତା ପ୍ରକାଶିତ ହେଲେ ମୁଁ ଜେଜେଙ୍କ ପାଖରେ ବସି ପଢୁଥିଲି । ଜେଜେ ବାପା ଆଗ୍ରହରେ ସେ କବିତାକୁ ଶୁଣୁଥିଲେ । ଏହିଭଳି କବିତା ପଢ଼ିବା ଭବିଷ୍ୟତ ଜୀବନରେ ମୋତେ ଲେଖିବାର ପ୍ରେରଣା ଯୋଗାଇଥିଲା । ପରବର୍ତ୍ତୀ ସମୟରେ କବିତାଟିଏ ଲେଖିଲେ ମୁଁ ଆଗେ ବାପାଙ୍କୁ ପଢ଼ାଉଥିଲି ।


ସେ ପ୍ରକୃତିକୁ ଖୁବ୍ ଭଲ ପାଉଥିଲେ । ରୋଗ ଶଯ୍ୟାରେ ମଧ୍ୟ ଶୋଇବା ଘରର ଝରକା ବନ୍ଦ ଥିଲେ ଥରଥର ହାତରେ ଝରକା ଖୋଲି ଦେଇ ବାହାରକୁ ଚାହୁଁଥିଲେ । ଲେଖକୀୟ ଜୀବନରେ ତାଙ୍କର ପୋଖରୀରେ ଖେଳୁଥିବା ମାଛ, ଗଛରେ ଫୁଟିଥିବା ଫୁଲ, ଗାଈ ଠାରୁ କ୍ଷୀର ପିଉଥିବା ବାଛୁରୀ, ବଣରେ ଲାଗିଥିବା ନିଆଁ, ଭିଜା ଭିଜା ବର୍ଷଣମୁଖର ସନ୍ଧ୍ୟା, ପଶ୍ଚିମରେ ହଜି ଯାଉଥିବା ସୂର୍ଯ୍ୟ, ଗଛ ଡାଳରେ ରାବୁଥିବା ହଳଦୀବସନ୍ତକୁ ଦେଖି ସେ ଖୁବ୍ ଖୁସି ହୋଇ ଯାଉଥିଲେ । କଲମ ମୁନ ତାଙ୍କର ଅସ୍ଥିର ହେଇ ଉଠୁଥିଲା । ଥରକର କଥା ମନେଅଛି । ଆମ ଗାଁ 'ମୁନିନ୍ଦା'କୁ ଯିବାକୁ ହେଲେ ବିଲ ଓ ହିଡ଼ ଉପର ଦେଇ ଯାଉଁ । ଦୂରରୁ ପାଣ୍ଡବଘେରା ହୁଡ଼ି (ପାହାଡ଼) ଦେଖାଯାଏ । ଆମେ ବାପା, ମୁଁ ଓ ଆମ ଗାଁରେ ରହୁଥିବା ରଘୁନନା ସାଙ୍ଗ ହୋଇ ଚାଲିଥାଉଁ । ସନ୍ଧ୍ୟାଯାଇ ପ୍ରାୟ ରାତି ହୋଇ ଆସୁଥାଏ । ଦୂରରୁ ପାହାଡ଼ରେ ନିଆଁଲାଗି ଖୁବ୍ ସୁନ୍ଦର ଦେଖା ଯାଉଥାଏ । ଯେମିତି କୌଣସି ଗୋଟିଏ ବଡ଼ ସହରରେ ଆଲୁଅ ଜଳୁଚି । ସେଠୁ ଫେରିଲା ପରେ ବାପା ତା ଉପରେ କବିତାଟେ ଲେଖିଲେ ।

"ବନସ୍ତେ ଲାଗିଛି ନିଆଁ
ହୁଡ଼ିରେ କି ଜଳୁଚି ଦିହୁଡ଼ି ।"

ଅତି ଚମତ୍କାର ସେ କବିତାଟି ହୋଇଥିଲା ।

ମୋ ଜେଜେମାଙ୍କୁ ଆମେ ଦେଖିନୁ । ବାପାଙ୍କର ୧୯ବର୍ଷ ବୟସରେ ସେ ଆରପାରିକୁ ଚାଲି ଯାଇଥିଲେ । ଜେଜେମାଙ୍କ ଦେହାନ୍ତ ପରେ ଘରେ କେବଳ ବାପା ଓ ଜେଜେବାପା ଦୁଇଜଣ, ସାଙ୍ଗରେ ଆଉ କେହି ନାହାନ୍ତି ।





ପୋଟ୍ରେଚର୍ : (ଆକ୍ରିଲିକ୍) ନିତ୍ୟାନନ୍ଦ ସାହୁ

ସେଥିପାଇଁ ଜେଜେ ତାଙ୍କୁ ୨୨ ବର୍ଷ ବୟସରେ ବିବାହ କରାଇ ଦେଇଥିଲେ । ସେତେବେଳେ ମା'ର ବୟସ ୧୫ ବର୍ଷ । ଅଜା ଥିଲେ ବର୍ତ୍ତମାନର ମାରୁୱାଡ଼ି ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ । ଶିକ୍ଷକର ଝିଅକୁ ନିଜ ପୁଅର ବୋହୂ ହିସାବରେ ପାଇ ଜେଜେ ଖୁବ୍ ଖୁସି ହୋଇଥିଲେ । ମୁଁ ଦେଖିଛି ମା' କେବେ ଜେଜେଙ୍କ ସାମ୍ନାରେ ଠିଆ ହୋଇ କଥା ହୁଏନି । ବହୁତ ଡରେ । କିନ୍ତୁ ଜେଜେ ତାଙ୍କୁ ଝିଅ ପରି ଭଲ ପାଆନ୍ତି ।


ବାପା ଟଙ୍କା ପଛରେ ଧାଉଁ ନଥିଲେ ବା ଜୀବନକୁ ତଉଲୁ ନଥିଲେ ଟଙ୍କାରେ । ଭସାବାଦଲ ଭିତରେ, ପ୍ରକୃତିର ସବୁଜିମା ଭିତରେ, ନଦୀର ସ୍ରୋତ ଭିତରେ, ଉଡ଼ନ୍ତା ଚଢ଼େଇର ଡେଣା ଭିତରେ, ସାହିତ୍ୟିକ ବନ୍ଧୁମାନଙ୍କର ସ୍ନେହ ଓ ସାହିତ୍ୟ ଭିତରେ ଜୀବନକୁ ଦେଖୁଥିଲେ । ଆମକୁ ସବୁବେଳେ କୁହନ୍ତି ଟଙ୍କାରେ ମଣିଷକୁ ଚିହ୍ନନି । ହୃଦୟକୁ ଦେଖ, ଅନ୍ୟକୁ ଭଲପାଅ । ସମସ୍ତଙ୍କ ସହିତ ହସିକି ପଦେ କଥା କୁହ । ସେଇଥିପାଇଁ ବୋଧେ ସେ ଲେଖିଥିଲେ- "କାହାକୁ ଦେବା ପାଇଁ ସ୍ନେହର ଉପହାର / ହାତରେ ଯଦି କିଛି ନାହିଁ /ମମତା ମହୁବେଳା ହସର ଫୁଲ ତୋଡ଼ା / ତୁମେ କି ପାରିବନି ଦେଇ !" **(ଏକପଦୀ)**

ବେଳେବେଳେ ସେ ଅନେକ କଥା କହୁକହୁ କହି ବସନ୍ତି ନିଜ ପିଲାଦିନର କଥା । କେମିତି ଥିଲା ତାଙ୍କ ବହି ପଢ଼ିବାର ଆଗ୍ରହ । ଥରେ ତାଙ୍କ ବାପାଙ୍କ ସାଙ୍ଗରେ ଯାଇ ସ୍କୁଲ୍ ପହଞ୍ଚିଲା ପରେ ଦେଖିଲେ ସ୍କୁଲ୍ ଅଫିସ୍ ରୁମ୍ ଟେବୁଲ୍ ଉପରେ ଖଣ୍ଡିଏ ବହି ପଡ଼ିଛି । ସେତେବେଳେ ପଢ଼ାବହି ଅପେକ୍ଷା ଅନ୍ୟାନ୍ୟ ବହି ଓ ପତ୍ର-ପତ୍ରିକା ପଢ଼ିବାରେ ତାଙ୍କର ଥିଲା ବିଶେଷ ଝୁଙ୍କ୍ । ଘଣ୍ଟା ପଡ଼ିଲା, ଶିକ୍ଷକ ଓ ପିଲାମାନେ ଯେ ଯାହା କ୍ଲାସ୍‌କୁ ଚାଲିଗଲେ । ସେ କିନ୍ତୁ ସେ ବହିଖଣ୍ଡିକ ଧରି ପଢ଼ିବାକୁ ବସିଲେ । କ୍ଲାସ୍‌କୁ ଗଲେ ନାହିଁ । ସେତେବେଳେ ତାଙ୍କୁ ୬ଷ୍ଠ କି ୭ମ ଶ୍ରେଣୀ । ମନ ଲାଗିଥାଏ । ପୃଷ୍ଠା ପରେ ପୃଷ୍ଠା ପଢ଼ି ଚାଲିଥାନ୍ତି । ପିରିୟଡ୍ ପରେ ପିରିୟଡ୍ ଗଡ଼ି ଚାଲିଥାଏ । ଘଣ୍ଟା ପରେ ଘଣ୍ଟା ବାଜୁଥାଏ । ପଢ଼ା କିନ୍ତୁ ସରୁ ନଥିଲା ତାଙ୍କର । ଶେଷ ଘଣ୍ଟା ବାଜିଲା ବେଳକୁ ତଥାପି ବହି ବାକି ରହିଗଲା । କଣ କରିବେ ଭାବି ଅନ୍ୟ କେହି ଦେଖିବା ପୂର୍ବରୁ ବହିଟିକୁ ବସ୍ତାନି ଭିତରେ ଚୁପ୍ କରି ଲୁଚାଇ ରଖି ଦେଇଥିଲେ । ଛୁଟି ପରେ ବାପାଙ୍କ ସାଙ୍ଗରେ ଚାଲି ଆସିଲେ ଘରକୁ । ସେ ବହିଟି ଥିଲା ଅନନ୍ତ ପ୍ରସାଦ ପଣ୍ଡାଙ୍କ ଏକ ଉପନ୍ୟାସ 'କୁଳି', ଯାହା ତାଙ୍କ ପ୍ରଥମ ପଢ଼ିଥିବା ଉପନ୍ୟାସ । ଧରା ପଡ଼ିଯିବା ଭୟରେ ଆଉ ସେ ବହିଟିକୁ ସିନା ଫେରାଇ ନଥିଲେ, ସେ ଚୋରି ବହିଟି ଆଜି କିନ୍ତୁ ତାଙ୍କ ପିତାମାତାଙ୍କ ପୂଣ୍ୟ ସ୍ମୃତିରେ ପ୍ରତିଷ୍ଠିତ 'ବିଶ୍ୱ-ତାରା' ଓଡ଼ିଆ ଗବେଷଣା ଗ୍ରନ୍ଥାଗାରରେ ସଜ୍ଜିତ ହୋଇ ରହିଛି । ସେହି ବହିଟି ଭ୍ରୁଣ ସାଜି ଆଜିର ବିଶ୍ୱ-ତାରା ରୂପକ ପ୍ରକାଣ୍ଡ ବୃକ୍ଷରୂପୀ ଗବେଷଣା କେନ୍ଦ୍ରରେ ପରିଣତ ହୋଇଛି ।

ବାପା କହନ୍ତି, ତାଙ୍କ ଲେଖିବାର ପ୍ରଥମ ପ୍ରେରଣା ଦାତା ଥିଲେ ତାଙ୍କ ବାପା ବିଶ୍ୱନାଥ ରଥ । ପ୍ରତିଦିନ ପାଠପଢ଼ି ସାରିଲା ପରେ କିଛି ସମୟ ରାଧାନାଥ, ଗଙ୍ଗାଧର, ଫକୀରମୋହନ ଗ୍ରନ୍ଥାବଳୀ ପଢ଼ିବାକୁ ଦେଉଥିଲେ । ଆହୁରି ମଧ୍ୟ ଅନେକ ଛୋଟ ଛୋଟ ଗଳ୍ପବହି ଗୀତବହି କିଣିବା ପଢ଼ିବା ପାଇଁ ଦିଅନ୍ତି । ଦ୍ୱିତୀୟ ପ୍ରେରଣାଦାତା ଥିଲେ ନିତ୍ୟାନନ୍ଦ ମହାପାତ୍ର । ଯିଏକି 'ଡଗର' ପତ୍ରିକାର ସମ୍ପାଦକ ଥିଲେ । ବାପାଙ୍କର ପ୍ରଥମ କବିତା 'ବ୍ୟର୍ଥତା' ସେହି 'ଡଗର'ରେ ପ୍ରକାଶିତ ହୋଇଥିଲା । ଏହା ପତ୍ରିକାର 'ନାଗବଚ୍ଛା' ସ୍ତମ୍ଭରେ ପ୍ରକାଶିତ ହେଲା । ତୃତୀୟ ପ୍ରେରଣାଦାତା ଥିଲେ ବନ୍ଧୁ ମନୋଜ ଦାସ । ସେ ବାଲେଶ୍ୱର ଜିଲ୍ଲାସ୍କୁଲ୍‌ର ଗୋଟିଏ ଶ୍ରେଣୀ ଉପରେ ଅର୍ଥାତ୍ ନବମ ଶ୍ରେଣୀରେ ପଢୁଥିଲେ । ସେତେବେଳେ ମନୋଜ ଦାସଙ୍କର 'ଶତାବ୍ଦୀର ଆର୍ତ୍ତନାଦ' ଛୋଟ କବିତା ସଂକଳନ ପ୍ରକାଶ ପାଇଥିଲା । ତାଙ୍କ ସମ୍ପାଦନାରେ ପୁଣି ପ୍ରକାଶ ପାଇଥିଲା 'ଦିଗନ୍ତ' ପତ୍ରିକା । ସ୍କୁଲ୍‌ରେ ପଢୁଥିବା ଜଣେ କିଶୋର ଛାତ୍ରର ଏ ଅଦ୍ଭୁତ ସାରସ୍ୱତ ପ୍ରତିଭା ତାଙ୍କୁ ମଧ୍ୟ ଉତ୍ସାହିତ କରିଥିଲା ।

ସମୟ ଗଡ଼ି ଚାଲିଲା । ମହାଜୀବନର କବି, ଓଡ଼ିଶାର ପ୍ରଗତିଶୀଳ ଭାବଧାରାର ମାନବବାଦୀ କବି ବ୍ରଜନାଥ ରଥ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଲେ । ନିଜ ପ୍ରଚେଷ୍ଟାରେ ଦିବଂଗତ ପିତାମାତାଙ୍କ ପୂର୍ଣ୍ଣ ସ୍ମୃତିରେ ଜନ୍ମମାଟି ସୁନହଟ ଠାରେ ପ୍ରତିଷ୍ଠା କଲେ 'ବିଶ୍ୱ-ତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାର' । ଯେଉଁଥିରେ ଓଡ଼ିଆ ଜାତୀୟ ଜୀବନର ଦୁର୍ଲଭ ପତ୍ରପତ୍ରିକା ଠାରୁ ଆରମ୍ଭ କରି ହଜାର ହଜାର ଗ୍ରନ୍ଥ ସଂରକ୍ଷିତ ହୋଇ ରହିଛି ପାଠକ ଓ ଗବେଷକଙ୍କ ପାଇଁ ।

ବାପା ଥିଲେ ଜଣେ ସାଧାରଣ ସରଳ ମଣିଷ । ହେଲେ ସେ ଅତ୍ୟନ୍ତ ସ୍ୱାଧୀନଚେତା, ସ୍ପଷ୍ଟବାଦୀ ଓ ନିର୍ଭୀକ ଥିଲେ । ଅନ୍ୟାୟ, ଅନୀତି ବିରୁଦ୍ଧରେ ସେ ସ୍ୱର





ଉତ୍ତୋଳନ କରୁଥିଲେ । ସେ ଏତେ ନୀତିନିଷ୍ଠ ଥିଲେ ଯେ, କାହାରିକୁ ଭୟ କରୁ ନଥିଲେ । ସରକାରୀ ଚାକିରିକୁ ପସନ୍ଦ କରୁନଥିଲେ । ସ୍ୱାଧୀନ ଭାବେ ବଞ୍ଚିବାକୁ ଚାହୁଁଥିଲେ । ଲେଖନୀ ତାଙ୍କର ଥିଲା ଖଡ୍‌ଗ ଠାରୁ ଆହୁରି ତୀକ୍ଷ୍ଣ । ସେଥିପାଇଁ ସେ ଲେଖିଥିଲେ- "ଶାଣଦିଆ ଖର ତରବାରି ଭଳି / କଲମ ଯଦି ମୋ ନଉଠିଲା ଝଳି / ନ ରଚିଲା ଯଦି / ସତ୍ୟର ବାଣୀ / ଯାହା ସେ ଭାବିଲା ଠିକ୍ / ତେବେ- ଲେଖକ ହୋଇବା ଧିକ୍ ମୋର / କବି ବୋଲାଇବା ଧିକ୍ ।" **(ଲେଖକ ହୋଇବା ଧିକ୍)**

ତାଙ୍କର ବହୁ ପୁସ୍ତକ ପ୍ରକାଶିତ ହୋଇଥିଲେ ମଧ୍ୟ ଆହୁରି ୨୫ରୁ ଊର୍ଦ୍ଧ୍ୱ ତାଙ୍କ ରଚିତ ଓ ଅନୁଦିତ ପୁସ୍ତକ ଅପ୍ରକାଶିତ ଅବସ୍ଥାରେ ରହିଛି । ସେଗୁଡ଼ିକ ପର୍ଯ୍ୟାୟକ୍ରମେ ପ୍ରକାଶିତ କରିବା ପାଇଁ ଚେଷ୍ଟାରେ ଅଛୁ ଆମେ ।

ଆମେ ବାପା-ମା'ଙ୍କର ପାଞ୍ଚଟି ସନ୍ତାନ । ମୁଁ ବଡ଼ ଝିଅ ଶେଷରେ ସାନ ଝିଅ ଓଜସ୍ୱିନୀ । ଆମ ମଝିରେ ତିନି ପୁଅ- ବ୍ୟୋମନାଥ, ବିଧୁନାଥ, ବ୍ରହ୍ମନାଥ । ସ୍ନେହମମତାରେ ଆମ ପରିବାର ବନ୍ଧା । ସବୁଦିନେ ଆମେ ଏକାଠି ବାପାଙ୍କ ସାଙ୍ଗରେ ଖାଉଥିଲୁ । ସେତେବେଳେ ତ ଆମଘରେ ଡାଇନିଂ ଟେବୁଲ୍ ନଥିଲା । ତଳେ ଆସନ ସବୁ ଗୋଳେଇ ହୋଇ ପଡ଼େ । ଆମେ ଚାରିପଟେ ବସୁ ବାପାଙ୍କ ସହିତ । ତରକାରି, ଭାତ ମାଛ ମା ସବୁ ଗୋଟିଏ ଜାଗାରେ ବାଢ଼ିଦିଏ । ବାପା ଆମକୁ ବଳେଇ ବଳେଇ ଖୁଆନ୍ତି । ଆଜି ସେକଥା ଭାବିଲା ବେଳକୁ ଛାତିରେ କୋହ, ଆଖିରେ ଲୁହ ଆସି ଯାଉଛି । ସତରେ ସେ ଜଣେ ଖୁବ୍ ସ୍ନେହୀ ମଣିଷ ଥିଲେ । କେବଳ ଆମକୁ ନୁହେଁ ଯିଏବି ତାଙ୍କ ପାଖକୁ କୌଣସି ସାହାଯ୍ୟ ପାଇଁ ଆସୁଥିଲେ ସେ ପୁତ୍ରବତ୍ ସ୍ନେହ କରୁଥିଲେ ଓ ସାହାଯ୍ୟ କରୁଥିଲେ ।

ଆମେ ପିଲାବେଳେ ଦେଖିଛୁ ତାଙ୍କର ଅନେକ କବି ଓ ଲେଖକ ବନ୍ଧୁମାନେ ଘରକୁ ଆସନ୍ତି । ବିପ୍ଳବୀ କବି ରବି ସିଂ, କବି ଶେଷଦେବ ମଲ୍ଲିକ, ଗାଳ୍ପିକ କନ୍‌ହେଇଲାଲ ଦାସ, ଅଶୋକ ସିଂ, ଆହୁରି ଅନେକ । ଯିଏ ବି କେହି ଆସିଲେ ମା ବାପାଙ୍କର ଆତିଥ୍ୟରେ କମ୍ ନଥାଏ । ମା ସୁନ୍ଦର ରୋଷେଇ କରି ସମସ୍ତଙ୍କୁ ପରଷି ଦିଅନ୍ତି । ସେ ସମସ୍ତଙ୍କୁ ଭଲ ରୋଷେଇ କରି ଖାଇବାକୁ ଦେବାରେ ଆନନ୍ଦ ପାଆନ୍ତି । ଆଜି ବି ସେହି ନୀତି ତାଙ୍କ ପାଖରେ ଅଛି ।

ଦିନେ ବାପାଙ୍କର ସାନ ଜ୍ୱାଇଁ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର ବ୍ୟୋମକୁ କହିଲେ, "ବାପାଙ୍କ ସ୍ୱାସ୍ଥ୍ୟ କାହିଁକି ଦୁର୍ବଳ ହୋଇ ଯାଉଛି, ମୁଁ ଯାହା ଯାହା ଲେଖି ଦେଉଛି, ସେଗୁଡ଼ିକ ଟେଷ୍ଟ୍ କରାଇ ଦିଅ ।" ଟେଷ୍ଟ୍ ହେଲା । ଜଣାପଡ଼ିଲା କ୍ୟାନ୍‌ସର୍ ଭଳି ଦୁରାରୋଗ୍ୟ ରୋଗ ତାଙ୍କୁ ଆକ୍ରାନ୍ତ କରିଛି । ଆମେ ଚିନ୍ତିତ ହୋଇ ପଡ଼ିଲୁ । ଚିକିତ୍ସା ଆରମ୍ଭ ହେଲା । ଭୁବନେଶ୍ୱର 'ଆପୋଲ' ହସ୍‌ପିଟାଲରେ ଅପରେସନ୍ ହେଲା । ଅପରେସନ ସଫଳ ନହେବାରୁ ବାରମ୍ବାର ଚାରିଥର ଅପରେସନ୍ ହେଲା । ଏହାଦ୍ୱାରା କେମୋଥେରାପି ତାଙ୍କ ଶରୀର ଗ୍ରହଣ କରିପାରିଲା ନାହିଁ । ଅଣାଅଶି ବର୍ଷ ବୟସରେ ୨୦୧୪ ମେ ୩୧ ତାରିଖ ସନ୍ଧ୍ୟା ୫ଟା ୩୫ମିନିଟ୍‌ରେ ସେ ଆମକୁ ଛାଡ଼ି ଚାଲିଗଲେ । ଛାଡ଼ି ଦେଇଗଲେ ଅସରନ୍ତି ଦୁଃଖ...ଆଉ...ଦୁଃଖ ।

ତାଙ୍କର କାର୍ଯ୍ୟାବଳୀ ଲେଖିଲେ ଗ୍ରନ୍ଥଟିଏ ହେବ । ଆଜି ବି ତାଙ୍କ ଲାଗି କେବଳ ବାଲେଶ୍ୱର ମାଟି ନୁହେଁ ସାରା ଓଡ଼ିଶା କାନ୍ଦୁଛି । ଯଦି ମୁଁ କଟକ, ଭୁବନେଶ୍ୱର, ପାରାଦ୍ୱୀପ, ଜଳେଶ୍ୱର ବା ଅନ୍ୟ କେଉଁଠିକୁ ଯାଏ, ଯେକୌଣସି ସାହିତ୍ୟ ସଭାରେ କେହି ଯଦି ଜାଣି ପାରନ୍ତି ମୁଁ ବ୍ରଜନାଥ ରଥଙ୍କ ଝିଅ, ସେ ଆନନ୍ଦରେ ଆଗେ ହାତ ଟେକି ବାପାଙ୍କୁ ନମସ୍କାର କରନ୍ତି, ବହୁତ ଖୁସି ହୋଇଯାଆନ୍ତି ମଧ୍ୟ । ସେ କେବଳ ଜଣେ ପ୍ରତିଷ୍ଠିତ କବି ନଥିଲେ ସେ ଥିଲେ ଜଣେ ଦରଦୀ,

With Best Compliments from


A Well Wisher



ସ୍ନେହୀ ମଣିଷ । ଅହଂକାର ଠାରୁ ସେ ଥିଲେ ଅନେକ ଦୂରରେ । ଆଜି ସେ ଅସ୍ତଗାମୀ ସୂର୍ଯ୍ୟ, ଲେଖନୀ ତାଙ୍କର ସ୍ଥିର ନିଶ୍ଚଳ । ହଠାତ୍ ତାଙ୍କ ବିଦାୟରେ ବିଶ୍ୱ-ତାରା ସ୍ତମ୍ଭୀଭୂତ । ସେ ସିନା ବିଦାୟ ନେଇ ଚାଲିଗଲେ କିନ୍ତୁ ଛାଡ଼ି ଦେଇଗଲେ ଅଜସ୍ର କାଳଜୟୀ ଲେଖା । ଆମ ସ୍ମୃତିପଟରେ ସେ ନିଶ୍ଚୟ ମରି ମଧ୍ୟ ଅମର ହୋଇ ରହିବେ । ହୃଦୟରେ ଦୁଃଖ ଆସିଲେ ତାଙ୍କ କଥା ମନେପଡ଼ିଲେ ମୁଁ ତାଙ୍କର କବିତା ବହି ପଢ଼େ ଓ ସେହି କବିତା ଭିତରେ ତାଙ୍କୁ ସଂପୂର୍ଣ୍ଣ ଅନୁଭବ କରେ । ଜାନୁଆରୀ ୧ ୨ ତାରିଖରେ ତାଙ୍କ ଜୟନ୍ତୀ ଓ ବିଶ୍ୱ-ତାରାର ପ୍ରତିଷ୍ଠା ଦିବସ, ତାଙ୍କ ଜୀବଦ୍ଦଶାରୁ ଆରମ୍ଭ ହୋଇ ଚାଲୁ ରହିଛି । ଏହିଦିନ ଆମେ ଏକ ବନ୍ଧୁମିଳନ ଉତ୍ସବର ଆୟୋଜନ ତାଙ୍କ ଜନ୍ମଭୂମି ସୁନହଟରେ ହିଁ କରିଥାଉଁ । ଏଥିରେ ତାଙ୍କ ଅମର ଆତ୍ମାର ସ୍ମୃତିଚାରଣ ପ୍ରତିବର୍ଷ କରୁ । ସେ ସ୍ୱର୍ଗରେ ଥାଇ ମଧ୍ୟ ଆମମାନଙ୍କ ଉପରେ ଆଶୀର୍ବାଦର ହାତ ବଢ଼ାଇଥାନ୍ତି, ଆମେ ଅନୁଭବୁ । ଶେଷରେ ତାଙ୍କରି କଥା ପଦେ କହିବି: "ମଣିଷ ମିଶେନା ମଶାଣି ଭୂଇଁରେ / ଜଳିଲେ ମରଣ ଜୁଇ / ମିଶେ ସେହିଦିନ ସ୍ମୃତିରୁ ଯେଦିନ / ହଜେ ଚିରକାଳ ପାଇଁ ।"







LN™
मानकः पथप्रदर्शकः
LAXMI NARAYAN
JEWELLERY
Motiganj, Balasore, Ph : 06782 - 262754, Mob : 9169169997
Extention Counter
V.N. Marga, Balasore, Ph : 06782 - 265495
Web : www.lnjewellery.com

# ଦ୍ୱୀପର ନାମ ଡିଉ






# ସମୁଦ୍ର କୋଳରେ ଓଦା ସରସର

# ଦିଉ


**ଲକ୍ଷ୍ମୀପ୍ରିୟା ଓଝା**

ବି-୪୦୧, ଦି ଆଟ୍ଲାଣ୍ଟିକ୍, ଏସ୍ଆରପି ଗ୍ରାଉଣ୍ଡ-୯ପାଖ, ମକରପୁରା ରୋଡ୍,
ବରୋଦା, ଗୁଜରାଟ-୩୯୦୦୧୦
ଫୋନ : ୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା


ମୁଣ୍ଡ ପିଟି ଫେରି ଯାଉ ଯାଉ ପୁଣି ଫେରି ଆସୁଥିବା ସମୁଦ୍ରର ଉତ୍ତାଳ ତରଙ୍ଗ କୂଳେ କୂଳେ ଭାରତର କେନ୍ଦ୍ର ଶାସିତ ପ୍ରଦେଶ 'ଦିଉ' । ଚାରିପଟ ସମୁଦ୍ର ଆଉ ନଦୀରେ ଘେରା ଚାଳିଶ୍ କିଲୋମିଟର ପରିଧି ବିଶିଷ୍ଟ ଛୋଟ ଦ୍ୱୀପଟିଏ । ଗୋଟେ ପଟେ ଆରବ ସାଗରର ଲହଡ଼ି ତ ଅନ୍ୟପଟେ କୁଳୁକୁଳୁ ବୋହୁଥିବା କୋଲକ ଓ କଲାଇ ନଦୀର ଶାନ୍ତ ଜଳରାଶି । ଆକାଶରୁ ଦିଶୁଥାଏ ଯେମିତି ନୀଳ କାର୍ପେଟ ମଝିରେ ଧୂସର ବସତି । 'ଦିଉ'କୁ ଯାହା ଭାରତ ସହ ଯୋଡ଼ି ରଖିଛି ତାହା ସମୁଦ୍ର ଉପରେ ଥିବା ଦୁଇଟି ସେତୁ । ଗୁଜରାଟ ଜିଲ୍ଲାର ଭେରାବଲ୍ ରାସ୍ତା ଦେଇ ଗଲେ ପଡ଼େ ସ୍ଥାନଟି । ସେଠୁ ପରମିଟ୍ ନେଇ ପଶିବାକୁ ପଡ଼େ ଦିଉ ସହର ଭିତରେ । ଆଃ କି ସୁନ୍ଦର ସଫା ସୁତୁରା ଚଉଡ଼ା ରାସ୍ତା । ଭାରତର ଅଧିକାଂଶ ରାସ୍ତା ପରି ଅଣଓସାରିଆ ଓ ଅପରିଷ୍କାର ନୁହେଁ । ଖୁବ୍ ସୁନ୍ଦର ଚଉଡ଼ା ଲମ୍ବା ରାସ୍ତା ସ୍ୱାଗତ କରେ ପର୍ଯ୍ୟଟକଙ୍କୁ । କିଛି କିଛି ବିଦେଶ ମାଟି ପରି ଅନୁଭୂତ ହୁଏ । ରାସ୍ତା ମଝିରେ ଡିଭାଇଡ଼ର୍ ଲାଗି ସୁନ୍ଦର ଭାବେ ମେଣ୍ଟେନ୍ କରାଯାଇଥିବା ଗଛ ସବୁ । ଧାଡ଼ି ଧାଡ଼ି ଷ୍ଟ୍ରିଟ୍ ଲାଇଟ୍ । ପରିଷ୍କାର ପରିଚ୍ଛନ୍ନ ପରିବେଶ । ସେଥିପାଇଁ ତ ଏ ଛୋଟିଆ ସହର ବଡ଼ବଡ଼ ଶହେ ସ୍ମାର୍ଟ ସିଟିଙ୍କ ପ୍ରତିଯୋଗିତାରେ ବିଶ୍ୱାସର ସହ ଭାଗ ନେଇ ନିଜକୁ ଦଶ ନମ୍ବରରେ ରଖି ପାରିଥିଲା । ଭରସା ଥିଲା ନିଜ ଉପରେ ତା'ର । ହେବା କଥା ମଧ୍ୟ । ଦେଖିଲେ ବୁଝି ହେବ ।



▲ ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ଯଦିଓ ଭାରତ ଇଂରେଜଙ୍କ କବଳରୁ ମୁକ୍ତ ହେଲା ୧୯୪୭ ମସିହାରେ, ତେବେ ସ୍ୱାଧୀନତାର ସ୍ୱାଦ 'ଦିଉ' ଆସ୍ୱାଦନ କଲା ଅନେକ ବର୍ଷ ପରେ । ୧୯୬୧ ମସିହାରେ । ଐତିହାସିକ ଦୃଷ୍ଟିକୋଣରୁ ଦିଉ ଗୁଜୁରାଟର ସୌରାଷ୍ଟ୍ର ରିୟାସତ୍‌ର ଅଧିନସ୍ଥ ଥିଲା । (ସେ ସମୟରେ ସୌରାଷ୍ଟ୍ର ଗୁଜୁରାଟର ଅନ୍ତର୍ଗତ



ନଥିଲା । ଏକ ସ୍ୱତନ୍ତ୍ର ରିସାୟତ୍ ଥିଲା ।) ସାମୁଦ୍ରିକ ବ୍ୟବସାୟିକ ଦୃଷ୍ଟିକୋଣରୁ ଦିଉ ଥିଲା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ସେଥିପାଇଁ ତୁର୍କୀ, ମୋଗଲ, ପର୍ତ୍ତୁଗାଲ, ଇଂରେଜ, ପ୍ରାୟ ପୃଥିବୀର ସମସ୍ତ ବ୍ୟବସାୟୀ ଗୋଷ୍ଠୀଙ୍କ ଲୋଲୁପ ଦୃଷ୍ଟିର ଶିକାର ଥିଲା ଏହି ଭୂଭାଗଟି । ଜଳପଥରେ ନିଜ ମସଲା ବ୍ୟବସାୟକୁ ସୁରକ୍ଷିତ କରିବା ପାଇଁ ଅନ୍ୟମାନଙ୍କ ପରି ପର୍ତ୍ତୁଗୀଜ୍‌ମାନେ ବାରମ୍ବାର ଦିଉ ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ଆକ୍ରମଣ କରି ବିଫଳ ହେଉଥିଲେ । ଶେଷରେ ୧୫୩୫ ମସିହାରେ ସୌରାଷ୍ଟ୍ରର ସୁଲତାନ ବାହାଦୂର ସାହା ମୋଗଲ ସମ୍ରାଟ ହୁମାୟୁନ୍‌ଙ୍କ ଆକ୍ରମଣରୁ ସୌରାଷ୍ଟ୍ର ଓ ଦିଉକୁ ରକ୍ଷା କରିବା ପାଇଁ ପର୍ତ୍ତୁଗୀଜମାନଙ୍କୁ ଦିଉରେ କିଲ୍ଲା ନିର୍ମାଣ ପାଇଁ ଅନୁମତି ଦେଇଥିଲେ । ଚାଲାଖ ପର୍ତ୍ତୁଗୀଜ୍‌ମାନେ ଏହି ସୁଯୋଗର ଅପେକ୍ଷାରେ ଥିଲେ । ତତ୍‌କ୍ଷଣାତ୍ ସେମାନେ ଦିଉରେ ଏକ ସୁଦୃଢ଼ କିଲ୍ଲା ନିର୍ମାଣ କରି ସମ୍ପୂର୍ଣ୍ଣ ଦିଉକୁ ନିଜ ଅକ୍ତିଆରକୁ ନେଲେ । ଖୁବ୍ କମ ସମୟ ମଧ୍ୟରେ ବାହାଦୂର ସାହା ନିହତ ହେଲେ । ତାପରେ ଦିଉ ଉପରେ ପର୍ତ୍ତୁଗୀଜମାନଙ୍କର ସମ୍ପୂର୍ଣ୍ଣ ଅକ୍ତିଆର ରହିଲା । ମଝିରେ ମଝିରେ ଗୁଜୁରାଟର ରାଜାମାନେ ଦିଉକୁ ନିଜ ଅଧିକାରଭୁକ୍ତ କରିବା ପାଇଁ ଚେଷ୍ଟା କରି ବିଫଳ ହେଇଥିଲେ । ଏମିତିକି ଶକ୍ତିଶାଳୀ ଇଂରେଜ ଦୁଇ ଶହ ବର୍ଷ ଭାରତରେ ଶାସନ କଲେ ମଧ୍ୟ ଦିଉକୁ ନିଜ ଅଧୀନରେ ଆଣିପାରି ନଥିଲେ । ଭାରତ ସ୍ୱାଧୀନ ହେବାର ୧୪ବର୍ଷ ପରେ ଭାରତ ସରକାର ଜଳ, ସ୍ଥଳ, ଆକାଶ- ତିନି ମାର୍ଗରୁ ଆକ୍ରମଣ କରି ଚାରିଶହ ବର୍ଷ ପରାଧିନତାର ଶୃଙ୍ଖଳରୁ ଦିଉକୁ ମୁକ୍ତ କଲେ । ତାପରେ ଦିଉ, ଦମନ, ଗୋଆ ସହ ଭାରତର କେନ୍ଦ୍ରଶାସିତ ପ୍ରଦେଶ ବନିଲା । ଦିଉର ମାତୃଭାଷା ଗୁଜୁରାଟୀ । ହିନ୍ଦୀ ଓ ଇଂଗ୍ରେଜୀ ମଧ୍ୟ ଅଫିସିଆଲ୍ ଭାଷା । ପର୍ତ୍ତୁଗୀଜ୍‌ଙ୍କ ଶାସନ ସମୟରେ ପର୍ତ୍ତୁଗୀଜ ଦିଉର ଅଫିସିଆଲ୍ ଭାଷା ଥିଲେ ମଧ୍ୟ ଏବେ ତାହା ଏଠି ରହୁଥିବା ଖୁବ୍ ଅଳ୍ପ ସଂଖ୍ୟକ ପର୍ତ୍ତୁଗୀଜ୍‌ଙ୍କ ଘର ଭିତରେ କୁହାଯାଉଥିବା ଭାଷା । ଏହା ଭାରତର ସବୁଠୁ ଛୋଟ କେନ୍ଦ୍ରଶାସିତ ପ୍ରଦେଶ ମଧ୍ୟରୁ ଅନ୍ୟତମ । ଲୋକସଂଖ୍ୟା ପ୍ରାୟ ୨୨୦୦୦ । ଜଳବାୟୁ ଉଷ୍ମ ଓ ହ୍ୟୁମିଡ଼ ହେଲେ ମଧ୍ୟ ଦେଶୀ ଓ ବିଦେଶୀମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର । ଗୁଜୁରାଟ ଡ୍ରାଏ ଷ୍ଟେଟ୍ ହେଇଥିବାରୁ ମଦ୍ୟ ପାନ କରୁଥିବା ଲୋକଙ୍କ ପାଇଁ ଏହା ସ୍ୱର୍ଗ କହିଲେ ଚଳେ । ଗୁଜୁରାଟର ଲୋକ ସପ୍ତାହାନ୍ତ ଛୁଟି ବିତେଇବାକୁ ଏଠିକୁ ଆସିଥାନ୍ତି ।

## ଦିଉ ଫୋର୍ଟ

ଆମ ଡ୍ରାଇଭର୍ ପ୍ରଥମେ ଆମକୁ ନେଇ ପହଞ୍ଚେଇ ଦେଲା ଦିଉ ଫୋର୍ଟରେ । ଦିଉର ଏହା ଏକ ମୁଖ୍ୟ ଭ୍ରମଣସ୍ଥଳୀ । ଫୋର୍ଟକୁ ତିନିଫୁଟ ଘେରି ରହିଛି ସମୁଦ୍ର । ସାଧାରଣତଃ କିଲ୍ଲା ସବୁ ପାହାଡ଼ ଉପରେ ଥାଏ । ଏହା ବୋଧହୁଏ ସମୁଦ୍ର କୂଳରେ ଥିବା ଭାରତର ଏକମାତ୍ର କିଲ୍ଲା । କିଲ୍ଲାର ବାହାରେ ଥିବା ଫଳକରେ କିଲ୍ଲା ସମ୍ପର୍କରେ ଲେଖା ଥିଲା । ଗୋଟେ ପଟେ ସମୁଦ୍ରକୁ ରୋକିବା ପାଇଁ ପାଚେରୀ ଆଉ ଗୋଟେ ପଟେ କିଲ୍ଲାର ବିଶାଳ ପାଚେରୀ । ମଝିରେ ଉଠାଣି ରାସ୍ତା ଲମ୍ବିଛି କିଲ୍ଲାର ଗେଟ୍ ଯାଏଁ ! କିଲ୍ଲା ଭିତରେ ପଶୁ ପଶୁ ବାଁ ପଟେ ପୋଲିସ୍ ଅଫିସ୍, ତା ପାଖକୁ ଲାଗି ଜେଲ୍ । ଯେଉଁଠିକି ଯିବାକୁ ଅନୁମତି ନାହିଁ । ସାମ୍ନାରେ ଶିବଙ୍କର ଛୋଟ ମନ୍ଦିରଟିଏ । ପୋଲିସ୍ ଅଫିସ୍ ସାମ୍ନାରେ ଅନେକ ଚିକ୍କଣ ଗୋଲାକର ପଥରମାନ । ଯାହା ସେ ସମୟର ତୋପର ଗୋଳା ଭାବରେ ବ୍ୟବହାର କରାଯାଉଥିଲା । ମନ୍ଦିରରେ ମୁଣ୍ଡିଆ ମାରି କିଲ୍ଲା ଆଡ଼କୁ ଗଲୁ । ବାହାରୁ ଖୁବ୍ ଶକ୍ତ ଦେଖା ଯାଉଥିବା କିଲ୍ଲାଟି ସମ୍ପୂର୍ଣ୍ଣ ଧ୍ୱଂସ ସ୍ତୁପଟିଏ । ଭାରତର ସବୁ ସ୍ଥାନରେ ବିଦେଶୀ ଆକ୍ରମଣ ଦ୍ୱାରା ଭାରତୀୟ କିଲ୍ଲାମାନଙ୍କର ଧ୍ୱଂସାବଶେଷ ଦେଖିବାକୁ ମିଳିଲା ବେଳେ ଏଠି କିନ୍ତୁ କାହାଣୀ ଅଲଗା । ଏଠି ବିଦେଶୀ (ପର୍ତ୍ତୁଗୀଜ)ମାନଙ୍କ ଦ୍ୱାରା ନିର୍ମିତ ଶକ୍ତ କିଲ୍ଲାକୁ ଭାରତ ସରକାର ଏୟାର୍ ଷ୍ଟ୍ରାଇକ୍ କରି, ବମ୍ ପକେଇ ଧ୍ୱଂସ କରିଥିଲେ । ୪୮ଘଣ୍ଟା ମଧ୍ୟରେ ଭାରତ ସରକାର କିଲ୍ଲା ଉପରେ ବିଜୟ ପ୍ରାପ୍ତ କରିଥିଲେ । ଏମିତି ନକରିଥିଲେ ହୁଏତ ଆଜିଯାଏଁ ଏହା ଭାରତର ଅଙ୍ଗ ହେଇନଥାନ୍ତା ।

୧୯୩୫ ମସିହାରେ ଏହି କିଲ୍ଲା ନିର୍ମିତ ହେଇ ସମୟ ସମୟରେ ପର୍ତ୍ତୁଗୀଜ୍‌ଙ୍କ ଦ୍ୱାରା ସଶକ୍ତ କରା ଯାଇଥିଲା ଏବଂ ୧୯୬୧ ଯାଏଁ ଏହା ସେମାନଙ୍କ ଅଧୀନରେ ଥିଲା । ପର୍ତ୍ତୁଗୀଜ୍‌ମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସପ୍ତ ଆଶ୍ଚର୍ଯ୍ୟ ମଧ୍ୟରୁ ଏହା ଅନ୍ୟତମ । ପର୍ତ୍ତୁଗୀଜ୍ ୧୬ଟି ଦେଶରେ ୨୭ଟି ମନୁମେଣ୍ଟ ନିର୍ମାଣ କରିଥିଲେ । ତନ୍ମଧ୍ୟର ୭ଟିକୁ ସପ୍ତାଶ୍ଚର୍ଯ୍ୟ ଆଖ୍ୟା ଦିଆ ଯାଇଛି । ଭାରତରେ ଗୋଆର ବାସଲିକା ଅଫ୍ ବମ୍ ଜେସସ୍ ଓ ଏହି କିଲ୍ଲା ସେମାନଙ୍କର ୭ଟି ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଦୁଇଟି । ଛୋଟ କିଲ୍ଲାଟିଏ ହେଲେ ମଧ୍ୟ ଏତେ ସୁଦୃଢ଼ ଥିଲା ଯେ ବାରମ୍ବାର ପ୍ରଚେଷ୍ଟା ପରେ ମଧ୍ୟ ଏହାକୁ କେହି ଭେଦି ପାରୁନଥିଲେ । ଏମିତିକି ଭାରତ ସରକାରକୁ ମଧ୍ୟ ସ୍ୱାଧୀନତା ପରେ ଲାଗିଗଲା ଚଉଦ ବର୍ଷ କିଲ୍ଲା ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ । ଏବେ ମଧ୍ୟ କିଲ୍ଲାର ପ୍ରାଚୀରରେ ଅନେକ ତୋପ ସମୁଦ୍ର ମୁହାଁ । ଯଦିଓ ଏବେ ଭଗ୍ନ ଅବସ୍ଥାରେ । ସୋ ପିସ୍ ପରି ପଡ଼ି ରହିଛି । କିନ୍ତୁ ସେ ସମୟରେ ସମୁଦ୍ର ବାଟେ କେହି ଆସିଲେ କିଲ୍ଲା ପର୍ଯ୍ୟନ୍ତ ପହଞ୍ଚିବା ଅସମ୍ଭବ ଥିଲା ।

କିଲ୍ଲା ଭିତରେ ଅଛି ଲାଇଟ୍ ହାଉସ୍ । ଯାହାର ଆଲୁଅ ସମୁଦ୍ର ଭିତରେ ୩୨ କିଲୋମିଟର ଯାଏଁ ଦେଖାଯାଏ । ତେଣୁ ଆଲୁଅକୁ ଅନୁସରଣ କରି

ନାବିକମାନେ ସଠିକ୍ ରାସ୍ତାରେ ଆସି ପାରୁଥିଲେ । ଏବଂ କିଲ୍ଲାରୁ ମଧ୍ୟ ଏଠୁ ସମୁଦ୍ର ଉପରେ ଦୃଷ୍ଟି ରଖା ଯାଉଥିଲା । ତା ଉପରେ ଚଢ଼ିଲୁ । ସମୁଦ୍ର ଆଡୁ ଆସୁଥିବା ଘୁ ଘୁ ପବନରେ ଲାଗୁଥାଏ ପଡ଼ିଯିବା ପରି । ଭୟଭୀତ ହେଇ ଶୀଘ୍ର ଓହ୍ଲାଇ ଆସିଲୁ ।

କିଲ୍ଲା ଭିତରେ ଅଛି ଅନେକ କୂଅ । ଯାହା ଜାଲି ଦେଇ ବନ୍ଦ କରାଯାଇଛି । ସମୁଦ୍ର ପାଣିରେ ତୃଷା ମେଣ୍ଟେନି । ମାଟି ତଳୁ ମଧ୍ୟ ବାହାରେ ଲୁଣି ପାଣି । ତେଣୁ ନିଜର ତୃଷା ମେଣ୍ଟାଇବା ପାଇଁ ଏହି କୂଅମାନଙ୍କରେ ବର୍ଷା ପାଣିକୁ ଏକାଠି କରି ବର୍ଷ ସାରା ପାନୀୟ ଭାବେ ବ୍ୟବହାର କରାଯାଉଥିଲା ବୋଧେ । କିଲ୍ଲା ଭିତରେ ଅଛି ଗୋଟେ ସୁଡ଼ଙ୍ଗ ଯାହା କିଲ୍ଲାରୁ ବାହାରକୁ ଯିବା ପାଇଁ ଗୁପ୍ତ ରାସ୍ତାଟିଏ । କିଲ୍ଲା ଉପରେ ଠିଆ ହେଇ ସମୁଦ୍ରର ବିଶାଳତାକୁ ମାପି ହୁଏ । ମାଦକତାକୁ ଅନୁଭବ କରିହୁଏ । କିଲ୍ଲାର ପ୍ରାଚୀରର ମୁଣ୍ଡପିଟି ତିରିଶ ଫୁଟ୍ ଉଚ୍ଚ ପାଚେରୀ ଟପି ବୁନ୍ଦାଏ ବୁନ୍ଦାଏ ପାଣିରେ ପର୍ଯ୍ୟଟକଙ୍କୁ ପବିତ୍ର କରୁଥିବା ତରଙ୍ଗ ସହ ମନ ତରଙ୍ଗାୟିତ ହେଇଉଠେ । ସେଥିପାଇଁ ବୋଧେ ଧ୍ୱସ୍ତ କିଲ୍ଲାଟି ପର୍ଯ୍ୟଟକଙ୍କର ଏତେ ପ୍ରିୟ । କିଲ୍ଲାର ଖୁବ୍ ନିକଟରେ ସମୁଦ୍ର ମଝିରେ ଜାହାଜ ଆକୃତିର ଧୋବ ଫରଫର ଆଉ ଗୋଟିଏ ଅନେକ ପ୍ରକୋଷ୍ଠ ବିଶିଷ୍ଟ ଘର । ସେଠିକୁ ଯିବାକୁ କାହାକୁ ଅନୁମତି ନାହିଁ । କେବଳ ବୋଟ୍‌ରେ ଯାଇ ଖୁବ୍ ନିକଟରୁ ସମୁଦ୍ର ଭିତରୁ ତାକୁ ଦେଖି ହେବ । ଆହୁରି ଅନେକ ଜାଗା ଦେଖିବାକୁ ଅଛି ଭାବି ସେଥିରୁ ନିବୃତ ହେଲୁ । ଏହି ସ୍ଥାନଟି ବନ୍ଦୀମାନଙ୍କ ପାଇଁ ଜେଲ



ଭଳି ବ୍ୟବହୃତ ହେଉଥିଲା । ସହଜ ଭାଷାରେ କହିଲେ ଏହା ବନ୍ଦୀମାନଙ୍କ ପାଇଁ ଥିଲା କଳାପାଣି । ଥରେ ସେଠି ପହଞ୍ଚିଲା ପରେ ଆସିବାର ରାସ୍ତା କିଛି ନାହିଁ କେବଳ ବୋଟ୍ ଛଡ଼ା । ତେଣୁ ସେଠି ବନ୍ଦୀମାନଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ଶାସକର ଦୟା ଉପରେ ନିର୍ଭରଶୀଳ ଥିଲା ।

## ନାଇଡ଼ା ଗୁମ୍ଫା

ଦିଉ ଫୋର୍ଟ ଦେଖି ସାରିଲା ପରେ ନାଇଡ଼ା କେଭ୍‌ସ୍ ବା ଗୁମ୍ଫା ଦେଖିବାକୁ ଗଲୁ । ଗୁମ୍ଫାଟି ପ୍ରାକୃତିକ କି ପର୍ତ୍ତୁଗୀଜଙ୍କ ଦ୍ୱାରା ଖନନ ଯୋଗୁ ସୃଷ୍ଟି ହେଇଛି ତାହା ଅସ୍ପଷ୍ଟ । ଖରାପଡ଼ି କମଳା ରଙ୍ଗର ପଥରସବୁ ଦିଶୁଥିଲେ ଖୁବ ସୁନ୍ଦର । ଗମ୍ ଗମ୍ ଝାଳ ବୋହୁଥିବା ଦିଉର ଗରମରୁ କିଛି ସମୟ ରକ୍ଷା ମିଳେ ଗୁମ୍ଫା ଭିତରେ ପଶିଗଲା ପରେ । ଗୁମ୍ଫା ଭିତରଟି ଅପେକ୍ଷାକୃତ ଥଣ୍ଡା ବାହାର ଅପେକ୍ଷା । ତେବେ ଗୁମ୍ଫା ଭିତରେ ଅନେକ ଭୁଲ୍‌ଭୁଲେୟା ପରି ରାସ୍ତା । ସବୁ ଦିଗକୁ ଅନେକ ରାସ୍ତା । କୋଉ ରାସ୍ତାରେ ଗଲେ ବାହାରକୁ ବାହାରି ହେବ ଜଣା ପଡ଼େନି । ବାଟ ଭୁଲିଗଲେ ମିଳିବା କଷ୍ଟ । ଗୁମ୍ଫା ଯଦିଓ ବର୍ଷକ ବାରମାସ



ଖୋଲା ଓ ଏଣ୍ଟ୍ରି ଫି ନାହିଁ, ତେବେ ସନ୍ଧ୍ୟା ପରେ ଭିତରକୁ ଯିବା ଅନୁଚିତ । ଗୁମ୍ଫାଟି ଅନ୍ଧାରୁଆ ଓ ଅସ୍ପଷ୍ଟ । ରାସ୍ତା ମଧ୍ୟ ଆବୁଡ଼ାଖାବୁଡ଼ା । ଆଡ୍‌ଭେଞ୍ଚର୍‌ଶ୍ ପ୍ରିୟ ଯୁବକମାନଙ୍କ ପାଇଁ ନିଶ୍ଚୟ ପ୍ରିୟ ସ୍ଥଳୀଟିଏ । ଆମ ଭଳି ମଧ୍ୟବୟସ୍କ ଲୋକ ଦେଖି କେମିତି ସୁରକ୍ଷିତ ବାହାରି ଆସିବେ ସେଇ ଚିନ୍ତାରେ ରୁହେ ।

## ଗଙ୍ଗେଶ୍ୱର ମହାଦେବଙ୍କ ମନ୍ଦିର

ଏହାପରେ ଆମର ଯାତ୍ରା ଥିଲା ଗଙ୍ଗେଶ୍ୱର ମହାଦେବଙ୍କ ମନ୍ଦିର ଦର୍ଶନ । ସ୍କୁଲ୍ ଘର ପରି ଏକ ସ୍ଥାନରେ ଗାଡ଼ି ରଖି ଡ୍ରାଇଭର୍ କହିଲା, ଓହ୍ଲାନ୍ତୁ । ମୁଁ କହିଲି, ଏଠି କଣ ଅଛି ? କହିଲା, ଗଙ୍ଗେଶ୍ୱର ମହାଦେବଙ୍କ ମନ୍ଦିର । ବାହାରକୁ ଅନେଇ ମୁଁ ପଚାରିଲି: ଏଠି ମନ୍ଦିର କାହିଁ ? କହିଲା, ଚାଲନ୍ତୁ ମୁଁ ଦେଖାଉଛି । ଡ୍ରାଇଭର୍‌କୁ ଆମେ ଅନୁସରଣ କଲୁ । ସମତଳ ଜମିରୁ ତିଆରି ହେଇଥିବା ପାହାଚରେ ଧୀରେ ଧୀରେ ବଡ଼ ଧ୍ୟାନର ସହ ତଳକୁ ଓହ୍ଲେଇଲୁ । ଏକ୍‌ଦମ୍ ସଂକୀର୍ଣ୍ଣ ଜାଗାରେ ସମୁଦ୍ରକୁ ଲାଗିଥିବା ପାହାଡ଼ନୁମା ଗୁମ୍ଫା ଭିତରେ ପାଞ୍ଚୋଟି ଶିବଲିଙ୍ଗ । କାନ୍ଥରେ ପାର୍ବତୀ, ଗଣେଶ ଆଦିଙ୍କ ମୂର୍ତ୍ତି । ହୁଏତ ଅନେକ ପରେ ଖୋଦନ ହେଇଛି । ନନ୍ଦୀଙ୍କର ମୂର୍ତ୍ତିଟିଏ ମଧ୍ୟ ଅଛି । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁସାରେ ପାଞ୍ଚ ପାଣ୍ଡବ ବନବାସ ସମୟରେ ଏହି ଶିବଲିଙ୍ଗ ସବୁ ପ୍ରତିଷ୍ଠା କରିଥିଲେ । ସମୁଦ୍ର ଲହଡ଼ି ଅବିରତ ଆସି ଶିବଲିଙ୍ଗଙ୍କୁ ଧୋଇଦେଇ ଯାଉଛି । ଭକ୍ତ ଚଢ଼ାଉଥିବା ନଡ଼ିଆ, କଦଳୀ, ଦୀପ, ଧୂପ, ଫୁଲ ସବୁକ ନିଜ ସାଙ୍ଗରେ ନେଇ ଯାଉଛି । ଭକ୍ତଙ୍କ ଗୋଡ଼ଧୁଆ ପାଣି ଶିବଙ୍କୁ ଛୁଇଁ ଶିବ ଲିଙ୍ଗକୁ ଧୋଇ ଆସୁଥିବା ପାଣି ଭକ୍ତଙ୍କ ପାଦ ଦେଇ ସମଦ୍ରକୁ ଫେରି ଯାଉଛି । ଚମତ୍କାର ଏ ଦୃଶ୍ୟ । ସମୁଦ୍ରର ଲହଡ଼ି ଆସି ଦର୍ଶକଙ୍କୁ ଓଦା କରିଯାଏ ଶିବଲିଙ୍ଗଙ୍କ ସହ । ସାମ୍ନାରେ ମୋଟା ମୋଟା ସିମେଣ୍ଟ୍ ଖୁଣ୍ଟ । ସମୁଦ୍ର ଲହଡ଼ିରେ କେହି ବୋହି ନଯାଉ ସୁରକ୍ଷା ଦୃଷ୍ଟିରୁ ଏମିତି ତିଆରି ହେଇଛି । ଗୁମ୍ଫାର ପଥର ସବୁ ଅଲଗା ପ୍ରକାରର । ଖୁବ୍ ହାଲୁକା ଆଉ କଣାକଣା । ସମୁଦ୍ରର ଫେଣ ଶୁଖିଗଲେ ଯେମିତି ଲାଗେ ଲାଗୁଛି ଠିକ୍ ସେମିତି । ରାମଚନ୍ଦ୍ର ସେତୁବନ୍ଧ ବାନ୍ଧିଲା ବେଳେ ପଥରସବୁ ନବୁଡ଼ି ସମୁଦ୍ରପାଣିରେ ଭାସୁଥିବାର ଉଲ୍ଲେଖ ଅଛି । ଠିକ୍ ସେମିତି ଏ ପଥରସବୁ ନବୁଡ଼ି ପାଣିରେ ଭାସି ପାରେ । ଖୁବ୍ ସୁନ୍ଦର ପ୍ରାକୃତିକ ପରିବେଶରେ ଗଙ୍ଗେଶ୍ୱର ମହାଦେବଙ୍କ ମନ୍ଦିର । ବହୁତ ଭଲ ଲାଗିଲା ସମୁଦ୍ରର ଅନବରତ ପାଞ୍ଚ ଶିବଲିଙ୍ଗଙ୍କ ଜଳାଭିଷେକ ଦୃଶ୍ୟ ।

## ସେଣ୍ଟ ପଲ ଚର୍ଚ୍ଚ

ସେଣ୍ଟ୍ ପଲ୍ ଚର୍ଚ୍ଚ ଦେଖି ଲାଗିଲା ମୁଁ ତ ଏ ଚର୍ଚ୍ଚ ଦେଖିଛି । ହେଲେ ଏହା ପୂର୍ବରୁ ତ କେବେ ଦିଉ ଆସି ନାହିଁ ! କୋଉଠି ଦେଖିବି ? କୋଉଠି ଦେଖିଛି ? ବେଶି ଜାଗା ଦେଖିଲେ ଏମିତି ସବୁ ଗୋଳେଇ ଘାଣ୍ଟି ହେଇଯାଏ । ମନେ ପଡ଼ିଲା ହଁ ଗୋଆରେ । ଗୋଆର ବମ୍ ଜେସସ୍ ଚର୍ଚ୍ଚ ଠିକ ଏମିତି । ଉଭୟ ଚର୍ଚ୍ଚ ସମକାଳୀନ ଓ ପର୍ତ୍ତୁଗୀଜ୍‌ଙ୍କ ଦ୍ୱାରା ନିର୍ମିତ । ସେଥିପାଇଁ ଏତେ ସମାନତା । ଦୂରରୁ ହିଁ ଚର୍ଚ୍ଚର ଭବ୍ୟତା ମନ ମୋହିନିଏ । ସମ୍ପୂର୍ଣ୍ଣ ଧଳା ରଙ୍ଗର ଭବ୍ୟ କାରୁକାର୍ଯ୍ୟର ସୁନ୍ଦର ଚର୍ଚ୍ଚ । ବାହାର ଏତେ ଆକର୍ଷଣୀୟ ଯେ ଯେତେ ଦେଖୁଥିଲେ



ମଧ୍ୟ ଆହୁରି ଦେଖିବାକୁ ମନ ହେଉଥାଏ । ଷୋଡ଼ଶ ଶତାବ୍ଦୀରେ ଏହି ଚର୍ଚ୍ଚ ନିର୍ମିତ ହୋଇଥିଲା । ଯଦିଓ ପର୍ତ୍ତୁଗୀଜ୍ ୟୁହିଦି ଥିଲେ, ତଥାପି ଇସାଇମାନଙ୍କ ପାଇଁ ଏହି ଚର୍ଚ୍ଚ ନିର୍ମାଣ କରିଥିଲେ । ଚର୍ଚ୍ଚର ଦ୍ୱାର ପାଖରେ ପର୍ତ୍ତୁଗୀଜ୍‌ରେ ଚର୍ଚ୍ଚ ସମ୍ପର୍କରେ ଲେଖାଥିବା ଫଳକ ଦେଖିଲୁ । ପଢ଼ି ନପାରିଲେ ମଧ୍ୟ ପର୍ତ୍ତୁଗୀଜ୍ ଅକ୍ଷର ସହ ପରିଚିତ ହେଲୁ । ଭିତରେ ଭିତରେ ପଶୁ ପଶୁ ଆଖିରେ ପଡ଼ିଲା କାଠର ଖୁବ୍ ସୁନ୍ଦର କାରୁକାର୍ଯ୍ୟ । ଏକ ଭବ୍ୟ ଆସନରେ ଠିଆ ହେଇଛନ୍ତି ମଦର୍ ମେରୀ । ପଛରେ ମଧ୍ୟ ଖୁବ୍ ସୁନ୍ଦର କାଠ ନକାସି । ଏକ୍‌ଦମ୍ ଗୋଆର ଚର୍ଚ୍ଚ ପରି । ଚର୍ଚ୍ଚର କାନ୍ଥରେ ଅନେକ ଚିତ୍ର । ଖୁବ୍ ଭଲ ଲାଗିଲା ଚର୍ଚ୍ଚ । ରବିବାର ହେଇନଥିବା ଯୋଗୁଁ କେହି ଲୋକ ନଥିଲେ । ଖାଲି ବେଞ୍ଚରେ ହାତଯୋଡ଼ି କିଛି ସମୟ ବସି ଚୁପ୍‌ଚାପ୍ ମଦର୍ ମେରିଙ୍କୁ ଦେଖି ଜୀବନର ନୀରବତାକୁ ଅନୁଭବ କଲୁ । ତାପରେ କ୍ୟାଣ୍ଡେଲ୍‌ଟିଏ ଜଳେଇ ପୁଣିଥରେ ମଦର୍ ମେରିଙ୍କର ସୁନ୍ଦର ପ୍ରତିମା, କାଠର ସୁନ୍ଦର ନକାସି, ପର୍ତ୍ତୁଗୀଜ୍ ଆର୍କିଟେକ୍‌ଚର୍‌କୁ ଆଖି ପୁରାଇ ଦେଖି ଚର୍ଚ୍ଚରୁ ବାହାରିଲୁ ।

## ସେଣ୍ଟ୍ ଫ୍ରାନ୍ସିସ ଚର୍ଚ୍ଚ


ଦିଉରେ ପର୍ତ୍ତୁଗୀଜ୍‌ଙ୍କ ଦ୍ୱାରା ସ୍ଥାପିତ ସମୁଦାୟ ତିନୋଟି ଚର୍ଚ୍ଚ । ସେଣ୍ଟ୍ ପଲ୍ ଚର୍ଚ୍ଚ ଏବେ ମଧ୍ୟ ଚର୍ଚ୍ଚ ରୂପେ ବ୍ୟବହୃତ ହେଉଥିବା ବେଳେ ବାକି ଦୁଇଟି ଚର୍ଚ୍ଚ ସେଣ୍ଟ୍ ଫ୍ରାନ୍ସିସ୍ ଆସିସ୍ ହସ୍ପିଟାଲ୍‌ରେ ପରିବର୍ତ୍ତିତ ହୋଇଥିବା ବେଳେ ସେଣ୍ଟ୍ ଥୋମାସ୍ ଚର୍ଚ୍ଚ ଦିଉ ମିୟୁଜିୟମ୍‌ରେ ପରିବର୍ତ୍ତିତ ହୋଇଛି । ସେଣ୍ଟ୍ ଫ୍ରାନ୍ସିସ୍ ଚର୍ଚ୍ଚ ବାହାରୁ ଦେଖିଲୁ । ଖୁବ୍ ସଫାସୁତୁରା ପରିବେଶ । ଏ ଜାଗାଟି ଭାରତୀୟ ନଗରୀ ଠୁ ଟିକେ ଭିନ୍ନ । ଷ୍ଟ୍ରିଟ୍‌ର ନାଁ ସବୁ ପର୍ତ୍ତୁଗୀଜ୍ ଭାଷାରେ ଆଉ ନାଁ ମଧ୍ୟ ସେମିତି । ଖୁବ୍ ଅବୁଝା । ଖୁବ୍ ଶୂନ୍‌ଶାନ୍ ପରିବେଶ । ଡ୍ରାଇଭର୍ କହିଲା, ଏ ଏରିଆଟି ମୁଖ୍ୟତଃ ରହି ଯାଇଥିବା ପର୍ତ୍ତୁଗୀଜମାନଙ୍କ ଏରିଆ । ଦରକାର ନହେଲେ ସେମାନେ ବାହାରକୁ ବେଶୀ ବାହାରନ୍ତିନି । ହୋହାଲ୍ଲା କରନ୍ତିନି । ଘର ଭିତରେ ରହିବାକୁ ବେଶି ପସନ୍ଦ କରନ୍ତି । ଯଦିଓ ଏବେକାର ପିଢ଼ି ପର୍ତ୍ତୁଗୀଜ୍ କମ ଭାରତୀୟ ବେଶି । ତଥାପି କିଛି ରକ୍ତଗତ ଗୁଣବତ୍ତା ଅଛି । ସେମାନେ ଶାନ୍ତିପ୍ରିୟ ଓ ମେଳାପୀ ମଧ୍ୟ । ଏବେ ବି ଏ ଏରିଆକୁ ଫରେନର୍ସ କ୍ୱାର୍ଟର୍ସ କୁହାଯାଏ । ଗଳିସବୁ ଖୁବ୍ ସଫାସୁତୁରା । ଘରର ଡିଜାଇନ୍ ମଧ୍ୟ ଅନେକାଂଶରେ ଅଲଗା ପ୍ରକାର ।

## ଦିଉ ମ୍ୟୁଜିୟମ

ସେଣ୍ଟ୍ ପଲ୍ ଚର୍ଚ୍ଚ ପାଖରେ ସେଣ୍ଟ୍ ଥୋମାସ୍ ଚର୍ଚ୍ଚ । ସାଧାରଣ ଚର୍ଚ୍ଚଟିଏ । ଯାହା ଏବେ ପର୍ତ୍ତୁଗୀଜ୍‌ମାନଙ୍କର ଷୋଡ଼ଶ ଶତାବ୍ଦୀର କଳାକୃତିକୁ ନେଇ ମ୍ୟୁଜିୟମ୍‌ରେ ପରିବର୍ତ୍ତିତ । ଚର୍ଚ୍ଚ କାନ୍ଥରେ ଅନେକ ଚିତ୍ର । ତଳେ ବିଭିନ୍ନ ସ୍ଥାନରୁ ଅଣାଯାଇ ରଖା ଯାଇଥିବା ସେ ସମୟର କାଠରେ ନିର୍ମିତ ଅନେକ ମୂର୍ତ୍ତି, କଳାକୃତି ସବୁ ଅଭିଭୂତ କଲା । ଚାରି ଶହ ବର୍ଷ ପୁରୁଣା କାଠରେ ନିର୍ମିତ ସେଣ୍ଟ୍ ଥୋମାସ୍‌ଙ୍କ ମୂର୍ତ୍ତି ଖୁବ୍ ଭଲ ଲାଗିଲା ।

## ଆଇଏନ୍‌ଏସ୍ କୁଖରି ମେମୋରିଆଲ୍

ରାସ୍ତାର ବାଁପଟରେ ସମୁଦ୍ରକୂଳକୁ ଲାଗି ଆଇଏନ୍‌ଏସ୍ କୁଖରି ମେମୋରିଆଲ୍ । ଗୋଟେ ବିରାଟ କାଚର ସୋ କେଶ୍ ଭିତରେ ଆଇଏନ୍ ଏସ୍ କୁଖରି ଜାହାଜର ରେପ୍ଲିକା । ଛୋଟ ଛୋଟ ପଥରର ସୁନ୍ଦର ଡିଜାଇନ୍‌ର ବସିବା ପାଇଁ ଷ୍ଟୁଲ୍ ସବୁ । କିଛି କିଛି ଗୋଲାକାର ଆକୃତିର ଡିଜାଇନର ବସିବା ସ୍ଥାନ । ବାହାର ଫଳକରେ ଲେଖା ଯାଇଛି ଆଇଏନ୍‌ଏସ୍ କୁଖରି ସମ୍ପର୍କରେ । ୧୯୭୧ରେ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ସବ୍ ମରିନ୍ (ଯୁଦ୍ଧ ଜାହାଜ) ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇ ଭାରତୀୟ ନୌସେନାର ଯୁଦ୍ଧ ପୋତ ଆଇଏନ୍‌ଏସ୍ କୁଖରି ବୁଡ଼ି ଯାଇଥିଲା । ସେ ସମୟରେ କ୍ୟାପ୍‌ଟେନ୍ ମହେନ୍ଦ୍ର ନାଥ ମୁଲ୍ଲାଙ୍କ ସହ ୧୮ଜଣ ଅଫିସର୍ ଓ ୧୭୬ ନାବିକ ଥିଲେ । ଜାହାଜ ସହ ସମସ୍ତେ ସମୁଦ୍ର ଜଳରେ ସଲୀଳ ସମାଧି ନେଇଥିଲେ । ସ୍ୱାଧୀନ ଭାରତର ଏଯାବତ୍ ଏ ପ୍ରଥମ ଓ ଶେଷ ଯୁଦ୍ଧ ପୋତ ଯାହା ପାଣିରେ ବୁଡ଼ି ଯାଇଛି । ଜାଣି ଭାରି ଦୁଃଖ ଲାଗିଲା । ଫଳରେ ସମସ୍ତ ଅଫିସର୍ ଓ ନାବିକଙ୍କ ନାଁ ଲିପିବଦ୍ଧ ହୋଇଛି । ୧୫ ଡିସେମ୍ବର ୧୯୯୯ ଏହି ମେମୋରିଆଲ୍‌ର ଉଦ୍‌ଘାଟନ



ହୋଇଥିଲା । କ୍ୟାପ୍ଟେନ୍ ମହେନ୍ଦ୍ରନାଥ ମୁଲ୍ଲାଙ୍କୁ ମଧ୍ୟ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା । ପାଖରେ ଗୋଟେ ଛୋଟ ଆମ୍ଫି ଥିଏଟର୍ ମଧ୍ୟ ଅଛି । କିନ୍ତୁ ମୋତେ କାହିଁ ଲାଗିଲା ଦେଶମାତୃକାର ସେବା କରି ନିଜର ପ୍ରାଣର ଆହୁତି ଦେଇଥିବା ଦୁଇଶହ ବୀର ଯବାନ୍ଙ୍କ ପ୍ରତି ଏତିକି ଶ୍ରଦ୍ଧାଞ୍ଜଳି ଯଥେଷ୍ଟ ନୁହେଁ । କେବଳ ସମୁଦ୍ରର ଗୁରୁଗମ୍ଭୀର ଧ୍ୱନିକୁ ଛାଡ଼ିଦେଲେ ଜାଗାଟି ଖୁବ୍ ଶୂନ୍‌ଶାନ୍ । ଏମିତିକି ବିଶେଷ ପର୍ଯ୍ୟଟକଙ୍କୁ ମଧ୍ୟ ଦେଖିଲିନି । କାରଣ କେବଳ ଜାହାଜର ରେପ୍ଲିକାକୁ ଛାଡ଼ିଦେଲେ ଆକର୍ଷଣ କଲାଭଳି ଆଉ କିଛି ନାହିଁ ସେଠି । ଉପରେ ଦିଉର ପ୍ରବଳ ଗରମ । ଲୋକଙ୍କୁ କିଛି ସମୟ ବାନ୍ଧି ରଖିଲା ପରି ସେମିତି କିଛି ବ୍ୟବସ୍ଥା ମଧ୍ୟ ନାହିଁ । ଯଦ୍ୱାରା କେହି ଆସିଲେ ଦଶ ପନ୍ଦର ମିନିଟ୍ ଠିଆ ହୋଇ ଚାଲିଯାଏ । ଡ୍ରାଇଭର୍ କହିବା ଅନୁସାରେ ସନ୍ଧ୍ୟା ବୁଡ଼େ ତ ଭିଡ଼ ହୁଏ । ବନିଥିବା ବେଞ୍ଚରେ ବସି ଲୋକେ ସମୁଦ୍ରକୁ ଉପଭୋଗ କରନ୍ତି । ମନ୍ଦିର ପାର୍କ ପାଇଁ ଆମେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବା ସମୟରେ ଏଭଳି ସ୍ଥାନକୁ ଭବ୍ୟ ବନାଇ ବିଭିନ୍ନ ସୋ, ପ୍ରୋଗ୍ରାମ ମାଧ୍ୟମରେ ଲୋକଙ୍କୁ ଆକର୍ଷିତ କରିବା କଥା । ସେ ସମ୍ପର୍କରେ ଲୋକଙ୍କୁ ଅଧିକରୁ ଅଧିକ ଜଣେଇବା କଥା । ଏହା ଆମର ଉତ୍ତର ଦାୟିତ୍ୱ । ସରକାରଙ୍କର ମଧ୍ୟ ।

## ନାଗୋଆ ବିଚ୍

ଏମିତିରେ ତ ଦିଉ ସୁନ୍ଦର ସୁନ୍ଦର ବିଚ୍‌ରେ ଭରପୁର୍ । କିନ୍ତୁ ସବୁଠୁ ସୁନ୍ଦର ନାଗୋଆ ବିଚ୍ । ସବୁ ସ୍ଥାନ ବୁଲିବା ଭିତରେ ଅନେକ ବିଚ୍‌ର କୂଳେ କୂଳେ ଆମ ଗାଡ଼ି ଯାଇଛି ଓ ଅନେକ ବିଚ୍‌କୁ ଗାଡ଼ିରୁ ଥାଇ ଦେଖିଛୁ । ଦିନସାରା ବୁଲି ବୁଲି କ୍ଳାନ୍ତି ସହ ସମୟର ଅଭାବ ଯୋଗୁଁ କେବଳ ନାଗୋଆ ବିଚ୍ ଯିବାକୁ ସ୍ଥିର କଲୁ । ରାସ୍ତାରେ ଗାଡ଼ି ଅଟକେଇ ଜଳଖିଆ କରି ପହଞ୍ଚିଲୁ ନାଗୋଆ ବିଚ୍‌ରେ । ଆଃ ! କି ସୁନ୍ଦର । ନୀଳ ସମୁଦ୍ର, ଈଷତ୍ ନୀଳ ପରିଷ୍କାର ଆକାଶ, ଧଳା ବେଳାଭୂମି କଡ଼େ କଡ଼େ ତାଳ ଗଛ ପରି ଲମ୍ବା ଲମ୍ବା ହକ୍କା ଗଛ । ଅର୍ଦ୍ଧ ଗୋଲାକାର ଆକୃତିର ବେଳାଭୂମି ଯେକୌଣସି ପର୍ଯ୍ୟଟକଙ୍କ ମନ ମୋହି ନେବ । ରାସ୍ତା କଡ଼ରୁ ବେଳାଭୂମିକୁ ଲାଗି ଧାଡ଼ି ଧାଡ଼ି ଖାଇବା ଦୋକାନ । ଗୁଜୁରାଟ ଭଳି ନିରାମିଷ ରାଜ୍ୟରେ ଆମିଷ ପ୍ରିୟ ଲୋକଙ୍କ ପଇଁ ଏହା ପସନ୍ଦର ସ୍ଥାନଟିଏ । ତେଣୁ ପ୍ରଥମେ ମନଭରି କଲୁ ଚିଙ୍ଗୁଡ଼ି ମାଛର ସୁସ୍ୱାଦୁ ଭୋଜନ । ତାପରେ ଦୋକାନରୁ ତଳକୁ ଓହ୍ଲାଇ ସମୁଦ୍ରମୁହାଁ ହେଲୁ । ଦୋକାନରୁ ତଳକୁ ଗଡ଼ିଲେ





ବସି ସମୁଦ୍ରକୁ ଉପଭୋଗ କରିବା ପାଇଁ ହକ୍କା ଗଛ ତଳେ ତଳେ ସିମେଣ୍ଟର ବେଞ୍ଚ୍ ସବୁ ବେଳାଭୂମି ସାରା । ଏହି ହକ୍କା ଗଛ କେବଳ ଏଇଠି ହିଁ ଦେଖିବାକୁ ମିଳେ । ପର୍ତ୍ତୁଗୀଜ୍‌ମାନେ ଆଫ୍ରିକାରୁ ଆଣି ଏଠି ରୋପଣ କରିଥିଲେ । ବେଳାଭୂମି ଖୁବ୍ ଛୋଟ । ରାସ୍ତାରୁ ଟିକେ ବାଟ ଗଲେ ସମୁଦ୍ର । ଧଳାବାଲିର ପରିଷ୍କାର ବେଳାଭୂମି । ଲାଗୁଛି ଯେମିତି କେହି ନୀଳ ଢେଉ ଶେଷରେ ଧଳା ଚାଦର ବିଛେଇ ଦେଇଛି । ଅର୍ଦ୍ଧ ଗୋଲାକାର ହେତୁ ବେଳାଭୂମି ବହୁତ ଦୂର ଯାଏଁ ଦେଖା ଯାଉଛି । ପାଣି ଏଠି ଅଗଭୀର ସାଙ୍ଗକୁ ପରିସ୍କାର । ତେଣୁ ଅନେକ ଲୋକ ସମୁଦ୍ର ସ୍ନାନକୁ ଉପଭୋଗ କରୁଥିଲେ । ପାରା ସେଲିଂ, ସ୍ପିଡ୍ ବୋଟ୍, ଜେଟ୍ ସ୍କିଙ୍ଗ୍, ବାଇକ୍ ସ୍ପୋର୍ଟ୍ ପରି ଅନେକ ୱାଟର୍ ସ୍ପୋର୍ଟ୍ସ । ସକାଳ ୭.୩୦ରୁ ରାତି ୮.୩୦ ଯାଏଁ ଏହି ସ୍ପୋର୍ଟ୍ସ କାଉଣ୍ଟର ସବୁ ଖୋଲାଥାଏ । ଛୋଟରୁ ବୟସ୍କ ଯାଏଁ ସମସ୍ତେ ନିଜ ନିଜ ରୁଚି ଅନୁସାରେ ଉପଭୋଗ କରୁଥିଲେ ଏ ଖେଳକୁ । ବାକିସ୍ଥାନ ଅନୁସାରେ ଏଠି ଟିକେଟ୍ ମଧ୍ୟ ଶସ୍ତା । ଆମେ ସ୍ୱାମୀ ସ୍ତ୍ରୀ କିନ୍ତୁ କିଛି ସମୟ ସମୁଦ୍ର ପାଣିରେ ଖେଳି ପାଖରେ ପଡ଼ିଥିବା ବେଞ୍ଚରେ ବସି ସମୁଦ୍ରକୁ ଖୁବ୍ ଉପଭୋଗ କଲୁ । ଆଉ ରାତି ହେଇ ଆସିଲା ବେଳକୁ ଫେରିଲୁ ପୁଣି କେବେ ସୁଯୋଗ ମିଳିଲେ ଆସିବୁ ଭାବି ।

## ସେଲ୍ ମ୍ୟୁଜିୟମ୍

କ୍ୟାପଟେନ୍ ଫୁଲବାରୀଙ୍କ ସମଗ୍ର ପୃଥିବୀରୁ ସଂଗ୍ରହ କରିଥିବା ବିଭିନ୍ନ ପ୍ରକାର ଆକୃତିର ଶଙ୍ଖ ଏଠି ଦେଖିବାକୁ ମିଳେ । ଦାୟିତ୍ୱରେ ଥିବା ଲୋକଟି ପରିଦର୍ଶକମାନଙ୍କୁ ମ୍ୟାଗନିଫାୟିଙ୍ଗ୍ ଗ୍ଲାସଟିଏ ଦିଏ । ଯେଉଁଥିରୁ ଶଙ୍ଖମାନଙ୍କୁ ଖୁବ୍ ନିକଟରୁ ବୁଝି ହେବ । ଜଣେ ବ୍ୟକ୍ତିଙ୍କର ଏତେ କଲେକ୍ସନ ଦେଖି ଖୁବ ଆଶ୍ଚର୍ଯ୍ୟ ଓ ଖୁସି ଲାଗିଲା ।

## ଚକ୍ରତୀର୍ଥ ବୀଚ୍

ସ୍ଥାନୀୟ ମାନ୍ୟତା ଅନୁସାରେ ଶ୍ରୀକୃଷ୍ଣ ଜଳନ୍ଧରକୁ ମାରିଲା ପରେ ଏଇଠି ନିଜର ଚକ୍ରକୁ ଛାଡ଼ି ଦେଇଥିଲେ । ତେଣୁ ଏହାର ନାମ ଚକ୍ରତୀର୍ଥ ବୀଚ୍ । ଜଳନ୍ଧର ବିଚ୍ ମଧ୍ୟ ଅଛି । ସେସବୁ ବିଚ୍‌କୁ ଆମେ ଅନ୍ୟ ପର୍ଯ୍ୟଟନ ସ୍ଥଳୀକୁ ଯାଉଥିବା ସମୟରେ ଗାଡ଼ିରୁ ଦେଖିଥିଲୁ ।

ଦିଉ ଗୁଜୁରାଟର ଭେରାବଲ୍ ଠାରୁ ୯୦ କିଲୋମିଟର । ଭାରତର ପ୍ରତ୍ୟେକ ପ୍ରାନ୍ତରୁ ଟ୍ରେନ୍ ଭେରାବଲ୍ ଯାଏ ଚାଲୁଛି । ସେଠୁ ଯଦିଓ ମିଟରଗଜ୍ ଟ୍ରେନ୍ ଚାଲୁଛି ତେବେ ଏହା ସମୟସାପେକ୍ଷ । ତେଣୁ ଭେରାବଲରୁ ଷ୍ଟେଟ୍ ବସ୍ ବା ଟ୍ୟାକ୍ସି ନେବା ସୁବିଧାଜନକ । ଦିଉରେ ଏୟାରପୋର୍ଟ ମଧ୍ୟ ଅଛି । ଏୟାର ଇଣ୍ଡିଆର ଫ୍ଲାଇଟ୍ ମଧ୍ୟ ଆସେ । ଦିଉରେ ଅନେକ ଛୋଟବଡ଼ ହୋଟେଲ ମଧ୍ୟ ଅଛି ରାତ୍ରି ଯାପନ ପାଇଁ । ମୁମ୍ବାଇ, ହାଜିରା ଆଦି ପୋର୍ଟ ବନିଲା ପରେ ଦିଉ ପୋର୍ଟର ଲୋକପ୍ରିୟତା ହ୍ରାସ ପାଇଛି ସତ, କିନ୍ତୁ ସମୁଦ୍ର ଉପରେ ଦୃଷ୍ଟି ରଖିବା ପାଇଁ ଏହା ଏବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏ ଛୋଟ କେନ୍ଦ୍ରଶାସିତ ଅଞ୍ଚଳରେ ଅନେକ କିଛି ଅଛି ଦେଖିବା ପାଇଁ । ଖାଲି ମନଭରି ଦେଖି ପାରିଲେ ହେଲା ।

## ଇଏ ବି ଜଣେ ରେବତୀ







ଗୁରୁମାତା ଓ ଗୁରୁଦେବ

# ପାଲାଗାୟକର ମହାନାୟିକା : କୁନି


**ଶ୍ରୀଗୋବିନ୍ଦ**
ସାନମଛୁଆଘାଇ, ଭଦ୍ରକ
ଫୋନ : ୭୦୦୮୯୧୩୫୮୯
ଫଟୋ ସୌଜନ୍ୟ : ଲେଖକ


**କନକଲତା ସାମଲ । ନିଜ ସୁଖସମୃଦ୍ଧିକୁ ଜଳାଞ୍ଜଳି ଦେଇ ସାଜିଲେ ପରିବାରର ରାହା । ପାଲାଗାୟନକୁ କଲେ ଜୀବିକା, ରହିଗଲେ ଚିରକୁମାରୀ ହୋଇ ।**

ସମାଜରେ ନାରୀ ରୋଷେଇ କରିବ, ବାସନ ମାଜିବ କି ଘରକରଣା କାମ କରିବ, ଏହା ଏବେ ପୁରୁଣା ହେଲାଣି । ପୁଅମାନେ ଯେଉଁ କାମ କରିବାକୁ ସାହସ କରି ପାରୁନାହାନ୍ତି, ଝିଅମାନେ ସେ କାମ କରି ଦେଖେଇ ସାରିଲେଣି । ଏଥର ଏମିତି ଜଣେ ମହିଳାଙ୍କୁ ଭେଟିବା ଯିଏ କି ପରିବାରର ବୋଝ ସମ୍ଭାଳିବାକୁ ନିଜେ ଅବିବାହିତ ରହି ୧୫ ବର୍ଷ ହେଲା ପାଲା ଗାୟନକୁ କରିଛନ୍ତି ଜୀବନର ବୃତ୍ତି ।

ହଁ, କନକଲତା ସାମଲ ଓରଫ କୁନି । ବୟସ ୩୪ ବର୍ଷ । କିନ୍ତୁ ସେ ପିଲାବେଳୁ ସଂସାର ଚଳେଇବାର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଛନ୍ତି । ନିଜ ସୁଖକୁ ଜଳାଞ୍ଜଳି ଦେଇ ପରିବାରର ବାପାମାଆ, ଭାଇଭଉଣୀଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି । ନିଜକୁ ଆଡ଼କୁ ଥରୁଟିଏ ବି ଚାହିଁନାହାନ୍ତି ସେ । ପିତା ମହେନ୍ଦ୍ର ଓ ମାତା ଶୈଳବାଳାଙ୍କ ଝିଅ କନକଲତା । ସାତ ଭଉଣୀଙ୍କ ଭିତରୁ ଦୁଇ ନମ୍ବର । ତାଙ୍କ ତଳକୁ ଆହୁରି ପାଞ୍ଚ ଭଉଣୀ ଓ ଦୁଇ ଭାଇ । ବାପା ଧାନମଣ୍ଡଳ ଝୋଟ କାରଖାନାରେ କାମ କରୁଥିଲେ, କିନ୍ତୁ ଝୋଟ କାରଖାନା ବନ୍ଦ ହୋଇଗଲା । ଏତେ ବଡ଼ ପରିବାରକୁ କେମିତି ଚଳେଇବେ ବାପା- ଏକଥା ଭାବୁ ଭାବୁ ହିଁ କନକଲତା ନିଜକୁ ପ୍ରସ୍ତୁତ କରି ସାରିଥିଲେ । ପରିବାର ଚଳେଇବାକୁ ଅଣ୍ଟା ଭିଡ଼ିଲେ ସେ । ନିଜ ଭିତରେ ଥିବା ପ୍ରତିଭା ଯେ ଏତେ କାମରେ ଆସିବ, ଜାଣି ନଥିଲେ ସେତେବେଳେ । ସପ୍ତମ ଶ୍ରେଣୀ ପଢ଼ିବା ବେଳକୁ କାହିଁକି କେଜାଣି ତାଙ୍କ ଭିତରେ ପାଲାଗାୟନ ପ୍ରତି ଏକ ଦୁର୍ବଳତା ଜନ୍ମ ନେଲା । ସେ କିଛି ବୁଝନ୍ତୁ ନ ବୁଝନ୍ତୁ, ଗାଁରେ ପାଲା ହେଲେ ସବାଆଗରେ ଚଟିଆ ପାରି ସେମିତି ନିର୍ଲିପ୍ତ ନୟନରେ ଅନେଇ ବସି ଯାଉଥିଲେ । ମାଟ୍ରିକ ପରୀକ୍ଷା ସରିବା ପରେ ପାଲା ଶିଖିବା ପାଇଁ ବାପାଙ୍କୁ ମାଗିଲେ ଅନୁମତି । ହେଲେ ଝିଅଟିଏ ଗୋଡ଼ କାଢ଼ି ବାହାରକୁ ଯାଉ, ବାପା ଚାହୁଁ ନଥିଲେ । ବାରଲୋକ ବାରକଥା କହିବେ, ଟାହିଟାପରା କରିବେ । ଝିଅଟିଏ ହୋଇ ଏ କାମ କରିବା ଆଦୌ ଠିକ୍ ହେବନି ବୋଲି ସେଦିନ ବାପା ବୁଝେଇ ଦେଇଥିଲେ । କିନ୍ତୁ ମନ ବୁଝି ନଥିଲା କନକଲତାଙ୍କର । ଘରର ଅସୁବିଧା ହିଁ ତାଙ୍କୁ ଅସ୍ତବ୍ୟସ୍ତ କରୁଥିଲା । ଶେଷରେ, ନିଜ ପ୍ରତିଭା କଥା କହି ବାପାଙ୍କୁ ବୁଝେଇବାରେ ସମର୍ଥ ହୋଇଥିଲେ ସେ ।

ଗୁରୁ ଯୁଧିଷ୍ଠିର ଜେନାଙ୍କ ଠୁଁ ଆରମ୍ଭ ହେଲା ପାଲା ଶିଖିବା ପର୍ବ । ସ୍ୱଭାବତଃ ଲାଜକୁଳୀ ଥିବାରୁ କାହା ଆଗରେ ନିଜକୁ ଉପସ୍ଥାପନ କରିବାକୁ ପ୍ରଥମେ ଲାଜ ଓ ଭୟ ଲାଗୁଥିଲା । ନିଜ ଚେଷ୍ଟା ଓ ସାଧନା ବଳରେ ସେ ଯେ ପାରଙ୍ଗମ ହୋଇପାରିବେ, ନିଜେ ବି ଜାଣି ନଥିଲେ । ବିଭିନ୍ନ ପୁରାଣର କାହାଣୀ, ସାହିତ୍ୟର ଚମ୍ପୁ, ଛାନ୍ଦ, ବୋଲି ଓ ପ୍ରାଚୀନ କବିଙ୍କର ପଦ୍ୟାବଳୀକୁ ଗୁରୁଙ୍କ ସହାୟତାରେ ଏମିତି କଣ୍ଠସ୍ଥ କରିନେଲେ ଯେ ଦର୍ଶକଙ୍କ ଆଗରେ ବାଦୀପାଲା ଗାଇବାରେ ହୋଇ ଉଠିଲେ ଧୂରୀଣା । ନିଜ ଜୀବନ ସହ ଯୋଡ଼ି ହେଲା 'ପାଲା' । ବୃତ୍ତି ଓ ପ୍ରବୃତ୍ତି ମିଶି ଜୀବନ ହେଲା ଏକାକାର । ତାଳି ଓ ପ୍ରଶଂସାରେ ପୋତି ହେଇଗଲେ ସେ । ହେଲେ ଧ୍ୟାନ କିନ୍ତୁ ପାଲାରେ । ଏମିତି ତନ୍ମୟା ହୋଇପଡ଼ିଲେ ଯେ, ନିଜକୁ ଅଣଦେଖା କରି ଭାଇଭଉଣୀ ଓ ବାପାମାଆଙ୍କ କଥା ବୁଝୁବୁଝୁ କେତେବେଳେ ପହଞ୍ଚିଗଲେ ବୟସର ମଧ୍ୟାହ୍ନରେ, ଜଣା ପଡ଼ିଲାନି ।

ଏସବୁ ଭିତରେ କନକଲତା ପାଞ୍ଚ ଭଉଣୀଙ୍କ ବାହାଘର ସାରିଛନ୍ତି । ଭାଇଙ୍କୁ ପାଠ ପଢ଼େଇ ଉଚ୍ଚ ଶିକ୍ଷିତ କରିଛନ୍ତି । ସେ ସିନା ଆର୍ଥିକ ଅନାଟନ କାରଣରୁ ପାଠପଢ଼ା ଛାଡ଼ିଲେ ଅଧାରୁ, ହେଲେ ପରିବାରରେ କେହି ବି ରହିବେନି ଅର୍ଦ୍ଧଶିକ୍ଷିତ, ପ୍ରଥମରୁ ପଣ କରିଥିଲେ କନକଲତା । ପାଲାଗାୟନ କେବଳ ତାଙ୍କର ସଉକ ନୁହେଁ, ପେଟପାଟଣାର ଏକ ରାହା । ସେ ରାଜ୍ୟରେ ୩୦ଟି ଯାକ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଲା ପରିବେଷଣ କରିବା ସହ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡକୁ ବି ଯାଇଛନ୍ତି ଅନେକଥର । ସେ ମାନସିକ ପାଲାରେ ଯେତିକି ଅଂଶ ଗ୍ରହଣ କରନ୍ତି ନାହିଁ, ତା' ଠାରୁ ଅଧିକ ବାଦୀପାଲାରେ ଭାଗ ନିଅନ୍ତି । ସେ ତାଙ୍କର ଜ୍ଞାନକୁ ସେତିକିରେ ସୀମିତ ନରଖି ବିଭିନ୍ନ ଲେଖକଙ୍କ ଲେଖା, ପୁରାଣଶାସ୍ତ୍ର ପଢ଼ି ନିଜକୁ ଆହୁରି ପ୍ରତିଭାଦୀପ୍ତ କରିପାରିଛନ୍ତି । ସାମାଜିକ କାମରେ ବି ରହିଛି ସଂପୃକ୍ତି । ଗାଁର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିବା ସହ 'ଉଦୀୟମାନ' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ଜଡ଼ିତ ଅଛନ୍ତି । ଓଡ଼ିଶାରେ ମହିଳା ପାଲାଗାୟିକାଙ୍କୁ ନେଇ ତିଆରି କରାଯାଇଥିବା ସଂଘ 'ମା ଉତ୍କଳ ଭାରତୀ ପାଲାଗାୟିକା ଓ କଳାକାର ପରିଷଦ'ର ସେ ଅଛନ୍ତି ସାଂସ୍କୃତିକ ସମ୍ପାଦିକା ।

"ମୋର ଏ ସଫଳତା ପଛରେ ମୋର ଗୁରୁ ତଥା ବାପାମାଆଙ୍କର ଆଶୀର୍ବାଦ ରହିଛି । ନହେଲେ ମୁଁ ଏତେ ବାଟ ଆସି ପାରି ନଥାନ୍ତି ।" କୁହନ୍ତି କୁନି । ପରିବାରର ବୋଝକୁ ନିଜ ମୁଣ୍ଡକୁ ନେଇଥିଲେ ବି କେବେ ଦୁଃଖ ପ୍ରକାଶ କରନ୍ତି ନାହିଁ, ବରଂ ହସି ହସି କୁହନ୍ତି, ଏହା ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ସତରେ ଆଜିର ଦୁନିଆରେ ସମସ୍ତେ ସ୍ୱାର୍ଥୀ ଓ ଆତ୍ମକୈନ୍ଦ୍ରିକ ହୋଇପଡ଼ୁଥିବା ବେଳେ କନକଲତା ଓରଫ୍ କୁନି ନିଜ ପରିବାର ପାଇଁ, କଳାସଂସ୍କୃତି ପାଇଁ ସମର୍ପିତ ହେବା ଏକ ବଡ଼ ଦୃଷ୍ଟାନ୍ତ ।

### ସଂକ୍ଷେପରେ କନକ

**କନକଲତା ସାମଲ**
**ପିତା : ମହେନ୍ଦ୍ର ସାମଲ**
**ମାତା : ଶୈଳବାଳା ସାମଲ**
**ଗୁରୁ : ଗାୟକତିଳକ ଯୁଧିଷ୍ଠିର ଜେନା**
**ଗ୍ରାମ : ମହାଦେଇପୁର**
**ପୋଷ୍ଟ : ଖଡ଼ିଅଙ୍ଗ**
**ଭାୟା : କଣ୍ଟିଗଡ଼ିଆ**
**ଜିଲ୍ଲା : ଯାଜପୁର**







# କନ୍ଧମାଳ ହଳଦୀ

# ଲାଭକାରୀ ହଳଦୀ ଚାଷ


**ଅନ୍ନପୂର୍ଣ୍ଣା ଦାସ**

ଏସ୍.ଏ.ବି. ଡିଗ୍ରୀ କଲେଜ
କୋଟଗଡ଼, କନ୍ଧମାଳ-୭୬୨୧୦୫
ଫୋନ: ୮୬୩୭୨୬୮୨୭୨


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

**ଓଡ଼ିଶା । ବିବିଧତାରେ ଭରା ରାଜ୍ୟ । କୃଷି ହେଉଛି ଏହି ରାଜ୍ୟର ଅର୍ଥନୀତିର ମେରୁଦଣ୍ଡ । ବର୍ଷର ବିଭିନ୍ନ ଋତୁରେ ଭିନ୍ନଭିନ୍ନ ଫସଲ ଚାଷ କରାଯାଏ ଓଡ଼ିଶାରେ। ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ ତାର ସ୍ୱତନ୍ତ୍ରତା ଓ ବୈଶିଷ୍ଟ୍ୟକୁ ନେଇ ନିଜସ୍ୱ ପରିଚୟ ସୃଷ୍ଟି କରିଛି କୃଷି କ୍ଷେତ୍ରରେ । କେତେକ ଜିଲ୍ଲା ନିର୍ଦ୍ଦିଷ୍ଟ ଏକ କୃଷିଜାତ ଫସଲ ପାଇଁ ପ୍ରସିଦ୍ଧ । ଓଡ଼ିଶାରେ ଉତ୍ପନ୍ନ ହେଉଥିବା ଲାଭକାରୀ କୃଷିଜାତ ଫସଲଗୁଡିକ ମଧ୍ୟରେ ଧାନ, ପାନ, କଦଳୀ, କାଜୁ, ଆମ୍ବ ଓ ହଳଦୀ ନିଜର ସ୍ୱତନ୍ତ୍ରତା ବଜାୟ ରଖନ୍ତି । ଏଥି ମଧ୍ୟରୁ ହଳଦୀ ଏକ ଲାଭକାରୀ ଫସଲ । ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚାଷ କରାଯାଉଥିଲେ ହେଁ କନ୍ଧମାଳରେ ଏହାର ଭିନ୍ନତା ଲକ୍ଷ୍ୟ କରିହୁଏ । କେବଳ ଓଡିଶା କିମ୍ବା ଭାରତ ନୁହେଁ ପୁରା ବିଶ୍ୱରେ 'କନ୍ଧମାଳ ହଳଦୀ'ର ଚାହିଦା ରହିଛି । ହଳଦୀ ଚାଷ ପାଇଁ ଓଡ଼ିଶାର କନ୍ଧମାଳ ଜିଲ୍ଲା ପ୍ରସିଦ୍ଧି ଅର୍ଜନ କରିଥିବାରୁ କନ୍ଧମାଳ ହଳଦୀକୁ ୨୦୧୯ ମସିହା ଏପ୍ରିଲ୍ ଏକ ତାରିଖରେ ମିଳିଛି ସମ୍ମାନସୂଚକ ଜି.ଆଇ. ମାନ୍ୟତା । କନ୍ଧମାଳ ହଳଦୀକୁ ନେଇ ଆମର ପ୍ରତିବେଦନ ।**

## କନ୍ଧମାଳର ଭୂମିପୁତ୍ର ଆଦିବାସୀ କନ୍ଧଜାତି

ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଜାତି, ଧର୍ମ ଓ ସଂପ୍ରଦାୟର ଲୋକମାନେ ବସବାସ କରୁଛନ୍ତି । ମାତ୍ର ଅନେକ ବର୍ଷ ତଳେ ଏଠାରେ କେବଳ କନ୍ଧଜାତିର ଆଦିବାସୀମାନେ ବାସ କରୁଥିଲେ । ଏମାନେ ପାହାଡର ଉପରି ଭାବରେ ବାସ କରନ୍ତି ଏବଂ ଏମାନେ ଜାତିରେ ପାଞ୍ଚ ପ୍ରକାରର, ଯଥା- ସୁଣ୍ଡି, ଗନ୍ଧି, କାଳସ, ଦନା ଓ ପାନ୍ନା । ସୁଣ୍ଡି ଜାତି ମଦ ତିଆରି କରନ୍ତି, ଗନ୍ଧି ଜାତି ବାଣିଜ୍ୟ କରନ୍ତି, କାଳସ ଜାତି ଯୁଦ୍ଧ କରନ୍ତି, ଦନା ଜାତି ବସ୍ତ୍ର ବୟନ କରନ୍ତି ଓ ପାନ୍ନା ଜାତି ଚାଷ ସହିତ ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ କରନ୍ତି । ଏମାନେ ହିଁ କନ୍ଧମାଳର ଆଦିମ ଅଧିବାସୀ । ଜନଶ୍ରୁତି ଅନୁସାରେ କନ୍ଧମାନେ ଧର୍ମ ବିଷୟରେ ଅଜ୍ଞାନ ଥିଲେ । ଏମାନେ ପୃଥିବୀକୁ ଦେବୀ (ଧରଣୀପେନୁ), ପାହାଡ଼କୁ ଦେବତା (ଗୋସୁ ପେନୁ), ଲୁହାକୁ (ଲୋହା ପେନୁ), ପିତାଶୁଣିକୁ (ମାଇଲୀ ପେନୁ) ଭାବରେ ପୂଜା କରନ୍ତି । ଏମାନଙ୍କ ବିଶ୍ୱାସ ଧରଣୀ ପେନୁକୁ ବଳି ଦେଲେ ଭଲ ଚାଷ ହୋଇଥାଏ ।

## ହଳଦୀ ଚାଷର ଇତିହାସ

କନ୍ଧମାନେ ପାହାଡ଼ରେ ବାସ କରୁଥିବା ସମୟରେ, ସାଧାରଣତଃ ବିଭିନ୍ନ ବନ୍ୟଜନ୍ତୁଙ୍କ ମାଂସ ଓ ମଦ ସେମାନଙ୍କର ମୁଖ୍ୟ ଖାଦ୍ୟ ଥିଲା । ଏମାନେ ପାହାଡ଼ର ଜଙ୍ଗଲକୁ ପୋଡ଼ି, ପାହାଡ଼ ଖୋଳି କିଛି ପୋଡୁଚାଷ ମଧ୍ୟ କରୁଥିଲେ । କନ୍ଧମାନେ ପ୍ରଥମେ ଜଙ୍ଗଲରୁ ସିଙ୍ଗାଙ୍ଗା ପାଇଥିଲେ । କନ୍ଧମାନେ କୁଇ ଭାଷାରେ ହଳଦୀକୁ ସିଙ୍ଗାଙ୍ଗା ବୋଲି କୁହନ୍ତି । ଏମାନେ ପ୍ରଥମେ ଏହାକୁ ଦେହରେ ଲଗାଉ ଥିଲେ । ଯାହା ଫଳରେ ମଦ ଓ ମାଂସର ଗନ୍ଧ ଦୂର ହେଇ ପାରୁଥିଲା । ପରବର୍ତ୍ତୀ ସମୟରେ ସେମାନେ ଏଇ ସିଙ୍ଗାଙ୍ଗା ବା ହଳଦୀକୁ ମସଲା ଭାବରେ ବ୍ୟବହାର କଲେ । ପରେ ଏହାକୁ ବହୁମାତ୍ରାରେ ଜଙ୍ଗଲରୁ ସଂଗ୍ରହ କରି ଚାଷ କରିବା ଆରମ୍ଭ କରିଥିଲେ ।

## ମୃତ୍ତିକା ଓ ଜମି ପ୍ରସ୍ତୁତି

ହଳଦୀ ଚାଷ ପାଇଁ ମଟାଳ ଦୋରସା, ବାଲିଆ ଦୋରସା, ପାହାଡ଼ିଆ ନାଲିମାଟି ବେଶ୍ ଉପଯୋଗୀ । ନିଗିଡା ଜମିରେ ମଧ୍ୟ ଭଲ ହଳଦୀ ଉତ୍ପାଦନ ହୋଇଥାଏ । ଜ୍ୟେଷ୍ଠ ମାସର ଶେଷ ଓ ଆଦ୍ୟ ଆଷାଢରେ ପହିଲି ବର୍ଷା ମାଟିକୁ ଛୁଇଁଲା ପରେ କନ୍ଧ ଜାତି ତତ୍ପର ହୋଇ ଉଠନ୍ତି । ଜମିକି ୫-୭ ଓଡ(ଥର)ହଳ କରି ମାଟିକୁ ଗୁଣ୍ଡ କରନ୍ତି । ଏହା ପରେ ପୁଣି ବର୍ଷାକୁ ଅପେକ୍ଷା କରନ୍ତି । ବର୍ଷା ହୋଇ ମାଟି ଭିଜିବା ପରେ ପୁଣି ଥରେ ଜମିକୁ ହଳ କରନ୍ତି ଏବଂ ୧ ମିଟର ଓସାର ଓ ୧୫ ସେ.ମି ଉଚ୍ଚତା କିମ୍ବା ନିଜ ସୁବିଧା ଅନୁସାରେ ପଟାଳି ମାନ ପ୍ରସ୍ତୁତ କରନ୍ତି ।

## ପୂଜା ବିଧି

କନ୍ଧଜାତି ଚାଷ ପୂର୍ବରୁ ଏକ ସ୍ୱତନ୍ତ୍ର ପୂଜା ବିଧି କରନ୍ତି । ସେମାନଙ୍କର ବିଶ୍ୱାସ ଯେ, ପୂଜାବିଧି କରି ହଳଦୀ ଚାଷ କଲେ, ସେଥିରେ ଅଧିକ ଲାଭ ହୋଇଥାଏ । ଏହି ଜାତି ତାଙ୍କର ଇଷ୍ଟ ଦେବୀ ଭାବରେ ଧରଣୀ ବା ପୃଥିବୀକୁ ପୂଜା କରନ୍ତି । ଏହା ଛଡ଼ା ଏମାନେ ପ୍ରକୃତିର ଉପାସକ । ତେଣୁ ଚାଷ



▲ ଲେଖିକା ଅନ୍ନପୂର୍ଣ୍ଣା ଦାସ




## ଯାହା କୁହନ୍ତି ହଳଦୀ ଚାଷୀ...

**କୋଟଗଡ଼ ବ୍ଲକର ଆଉ ଏକ ଗାଁ କୃଷ୍ଣନଗର । ଏଥିରେ କଛି ଲୋକ ହଳଦୀ ଚାଷ କରିଥାନ୍ତି । ସକାଳୁ ଯାଇ ସେମାନଙ୍କ ପାଖରେ 'ରେବତୀ' ଟିମ୍ ପହଞ୍ଚିଥିଲା । ଆମକୁ ଦେଖି ସେମାନେ ଖୁସି ହେଲେ । ହଳଦୀ ଚାଷ ବିଷୟରେ ପଚାରିବାରୁ ସେମାନେ ଆମକୁ ସରକାରୀ ଲୋକ ବୋଲି ଭାବି, ପଚାରିଲେ: ଆଜ୍ଞା ଆମକୁ କିଛି ସାହାଯ୍ୟ ମିଳିବ କି ? ସକାଳୁ ସକାଳୁ ସେମାନେ ହଳଦୀ କିଆରିକୁ ବାହାରୁଥିଲେ । ହଳଦୀ ଚାଷ କରୁଥିବା ଦମ୍ପତ୍ତି ଅଝର ମଲ୍ଲିକ ଓ ଆରତୀ ମଲ୍ଲିକ ଯାହା କହନ୍ତି ।**

- **ଆପଣ ହଳଦୀ ଚାଷ କରି ପରିବାର ଚଳାଉଛନ୍ତି ?**
- ମାଇମ୍ ! ଖାଲି ହଳଦୀ ଚାଷରେ କିଛିଟା ପରିବାର ଚଳିବ । ଆମେ ମୂଲ ଯାଉଁ । ହଳଦୀ ଚାଷ ବେଳେ ବେଳେ କରୁ ।
- **କେତେ ସମୟ ଲାଗିଥାଏ ଚାଷ ଆରମ୍ଭରୁ ଶେଷ ହେବାକୁ ?**
- ଏଇଟାକୁ ବହୁତ ପରିଶ୍ରମ ଅଜ୍ଞା । ଆଷାଢ଼ ମାସରୁ ଫଗୁଣ ମାସ ହେଇଯାଏ ଏକା । ଜମିକୁ ହଳ କରିବା, ଘାସ ବଛା, ଶାଳୁଆପତ୍ର ଗୋଟା ଦି'ମାସ ଲାଗିଯାଏ । ଗଛ ଗଜା ହୋଇ ବଢ଼ିଗଲେ କାମ ଟିକେ କମେ । ପୁଣି ଖୋଳା ହେଲାବେଳକୁ ହଳଦୀ ଖୋଳା, ସିଝା, ଘଷା, କେତେ ଯାକ କାମ । ବିକିଲା ବେଳକୁ ବେପାରୀ ବାବୁଯାକ କମ୍ ପଇସାରେ ନେଇ ଯାଇଛନ୍ତି ।
- **ଆପଣମାନେ 'କସମ'ରେ ନେଇ ହଳଦୀ ବିକୁ ନାହାନ୍ତି କି ?**
- ମାଆଗୋ...କସମ ଯେ ଫୁଲବାଣୀରେ... ଏତେ ବାଟ କିଏ ଯିବ ଗୋ...ସେଥିଲାଗି ଏଇଠି ବେପାରୀକୁ ଦେଇ ଦେବାଟା । ଆଉ କଣ କରିବୁ ।
- ଆପଣମାନେ ସରକାରଙ୍କୁ କିଛି କହିବେ କି ? କି ପ୍ରକାର ସାହାଯ୍ୟ ଚାହାନ୍ତି ଆପଣ ?
- ଆମର ଜଙ୍ଗଲ ଜମି ଅଛି । ସମସ୍ତେ କହୁଛନ୍ତି ହେଲେ କେହିକିଛି ସୁବିଧା କରିଦେଇ ନାହାନ୍ତି । ଯଦି ସରକାର ଆମକୁ ଚାଷ ବେଳେ କିଛି ସାହାଯ୍ୟ କରନ୍ତେ, ତେବେ ଆମେ ଆଉ ଟିକେ ଭଲରେ ଚାଷ କରିପାରନ୍ତୁ ।

ପୂର୍ବରୁ ଏମାନେ ଇଷ୍ଟ ଦେବୀ ଧରଣୀ ପେନୁ (ପୃଥିବୀ), ଗୋସୁ ପେନୁ (ପର୍ବତ), ଲୋହାପେନୁ (ଲୁହା), ମାଇଲୀ ପେନୁ(ପିଚାଶୁଣୀ), ଜାକିରପେନୁ (ମେରିଆ ପୂଜାର ଖୁମ୍ବ) ଆଦିକୁ ଆରାଧାନା କରନ୍ତି । ଏମାନଙ୍କ ଉଦ୍ଦେଶ୍ୟରେ ଶାଳୁଆ ପତ୍ରରେ ଇପ୍ରିକାଲୁ (ମହୁଲି), ମାଦାକାଲୁ (ସଲପ ରସ), ମ୍ରେ (ଅଣ୍ଡା), ଡେଡ୍ରାକାଜୁ (ଗାଁ କୁକୁଡା) ସହିତ ହଳଦୀ ଓ ଦୁବ ଚାଉଳ ନୈବେଦ୍ୟ ଭାବରେ ଦେଇ ପୂଜା କରନ୍ତି । ଏବଂ ନିଜ ଅଞ୍ଚଳ ଚାଷ ଭଲ ହେବା ପାଇଁ ମଧ୍ୟ ପ୍ରାର୍ଥନା କରନ୍ତି ।

### ବିହନ ଲଗା

ପାରମ୍ପରିକ ରୀତିରେ ପୂଜାବିଧି ସମାପ୍ତ ପରେ ପ୍ରସ୍ତୁତ ଜମିରେ ବିହନ ଲଗା କାର୍ଯ୍ୟ ଆରମ୍ଭ ହୁଏ । ଏହି ବିହନ ଲଗା କାର୍ଯ୍ୟ ଆଦ୍ୟ ଆଷାଢ ବା ଜୁନ୍ ମାସର ଦ୍ୱିତୀୟ ସପ୍ତାହ ସୁଦ୍ଧା ସମାପ୍ତ ହୁଏ । ପ୍ରସ୍ତୁତ ଜମିରେ ବିହନ ଲାଗିବା ପରେ ତା'ଉପରେ ଜଙ୍ଗଲରୁ ସଂଗ୍ରହ କରିଥିବା ଶାଳୁଆ ପତ୍ରକୁ ଘୋଡେଇ ଦିଆଯାଏ । ଶାଳୁଆ ପତ୍ର ଘୋଡେଇବା ସୂର୍ଯ୍ୟ କିରଣ ଓ ଉତ୍ତାପ ନିୟନ୍ତ୍ରିତ ହୁଏ । ଅନାବନା ଘାସ କ୍ଷୟ ହେବା ସହିତ ମୃତ୍ତିକା କ୍ଷୟ ମଧ୍ୟ ହୋଇ ନଥାଏ । ବର୍ଷା ହେଲେ ଘୋଡ଼ା ଯାଇଥିବା ଶାଳୁଆ ପତ୍ର ପଚି (ସଡ଼ି) ଯାଇ ମାଟିରେ ମାଟିରେ ମିଶେ । ହଳଦୀ ଗଜା ଦେଇ ପତ୍ର ଧରେ । ଗଛ ଟିକିଏ ବଡ ହେଲେ କିଆରୀରୁ ଅନାବନା ଘାସ ସହିତ ଶାଳୁଆ ଡାଳକୁ କାଢ଼ି ଦିଆଯାଏ । ହଳଦୀ ଗଛ ବଢ଼େ ଏବଂ ପୁରୁଣା ପତ୍ର ସବୁ ମାଟିରେ ପଡି ବର୍ଷା ପାଣି ଯୋଗୁଁ ପଚି ଖତସାର ପରି କାମ କରେ । ଏହାଛଡା ଅନ୍ୟ କୌଣସି ରାସାୟନିକ ଖତସାର ବ୍ୟବହାର କରାଯାଏ ନାହିଁ ।

### ଅମଳ

ହଳଦୀ ୨୩୦ ରୁ ୨୫୦ ଦିନ ମଧ୍ୟରେ ଅମଳ ହୁଏ । ପତ୍ର ଓ କାଣ୍ଡ ଶୁଖିଯାଇ ମାଟିରେ ପଡ଼ିଯାଏ । ଦୈବାତ ଯଦି ବର୍ଷା ହୁଏ ତ ଭଲକଥା, ନଚେତ୍ ଗୋଟିଏ ଥର ଜଳ ସେଚନ ପରେ ହଳଦୀ ଖୋଳାଯାଏ । ଖୋଳିବା ପରେ ଚେରଗୁଡିକ କାଟି ମୁଣ୍ଡା ଓ ଆଙ୍ଗୁଠି ଅଲଗା ଅଲଗା କରି ରଖା ଯାଇ ମାଟି ଓ ଧୂଳି ପରିଷ୍କାର କରାଯାଏ । ବିହନ ପାଇଁ ବ୍ୟବହାର ହେବାକୁ ହଳଦୀର ମୁଣ୍ଡା ଏବଂ ପ୍ରଥମ ପୁଆ / ଆଙ୍ଗୁଠିକୁ ସାଇତା ହୋଇ ରଖାଯାଏ ।

### ବିହନ ସାଇତା

ହଳଦୀ ଖୋଳା ଯିବା ପରେ ତା'ର ମୁଣ୍ଡା ଓ କିଛି ପୁଆକୁ ବିହନ ଭାବରେ ସାଇତି ରଖାଯାଏ । ବିହନ ରଖିବା ହଳଦୀକୁ ପାଣିରେ ଧୁଆ ଯାଏ ନାହିଁ, ବିଲରୁ ଯେମିତି ମାଟି ଲାଗି ଆସିଥାଏ, ଠିକ୍ ସେହି ଭଳି ରଖାଯାଏ । ଯେଉଁ ହଳଦୀକୁ ବିହନ ରଖାଯାଏ, ତାହାକୁ ଅଳ୍ପଦିନ ଖରାରେ ଶୁଖାଇ ଘରର କୌଣସି ଖୋଲା ଜାଗାରେ ବାଲି ଉପରେ ବିଛେଇ ରଖାଯାଏ । ଏବେ ବିହନ ସାଇତି ରଖିବା ଏତେ ଦରକାର ପଡୁନାହିଁ କାରଣ ସହଜରେ କସମ / କଇଝଇଗ (Kandhamal Apex Spices Association for Marking)ରୁ ମିଳି ଯାଉଛି । ତଥାପି କିଛି ପୋଖତ ଚାଷୀ ନିଜ ଘରେ ବିହନ ସାଇତି ରଖନ୍ତି ।

### ଶୁଖିଲା ହଳଦୀ ପ୍ରସ୍ତୁତି

ହଳଦୀ ଖୋଳିବା ପରେ କଞ୍ଚା ହଳଦୀ ଗୁଡ଼ିକରୁ ପ୍ରଥମେ ଚେର କଟାଯାଏ । ପାଣିରେ ସେଗୁଡିକୁ ଭଲ ଭାବରେ ଧୋଇ ପରିଷ୍କାର କରାଯାଏ । ତା'ପରେ ବଡ଼ ବଡ଼ ହାଣ୍ଡିରେ



# ଯାହା କୁହନ୍ତି ହଳଦୀ ଚାଷୀ...



କନ୍ଧମାଳର ଆଦିବାସୀମାନେ ସରଳ । ଏମାନେ ଆଜି ମଧ୍ୟ ସେତିକି ସାମାଜିକ ହୋଇ ପାରିନାହାନ୍ତି । ଆଜି ମଧ୍ୟ ଏହି ଜିଲ୍ଲାରେ ଏଭଳି ଗ୍ରାମ ଅଛି ଯେଉଁଠି ଟେଲିଫୋନ୍‌ର ସୁବିଧା ନାହିଁ । ଏମାନେ ଆଜି ମଧ୍ୟ ଆଧୁନିକ ଦୁନିଆଁ ଠାରୁ ଯଥେଷ୍ଟ ଦୂରରେ । ପାହାଡ଼ ଉପରେ ଏମାନଙ୍କର ଜୀବନ କଟିଯାଏ । ପାହାଡ଼ର ମହୁଲ, ବରଡ଼ା ଶାଗ ଏମାନଙ୍କର ଖାଦ୍ୟ । ମାତ୍ର ନିଜର କୁଳ ବେଉସା ଭାବରେ ହଳଦୀ ଚାଷକୁ ଏମାନେ ଛାଡ଼ିପାରି ନାହାନ୍ତି । ବାଲିଗୁଡ଼ା, ଦାରିଙ୍ଗବାଡ଼ି, ବେଲଘର ଭଳି କେତେକ ଜାଗାରେ ହଳଦୀ ଚାଷୀମାନେ ପ୍ରାୟତଃ ଅଭାବୀ ହଳଦୀ ବିକ୍ରିର ଶିକାର ହୋଇନଥାନ୍ତି । ମାତ୍ର ପାହାଡ଼ିଆ ଘାଟି ଅଞ୍ଚଳର ଆଦିବାସୀମାନେ ହଳଦୀ ଚାଷ କରୁଛନ୍ତି । ଏମାନେ ମୁଣ୍ଡରେ ଝାଳକୁ ତୁଣ୍ଡରେ ମାରି ଚାଷ କରନ୍ତି, ହେଲେ ଲାଭ କରନ୍ତି ବେପାରୀମାନେ । ଏମାନଙ୍କୁ ନାନା ଆଳ ଦେଖାଇ ଅତି ଅଳ୍ପ ମୂଲ୍ୟରେ ହଳଦୀ କିଣିନେଇ ଅଧିକ ଦରରେ ବିକ୍ରି କରନ୍ତି । ଏମିତି ବି କେତେକ ଅଂଚଳ ଅଛି ଯେଉଁଠି ହଳଦୀ ଚାଷୀମାନେ ତାଙ୍କ ହଳଦୀ ଜି.ଆଇ. ମାନ୍ୟତା ପାଇଛି ବୋଲି ଜାଣନ୍ତି ନାହିଁ । ଘାଟି ଅଞ୍ଚଳରେ ରହୁଥିବା ଆଦିବାସୀମାନେ ବାହାର ଦୁନିଆ ବିଷୟରେ ଅଜ୍ଞ । ତେଣୁ ଲାଭଖୋର ବେପାରୀମାନଙ୍କୁ ଏହା ଖୋରାକ ଯୋଗାଏ ।

ଏବେ ଏବେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ସୃଷ୍ଟି ହୋଇଛି । ଏମାନେ ଚାଷୀମାନଙ୍କୁ ଅଳ୍ପ ସୁଧରେ ଋଣ ଯୋଗାଇ ଦେବା ଓ ହଳଦୀକୁ ଯଥେଷ୍ଟ ମୂଲ୍ୟ ଦେଇ ଚାଷୀଙ୍କ ଠାରୁ କିଣିନେବା କାର୍ଯ୍ୟ କରୁଛନ୍ତି । ହେଲେ, ଏହା ହାତଗଣତି । କନ୍ଧମାଳ ହଳଦୀକୁ ଜି.ଆଇ. ମାନ୍ୟତା ମିଳିବାର ନଅ ମାସ ହେଲାଣି ଏ ଭିତରେ ହଳଦୀ ଅମଳ ସମୟ ମଧ୍ୟ ହୋଇଗଲାଣି । ଦେଖାଯାଉ ଏ ବର୍ଷ ଚାଷୀମାନେ କେତେ ଲାଭବାନ ହେଉଛନ୍ତି ।

## ହଳଦୀ ଚାଷୀଙ୍କ ସାକ୍ଷାତକାର

ଇତି ମଧ୍ୟରେ କନ୍ଧମାଳ ହଳଦୀକୁ ଜି.ଆଇ. ମାନ୍ୟତା ମିଳି ସାରିଛି । ଏହାକୁ ନେଇ ଚାଷୀମାନେ କେତେ ଖୁସି ଅଛନ୍ତି ଓ ଏହି ମାନ୍ୟତା ପରେ ଚାଷୀମାନେ କେତେ ଉପକୃତ ହୋଇଛନ୍ତିଜାଣିବା ପାଇଁ 'ରେବତୀ' ବ୍ୟକ୍ତିଗତ ଭାବରେ କେତେଜଣ ଚାଷୀଙ୍କୁ ଭେଟି ସେମାନଙ୍କର ମତ ସଂଗ୍ରହ କରିଥିଲା । ଇଏ ହେଲେ କୋଟଗଡ଼ ବ୍ଲକର ଟେଙ୍ଗାମାହା ଗ୍ରାମର ଯୁବ ହଳଦୀଚାଷୀ **ପାଟ ମାଝୀ**ଯାହା କହନ୍ତି ।

**●ଆପଣ କେବେଠୁ ଏହି ଚାଷ କରୁଛନ୍ତି ?**

▲ଆମ ଜେଜେ ଏଇଟା କରୁଥିଲେ, ଏହି ଚାଷ ବାପା ବି କରୁଥିଲେ । ବାପାଙ୍କ ପରେ ମୁଁ କରୁଛି ।

**●ଚାଷ ପାଇଁ ବିହନ କେଉଁଠୁ ଆଣନ୍ତି ?**

▲ ହଳଦୀ ଖୋଳା ହେଲା ପରେ, ସେଥିରୁ ବିହନ ରଖୁଛୁ, କେଉଁଠୁ କିଣିକି ଆଣୁନୁ ।

**●ହଳଦୀ ଚାଷ ପାଇଁ ବ୍ୟାଙ୍କ୍‌ରୁ କିଛି ଋଣ କିମ୍ବା ସରକାରୀ ସହାୟତା ମିଳେ ?**

▲ଋଣ ଆଣିଲେ ହବ ଯେ, ହେଲେ ହଳଦୀ ଚାଷ କରି ଅମଳ ପରେ ଶୁଝିବା କଷ୍ଟ । ଋଣ ଆଣି ଚାଷ କଲେ ଅମଳ ପରେ ସେତିକି ଟଙ୍କା ମିଳେନି ହଳଦୀରୁ ଋଣ ଶୁଝିବା ପାଇଁ । ସରକାରୀ ସହାୟତା କିଛି ନାହିଁ ।

**●କନ୍ଧମାଳ ହଳଦୀ ଜି.ଆଇ. ମାନ୍ୟତା ପାଇଛି, ଆପଣ କେତେ ଖୁସି ?**

▲ହଁ ଖୁସି ଆଉ କ'ଣ ? ଖାଲି ମାନ୍ୟତା ପାଇଲେ କ'ଣ ହବ । ଯଦି ଆମକୁ କିଛି ସାହାଯ୍ୟ ମିଳିବ, ଆମେ ଆଉ ଟିକେ ଲାଭବାନ ହେବୁ । ହଳଦୀ ତ ସେଇ ୪୦-୫୦ ଟଙ୍କାରେ ବିକ୍ରି ହେଉଛି, ହେଲେ ପରିଶ୍ରମ ବହୁତ । ଖରାରେ ହଳଦୀ ସିଝେଇ ତାକୁ ଖଦଡ଼ା ପଥରରେ ବସି ଘଷିଲା ବେଳେ ବହୁତ କଷ୍ଟ । ସେଇ କଷ୍ଟର ଫଳ/ଲାଭ ବିକ୍ରିବେଳେ ମିଳେ ନାହିଁ । ଯଦି ସରକାର କିଛି ଗୋଟେ ହାଟର ବ୍ୟବସ୍ଥା କରନ୍ତେ ଆଉ ବିକ୍ରୟର ସୁବଧା କରନ୍ତେ, ତେବେ ଆହୁରି ଖୁସି ଲାଗନ୍ତା ।

ଏହାକୁ ଏକ ଘଣ୍ଟା ପାଇଁ ସିଝାଯାଏ, ସିଝି ସାରିବା ପରେ ଏହି ସିଝା ହଳଦୀକୁ ଖରାରେ ଶୁଖାଯାଏ । ଅଧା ଶୁଖିଥିବା ଅବସ୍ଥା ଏହାକୁ ଖଦଡା ଚଟାଣ ଉପରେ ଅଖା କିମ୍ବା ହାତରେ ରଗଡା ଯାଏ । ଏହା ଦ୍ୱାରା ହଳଦୀ ସିଧା ଓ ପଲିସ ହୋଇଥାଏ । ଏଥିରେ ଯଥେଷ୍ଟ ସମୟ ସାପେକ୍ଷ ଓ ପରିଶ୍ରମ କରିବାକୁ ପଡିଥାଏ ।

## ହଳଦୀର ପ୍ରଜାତି

କନ୍ଧମାନଙ୍କ କୁଇ ଭାଷାରେ ହଳଦୀକୁ 'ସିଙ୍ଗାଙ୍ଗା' ବୋଲି କୁହାଯାଏ, କନ୍ଧ ମାନେ ଯେଉଁ ସିଙ୍ଗାଙ୍ଗା ପାହାଡରୁ ଆଣି ଚାଷ କରନ୍ତି, ସେଗୁଡ଼ିକ ପ୍ରାୟତଃ ତିନି ପ୍ରକାରର ।

(କ) ନୁଡି ସିଙ୍ଗାଙ୍ଗା (କୁଜି ହଳଦୀ / ଗଣ୍ଠି ହଳଦୀ)
(ଖ) ଓଲି ସିଙ୍ଗାଙ୍ଗା (ରଙ୍ଗ ହଳଦୀ)
(ଗ) ଜତେରୀ ସିଙ୍ଗାଙ୍ଗା (ମୋଟା / ବଡ ହଳଦୀ)

ଏଇ ହଳଦୀ ମାନଙ୍କର ବିହନ ବା ମୁଣ୍ଡାକୁ ତାଲି ସିଙ୍ଗାଙ୍ଗା ବୋଲି କୁହା ଯାଇଥାଏ । ଏହାଛଡା କନ୍ଧମାଳରେ ଅନ୍ୟ ଏକ ପ୍ରଜାତିର ହଳଦୀ ଦେଖାଯାଏ, ଯାହାର ନାମ ହେଉଛି କଳା ହଳଦୀ ।

## କଳା ହଳଦୀ

ଏହାକୁ କନ୍ଧମାଳରେ ସୁନା ସହିତ ତୁଳନା କରାଯାଏ । ଏହାର କିଲୋ ପ୍ରତି ଦର ପ୍ରାୟ ୫୦୦ ଟଙ୍କା ଥାଏ । ଏହା ପ୍ରାୟ କେହି ଚାଷ କରନ୍ତି ନାହିଁ । ଡାବର, ଝଣ୍ଡୁ ଭଳି କୌଣସି ଔଷଧିୟ କମ୍ପାନୀ କିମ୍ବା ପ୍ରସାଧନ କମ୍ପାନୀମାନଙ୍କର ବରାଦରେ ଏହି ହଳଦୀ ଚାଷ କରା ଯାଇଥାଏ ।

ବର୍ତ୍ତମାନ କୃଷି ବିଜ୍ଞାନର ଉନ୍ନତି ଯୋଗୁ ଗବେଷଣା କେନ୍ଦ୍ରରୁ ରୋମା, ସୁରମା, ରଙ୍ଗ ଓ ରଶ୍ମି ଆଦି ବିଭିନ୍ନ ଜାତିର ହଳଦୀ କିସମ କନ୍ଧମାଳରେ ଚାଷ କରା ଯାଉଛି ।

## ଉତ୍ପାଦନ

କନ୍ଧମାଳ ଜିଲ୍ଲାରେ ୧୮ ହଜାରରୁ ଅଧିକ ଚାଷୀ ୧୩ ହଜାର ହେକ୍ଟର ଜମିରେ ବର୍ଷକୁ ହାରାହାରି ୧ଲକ୍ଷ ୨୩ ହଜାର ଟନ୍ କଞ୍ଚାହଳଦୀ ଓ ୨୫ ହଜାର ଟନ୍ ଶୁଖିଲା ହଳଦୀ ଉତ୍ପାଦନ କରିଥାନ୍ତି । ଏହାକୁ ସେମାନେ ନିଜର ବ୍ୟବହାର ପାଇଁ ଚାଷ କରିଥାନ୍ତି । ଧାନ ଚାଷରେ ଯେପରି ବର୍ଷକ ପାଇଁ ଘରେ ଧାନ ସାଇତା ହୋଇ ରଖାଯାଏ, କନ୍ଧମାଳ ବାସୀ ବର୍ଷକ ପାଇଁ ହଳଦୀ ସାଇତି ରଖନ୍ତି । ତେଣୁ କନ୍ଧମାଳ ଜିଲ୍ଲାକୁ କେହି ପରିଭ୍ରମଣରେ ଆସିଲେ, ସେମାନେ



ସାଥିରେ ହଳଦୀ ନେଇ ଯିବାକୁ ଭୁଲନ୍ତି ନାହିଁ । କନ୍ଧମାଳର ଜାତୀୟ ଫସଲ ହଳଦୀ ।

### ଚାହିଦା

କେବଳ ଓଡ଼ିଶା କିମ୍ବା ଭାରତ ନୁହେଁ, ଭାରତ ବାହାରେ ମଧ୍ୟ କନ୍ଧମାଳ ହଳଦୀର ଚାହିଦା ରହିଛି । କାରଣ ଏହା ମସଲା, ଔଷଧ ଓ ପ୍ରସାଧନ ସାମଗ୍ରୀରେ ବ୍ୟବହୃତ ହୋଇଥାଏ । ଭାରତ ବାହାରେ ବିଶେଷ କରି ୟୁରୋପୀୟ ଦେଶମାନଙ୍କରେ କନ୍ଧମାଳ ହଳଦୀର ଚାହିଦା ଖୁବ୍ ବେଶି ।

### କନ୍ଧମାଳ ହଳଦୀର ବଜାର

କନ୍ଧମାଳ ହଳଦୀ ଏକ ପ୍ରାକୃତିକ ସାମଗ୍ରୀ । ଏହାର ଉତ୍ପାଦନ ସଂପୂର୍ଣ୍ଣ ଭାବରେ ପ୍ରାକୃତିକ । ଏହା ଔଷଧୀୟ ଗୁଣ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ ହେଁ ଏହାର କୌଣସି ନିର୍ଦ୍ଦିଷ୍ଟ ବଜାର ନାହିଁ । ଆଦିବାସୀ ଲୋକମାନେ ନିଜର କଠିନ ପରିଶ୍ରମରେ ଏହାକୁ ଉତ୍ପାଦନ କରିଥାନ୍ତି । ଅମଳ ପରେ ପାଣିରେ ସିଝାଇ, ଖରାରେ ଶୁଖାଇ, ଖଦଡା ପଥର ଉପରେ ହାତରେ ରଗଡି ସିଧା କରନ୍ତି । ଏହା ଅତିବ କଷ୍ଟକର କାମ, ଯାହା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ହଳଦୀ ଅମଳ ପରେ କେତେକ ଚାଷୀ ଟୋକେଇରେ ପୂରେଇ ପାଖ-ଆଖ ହାଟରେ ବିକ୍ରି କରିବାକୁ ନିଅନ୍ତି ତ ଆଉ କେତେବେଳେ ଗାଁ ଗାଁ ବୁଲି ବିକ୍ରି କରନ୍ତି । ସବୁଠୁ ବଡ ଦୁଃଖର କଥା, ଅମଳ ପରେ ହଳଦୀ ଚାଷୀମାନଙ୍କ ଘରେ ବେପାରୀମାନଙ୍କ ଭିଡ ଲାଗେ । ଏହି ବେପାରୀମାନେ ଚାଷୀମାନଙ୍କ ଠାରୁ ସର୍ବନିମ୍ନ କିଲୋ ପ୍ରତି ୫୦ ଟଙ୍କା ଦରରେ ଓ ସର୍ବାଧିକ କିଲୋପ୍ରତି ୬୦ ଟଙ୍କା ଦରରେ ହଳଦୀ କିଣି ବାହାରେ ନେଇ କିଲୋପ୍ରତି ୨୦୦ ରୁ ୨୫୦ ଟଙ୍କାରେ ବିକ୍ରି କରନ୍ତି । ଏହାଛଡା କିଛି ବେପାରୀ ଚାଷୀମାନଙ୍କ ଠାରୁ ହଳଦୀ ଅଳ୍ପ ଟଙ୍କାରେ କିଣି ନେଇ ସାଇତି ରଖି ବର୍ଷର ବିଭିନ୍ନ ସମୟରେ ବିକ୍ରି କରିଥାନ୍ତି ।

### କସମ ଓ ଜି.ଆଇ. ମାନ୍ୟତା

KASAM (Kandhamal Apex Spices Association for Marking) ଏକ ସଂସ୍ଥା, ଯାହା କନ୍ଧମାଳ ଜିଲ୍ଲାରେ ୨୦୦୦ ମସିହାରୁ କାର୍ଯ୍ୟ କରି ଆସୁଛି । ଆଜିର ଦିନରେ ଏହି ସଂସ୍ଥା ଜାତୀୟ ସ୍ତରରେ ବେଶ୍ ଖ୍ୟାତି ଅର୍ଜନ କରିଛି । କନ୍ଧମାଳ ହଳଦୀକୁ ଜାତୀୟ-ଆନ୍ତର୍ଜାତିୟ ସ୍ତରେ ପହଞ୍ଚାୟ ତା'ର ଏକ ପରିଚୟ ସୃଷ୍ଟି କରିବାରେ 'କସମ'ର ଭୂମିକା ବେଶ୍ ସ୍ୱାଗତଯୋଗ୍ୟ । ଏହି ସଂସ୍ଥା କନ୍ଧମାଳର ନିରୀହ ଆଦିବାସୀମାନଙ୍କୁ ଲାଭଖୋର୍ ବ୍ୟବସାୟୀମାନଙ୍କ ଠାରୁ ବଞ୍ଚାଇବା ପାଇଁ ହଳଦୀର ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଧାର୍ଯ୍ୟ କରିଛି । ଏହାର ନିର୍ଦ୍ଦିଷ୍ଟ ମୂଲ୍ୟ ହେଉଛି ୬୦ ଟଙ୍କା । ଏହାଛଡ଼ା ରାଜ୍ୟ ଓ ରାଜ୍ୟ ବାହାରେ ଯେତେ ବଡ଼ବଡ଼ ପ୍ରଦର୍ଶନୀରେ 'କସମ' କନ୍ଧମାଳ ହଳଦୀର ପ୍ରତିନିଧିତ୍ୱ କରିଛି । ଏହା ସହିତ କୃଷକମାନଙ୍କୁ ବିହନ ଯୋଗାଇ ଦେବା ସହିତ ସେମାନଙ୍କର ହଳଦୀକୁ ଉଚିତ ମୂଲ୍ୟରେ କିଣି ଦେଶ ବିଦେଶକୁ ରପ୍ତାନୀ କରୁଛି ।



୨୦୧୭ ମସିହାରେ କଇଁଜଇଗ କନ୍ଧମାଳ ହଳଦୀକୁ ଏ.ଓ. ମାନ୍ୟତା ଦେବା ସକାଶେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ । ଏହା ପରେ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ (CTTC)ର ଏକ ଦଳ କନ୍ଧମାଳ ଆସି ଏହାର ଭୌଗୋଳିକ ସ୍ଥିତି ସହିତ ହଳଦୀର ଔଷଧୀୟ ଗୁଣକୁ ଯାଞ୍ଚ କରାଇଥିଲେ ୨୦୧୮ ମସିହାରେ ସରକାରଙ୍କ ଠାରୁ ଅନୁମତି ନେଇ କସମ୍ ଚେନ୍ନାଇ ସ୍ଥିତ Geographical Indication ଅଫିସ୍‌ରେ କନ୍ଧମାଳର ହଳଦୀର ଜିଆଇ ମାନ୍ୟତା ପାଇଁ ଆବେଦନ କରିଥିଲେ । ଏହି ଆବେଦନ ୧୯୯୯ ଧାରା ୧୩ ଅନୁସାରେ ହୋଇଥିଲା । ୨୦୧୯ ମସିହା ଏପ୍ରିଲ୍ ୧ ତାରିଖ (ଉତ୍କଳ ଦିବସରେ) କନ୍ଧମାଳ ହଳଦୀ ଭୌଗୋଳିକ ମାନ୍ୟତା ପ୍ରାପ୍ତ ହୋଇ ଓଡ଼ିଶାକୁ ଗର୍ବିତ କରିଥିଲା । ଏହି ମାନ୍ୟତା ୨୦୨୮ ପର୍ଯ୍ୟନ୍ତ ରହିବ ।

କନ୍ଧମାଳ ହଳଦୀ ଏହି ଅଞ୍ଚଳର ଆଦିବାସୀମାନଙ୍କର ପରିଚୟ । ଯେପରି କୌଳିକ ବୃତ୍ତିକୁ ବାପାଙ୍କ ଅନ୍ତେ ପୁଅ ଆପଣେଇ ନିଏ, ଠିକ୍ ସେହିଭଳି କନ୍ଧମାଳର ଆଦିବାସୀ ମାନେ ବଂଶାନୁକ୍ରମେ ହଳଦୀ ଚାଷ କରି ଆସୁଛନ୍ତି । ଯଦି ସରକାର ଆହୁରି ପ୍ରୋତ୍ସାହନ ଦେବେ ତେବେ ଏହି ଚାଷ କେବଳ କନ୍ଧମାଳକୁ ନୁହେଁ, ବରଂ ସମଗ୍ର ରାଜ୍ୟକୁ ଅର୍ଥନୈତିକ ସମ୍ବଳ ଯୋଗାଇ ପାରିବ । ଏହାକୁ ଏକ ବ୍ରତ ଭାବରେ ଏଠାକାର ଆଦିବାସୀମାନେ ଗ୍ରହଣ କରନ୍ତି । ଯେତେ ଶିକ୍ଷିତ ହେଲେ ମଧ୍ୟ ହଳଦୀ ଚାଷ ସମୟରେ ସମସ୍ତେ ବିଲରେ କାମ କରନ୍ତି । ହଳଦୀ ଚାଷ ଏମାନଙ୍କୁ ଖୁସି ଦିଏ । ଏହି ଖୁସିକୁ ବଢାଇବା ପାଇଁ ଆମ ସମସ୍ତଙ୍କର ଦାୟିତ୍ୱ ନିଶ୍ଚୟ ରହିଛି ।




**ରଂଜନ ପ୍ରଧାନ**

ବରିଷ୍ଠ ସାମ୍ବାଦିକ, 'ସମ୍ବାଦ', ଭୁବନେଶ୍ୱର

ଫୋନ : ୯୪୩୭୨୧୩୮୫୪


ଫଟୋ ସୌଜନ୍ୟ : ଲେଖକ

# ଓଡ଼ିଶାର ପବିତ୍ର ନଈ ବୈତରଣୀ

# ପୂଣ୍ୟତୋୟା

ସେତେବେଳକୁ ଆମ ମୋଟର ଲଞ୍ଚ୍‌ଟି ଚାନ୍ଦବାଲି ଫେରିଘାଟରୁ ବାହାରି ନଳିତାପାଟିଆ ଅଭିମୁଖେ ଯାତ୍ରା କରୁଥିଲା । ବୈତରଣୀର ଛାତି ଚିରି ଯନ୍ତ୍ର ଦାନବଟି ମାଡ଼ି ଚାଲୁଥିଲା ସମୁଦ୍ରର ଆଁ ଭିତରକୁ ।

ବୈତରଣୀର ସ୍ୱଚ୍ଛ କାଚକେନ୍ଦୁ ପରି ଚକ୍‌ଚକ୍ ପାଣି, ପାଣିର ଆଇନାରେ ଚହଲୁଥିବା ସୂର୍ଯ୍ୟ, ଭସା ବଉଦ, ଆକାଶ, ନଈ ପାର୍ଶ୍ୱର ଗଛ, ଉଡ଼ାଜାହାଜ, ମାଛଧରା ଡଙ୍ଗା, ଚଢେଇମାନଙ୍କ ଚିତ୍ର, ମୋଟର ଲଞ୍ଚ୍ ପଛରୁ ନିର୍ଗତ ବୁଦ୍‌ବୁଦ୍ ପାଣିଫୋଟକା, ପାଣିର କୁଳୁକୁଳୁ କୋମଳ ଶବ୍ଦ, ଶିର୍‌ଶିର୍ କାଲୁଆ ପବନ ଓ ମୋଟର ଲଞ୍ଚ୍‌ର ଭଟ୍‌ଭଟ୍ ଗର୍ଜନର ରିମିକ୍ସ ଦେହ ଓ ମନରେ ଅପୂର୍ବ ଶିହରଣ ସୃଷ୍ଟି କରୁଥିଲା । ମନରେ ଆନନ୍ଦ ଓ ଆତଙ୍କର ଏକ ନୂଆ ଇସ୍ତାହାର ରଚୁଥାଏ ଏହି 'ପାଣି ଯାତ୍ରା' । ମୁଁ ଏହାର ନାଁ ରଖିଥିଲି 'ବୈତରଣୀ ଯାତ୍ରା' ।

କେନ୍ଦ୍ରାପଡ଼ାରୁ ମୋଟର କାର୍ ଯୋଗେ ବାହାରି ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଦେଇ ଆମେ ସିଧା ପହଞ୍ଚିଗଲୁ ଚାନ୍ଦବାଲି ବଜାରରେ । ଚାନ୍ଦବାଲିରେ ପହଞ୍ଚିଲା ବେଳକୁ ସକାଳ ୮ଟା । ସେତେବେଳକୁ ଚାନ୍ଦବାଲିର ଛୋଟିଆ



ବଜାରଟି ଚଳଚଞ୍ଚଳ ହେବାକୁ ଆରମ୍ଭ କରୁଥାଏ । ଜଳଖିଆ ଦୋକାନଗୁଡ଼ିକ ଆଗରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥାଏ । ଚା' ଗ୍ଲାସ୍, କପ୍, ପ୍ଲେଟ୍‌ର ଠନ୍‌ଠନ୍ ଶବ୍ଦ, କାଉ, କୁକୁରଙ୍କ ଗହଳି, ଲୋକଙ୍କ ଗପସପ ଓ ଚା' ଗ୍ଲାସ୍‌ରେ ଦିଲ୍ଲୀରୁ ପଲ୍ଲୀ ଯାଏଁ ଆଲୋଚନା- ଏକ ମଧ୍ୟମ ବର୍ଗ ସହରୀ ସକାଳର ଚିତ୍ର ଆଙ୍କୁଥିଲା ମନରେ ।

ଗରମ ଗରମ ଚା'ର ବାମ୍ଫରେ ମନ ଓ ଶରୀରକୁ ସାମାନ୍ୟ ଫୁର୍ତ୍ତି କରି ଆମେ ଚାଲିଲୁ ଚାନ୍ଦବାଲି ଜେଟି ଆଡ଼େ । ଚାନ୍ଦବାଲି ଓ କନିକା ମଧ୍ୟରେ ବୈତରଣୀ ପୋଲ ହୋଇ ଯାଇଥିବାରୁ ଆମକୁ ସ୍ଥଳପଥରେ ଚାନ୍ଦବାଲି ପର୍ଯ୍ୟନ୍ତ ପହଞ୍ଚିବାରେ କୌଣସି ଅସୁବିଧା ହେଲାନି । ଚାନ୍ଦବାଲିର ବୈତରଣୀ ଘାଟରୁ ଏକ ମୋଟର ଲଞ୍ଚ୍ ଯୋଗାଡ଼ କରି ବାହାରିଲୁ ବୈତରଣୀର ଅନ୍ତିମ ଯାତ୍ରା ସ୍ଥଳ ଦର୍ଶନ ଉଦ୍ଦେଶ୍ୟରେ ।

ଚାନ୍ଦବାଲିରୁ ନଈର ଛାତି ଚିରି ଆମ ମୋଟର ଲଞ୍ଚ୍ ମାଡ଼ି ଚାଲିଥିଲା ଆଗକୁ ଆଗକୁ । ଯେମିତି ଲାଗୁଥିଲା, ଆମେ ସମୁଦ୍ରର ଆଁ ଭିତରକୁ ପଶି ଯାଉଛୁ ।

ଚାନ୍ଦବାଲିରୁ କିଛିବାଟ ଆଗକୁ ଗଲା ପରେ ଏକ ବିଶାଳ ଜଳମୟ ଅଞ୍ଚଳ ଆମର ଦୃଷ୍ଟି ଆକର୍ଷଣ କଲା । ମନେହେଲା, ଏହା ବୋଧେ ସମୁଦ୍ର । ମାତ୍ର, ତାହା ସମୁଦ୍ର ନଥିଲା । ପ୍ରକୃତରେ ତାହା ଥିଲା, ଆମ ସ୍ୱପ୍ନର 'ନଳିତାପାଟିଆ' ।

ନଳିତାପାଟିଆ କଥା ଶୁଣିଲେ, ଦେହ ଓ ମନ ରୋମାଞ୍ଚିତ ହୋଇଉଠେ । ନଳିତାପାଟିଆ ହେଉଛି ସେହି ସ୍ଥାନ, ଯେଉଁଠି ବୈତରଣୀ ଓ ବ୍ରାହ୍ମଣୀ ଉଭୟ ମିଳିତ ହୋଇଛନ୍ତି । ଏଠାରେ ଦୁଇ ନଦୀର ମିଳନ ସ୍ଥଳରେ ଏକ ବିଶାଳ ଓ ଗଭୀର ଗଣ୍ଡ ସୃଷ୍ଟି ହୋଇଛି । ଏହାକୁ ନଳିତାପାଟିଆ ଗଣ୍ଡ କୁହାଯାଏ ।

ନଳିତାପାଟିଆର ଆହୁରି ଆଗକୁ ଧାମରା ଓ ତାଳଚୁଆ ମୁହାଁଣ । ପୁଣି ଆହୁରି ଆଗକୁ ହ୍ୱିଲର୍ ଆଇଲାଣ୍ଡ, କନିକା ସ୍ୟାଣ୍ଡ ଓ ବିଶାଳ ସମୁଦ୍ର ।

ସେଦିନ ଏକ ଶୀତଳ ସକାଳରେ ଚାନ୍ଦବାଲିରୁ ବୈତରଣୀ ନଦୀ ଦେଇ ନଳିତାପାଟିଆ ଠାରେ ପହଞ୍ଚିଲା ବେଳକୁ ସୂର୍ଯ୍ୟ ମୁଣ୍ଡ ଉପରେ । ଚାରିଆଡ଼େ ରାଶି ରାଶି ଜଳର ମେଳା ଓ ନୀରବତାର ମୀନାବଜାର । ଏ ଜଳର ମହୋତ୍ସବରେ ସୂର୍ଯ୍ୟଙ୍କର କିରଣ ପ୍ରାୟ ନିଷ୍ପ୍ରଭ ହୋଇଯାଉଥାଏ । ଏପଟୁ (ଚାନ୍ଦବାଲି-ରାଜକନିକା ପଟୁ) ବହୁଥିବା ବୈତରଣୀ ସହିତ ସେପଟୁ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ-ରାଜନଗର ଦେଇ ବହି ଆସୁଥିବା ବ୍ରାହ୍ମଣୀ, ନଳିତାପାଟିଆ ଠାରେ ମିଳିତ ହୋଇଥିବାର ଦୃଶ୍ୟ ହୃଦୟକୁ ଚହଲାଇ ଦେଉଥାଏ ।

ଦୁଇଟି ନଦୀର ମହାମିଳନ ଦୃଶ୍ୟ ବାସ୍ତବରେ କେତେ ରୋମାଞ୍ଚକର, ତାହା ନଳିତାପାଟିଆର ସେହି ଗଭୀର ଗଣ୍ଡରେ ମୁଁ ସେଦିନ ପ୍ରଥମ ଥର ଅନୁଭବ କଲି । ଏହି ଅନୁଭବ ମୋର ସମ୍ପୂର୍ଣ୍ଣ ନିଜସ୍ୱ ଓ ଏକାନ୍ତ ।

ମୋ' ସାଥୀରେ ମୋ' ଜ୍ୟେଷ୍ଠ ଶାଳକ ଶାରଦା ପ୍ରସନ୍ନ ବାରିକ, ଲଞ୍ଚ୍

# ବୈତରଣୀ



ଚାଳକ ଏବଂ ଅନ୍ୟ ଦୁଇ ଜଣ ସ୍ଥାନୀୟ ଅଧିବାସୀ ଥିଲେ । ନଳିତାପାଟିଆ ଠାରେ ବିଶାଳ ଆକାର ଧାରଣ କରିଥିବା ବୈତରଣୀ-ବ୍ରାହ୍ମଣୀର ମିଳିତ ସ୍ରୋତରେ ଆଗକୁ ଆଉ କିଛିବାଟ ଆଗେଇଲୁ । ଏଠାରେ କହିରଖେ, ନଳିତାପାଟିଆ ଠାରେ ବୈତରଣୀ ସହ ବ୍ରାହ୍ମଣୀ ମିଶିଯିବା ପରେ ଆଗକୁ ଏହି ମିଳିତ ଜଳସ୍ରୋତଟି ବୈତରଣୀ ନଦୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇଛି ।

ନଳିତାପାଟିଆରୁ କିଛିବାଟ ଆଗକୁ ଗଲା ପରେ ବୈତରଣୀ ନଦୀ (ଗର୍ଭସ୍ଥ ବ୍ରାହ୍ମଣୀ ସହିତ) ଦୁଇ ଭାଗରେ ବିଭକ୍ତ ହୋଇଥିବାର ଦେଖିଲୁ । ବୈତରଣୀ ଗର୍ଭରେ ଏକ ବିଶାଳ ହେନ୍ତାଳ ଜଙ୍ଗଲପୂର୍ଣ୍ଣ ସ୍ଥଳଭାଗ (ଦ୍ୱୀପାଞ୍ଚଳ) ଥିବାର ଦୃଶ୍ୟମାନ ହେଲା । ଏହା ହେଉଛି ପ୍ରସିଦ୍ଧ 'କାଳିଭଞ୍ଜଡିହା ଦ୍ୱୀପ' ।

କାଳିଭଞ୍ଜଡିହା ଆମ ବୈତରଣୀ ଯାତ୍ରାର ଆଉ ଏକ ରୋମାଞ୍ଚକର ଅନୁଭୂତି । କାଳିଭଞ୍ଜଡିହା ହେନ୍ତାଳ ଜଙ୍ଗଲ ବୈତରଣୀ ନଦୀକୁ ଦୁଇ ଭାଗରେ ବିଭକ୍ତ କରିଛି । ବୈତରଣୀର ଗୋଟିଏ ସ୍ରୋତ ଭଦ୍ରକ ଜିଲ୍ଲାର ଧାମରା ପାର୍ଶ୍ୱ ଦେଇ ପ୍ରବାହିତ ହେଉଥିବା ବେଳେ ଅନ୍ୟ ଏକ ସ୍ରୋତ କେନ୍ଦ୍ରାପଡ଼ା ଜିଲ୍ଲାର ତାଳଚୁଆ ପାର୍ଶ୍ୱ ଦେଇ ପ୍ରବାହିତ ହୋଇଛି । କାଳିଭଞ୍ଜଡିହା ଦ୍ୱୀପର ଆଗକୁ ପୁନଶ୍ଚ ଏହି ଦୁଇଟି ଶାଖା ମିଳିତ ହୋଇଛନ୍ତି । ଏହାପରେ ବୈତରଣୀ କଳିଙ୍ଗ ସାଗର (ବଙ୍ଗୋପସାଗର)ରେ ପଡ଼ିଛି ।

ଧାମରା ଓ ତାଳଚୁଆ ମଧ୍ୟରେ ବୈତରଣୀ ନଦୀ ଗର୍ଭରେ ଏହି ବିଶାଳ ହେନ୍ତାଳ ଜଙ୍ଗଲପୂର୍ଣ୍ଣ କାଳିଭଞ୍ଜଡିହା ଦ୍ୱୀପାଞ୍ଚଳଟି ରହି ଯାଇଛି । ଧାମରା ଭଳି ତାଳଚୁଆ ମଧ୍ୟ ବୈତରଣୀର ଅନ୍ୟ ଏକ ମୁହାଁଣ । ଏଠାରେ ଧାମରା ଭଳି ଏକ ମତ୍ସ୍ୟ ପୋତାଶ୍ରୟ ଓ ସାମୁଦ୍ରିକ ବନ୍ଦର ରହିଛି । ଏକ ପ୍ରାଚୀନ ପ୍ରାକୃତିକ ସମୁଦ୍ର ବନ୍ଦର ଭାବେ ତାଳଚୁଆ ବେଶ ପ୍ରସିଦ୍ଧିଲାଭ କରିପାରିଥିଲା । ମାତ୍ର, ବର୍ତ୍ତମାନ ଧାମରା ବନ୍ଦରର ଦ୍ରୁତ ବିକାଶ ଘଟିବା ଫଳରେ ତାଳଚୁଆ ବନ୍ଦର ନିଜର ଅସ୍ତିତ୍ୱ ହରାଇ ବସିଛି । ତଥାପି, ଏବେ ତାଳଚୁଆ ବନ୍ଦରରେ ଜାହାଜ ଲାଗୁଛି ଓ ମତ୍ସ୍ୟ ପୋତାଶ୍ରୟରେ ହଜାର ହଜାର ସଂଖ୍ୟାରେ ଟ୍ରଲର୍ ଆଶ୍ରୟ ନେଉଛନ୍ତି ।

ଆମ ଯାତ୍ରା କାର୍ଯ୍ୟକ୍ରମର ପୂର୍ବ ସୂଚୀ ଅନୁସାରେ, ଖୋଳା ଫରେଷ୍ଟ ଗେଟ୍ (ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶ ପଥ)ରେ ପହଞ୍ଚି ସେଠାକାର ଫରେଷ୍ଟର ରଞ୍ଜିତ ମହାନ୍ତିଙ୍କୁ ଭେଟି ତାଙ୍କ ଠାରୁ କିଛି ପରାମର୍ଶ ନେଇ ତାଳଚୁଆରେ ପହଞ୍ଚିଲା ବେଳକୁ ଦିନ ପ୍ରାୟ ଏଗାରଟା । ଖୋଳା ଫରେଷ୍ଟର ଶ୍ରୀଯୁକ୍ତ ମହାନ୍ତି ଆମକୁ ତାଳଚୁଆର ଗଣେଶ ଗୁଡ଼ିଆ (ସ୍ଥାନୀୟ ସମିତି ସଭ୍ୟ)ଙ୍କ ଠିକଣା ଦେଇଥିଲେ । ସେହିପ୍ରକାରେ, ଆମେ ତାଳଚୁଆରେ ପହଞ୍ଚିଲା ପରେ ଗଣେଶ ବାବୁ ଆମ ପାଇଁ ଏକ ମୋଟର ଲଞ୍ଚର ବ୍ୟବସ୍ଥା କରିବା ସହିତ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ । ଗଣେଶ ବାବୁ ତାଳଚୁଆର ଜଣେ ଜାଣିଲା ଶୁଣିଲା ଯୁବକ ସନାତନ ପରିଡ଼ାଙ୍କୁ ଆମ ସାଥୀରେ ପଠାଇଥିଲେ ।

ତାଳଚୁଆ ଜେଟିରୁ ଆମର ଜଳଯାତ୍ରା ଆରମ୍ଭ ହେଲା । ସେଦିନ ତାଳଚୁଆ ଜେଟିରୁ ଯାତ୍ରା ଆରମ୍ଭ କରି ପୂର୍ବ ଦିଗକୁ ସମୁଦ୍ର ଅଭିମୁଖେ ବାହାରିଲୁ । ସମୁଦ୍ର ମଧ୍ୟକୁ କିଛିବାଟ ପ୍ରବେଶ କରି ହ୍ୱିଲର୍ ଆଇଲାଣ୍ଡର କଡ଼େକଡ଼େ ଯାଇ ଉତ୍ତର ପାର୍ଶ୍ୱରେ ଭଦ୍ରକ ଜିଲ୍ଲାର କାଳନାଳୀ ଫେରିଘାଟରେ ଓହ୍ଲାଇଲୁ । ସେଠାରେ କିଛି ସମୟ କଟାଇବା ପରେ ପଶ୍ଚିମ ଦିଗକୁ ଗତିକରି ପୁଣି ଧାମରା ବନ୍ଦର ଓ ମତ୍ସ୍ୟ ପୋତାଶ୍ରୟ ଆଡ଼େ ବାହାରିଲୁ । ଯଦିଓ ପୂର୍ବ ଦିନ ସେଠାକୁ ଯାଇଥିଲୁ, ଆଜି ଏକ ସମ୍ପୂର୍ଣ୍ଣ ଯାତ୍ରା କରିବାର ଯୋଜନାରେ ଥିଲୁ । ଆଜି ଆଉ ଧାମରା ବନ୍ଦର କିମ୍ବା ଧାମରାଇ ମନ୍ଦିର ନିକଟରେ ଓହ୍ଲାଇଲୁ ନାହିଁ । ସିଧା ନଈରେ ନଈରେ ଯାଇ ନଳିତାପାଟିଆ ଜେଟି ନିକଟରେ ପହଞ୍ଚିଲୁ । ନଳିତାପାଟିଆରେ ପହଞ୍ଚିଲା ବେଳକୁ ସୂର୍ଯ୍ୟଙ୍କ ତେଜ ଧୀରେ ଧୀରେ କମି ଆସୁଥାଏ । ସେଠାରେ ବୈତରଣୀ ନଦୀ ଧାରେ ଧାରେ ପୁନର୍ବାର ତାଳଚୁଆ ମୁହାଁଣ ଅଭିମୁଖେ ଫେରିଲୁ । ଫେରିବା ବାଟରେ ହିଁ ବୈତରଣୀ ଗର୍ଭସ୍ଥ ପ୍ରସିଦ୍ଧ କାଳିଭଞ୍ଜଡିହା ଦ୍ୱୀପ ଓ ହେନ୍ତାଳ ଜଙ୍ଗଲ ଦେଖିଲୁ ।

ବାସ୍ତବରେ ବୈତରଣୀ ଭ୍ରମଣ ମୋ' ପାଇଁ ଏକ ସ୍ମରଣୀୟ ଯାତ୍ରା ଓ ଅଭୁଲା ସ୍ମୃତି । କେବଳ ଏହି ଜଳଯାତ୍ରାର ଅନୁଭୂତି ନୁହେଁ ବରଂ ଏହା ପୂର୍ବରୁ ଓ ପରେ ଅନେକବାର ବୈତରଣୀ ନଦୀରେ ନୌକା ବିହାର କରିବାର ସୁଯୋଗ ମିଳିଛି ।

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ଦୋ-ମୁହାଁଣୀ ଘାଟ, ସ୍ୱାମ୍ ପାଟଣା ଘାଟ, ରାଜନଗର (କେନ୍ଦୁଝର)ର ଶୈବ୍ୟା କାବେରୀ ଘାଟ, ଉଦୟପୁର ଘାଟ (ସାହାରପଡ଼ା), ଆନନ୍ଦପୁର-ଘସିପୁରା ଘାଟ, ହାବଳେଶ୍ୱର ଘାଟ (ହାଟଡିହି), ଯାଜପୁର ସହର ନିକଟସ୍ଥ ସିଦ୍ଧେଶ୍ୱର ଘାଟ, ଦଶରଥପୁରର କଟିକଟା ଘାଟ, ଦଉପୁର ଘାଟ, ଚାନ୍ଦବାଲିର ତିନିତର ଘାଟ, ଆଖଣ୍ଡଳମଣି ଘାଟ, ଚୌଧୁରୀ ଘାଟ (ମନ୍ତେଇ ନଈ) ଆଦିରେ କରିଥିବା ନୌକାବିହାର ଓ ନଦୀ ଯାତ୍ରାର ସ୍ମୃତି ମୋର ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ।

ଗୋନାସିକା ଠାରୁ ବାହାରିଥିବା ଏକ ପତଳା ସ୍ରୋତ ଯେ, ଚାନ୍ଦବାଲି, ନଳିତାପାଟିଆ, ଧାମରା ଓ ତାଳଚୁଆ ନିକଟରେ ଏଭଳି ବିରାଟ ରୂପ ଧାରଣ କରିପାରେ; ସେହିସବୁ ଦିନମାନଙ୍କରେ ବୁଲିବା ବେଳେ ମୋର ଧାରଣା ଦୃଢ ହୋଇଥିଲା । ଏସବୁ ସ୍ଥାନରେ ବୈତରଣୀର ବିଶାଳ ରୂପ ଦେଖି ଭଗବାନ ବିଷ୍ଣୁଙ୍କ ବିଶ୍ୱରୂପ ଦର୍ଶନ ଭଳି ଅନୁଭବ ହୋଇଥିଲା ।

ମୋର କେନ୍ଦୁଝର ରହଣିକାଳ ମଧ୍ୟରେ ଦୀର୍ଘ ଚାରି ବର୍ଷ ଧରି ଅଶାନ୍ତ ଗ୍ରହଟିଏ ଭଳି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବୈତରଣୀର ସନ୍ଧାନରେ ବୁଲିବୁଲି ନୟାନ୍ତ ହୋଇଛି ।

ବୈତରଣୀକୁ ଖୋଜିଖୋଜି କେତେବେଳେ ଚମ୍ପୁଆରେ ତ କେତେବେଳେ ଉଦୟପୁର, ପୁଣି କେତେବେଳେ କେଶରୀକୁଣ୍ଡ ତ କେତେବେଳେ ଭୀମକୁଣ୍ଡରେ ହାଜର ହୋଇଯାଏ । ପୁଣି କେତେବେଳେ ଯାଜପୁରର ଦଶାଶ୍ୱମେଧ ଘାଟରେ ତ କେତେବେଳେ ଷୋଳମପୁର ବଲ୍ଲଭୀ ଘାଟରେ ଏବଂ ଚାନ୍ଦବାଲିରେ ମୁଁ ନିଜକୁ ଆବିଷ୍କାର କରିଥାଏ । ଆଉ କେତେବେଳେ ଧାମରା, ତାଳଚୁଆ, ନଳିତାପାଟିଆରେ ବୈତରଣୀର ମୋହିନୀ ରୂପରେ ବିମୁଗ୍ଧ ହୋଇ ଉଠୁଥାଏ । ପୁଣି ପାଗଳଙ୍କ ଭଳି ମୁଁ ବୁଲୁଥାଏ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ।

ବୈତରଣୀ କେନ୍ଦୁଝର ଜିଲ୍ଲାର ଗୋନାସିକା ପାହାଡ଼ରୁ ବାହାରି କେନ୍ଦୁଝର, ମୟୂରଭଞ୍ଜ, ପଶ୍ଚିମ ସିଂହଭୂମି (ଝାଡ଼ଖଣ୍ଡ), ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ଦୀର୍ଘ ୩୬୫





କିଲୋମିଟର ପଥ ଅତିକ୍ରମ କରିବା ପରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ତାଳଚୁଆ ଓ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଧାମରା ମୁହାଁଣ ନିକଟରେ ବଙ୍ଗୋପସାଗରରେ ମିଳିତ ହୋଇଛି ।

ବୈତରଣୀ ନଦୀକୁ 'ପୁଣ୍ୟତୋୟା' ବୋଲି କୁହାଯାଇଥାଏ । ବୈତରଣୀ ଗଙ୍ଗା ନଦୀଠାରୁ ବହୁ ପ୍ରାଚୀନ ବୋଲି 'ଗରୁଡ଼ ପୁରାଣ'ରେ ବର୍ଣ୍ଣିତ ରହିଛି । ବୈତରଣୀ ମାତା ଗଙ୍ଗା ମାତାଙ୍କଠାରୁ ବାର ବ୍ରହ୍ମବର୍ଷ ଜ୍ୟେଷ୍ଠା । ବୈତରଣୀ ନଦୀ ପ୍ରଥମେ ମର୍ତ୍ତ୍ୟଲୋକକୁ ଆଗମନ କରିଥିଲେ । ଗଙ୍ଗାଙ୍କ ଠାରୁ ବୟସରେ ବଡ଼ ଏବଂ ଏହାର ପ୍ରାଚୀନତା କାରଣରୁ ଏହାକୁ 'ବୁଢ଼ୀ ବୈତରଣୀ' ବୋଲି କୁହାଯାଏ ।

ଗୋନାସିକାରୁ ଆରଡ଼ି ଯାଏ ବୈତରଣୀ କୂଳେ କୂଳେ ମୋଟ ୧୦୮ଟି ଶିବଲିଙ୍ଗ ପ୍ରତିଷ୍ଠା ଲାଭ କରିପାରିଛି । ଗୋନାସିକାରେ ବାବା ବ୍ରହ୍ମେଶ୍ୱରଙ୍କ ଠାରୁ ଆରମ୍ଭ କରି ଆରଡ଼ିର ଆଖଣ୍ଡଳମଣିଙ୍କ ପର୍ଯ୍ୟନ୍ତ ବୈତରଣୀ କୂଳେକୂଳେ ବହୁ ଶୈବପୀଠ ଏହାର ପବିତ୍ରତାର ପ୍ରମାଣ ଦେଇଥାଏ । ବୈତରଣୀ କୂଳେକୂଳେ ସହସ୍ରାଧିକ ସଂଖ୍ୟାରେ ଶକ୍ତି ପୀଠ ରହିଛି । କେନ୍ଦୁଝର ଜିଲ୍ଲାର ଘଟଗାଁ ତାରିଣୀଙ୍କଠାରୁ ଆରମ୍ଭ କରି ଯାଜପୁର ଜିଲ୍ଲାର ମା' ବିରଜା, ସପ୍ତମାତୃକା, ଭଦ୍ରକ ଜିଲ୍ଲାର ଦପାନାୟିକା, ମଙ୍ଗଳା, ଧାମରାଇ, କେନ୍ଦ୍ରାପଡ଼ା ଜିଲ୍ଲା ସାତଭାୟାର ପଞ୍ଚୁବରାହୀଙ୍କ ପର୍ଯ୍ୟନ୍ତ ଅନେକ ଶକ୍ତିପୀଠ ବୈତରଣୀ କୂଳରେ ପ୍ରତିଷ୍ଠିତ ।

ସେହିଭଳି ଓଡ଼ିଶାରେ ବୌଦ୍ଧ ଓ ଜୈନ ଧର୍ମର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ବୈତରଣୀ ନଦୀ ଅବବାହିକା ଅଞ୍ଚଳ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । କେନ୍ଦୁଝର ଜିଲ୍ଲାର ଚମ୍ପୁଆରୁ ମିଳିଥିବା ପ୍ରାଚୀନ ଶିଳାଖଣ୍ଡ ଠାରୁ ଆରମ୍ଭ କରି ବୈତରଣୀ ନଦୀ ଅବବାହିକାର ରାମ୍‌ଲା, ସ୍ୱାମ୍‌ପାଟଣା, ଜଗନ୍ନାଥପୁର, ଅସନପାଟ, ଧଳେଇପାଟ, ସୀତାବିଞ୍ଜି, ସନ୍ଧୈଭଞ୍ଜା, ଲକ୍ଷ୍ମୀପାଦ ଆଦି ସ୍ଥାନ ପ୍ରାଚୀନ ବୌଦ୍ଧକୀର୍ତ୍ତିର ସ୍ମାରକୀ ବହନ କରିଥାଏ । ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରୁ ମିଳିଥିବା କିଛି ଅବଶେଷ ଷଷ୍ଠ ଓ ସପ୍ତମ ଶତାବ୍ଦୀର ଜୈନଧର୍ମ ଓ ସଂସ୍କୃତିର ପ୍ରମାଣ ବହନ କରିଥାଏ । ଆନନ୍ଦପୁର ଉପଖଣ୍ଡର ଚକ୍ରତୀର୍ଥ, ପୋଡ଼ାସିଙ୍ଗିଡ଼ି, ବୈଦାଖିଆ (ଗଡ଼ଚଣ୍ଡୀ), ମୁଗୁପୁର, ଜମ୍ବିରା, ଅଣା, ଠୁଣିଗାଁ, ବଂ‌ଶୋ, ସୋସୋ, ସାଇଁକୁଳ ଏବଂ ଫକୀରପୁରର ବାଲୁଙ୍କେଶ୍ୱର ମନ୍ଦିରରେ ବୌଦ୍ଧ ଓ ଜୈନ ମୂର୍ତ୍ତି ଓ ପ୍ରାଚୀନ ଶିଳାଲିପିମାନ ଦେଖିବାକୁ ମିଳିଥାଏ ।  ଦେଓଗାଁର କୁଶଳେଶ୍ୱର ମନ୍ଦିରରେ ଥିବା ଅବଲୋକିତେଶ୍ୱର ମୂର୍ତ୍ତି ବୌଦ୍ଧ ଧର୍ମର ପ୍ରାଚୀନତା ବହନ କରିଥାଏ ।

କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡ ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ବଉଳା ପର୍ବତମାଳା ପ୍ରାଚୀନ କାଳରେ ଏକ ଜୈନ କ୍ଷେତ୍ର ଥିଲା । ଏହି ପର୍ବତରେ ଅନେକ ଜୈନ ମନ୍ଦିର ଥିଲା । ଏହାଛଡ଼ା ଆଖପାଖ ଅଞ୍ଚଳରେ ବହୁ ସଂଖ୍ୟାରେ ଜୈନ ଓ ଯକ୍ଷ ମୂର୍ତ୍ତିକୁ ଏବେ ମଧ୍ୟ ଲୋକମାନେ ଗ୍ରାମଦେବୀ ଭାବେ ପୂଜା କରିଆସୁଛନ୍ତି । କାଠକଟାଠାରେ ପୂଜିତ ବଉଳାଶୁଣୀ ଗ୍ରାମଦେବୀ ଏହାର ଏକ ଜ୍ୱଳନ୍ତ ଉଦାହରଣ ।

ସେହିଭଳି ବୈତରଣୀ ନଦୀର ନିମ୍ନ ଅବବାହିକାରେ ଭଦ୍ରକ ଜିଲ୍ଲାର ଷୋଳମପୁର ବୌଦ୍ଧ ବିହାର, ଭାରଦାକଟକ, ମୁହାଁଣପଡ଼ା, ଖିଲାଟେଶ୍ୱର, ଖଡ଼ିପଦା, ଧାମ୍‌ନଗର (ଧମ୍ମନଗର), ଏରଡ଼ା, କୁପାରି, ମୁକୁନ୍ଦପୁର, ବିଲେଶ୍ୱର, କୋଶଳେଶ୍ୱର, ବୋତଲଟାଙ୍ଗ, ତରାଙ୍ଗ, ସାଗରପୁର, କପିଳା, ଝାଡ଼ଗାଁ ପ୍ରାଚୀନ ବୌଦ୍ଧ କ୍ଷେତ୍ର ଥିଲାବେଳେ ଯାଜପୁର ଜିଲ୍ଲାର କୋଣଅନୁକୋଣରେ ରାଶିରାଶି ବୌଦ୍ଧ କୀର୍ତ୍ତିରାଜି ଦେଖିବାକୁ ମିଳିଥାଏ ।

**ଗୋଟିଏ ଗାଈ ନାକପୁଡ଼ାରୁ...**

ଜାନୁୟାରୀ ୧ ତାରିଖର ଏକ ଖୁବ୍ ଶୀତୁଆ ସକାଳ । ସକାଳୁ ସକାଳୁ କେନ୍ଦୁଝର ସଦର ମହକୁମାରୁ ୪୯ ନମ୍ବର ଜାତୀୟ ରାଜପଥ ଦେଇ ବାୟାପଣ୍ଡାଦର ଛକରୁ ବାମକୁ ୯ କିଲୋମିଟର ଘଞ୍ଚ ଜଙ୍ଗଲିଆ ରାସ୍ତା ଅତିକ୍ରମ କରି ବୈତରଣୀର ଉତ୍ପତ୍ତି ସ୍ଥଳ ନିକଟରେ ପହଞ୍ଚିଲା ବେଳକୁ ଖରା ସାମାନ୍ୟ ଟାଣ ହେଉଥାଏ । ଗୋନାସିକା ନିକଟସ୍ଥ ଋଷିଟାଙ୍ଗର ପାହାଡ଼ ଉପରେ ବୈତରଣୀର ପତଳା ଧାରରେ ପଲେ ଜୁଆଙ୍ଗ ପିଲା ଖେଳକୁଦରେ ବ୍ୟସ୍ତ ଥା'ନ୍ତି । ସେମାନଙ୍କ ଗହଣରେ ହଜି ଯିବାକୁ ଯାଉଥିବାବେଳେ ମୁଁ ଋଷିଟାଙ୍ଗର ପାହାଡ଼ ଚଟାଣରୁ ବୈତରଣୀର ପିଲାଦିନକୁ ଆବିଷ୍କାର କରିବାକୁ ସକ୍ଷମ ହେଲି । ସେଇଠି, ସେଦିନ ବୈତରଣୀ ମା'ଙ୍କର ପିଲାଦିନକୁ ଦେଖି ମୁଁ ବିଭୋର ହୋଇ ଉଠିଥିଲି ।

ବୈତରଣୀ ଗୋନାସିକାରୁ ବାହାରି କିଛିବାଟ ପ୍ରବାହିତ ହେବା ପରେ ଗୁପ୍ତଗଙ୍ଗା ନିକଟରେ ପାତାଳି ହୋଇଯାଇଛନ୍ତି । ଗୁପ୍ତଗଙ୍ଗାରୁ କିଛିବାଟ ପରେ ଶିଶୁ ବୈତରଣୀ 'ଋଷିଟାଙ୍ଗର' ନାମକ ପସ୍ତରଶଯ୍ୟା ନିକଟରେ ସ୍ୱଳ୍ପ ସମୟ ପାଇଁ ଦେଖା ଦେଇ ପୁଣି ଉଭାନ୍ ହୋଇ ଯାଆନ୍ତି । ଦୁଇ ଦୁଇ ଥର ପାତାଳି ହେବା ପରେ ବୈତରଣୀ ବ୍ରହ୍ମ କୁଣ୍ଡ ନିକଟରେ ଆବିର୍ଭାବ ହୋଇଛନ୍ତି ।

ବୈତରଣୀ ନଦୀଟି ଗୋରୁ ନାକପୁଡ଼ା ଆକାରର ଏକ ପଥରରୁ ଉତ୍ପତ୍ତିଲାଭ କରିଥିବାରୁ ଏହି ସ୍ଥାନର ନାମ ଗୋନାସିକା ହୋଇଛି ବୋଲି ବିଶ୍ୱାସ କରାଯାଏ । ଗୋନାସିକା ଶବ୍ଦଟିକୁ ବିଶ୍ଳେଷଣ କଲେ, ଏପରି ହୋଇଥାଏ- 'ଗୋ' ଅର୍ଥ





'ଗୋରୁ', 'ନାସିକା' ଅର୍ଥ 'ନାକ' । ଅର୍ଥାତ୍ ଗୋରୁ ନାକପୁଡ଼ାରୁ ବୈତରଣୀ ନିର୍ଗତ ହେଉଥିବାରୁ ଏହି ପବିତ୍ର ସ୍ଥାନର ନାମ ଗୋନାସିକା ।

ମା' ବୈତରଣୀ ହେଉଛନ୍ତି ପୁରାଣ ବର୍ଣ୍ଣିତ ଗୋନାସିକା ପର୍ବତ ରାଜାଙ୍କ ଜ୍ୟେଷ୍ଠ କନ୍ୟା ଏବଂ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ, ତିନି ଲୋକରେ ପ୍ରବାହିତ ପବିତ୍ର ନଦୀ । ଏଣୁ ଗୋନାସିକାକୁ ବୈତରଣୀ କ୍ଷେତ୍ରର 'ଆଦିଧାମ' କୁହାଯାଏ ।

ଗାଈର ନାକପୁଡ଼ାରୁ ଝରୁଥିବା ବୁନ୍ଦାବୁନ୍ଦା ଜଳର କ୍ଷୀଣ ସ୍ରୋତଟି ଉତ୍ତର ଦିଗକୁ ତଣ୍ଡିଯୋଡ଼ା (୪୯ ନମ୍ବର ଜାତୀୟ ରାଜପଥ), ବାଂଶପାଳ, ଝୁମ୍ପୁରା ବ୍ଲକର ପଟୁଆକୁଦର, ନୟାଗଡ଼, ମୁକ୍ତେଶ୍ୱର ଶୈବପୀଠ, ଯୋଡ଼ା ବ୍ଲକର ଗୁରୁବେଡ଼ା, ଆସାଡ଼ୋଲା, ଚମକପୁର, ଛେଳିଆଡେଗା ପୀଠ, ବାସୁଦେବପୁର, କାନୁପୁର (କାନୁପୁର ଡ୍ୟାମ୍) ଦେଇ ଗତି କରିବା ପରେ ପୂର୍ବାଭିମୁଖୀ ହୋଇ ମିରିଗିଶିଙ୍ଗା ଶୈବପୀଠ (ଓଡ଼ିଶା), ରାମତୀର୍ଥ (ଝାଡ଼ଖଣ୍ଡ) ଦେଇ ଚମ୍ପୁଆ ଆଡ଼କୁ ପ୍ରବାହିତ ହୋଇଛି । ଚମ୍ପୁଆ-ରରୁଆଁ-ଜୟନ୍ତୀଗଡ଼ (ଝାଡ଼ଖଣ୍ଡ) ସୀମାରେ ଥିବା ଫଗୁ ଘାଟ ନିକଟରେ ଝାଡ଼ଖଣ୍ଡରୁ ବହି ଆସିଥିବା କଙ୍ଗିରା ନଦୀ ବୈତରଣୀର ଉତ୍ତର ପାର୍ଶ୍ୱରେ ମିଳିତ ହୋଇଛି ।

ଫଗୁଘାଟରୁ ପୁଣି ଦକ୍ଷିଣ-ପୂର୍ବ ଦିଗରେ କେଶରୀକୁଣ୍ଡ, ରୂପାକୁଣ୍ଡ ଦେଇ ପ୍ରବାହିତ ହେବା ପରେ ଦୋ-ମୁହାଁଣି ଘାଟ (ଚମ୍ପୁଆ ବ୍ଲକର ପଦ୍ମପୁର ଓ ଶୁକ୍ରୁଳି ବ୍ଲକର ଆଦିପୁର ସୀମା) ନିକଟରେ ବାମ ପାର୍ଶ୍ୱରେ ବୈତରଣୀ ସହ ଏହାର ପ୍ରମୁଖ ଉପନଦୀ ଖଇରି-ଭଣ୍ଡନ ନଦୀ ମିଳିତ ହୋଇଛି । ବୈତରଣୀ ଓ ଏହାର ଉପନଦୀ ଖଇରି-ଭଣ୍ଡନ ନଦୀ କୂଳରେ ଏକ ପୁରାତନ ନଗରୀ ଖିଚିଂଗଡ଼ (ବିରାଟଗଡ଼ ଓ କୀଚକଗଡ଼) ଅବସ୍ଥିତ ।

ଦୋ-ମୁହାଁଣି ଘାଟରୁ ଆଗକୁ ବୈତରଣୀ ନନ୍ଦପୁରର କପିଳମୁନି ପୀଠ, ଜ୍ୟୋତିପୁରଗଡ଼, ଆଦିପୁରଗଡ଼, ଫୁଲକଅଁଳେଇର ଖଲିଚୌପତି ଘାଟ, ତୁରୁମୁଙ୍ଗା (କେନ୍ଦୁଝର), ଚଢ଼େଇଭୋଳ (ମୟୂରଭଞ୍ଜ) ଦେଇ ପ୍ରବାହିତ ହେବା ଅବସରରେ ତିନିଧାରିଆଠାରେ ଉତ୍ତର ପାର୍ଶ୍ୱରେ ଦେଓ ନଦୀ ମିଳିତ ହୋଇଛି ।

ତିନିଧାରିଆରୁ ଆଗକୁ ବୈତରଣୀ ରାଜନଗର, ଉଦୟପୁର, ସାହାରପଡ଼ା, ସ୍ୱାମ୍ପାଟଣା, ଭୀମକୁଣ୍ଡ, ବୀରଗୋବିନ୍ଦପୁରର ରଘୁନାଥଜିଉଙ୍କୁ ଅତିକ୍ରମ କରି ଆନନ୍ଦପୁର ସହର ଛୁଇଁଛି । ବୈତରଣୀ ନଦୀ କୂଳରେ ଆନନ୍ଦପୁର ଓ ଘସିପୁରା ବ୍ଲକର ପତରସଉରୁଣୀ ପୀଠ, ଝାଡେଶ୍ୱର ଶୈବପୀଠ, ଫକୀରପୁରର ବାଲୁଙ୍କେଶ୍ୱର ଶିବ ମନ୍ଦିର, ଟୁକୁଣାର କୁଣ୍ଡେଶ୍ୱର ଶୈବପୀଠ ଓ ଲକ୍ଷ୍ମୀ ନାରାୟଣ ମନ୍ଦିର, ଆନନ୍ଦପୁରର ଗୋପାଳଜିଉ ମନ୍ଦିର, ଦଧିବାମନଜିଉ ମନ୍ଦିର ବଂୋର ଦଧିବାମନଜିଉ ମନ୍ଦିର ଦେଇ ହାବଳେଶ୍ୱର ଛୁଇଁଛି ।

ହାବଳେଶ୍ୱରଟି କେନ୍ଦୁଝର ଜିଲ୍ଲାର ବୈତରଣୀ ନଦୀ କୂଳର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଟେ । ଏଠାରେ ନଦୀ ଶଯ୍ୟା ମଧ୍ୟରେ ମହାଦେବ ହାବଳେଶ୍ୱର ଏବଂ ସାତଭଉଣୀ (ସପ୍ତମାତୃକା) ମନ୍ଦିର ଅବସ୍ଥିତ । ହାବଳେଶ୍ୱର ଘାଟ ନିକଟରେ ବୈତରଣୀ କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲ୍ଲାର ସୀମା ନିର୍ଦ୍ଧାରଣ କରିଥାଏ । ହାବଳେଶ୍ୱରରୁ କିଛିବାଟ ପ୍ରବାହିତ ହେଲା ପରେ ବୈତରଣୀ କେନ୍ଦୁଝର ଜିଲ୍ଲାର ଶେଷ ସୀମା ନୂଆଗାଁ ଛୁଇଁଛି । ନୂଆଗାଁ ପରେ ବୈତରଣୀ ଭଦ୍ରକ ଜିଲ୍ଲାକୁ ପ୍ରବେଶ କରିଛି ।

କେନ୍ଦୁଝର ଜିଲ୍ଲାର ନୂଆଗାଁ ଛାଡ଼ିବା ପରେ ବୈତରଣୀ ଭଦ୍ରକ ଜିଲ୍ଲାକୁ ପ୍ରବେଶ କରି କିଛିବାଟ ପ୍ରବାହିତ ହୋଇ ଆଖୁଆପଦା ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି ବୁଢ଼ା ନଦୀ ନାମ ବହନ କରି ଯାଜପୁର ଜିଲ୍ଲାର କୋରେଇ, ଧର୍ମଶାଳା ବ୍ଲକ ଅଞ୍ଚଳ ଦେଇ କୁଆଖିଆ ନିକଟରେ ଖରସ୍ରୋତା ନଦୀ ସହ ମିଳିତ ହୋଇଛି । ଆଖୁଆପଦାରେ ବୈତରଣୀ ନଦୀରେ ଏକ ଆନିକଟ୍ ନିର୍ମାଣ କରାଯାଇ ବନ୍ୟା ନିୟନ୍ତ୍ରଣ ଓ ଭଦ୍ରକ ଜିଲ୍ଲାକୁ ଜଳସେଚନ କରାଯାଇପାରୁଛି ।

ଆଖୁଆପଦାରୁ ବୈତରଣୀ ପୂର୍ବ ଦିଗକୁ ଗତି କରି ଯାଜପୁର ସହର ଓ ଦଶାଶ୍ୱମେଧ ଘାଟ, ବିରଜା କ୍ଷେତ୍ର, ନାଭିଗୟା, ବ୍ରହ୍ମାକୁଣ୍ଡ, ସପ୍ତମାତୃକା ମନ୍ଦିର, ଜଗନ୍ନାଥ ମନ୍ଦିର, ବୈତରଣୀ ମାତା ମନ୍ଦିର, ବାରୁଣୀଘାଟ, ସ୍ୱର୍ଗଦ୍ୱାର, ବରାହନାଥ ମନ୍ଦିର, ଶ୍ରୀଚୈତନ୍ୟ ମନ୍ଦିର, ସିଦ୍ଧେଶ୍ୱର ମନ୍ଦିର, ଦଶରଥପୁର, ମଙ୍ଗଳପୁର, କୟାଁଗୋଲା, ଆରଡ଼ି, ତିନିତର ଘାଟ, ଚାନ୍ଦବାଲି, କନିକା, ନଳିତାପାଟିଆ, ଧାମରା, ତାଳଚୁଆ, କାଳିଭଞ୍ଜଡିହା ଆଗକୁ କନିକାବାଲି ନିକଟରେ ବଙ୍ଗୋପ ସାଗରରେ ମିଳିତ ହୋଇଛି ।

*With Best Compliments from*


# B-ONE BUSINESS HOUSE PVT. LTD.




**FACTORY ADDRESS:**

HARIDAMADA | DERAS | SEA FOOD PARK | ODISHA - 752054

SRIKONA | CHANDIPUR | BALASORE | ODISHA - 756025




# ସମ୍ବଲପୁରର ଶ୍ରୀ

ବିଭିନ୍ନ ବିଶ୍ୱବିଦ୍ୟାଳୟମାନଙ୍କ ସମ୍ପର୍କରେ ପାଠକଙ୍କୁ ଅବଗତ କରାଇବା 'ରେବତୀ'ର ଲକ୍ଷ୍ୟ । ଏହି ଶୃଙ୍ଖଳାରେ ଆମେ ରାଜ୍ୟ ଏବଂ ରାଜ୍ୟ ବାହାରର ବିଶ୍ୱବିଦ୍ୟାଳୟମାନଙ୍କ କାହାଣୀ ପରଷି ଦେଉଛୁ । ଏଥର ପଶ୍ଚିମାଞ୍ଚଳର ଏକ ପ୍ରାଚୀନ ଶିକ୍ଷାନୁଷ୍ଠାନ ସମ୍ପର୍କରେ ଆଲେଖ୍ୟ ବାଢ଼ନ୍ତି ସେହି ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ କୈଳାଶ ମହାକୁଡ଼ ।



ଲେଖକ କୈଳାଶ ମହାକୁଡ଼

# ବିଦ୍ୟାଚର୍ଚ୍ଚା, ଗବେଷଣା ଓ ଅଧ୍ୟୟନର ତ୍ରିବେଣୀ ସଙ୍ଗମ : ଜି.ଏମ୍.ୟୁ


**କୈଳାଶ ମହାକୁଡ଼**

ଓଡ଼ିଆ ଭାଷା ସାହିତ୍ୟ ପାଠଶାଳା, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଅମୃତବିହାର, ସମ୍ବଲପୁର

ଫୋନ : ୯୩୩୭୮୨୧୧୮୧


ଫଟୋ ସୌଜନ୍ୟ : ଲେଖକ

ବିଦ୍ୟାଚର୍ଚ୍ଚା, ଗବେଷଣା ଓ ଅଧ୍ୟୟନର ତ୍ରିବେଣୀ ସଙ୍ଗମ **ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ** । ଏହାର କାନ୍ଥ ବାଡ଼ରେ ଲେଖାଅଛି ପ୍ରତିଟି ସଫଳତାର କାହାଣୀ । ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ପୁଣ୍ୟପୀଠ ଏହି ଜି.ଏମ୍.ୟୁ । ଜ୍ଞାନ ଗରିମା ଯେଉଁଠି ସ୍ପର୍ଶ କରୁଥାଏ ଭୂମିରୁ ଭୂମାକୁ । ସେମିତି ଏକ ଗର୍ବଗୌରବ ହିଁ ଜି.ଏମ୍.ୟୁ । ମହାବିଦ୍ୟାଳୟରୁ ଆଜି ସେ ବିଶ୍ୱବିଦ୍ୟାଳୟ । ବଦଳିଛି ତାର ପରିଚୟ । କିନ୍ତୁ ବଦଳିନି ରୂପ, ରସ, ଗନ୍ଧ । ସେହି ରାଗିଣୀରେ ଏବେବି ଋତୁ ଆସେ ପୁଣି ଫେରିଯାଏ । ଆହୁରି ନୂଆ ରଙ୍ଗ ବୋଳି ହୁଏ ସେ । ଆହୁରି ପାରିଜାତମାନେ ଫୁଟି ଉଠନ୍ତି ତା ଉଦ୍ୟାନରେ । ବିଞ୍ଚି ହୋଇ ପଡ଼େ ଅସରନ୍ତି ସ୍ୱପ୍ନ, ତା' ମାଟିରେ । ଯିଏ ବି ଯେତେବେଳେ ଥାପିଛି ପାଦ ସେ ତାକୁ ଆପଣେଇ ନେଇଛି । ଖୋଜି ବସିଲେ ଏବେବି ସେସବୁ ଅଫେରା । ସତେ ଯେମିତି ରୂପା ଫରୁଆରେ ରହିଛି ସ୍ମୃତିମାନ ସାଉଁଟା ହୋଇ । କେତେ କେତେ ଦୁଃଖ ଭାସି ଯାଇଛି ସମୟର ସୁଅରେ । ମାତ୍ର ମ୍ଳାନ ହୋଇନି ଅବୟବ । ଯେମିତି ଥିଲା ପୂର୍ବରୁ ଠିକ୍ ସେମିତି ହିଁ ଅଛି । ୭୫ବର୍ଷର ଜୟଯାତ୍ରାର ଅସରନ୍ତି କାହାଣୀ ତାର ପ୍ରତିଟି ପୃଷ୍ଠାରେ ଲିପିବଦ୍ଧ । ଯିଏ ଯେବେ ବି ଫେରିଛି ଜି.ଏମ.ୟୁ. କୋଳକୁ । ଛୁଇଁଛି ତାର ପବିତ୍ର ମାଟିକୁ । ମନେ ହୋଇଛି ସତେ ଯେମିତି ଫେରି ଆସିଛି ଜୀବନ, ଯୌବନର ଅଫେରା କାହାଣୀ ପାଖକୁ । ପୃଷ୍ଠା ପରେ ପୃଷ୍ଠା ଓଲଟିଛି, ସବୁଜ ଆମ୍ବ ଗଛର ଦଳକାଏ ପବନରେ । କିନ୍ତୁ ଲିଭେଇ ପାରିନି ବିତି ଯାଇଥିବା ଯୌବନର ସ୍ଥିରଚିତ୍ରକୁ । ଲିଭେଇ ପାରିନି ବି ବିଚିତ୍ର ସମାରୋହ ସବୁକୁ । ବଦଳିଛି ସମୟ, ବଦଳିଛି ବୟସ, ବିତିଛି କୋଳାହଳ । ଜି.ଏମ.ୟୁ. କିନ୍ତୁ ସଦାସର୍ବଦା ଚଳଚଞ୍ଚଳ । ତାକୁ ସ୍ପର୍ଶ କରିନି କ୍ଲାନ୍ତି । ତାକୁ ସ୍ପର୍ଶ କରିନି ଅଳସପଣ । ଅପରାହ୍ନର ଆଇନାରେ ସେ ଆଜି ବି ପରଖେ ତା ମୁହଁ । ତା ପ୍ରତିବିମ୍ବ । ସେ ସତରେ ସଦା ଜାଗ୍ରତ । ଯେମିତି ପ୍ରହରୀ ।

ମିଶ୍ରରାଗର ଅଭୁଲା ସଂଗୀତ ସେ । ତାରୁଣ୍ୟର ତପୋଭୂମି । ଜୀବନ ଓ ଯଉବନର ଆହ୍ଲାଦିତ ଆଶ୍ରା । ସତରେ ଜିଏମ୍ୟୁ ଏକ ଅନନ୍ୟ ପୁଲକ, ଯେଉଁଠି ଭାବୁକଟିଏ ହୁଏ ବିଭୋର୍ । ସକଳ ସୌଭାଗ୍ୟ ଓ ପ୍ରାପ୍ତିର ଅସୀମ ପରିସୀମାକୁ ଆଶା ଓ ସ୍ୱପ୍ନର ମହ ମହ ବାସ୍ନାରେ ବାସ୍ନାୟିତ କରୁଥାଏ ସେ । କଞ୍ଚା ବୟସର ସ୍ମୃତିକୁ ଜି.ଏମ୍.ୟୁ.ର ହେପାଜତ୍‌ରେ ଛାଡ଼ି ବିଦ୍ୟାର୍ଥୀ ବୁଣୁଥାନ୍ତି ବିଶ୍ୱାସର ମୁରୁଜ । ଜି.ଏମ୍.ୟୁ. ଉପରେ ଅଗାଧ ବିଶ୍ୱାସ ସଭିଙ୍କର । କାରଣ ଜି.ଏମ୍.ୟୁ. ଶିଖାଇଛି ଜିଇଁବାର କଳା । ଆଜି ବି ସେ ବିଶ୍ୱାସ ଭରସାରେ ସଭିଏଁ କହନ୍ତି: ରଖିଦେଲି ମୋର ଅଫେରା ଯୌବନ । ପୁଣିଥରେ କୋଳକୁ ତାର ଫେରିବା ପର୍ଯ୍ୟନ୍ତ । ହଁ, ଅଜସ୍ର ସାଇତା ସ୍ମୃତି, ଭୁଲି ହେଉନଥିବା ଅନେକ ଅନୁଭୂତିର ଅନ୍ୟ ନାମ ହିଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ । ୭୫ ବର୍ଷର ଏ ଶିକ୍ଷାୟତନ, ପଶ୍ଚିମ ଓଡ଼ିଶାର ପରିଚୟ ।

## ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ : ନବକଳେବର

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର । ପ୍ରାୟତଃ ପଶ୍ଚିମ ଓଡ଼ିଶା କହିଲେ ଲୋକେ ବୁଝନ୍ତି ସମ୍ବଲପୁରକୁ । ତେବେ ସମ୍ବଲପୁର ଯେ କେବଳ ହୀରାକୁଦ ନଦୀବନ୍ଧ ପାଇଁ ପ୍ରସିଦ୍ଧି ଅର୍ଜନ କରିଛି, ତା ନୁହେଁ । ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ପାଇଁ ମଧ୍ୟ ବିଶ୍ୱ ଦରବାରରେ ସମ୍ବଲପୁରର ଅଛି ଏକ ସ୍ୱତନ୍ତ୍ର ପରିଚୟ । ବୋଧେ ସେଇଥିପାଇଁ ତାର ନାଁ ସମ୍ବଲପୁର । ଏଭଳି ଏକ ପୁଣ୍ୟ ମାଟିରେ ପ୍ରତିଷ୍ଠା ହୋଇଛି ଗୌରବମୟ ଶିକ୍ଷା

ଅନୁଷ୍ଠାନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ । ଏହି ବିଶାଳ ଶିକ୍ଷାନୁଷ୍ଠାନ ସମ୍ବଲପୁର ସହରର ମଧ୍ୟଭାଗରେ ଅମୃତ ବିହାର ଠାରେ ଅବସ୍ଥିତ ।

୧୯୪୪ ମସିହାରେ ସମ୍ବଲପୁର କଲେଜ ନାମରେ ଅଳ୍ପ କେତେଜଣ ଛାତ୍ରଛାତ୍ରୀଙ୍କୁ ନେଇ ଉଚ୍ଚମାନର ଉଚ୍ଚଶିକ୍ଷା ଆରମ୍ଭ ହୋଇଥିଲା । ସେତେବେଳେ କଲେଜ୍‌ର କଳା, ବାଣିଜ୍ୟ, ବିଜ୍ଞାନ ପାଠ ପଢ଼ିବାରେ ଏକ ଅନୁକୂଳ ବାତାବରଣ ସୃଷ୍ଟି ହେଇଥିଲା । ଏହିପରି ଭାବେ ପଶ୍ଚିମ ଓଡ଼ିଶାରେ ଶିକ୍ଷାର ଜୟଯାତ୍ରା ଚାଲିଥିଲା । ୧୯୪୯ ମସିହାରେ ସମ୍ବଲପୁର କଲେଜ୍‌ର ନାମ ପରିବର୍ତ୍ତନ ହୋଇ ଗଙ୍ଗାଧର ମେହେର ମହାବିଦ୍ୟାଳୟ ନାମରେ ନାମିତ ହେଲା । ପଶ୍ଚିମ ଓଡ଼ିଶା ମାଟିର ବରପୁତ୍ର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମାନୁସାରେ କଲେଜର ନାମକରଣ କରାଯାଇଥିବାରୁ କଲେଜ୍‌ର ଗୁରୁତ୍ୱ ଦ୍ୱିଗୁଣିତ ହୋଇଥିଲା । ବିଭିନ୍ନ ମହଲରୁ ମିଳିଥିଲା ପ୍ରଶଂସା । ଏହିପରି ଆଗକୁ ଆଗକୁ ପାଦ ଥାପି ଥାପି ଚାଲିଥିଲା ଗଙ୍ଗାଧର ମେହେର ମହାବିଦ୍ୟାଳୟ । ୧୯୯୦/ ୯୧ ମସିହା ବେଳକୁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱୟଂଶାସିତ କଲେଜ୍‌ର ମାନ୍ୟତା ପାଇଲା ଏହି କଲେଜ୍ । ୧୯୯୨/୯୩ ବେଳକୁ ଅନେକ ବିଭାଗରେ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ହୋଇ ସାରିଥିଲା । ୨୦୧୫ ମସିହାରେ ଓଡ଼ିଶା ସରକାର ଏହି କଲେଜ୍‌କୁ ବଦଳାଇ ଦେଲେ ଏକ ବିଶ୍ୱବିଦ୍ୟାଳୟରେ । ୟୁନିଭର୍ସିଟିର ମାନ୍ୟତା ପାଇ ସେହିଦିନ ଠାରୁ ଏକକ ବିଶ୍ୱବିଦ୍ୟାଳୟର ପରିଚୟ ନେଇ ସମ୍ବଲପୁରରେ ଠିଆ ହୋଇଛି ଜିଏମ୍‌ୟୁ ।

ପ୍ରଥମେ ୧୯୪୪ ମସିହାରେ ଗଙ୍ଗାଧର ମେହେର୍ କଲେଜର ଅଧ୍ୟକ୍ଷ ଦାୟିତ୍ୱ ନେଇଥିଲେ ବିଶିଷ୍ଟ କବି ମାୟାଧର ମାନସିଂହ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଏହି କଲେଜ୍‌ର ନାମକରଣ କରିବା ଭାବନାଟି ପୂର୍ବତନ ମନ୍ତ୍ରୀ ଓ କଳା ସାହିତ୍ୟ ସଂସ୍କୃତି ପ୍ରିୟ ଶ୍ରୀ ମୁରାରୀ ପ୍ରସାଦ ମିଶ୍ରଙ୍କ ମସ୍ତିଷ୍କରୁ ବାହାରି ମାୟାଧର ମାନସିଂହଙ୍କ ସମୟରେ କାର୍ଯ୍ୟକାରୀ ହୋଇଥିଲା । ଗଙ୍ଗାଧର ମେହେର ମହାବିଦ୍ୟାଳୟକୁ ଗୋଟାଏ ସ୍ୱୟଂସମ୍ପୂର୍ଣ୍ଣ ଅନୁଷ୍ଠାନ କରିବା ପାଇଁ ସେ ଚେଷ୍ଟା କରିଥିଲେ । ତାଙ୍କରି ଏକକ ଉଦ୍ୟମରେ କଲେଜ୍‌ରେ ଗୋଶାଳା, ପରିବା ଚାଷ, ଫୁଲବଗିଚା, କ୍ୟାଣ୍ଟିନ୍, କୋ-ଅପରେଟିଭ୍ ଷ୍ଟୋର୍ ଇତ୍ୟାଦିର

## କୁଳପତି ପ୍ରଫେସର ଡକ୍ଟର ଅତନୁ କୁମାର ପତିଙ୍କ ସହିତ ସକ୍ଷାତକାର



**▶ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଆପଣ ୨୦୧୭, ଜୁଲାଇ ମାସରେ ଦାୟିତ୍ୱ ଗ୍ରହଣ କଲେ । କ'ଣ ଅନୁଭବ କରୁଛନ୍ତି ?**

◢◢ପଶ୍ଚିମ ଓଡ଼ିଶାର ବରପୁତ୍ର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ନାମିତ ଓ ଐତିହ୍ୟ ସମୃଦ୍ଧ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ଗ୍ରହଣ କରି ମୁଁ ନିଜକୁ ଗୌରବାନ୍ୱିତ ମନେ କରେ । ଆମ ଦେଶର ଉଚ୍ଚଶିକ୍ଷାକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଗ୍ରଣୀ ଭୂମିକା ରହିବ, ଏହା ଅନାୟାସରେ କୁହାଯାଇପାରେ । ଏ ବିଶ୍ୱବିଦ୍ୟାଳୟରୁ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଜି.ଏମ୍.ୟୁ.କୁ ଆଗକୁ ନେବାରେ ସମ୍ପୂର୍ଣ୍ଣ ଭାବେ ସାହାଯ୍ୟ କରୁଥିବାରୁ ମୁଁ ସେମାନଙ୍କୁ ଅନ୍ତରରୁ ଧନ୍ୟବାଦ ଦେବି ।

**▶ଗବେଷଣା ଓ ଉଚ୍ଚମାନର ଉଚ୍ଚଶିକ୍ଷା ପ୍ରଦାନ କ୍ଷେତ୍ରରେ ଏହି ବିଶ୍ୱବିଦ୍ୟାଳୟକୁ ଏକ ଆନ୍ତର୍ଜାତୀୟ ପରିଚୟ ଦେବାପାଇଁ କଣ କରିବା ଉଚିତ ?**

◢◢ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମ୍ପର୍କ ସ୍ଥାପନ ପୂର୍ବକ ସେମାନଙ୍କର ଶିକ୍ଷା ଓ ଗବେଷଣା ପଦ୍ଧତି ଅନୁସରଣ ଦ୍ୱାରା ଏହି ବିଶ୍ୱବିଦ୍ୟାଳୟକୁ ଆନ୍ତର୍ଜାତୀୟ ପରିଚୟ ଦିଆଯାଇ ପାରିବ ।

**▶ଜି.ଏମ୍.ୟୁ. ଭିତ୍ତିଭୂମି ବିକାଶ ପାଇଁ ଆପଣ କିଛି ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛନ୍ତି କି ?**

◢◢ଜି.ଏମ୍.ୟୁ.ର ଭିତ୍ତିଭୂମି ବିକାଶ ପାଇଁ 'ରୁସା' ଠାରୁ ୫୫କୋଟି ଟଙ୍କା ଅନୁଦାନ ଆସିଛି । ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ଓଡ଼ିଶା ସରକାର ଦେଇଛନ୍ତି ୧୪କୋଟି ଟଙ୍କା । ଏତଦ୍‌ବ୍ୟତୀତ ଅଡ଼ିଟୋରିୟମ୍ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ମିଳିଛି ୧୨କୋଟି ଟଙ୍କାର ଅନୁଦାନ । ବର୍ତ୍ତମାନ ଅଡ଼ିଟୋରିୟମ୍ ନିର୍ମାଣ କାମ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ବିଶ୍ୱବିଦ୍ୟାଳୟର ପୁରୁଣା ପ୍ରାସାଦକୁ ସୌନ୍ଦର୍ଯ୍ୟକରଣ ଓ ନୂତନ ପ୍ରାସାଦର ନିର୍ମାଣ କାମ ଆରମ୍ଭ କରାଯାଇଛି । ସ୍ୱଳ୍ପ ସମୟ ମଧ୍ୟରେ ଜି.ଏମ୍.ୟୁ.ର ଭିତ୍ତିଭୂମି ଏକ ପ୍ରସାରିତ ରୂପ ନେବ ।

**▶ଜି.ଏମ୍.ୟୁ.ର ବିକାଶ ନିମନ୍ତେ ବସନ୍ତପୁର ଠାରେ ୫୦ ଏକର ପରିମିତ ଜାଗାରେ ହେବାକୁ ଥିବା ନୂତନ ପରିସରର ଭବିଷ୍ୟତ କଣ ?**

◢◢ବସନ୍ତପୁର ଠାରେ ୫୦ଏକର ଜାଗାରେ ଜି.ଏମ୍.ୟୁ.ର ଦ୍ୱିତୀୟ ପରିସର ନିର୍ମିତ ହେବ । ଏଠାରେ ସ୍ପୋର୍ଟସ୍ କମ୍ପ୍ଲେକ୍ସ ସହ ସୁଇମିଙ୍ଗ୍ ପୁଲ୍ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ଏହି ଅନୁଷ୍ଠାନର ବିକାଶ ଓ ସମ୍ପ୍ରସାରଣ ତ୍ୱରାନ୍ୱିତ ହୋଇପାରିବ ।

**▶ଜୀବ ବିଜ୍ଞାନର ଜଣେ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ଗବେଷକ ଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯେଉଁ ସଂକଳ୍ପ ନେଇ ଜି.ଏମ୍.ୟୁ.ରେ ପଦାର୍ପଣ କରିଥିଲେ, ତାହାକୁ ଫଳପ୍ରସୂ କରିବାରେ କୌଣସି ପ୍ରକାରର ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡୁଛି କି ?**

◢◢କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବା କିଛି ନୂଆକଥା ନୁହେଁ । ବିଭିନ୍ନ ପ୍ରତିବନ୍ଧକ ଆସିଛି । ଅଧ୍ୟାପକ ଅଧ୍ୟାପିକାଙ୍କ ସଂଖ୍ୟା ବହୁତ କମ୍ ଅଛି, ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ଶ୍ରେଣୀ ଗୃହର ଅଭାବ ରହିଛି । ଏସବୁ ପ୍ରତିବନ୍ଧକକୁ ସାମ୍ନା କରିବା ସତ୍ତ୍ୱେ ବର୍ତ୍ତମାନ ଅଣଶିକ୍ଷକ ପଦବୀ ପୂରଣ କରିବାରେ ସଫଳ ହୋଇଛି ଓ ପ୍ରଫେସର୍ ପଦବୀ ପୂରଣ ପ୍ରକ୍ରିୟା ଚାଲୁ ରହିଛି । ଏହା ଭିତରେ ଅନୁଷ୍ଠାନକୁ ଆଗେଇ ନେବା ପାଇଁ ମୁଁ ଦୃଢ଼ ସଂପଳ୍ପବଦ୍ଧ ।

**▶ଜି.ଏମ୍.ୟୁ.ରେ କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ କଣ କାର୍ଯ୍ୟକ୍ରମ କରାଯାଉଛି ?**

◢◢କଳାସଂସ୍କୃତିର ବିକାଶ ପାଇଁ ପ୍ରାଦେଶିକ ଓ ଜାତୀୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଉଛି । ସାହିତ୍ୟର ବିକାଶ ପାଇଁ ଭୀମଭୋଇ ଚେୟାର୍ ପ୍ରତିଷ୍ଠା କରାଯାଇଛି । ଓଡ଼ିଆ ଭାଷାସାହିତ୍ୟ ବିଭାଗରେ ଏମ୍.ଫିଲ୍ ଓ ପି.ଏଚ୍.ଡି ପାଠ୍ୟକ୍ରମ ପ୍ରଚଳନ କରାଯାଇଛି । ଏହା ଓଡ଼ିଆ ସାହିତ୍ୟ ପାଇଁ ଶୁଭଙ୍କର । ଏତଦ୍‌ବ୍ୟତୀତ ଓଡ଼ିଆ ଭାଷାସାହିତ୍ୟ ବିଭାଗରୁ ୬ ମାସିଆ ସାହିତ୍ୟ ପତ୍ରିକା 'ନବଜାତ' ପ୍ରକାଶ ପାଉଛି । ଏହା ଆମ ବିଶ୍ୱବିଦ୍ୟାଳୟ ପାଇଁ ଶୁଭଙ୍କର ।

**▶ପରିଶେଷରେ ଜି.ଏମ୍.ୟୁ.ର ଛାତ୍ରଛାତ୍ରୀମାନଙ୍କୁ କଣ ବାର୍ତ୍ତା ଦେବେ ?**

◢◢କଠିନ ପରିଶ୍ରମର ବିକଳ୍ପ ନାହିଁ । ଛାତ୍ରଛାତ୍ରୀମାନେ ଦୃଢ଼ସଂକଳ୍ପ ନେଇ ନିଜର ତଥା ଏ ଅନୁଷ୍ଠାନର ଭୂୟୋବିକାଶ ପାଇଁ ଆନ୍ତରିକ ଉଦ୍ୟମ ଅବ୍ୟାହତ ରଖନ୍ତୁ । ପରିଶେଷରେ ଜି.ଏମ୍.ୟୁ.ରେ ଅଧ୍ୟୟନରତ ମୋର ପୁତ୍ରକଳ୍ପ ଛାତ୍ର ଓ କନ୍ୟାକଳ୍ପା ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।



ସୁବନ୍ଦୋବସ୍ତ ହୋଇଥିଲା । କଲେଜ୍ ଏକ ପରିବାର ପରି ଚାଲୁ- ଏହା ଥିଲା ତାଙ୍କର ଏକମାତ୍ର ଇଚ୍ଛା । ମାନସିଂହଙ୍କ ଅଧ୍ୟକ୍ଷ କାଳ ଥିଲା ଦୀର୍ଘ ସାତବର୍ଷ । ଏହି ସାତ ବର୍ଷ ସମୟ ଏହି ଅନୁଷ୍ଠାନର ପ୍ରକୃତ ଗୌରବମୟ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ହଷ୍ଟେଲ୍ ପୁନଃଗଠିତ ମେସ୍‌ରେ ପିଲାମାନେ ଅଳ୍ପ ମୂଲ୍ୟରେ ଯଥେଷ୍ଟ ପରିମାଣର ଖାଦ୍ୟ ଖାଇ ପାରୁଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଦିନ ସମଗ୍ର କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବଣଭୋଜି କଲେଜ ପରିସରରେ ହେଉଥିଲା । କଲେଜ୍‌ଟି ନାନା ସଂସ୍କୃତିକ ବ୍ୟାପାରରେ ଜୀବନ୍ତ ହୋଇ ଉଠିଥିଲା । ଦୁଇଟି ବଡ଼ କାଷ୍ଠଫଳକରେ ପୁଅ ଓ ଝିଅମାନଙ୍କ ପାଇଁ ଜୀବନାଦର୍ଶ ଘୋଷିତ କରିଥିଲେ । କଲେଜ କ୍ୟାଲେଣ୍ଡରଟି ମଧ୍ୟ ନୂତନ ଭାବେ ଆତ୍ମପ୍ରକାଶ କରିଥିଲା । ତାଙ୍କ ସମୟରେ କଲେଜ୍‌ର କାନ୍ଥଗୁଡ଼ିକୁ ମଧ୍ୟ ଅଳଙ୍କୃତ କରି ରଖା ଯାଇଥିଲା । ଏହିପରି ଭାବରେ ସେହି ସାତ ବର୍ଷ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଗୌରବମୟ ଅଧ୍ୟାୟ ଥିଲା ।

## ବର୍ତ୍ତମାନର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

ବର୍ତ୍ତମାନର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା ପାଇଁ ବେଶ୍ ପରିଚିତ । ଗବେଷଣା କ୍ଷେତ୍ରରେ ମଧ୍ୟ ଭାରତର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟମାନଙ୍କ ସହ ତାଳ ଦେଇ ଆଗକୁ ଆଗକୁ ଅଗ୍ରଗତି ହେଉଛି । ବିଶ୍ୱବିଦ୍ୟାଳୟଟି ଭିତରେ ଅନୁଭବି ହୁଏ ଏକ ଅନୁକୂଳ ଶୈକ୍ଷିକ ବାତାବରଣ । କୁହାଯାଇପାରେ ବିକାଶର ବିଶାଳ ପଥର ପଥଚାରୀ ବର୍ତ୍ତମାନର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ।

## ଜି.ଏମ୍.ୟୁ.ର ଗ୍ରନ୍ଥାଗାର

ମନ୍ଦିରର ଯେପରି ମୁଖଶାଳା ଥାଏ, ଠିକ୍ ଅନୁରୂପ ଭାବରେ ବିଦ୍ୟା ମନ୍ଦିରରେ ଗ୍ରନ୍ଥାଗାର ମୁଖଶାଳା ସଦୃଶ । ଏହି ଗ୍ରନ୍ଥାଗାରଟିର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ୧୯୪୪ ମସିହାରେ । ସେହିଦିନ ଠାରୁ ଏଯାବତ୍ ନିରବଚ୍ଛିନ୍ନ ଭାବରେ ବିଦ୍ୟାର୍ଥୀମାନଙ୍କୁ ବହି ଯୋଗାଇବାରେ ଏହା ବ୍ରତୀ ହୋଇ ରହିଛି । ଦୁଇ ମହଲା ବିଶିଷ୍ଟ ଏହି ଭବ୍ୟ ଗ୍ରନ୍ଥାଗାରର ତଳ ମହଲାରେ ଦୁଇଟି କାଉଣ୍ଟର ରହିଛି । ଭିନ୍ନ ଭିନ୍ନ ତାରିଖରେ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ବହି ପ୍ରଦାନ କରାଯାଏ । ଉପର ମହଲାରେ ଅଧ୍ୟୟନ ସହିତ ଇ-ଗ୍ରନ୍ଥାଗାରର ବ୍ୟବସ୍ଥା ରହିଛି । ବର୍ତ୍ତମାନ ଏହି ଗ୍ରନ୍ଥାଗାରର ସମୁଦାୟ ଗ୍ରନ୍ଥ ସଂଖ୍ୟା ୧,୨୧,୫୬୯ । ତନ୍ମଧ୍ୟରୁ ୯୭,୨୩୫ ଖଣ୍ଡ ଟେକ୍ସଟ୍ ବହି ରହିଥିବା ବେଳେ ରେଫରେନ୍ସ ବହି ୨୩,୧୦୧ ଓ କମ୍ପିଟେଟିଭ୍ ବହି ସଂଖ୍ୟା ରହିଛି ୧,୨୩୩ ଖଣ୍ଡ । ଏହା ବ୍ୟତୀତ ୧୮ଟି ଇଂରାଜୀ ଓ ଓଡ଼ିଆ ପତ୍ରପତ୍ରିକା ପ୍ରତି ମାସରେ ଆସେ । ୭୦ ଖଣ୍ଡ ଜର୍ଣ୍ଣାଲ୍ ମଧ୍ୟ ଆସିଥାଏ । ବର୍ତ୍ତମାନ ଶ୍ରୀମତୀ ପୁଷ୍ପାଞ୍ଜିନୀ ପଟ୍ଟନାୟକ ଲାଇବ୍ରେରିଆନ୍ ଦାୟିତ୍ୱ ତୁଲାଉଛନ୍ତି । ଆଉ ଗୋଟିଏ ବିଶେଷତ୍ୱ ହେଉଛି, ସକାଳ ୮ଟା ରୁ ୧୦ଟା ଓ ସନ୍ଧ୍ୟା ୫ଟା ରୁ ୮ଟା ପର୍ଯ୍ୟନ୍ତ ଲାଇବ୍ରେରୀ କାର୍ଯ୍ୟରେ ଛାତ୍ରଛାତ୍ରୀମାନେ ନିୟୋଜିତ ରହିଥାନ୍ତି । ଏଥିପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପାରିଶ୍ରମିକ ମଧ୍ୟ ପ୍ରଦାନ କରିଥାନ୍ତି ।

## ପ୍ରତିମୂର୍ତ୍ତି ଓ ସହିଦ ସ୍ତମ୍ଭ

ବରଗଡ଼ ଜିଲ୍ଲାର ବରପାଲି ଗ୍ରାମର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ବିଶ୍ୱବିଦ୍ୟାଳୟ ପରିସରରେ ବିଦ୍ୟମାନ । ଗଙ୍ଗାଧର ମେହେରଙ୍କ ଏହି



## ଜି.ଏମ୍.ୟୁ.ର ବିଭାଗ ତାଲିକା

୧. ଓଡ଼ିଆ ଭାଷା ସାହିତ୍ୟ ପାଠଶାଳା ୨. ଇଂରାଜୀ ଭାଷା ସାହିତ୍ୟ ପାଠଶାଳା ୩. ହିନ୍ଦୀ ଭାଷା ସାହିତ୍ୟ ପାଠଶାଳା ୪. ସଂସ୍କୃତ ଭାଷା ସାହିତ୍ୟ ପାଠଶାଳା ୫. ଅର୍ଥନୀତି ପାଠଶାଳା ୬. ଇତିହାସ ପାଠଶାଳା ୭. ଦର୍ଶନଶାସ୍ତ୍ର ପାଠଶାଳା ୮. ରାଜନୀତି ବିଜ୍ଞାନ ପାଠଶାଳା ୯. ସମାଜଶାସ୍ତ୍ର ପାଠଶାଳା ୧୦. ଶିକ୍ଷା ପାଠଶାଳା ୧୧. ଭୂଗୋଳ ପାଠଶାଳା ୧୨. ଉଦ୍ଭିଦ ବିଜ୍ଞାନ ପାଠଶାଳା ୧୩. ଜୈବପ୍ରଯୁକ୍ତି ପାଠଶାଳା ୧୪. ଗଣିତ ପାଠଶାଳା ୧୫. ପରିସଂଖ୍ୟାନ ପାଠଶାଳା ୧୬. ରସାୟନ ବିଜ୍ଞାନ ପାଠଶାଳା ୧୭. ପଦାର୍ଥ ବିଜ୍ଞାନ ପାଠଶାଳା ୧୮. ବାଣିଜ୍ୟ ପାଠଶାଳା ୧୯. ମନସ୍ତତ୍ତ୍ୱ ପାଠଶାଳା ୨୦. ମାନବତତ୍ତ୍ୱ ପାଠଶାଳା ୨୧. ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ପାଠଶାଳା ୨୨. ଇଣ୍ଟିଗ୍ରେଟେଡ୍ ବି.ଇ.ଡ଼ି. ପାଠଶାଳା ୨୩. କମ୍ପ୍ୟୁଟର ସାଇନ୍ସ ପାଠଶାଳା(ବି.ସି.ଏ, ଏମ୍.ସିଏ, ଇ.ଟି.ସି, ଆଇ.ଏସ୍.ଟି) ୨୪. ମେନେଜମେଣ୍ଟ ପାଠଶାଳା(ଏମ୍.ବି.ଏ, ବି.ବି.ଏ)



ପ୍ରତିମୂର୍ତ୍ତି ପାଖରେ ରହିଛି ଏକ ସହିଦ ସ୍ତମ୍ଭ। ସେ ସହିଦ ସ୍ତମ୍ଭ ଦେହରେ ଲେଖାଅଛି: "ଐତିହାସିକ ଛାତ୍ର ଆନ୍ଦୋଳନର ଅମର ସହିଦ ସାଥିଗଣ।" ସେହି ମହାନ ବ୍ୟକ୍ତିମାନେ ହେଲେ ଜଗଦୀଶ ବନସାରି, ୰ ଶ୍ରୀଧର ବେରିହା, ପ୍ରଫୁଲ୍ଲ ରାଉତରାୟ, ଦିବାକର ବର୍ଦ୍ଧନ, ଉଦ୍ଧବ ଦେହୁରି, ଲକ୍ଷ୍ମୀଧର ମହାରଣା। ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଓ ସହିଦ ସ୍ତମ୍ଭରେ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ଦିନ ବିଶ୍ୱବିଦ୍ୟାଳୟର କୁଳପତି ପୁଷ୍ପମାଲ୍ୟ ପିନ୍ଧାଇଥାନ୍ତି।

### ଭୀମଭୋଇ ରିସର୍ଚ୍ଚ ଚେୟାର୍

୨୦୧୮/୧୯ ଶିକ୍ଷାବର୍ଷରେ ଏକ ରିସର୍ଚ୍ଚ ଚେୟାର୍ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ପ୍ରତିଷ୍ଠା କରାଯାଇଛି। ସନ୍ଥ କବି ଭୀମଭୋଇଙ୍କ ସାହିତ୍ୟ କୃତି ଉପରେ ବିଶେଷ ଗୁରୁତ୍ୱାରୋପ କରି ଗବେଷଣା ଏବଂ ଭୀମଭୋଇଙ୍କ ବିଷୟରେ ସତ୍ୟ ତଥ୍ୟ ପ୍ରଦାନ କରିବାର ଚେଷ୍ଟା କରାଯାଉଛି। ବର୍ତ୍ତମାନ ରିସର୍ଚ୍ଚ ଚେୟାର୍ ମୁଖ୍ୟ ଭାବେ ପ୍ରଫେସର ଡକ୍ଟର ସନ୍ତୋଷ କୁମାର ରଥ ଅବସ୍ଥାପିତ।

### ଜି.ଏମ୍.ୟୁ.ରେ ଓଡ଼ିଆ ଭାଷାସାହିତ୍ୟ ପାଠଶାଳା

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ପାଠଶାଳାମାନଙ୍କ ମଧ୍ୟରୁ ଓଡ଼ିଆ ପାଠଶାଳା ସ୍ୱତନ୍ତ୍ର। ଏହି ପାଠଶାଳାଟି ୧୯୪୪ ମସିହାରେ ଆରମ୍ଭ ହୋଇଥିଲା। ଆରମ୍ଭ ସମୟରେ ପାଠଶାଳାରେ ସ୍ନାତକ ଶ୍ରେଣୀ ଥିଲା। ୧୯୯୨/୯୩ ଶିକ୍ଷା ବର୍ଷରେ କଲେଜର ଅଧିକାଂଶ ବିଭାଗରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିଥିଲା। ତନ୍ମଧ୍ୟରୁ ଓଡ଼ିଆରେ ୧୬ଜଣ ଛାତ୍ରଛାତ୍ରୀଙ୍କୁ ନେଇ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ପାଠଶାଳାରୁ ସ୍ନାତକ, ସ୍ନାତକୋତ୍ତର, ଏମ୍.ଫିଲ୍, ପି.ଏଚ୍.ଡି. ଡିଗ୍ରୀ ପ୍ରଦାନ କରାଯାଉଛି। ସ୍ନାତକ ସିଟ୍ ସଂଖ୍ୟା ୫୯, ସ୍ନାତକୋତ୍ତର ସିଟ୍ ସଂଖ୍ୟା ୩୮, ଏମ୍.ଫିଲ୍ ସିଟ୍ ସଂଖ୍ୟା ୧୦ଟି ଥିବା ବେଳେ ୯ଜଣ ଛାତ୍ରଛାତ୍ରୀ ପି.ଏଚ୍.ଡ଼ି. କରୁଛନ୍ତି। ୪ଜଣ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ ଏହି ପାଠଶାଳା ପରିଚାଳିତ। ପାଠଶାଳାର ମୁଖ୍ୟ ଦାୟିତ୍ୱରେ ଡକ୍ଟର ପେଟ୍ରୋସ୍ ବୋଦ୍ରା ଥିବାବେଳେ ଡକ୍ଟର ନବୀନ କୁମାର ଜାଳ, ମୋନାଲିସା ବେହେରା, ଶ୍ରୀବନ୍ତ ଦାଶ ଶିକ୍ଷା ପ୍ରଦାନରେ ବ୍ରତୀ ଅଛନ୍ତି। ଓଡ଼ିଆ ପାଠଶାଳା ଗର୍ବ କରେ ତାର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କ ପାଇଁ।




### ଜି.ଏମ୍.ୟୁ.ର ସଫଳ ବ୍ୟକ୍ତିତ୍ୱ

ଏହି ଅନୁଷ୍ଠାନର କାନ୍ଥ ବାଡ଼ରେ ଲେଖାଅଛି ସଫଳତାର କାହାଣୀ। ଶିକ୍ଷକ, ପ୍ରଶାସକ, ଦକ୍ଷ ରାଜନେତା, ସାହିତ୍ୟିକ, ସଙ୍ଗୀତଜ୍ଞଙ୍କୁ ସୃଷ୍ଟି କରିଛି ଏଇ ଗୌରବମୟ ଅନୁଷ୍ଠାନ। ସେହି ସଫଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଭାରତର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଆଇ.ଏ.ଏସ୍. ପ୍ରମୋଦ ମିଶ୍ର, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନବକିଶୋର ଦାଶ, ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ନିରଞ୍ଜନ ପଟ୍ଟନାୟକ, ବରଗଡ଼ ଜିଲ୍ଲାର ସାଂସଦ ସୁରେଶ ପୂଜାରୀ, ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର, ଓଡ଼ିଶାର ବିଶିଷ୍ଟ ଓଡ଼ିଆ କବି ରାଜେଂନ୍ଦ୍ର କିଶୋର ପଂଡ଼ା, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗବେଷକ ପ୍ରଫେସର ଦୀପକ ବେହେରା ପ୍ରମୁଖ ଏକଦା ଛାତ୍ର ଥିଲେ ଏ ଶିକ୍ଷାୟତନର। ବାସ୍ତବରେ ଏହି ଅନୁଷ୍ଠାନର ଅବଦାନ ଛତ୍ରେ ଛତ୍ରେ ବିଚ୍ଛୁରିତ।

### ଜି.ଏମ୍.ୟୁ.ର ହଷ୍ଟେଲ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ରହିବା ପାଇଁ ହଷ୍ଟେଲର ବ୍ୟବସ୍ଥା ରହିଛି। ବିଶ୍ୱବିଦ୍ୟାଳୟରେ ସର୍ବମୋଟ ୧୦ଟି ହଷ୍ଟେଲ୍ ଅଛି। ୭ଟି ହଷ୍ଟେଲ୍ ଏବେ କାର୍ଯ୍ୟକ୍ଷମ। ସେଥିମଧ୍ୟରୁ ଛାତ୍ରମାନଙ୍କ ପାଇଁ ୪ଟି ଥିବାବେଳେ ଛାତ୍ରୀମାନଙ୍କ ପାଇଁ ୩ଟି ହଷ୍ଟେଲ୍ ରହିଅଛି।

# କୋରାପୁଟର କୀର୍ତ୍ତି



# ଆଦିବାସୀ ସଂଗ୍ରହାଳୟ

**ମୀନା ସ୍ୱାଇଁ**

କୋରାପୁଟ

ଫୋନ୍ : ୯୪୩୭୭୮୩୫୧୫

ଫଟୋ ସୌଜନ୍ୟ : ଲେଖିକା

ଖୁବ୍ ଆଗ୍ରହ ସହକାରେ ପତ୍ରିକାଟିକୁ ନେଇ ଘରେ ପହଞ୍ଚିଲି । ଭାଇ ଓ ଭାଉଜମାନେ ପତ୍ରିକାଟିରୁ ଗପଟିକୁ ପଢ଼ି ଖୁବ୍ ଗମ୍ଭୀର ଦିଶିଲେ । ଦଶହରା ଆକାଶରେ ଓହ୍ଲାଇ ଆସିଲା କଳାମେଘ । ସାନଭାଇ ପୁରୁଣା ବଡ଼ ଟ୍ରଙ୍କ୍‌ରୁ ବାହାର କରି ଆଣିଲା ଗୋଟିଏ ପଚାଶ ବର୍ଷ ତଳର ପୁରୁଣା ପିତ୍ତଳ ଗୁଆକାତି । ତାକୁ ଦେଖିବା ମାତ୍ରକେ ସମସ୍ତଙ୍କର ଆଖି ଭାରୀ ହୋଇଗଲା । 'ପକ୍ଷୀଘର ପ୍ରକାଶନୀ'ର ୨୦୧୭ ପୂଜାସଂଖ୍ୟାରେ ବାହାରିଥିବା ମୋ ଗଳ୍ପ 'ଗୁଆକାତି', ଯେଉଁଥିରେ ଥିଲା ମୋ ବୋଉର ସଂଘର୍ଷର କାହାଣୀ । ବୋଉ ଦ୍ୱାରା ବ୍ୟବହୃତ 'ଗୁଆକାତି'ଟି ଗଳ୍ପଟିରେ ପ୍ରମୁଖ ସ୍ଥାନ ବହନ କରିଥିଲା । ବୋଉର ମହାପ୍ରୟାଣର ୧୭ ବର୍ଷ ପରେ ସେହି ଗୁଆକାତିର ପ୍ରତ୍ୟକ୍ଷ ଦର୍ଶନ ପରିବେଶକୁ ଆବେଗପୂର୍ଣ୍ଣ କରି ପକାଇଲା ଓ ଗୁଆକାତିଟି ଦୁର୍ମୂଲ୍ୟ ମନେହେଲା । ସମସ୍ତଙ୍କ ମନ ଭିତରେ ବୋଧହୁଏ ବୋଉକୁ ନେଇ ଅତୀତର ଅନେକ ଦୃଶ୍ୟ ପୁନଃ ଡେଣା ଝାଡୁଥିଲା ।

ନିଜର ପ୍ରିୟଜନ କିମ୍ବା ଘରର ପୁରୁଣା ବ୍ୟକ୍ତିମାନେ ବ୍ୟବହାର କରୁଥିବା ଜିନିଷଗୁଡ଼ିକର ପ୍ରଚଳନ ଘରେ ସମୟକ୍ରମେ ଲୋପ ପାଇ ଆସେ ଓ ନୂତନ ଆଧୁନିକ ବସ୍ତୁ ତାର ସ୍ଥାନ ଅକ୍ତିଆର କରିନିଏ । କିନ୍ତୁ ତା' ସହିତ ଅନେକ ଭାବାବେଗ ଯୋଡ଼ି ହୋଇଥିବାରୁ ଅନେକ ବର୍ଷ ପରେ ମଧ୍ୟ ବସ୍ତୁଟି ଦୁର୍ମୂଲ୍ୟ ମନେହୁଏ । ତା'ସହିତ ଗୁନ୍ଥା ହୋଇ ରହିଥାଏ, ସେ ସମୟର ସଂସ୍କୃତି, ଜୀବନଚର୍ଯ୍ୟା ଓ ସଭ୍ୟତାର ଇତିବୃତ୍ତ ।

ମନେପଡ଼େ, ୧୯୮୩ ମସିହା କଥା । ସଦ୍ୟ ବାପାଙ୍କର ବଦଳି ହୋଇଥାଏ ଭଞ୍ଜନଗରରୁ କୋରାପୁଟକୁ । ସକାଳୁ ସକାଳୁ ଟୋକେଇରେ କିଛି ପରିବା ଧରି ଜଣେ ଆଦିବାସୀ ମହିଳା ବିକ୍ରି କରିବା ଉଦ୍ଦେଶ୍ୟରେ ଆସିଥାଏ । ମୁଁ ଛୋଟ ଥାଏ । କିନ୍ତୁ ସେହି ଆଦିବାସୀ ମହିଳାଟିର ବେଶପରିପାଟୀ ଆଜି ପର୍ଯ୍ୟନ୍ତ ମୋତେ ବାନ୍ଧି ରଖିଛି । ମୁଣ୍ଡର ଗୋଟିଏ ପାର୍ଶ୍ୱରେ ସିନ୍ଥା । ତେଲ ମଖା କଳା ମଚ୍‌ମଚ୍ କେଶ କପାଳ ଉପରକୁ ପାତେଇ ହୋଇ ଆସି, କାନ ଉପର ଦେଇ ଯାଇ, ଠିକ୍ କାନ ପଛରେ ସୁନ୍ଦର ଖୋସା । ସିନ୍ଥିରୁ ଖୋସା ପର୍ଯ୍ୟନ୍ତ ଷ୍ଟିଲ୍ ନିର୍ମିତ କ୍ଲିପ୍ ସବୁ ଧାଡ଼ିବାନ୍ଧି ସଜା ହୋଇଛି । ଖୋସାରେ ମେଞ୍ଚାଏ ଗେଣ୍ଡୁ, ସେବତୀ, ଡାଲିଆ ଓ କିଛି ରଙ୍ଗବେରଙ୍ଗ ପ୍ଲାଷ୍ଟିକ୍ ଫୁଲ । କାନରେ ନାଗୁଲି, କାନଫାସିଆ, ବାହୁଟୀ । ନାକରେ ନାକ ଫାସିଆ, ବେକରେ ସୋରିଶ ମାଳି, ପଇସା ମାଳି । କାନ୍ଧ ଉପରେ ଗଣ୍ଠି ପକାଇ (ଗାତ ମାରିବା) ହଳଦିଆ ଛିଟ ଶାଢ଼ୀଟେ ପିନ୍ଧିଥାଏ । ମୁଣ୍ଡରେ ଟୋକେଇ ଥୋଇଲେ କାଳେ କେଶ ଅଲରା ଓ ଅସୁନ୍ଦର ହୋଇଯିବ, ତେଣୁ ମୁଣ୍ଡ ଉପରେ ଶାଳପତ୍ରଟେ ଥୋଇଥାଏ । ଚିତ୍ରପଟଟିଏ ଭଳି ଦିଶୁଥାଏ ରମଣୀଟି । ଅନେକ ବର୍ଷ ଧରି ଏଭଳି ବେଶ ପରିପାଟୀରେ ସଜ୍ଜିତା ମହିଳା ମୁଁ ଦେଖିଥିଲି । କିନ୍ତୁ ଆଜିକାଲି କୌଣସି ଗାଁକୁ ଗଲେ ଏଭଳି ବେଶ ପରିପାଟୀରେ ସଜ୍ଜିତା ରମଣୀ ଦେଖିବାକୁ ମିଳନ୍ତି ନାହିଁ । ସମୟର ଦୌଡ଼ରେ ସେମାନେ ଆଜି ଆଧୁନିକ ବେଶଭୂଷାରେ । କହିବା ତାତ୍ପର୍ଯ୍ୟ ଏହା ଯେ ଅଧିକାଂଶ ବ୍ୟକ୍ତି ସେମାନଙ୍କ ସଂସ୍କୃତିର ପ୍ରତିକୂଳରେ ଦୌଡ଼ିବାରେ ଲାଗିଛନ୍ତି । ନିଜକୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ ରୂପେ ପରିଚିତ କରେଇବା ଅପେକ୍ଷା ଅନ୍ୟମାନଙ୍କ ସହ ମୁଖ୍ୟ ସ୍ରୋତରେ ଭାସିବାକୁ ଚାହାନ୍ତି । ଦୂରଦର୍ଶନ, ଚଳଚ୍ଚିତ୍ର, ଶିକ୍ଷା, ଅଣଆଦିବାସୀଙ୍କ ସାନିଧ୍ୟ ଓ ସର୍ବୋପରି ସ୍ମାର୍ଟଫୋନ୍‌ର ବ୍ୟବହାର ସେମାନଙ୍କୁ ଆଧୁନିକ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରଛି । ହୁଏତ କିଛି ବର୍ଷ ପରେ ସେମାନେ ବିଚ୍ଛିନ୍ନ ହୋଇଯିବେ ନିଜ ସଂସ୍କୃତି ଠାରୁ ।

ଅନେକ ସଂସ୍କୃତି, ଲୋକକଳା, ଗୀତ, ରଚନା ଧିରେ ଧିରେ ବିସ୍ମୃତିର ଗହ୍ୱରକୁ ଠେଲି ହୋଇଯାଉଛି । କିଛି ସଂସ୍କୃତିପ୍ରେମୀ ତାକୁ ଗୋଟେଇ ଆଣିବାର ପ୍ରୟାସରେ, ଜାବୁଡ଼ି ଧରି ରଖିବାର ଆଶାରେ, ବଂଚାଇ ରଖିବାର ଇଚ୍ଛାରେ ସଂଘର୍ଷରତ । ଦୈନନ୍ଦିନ ଜୀବନରେ ଆମେ ଏମିତି ଅନେକ ଜିନିଷ ବ୍ୟବହାର କରୁ, ଯାହାର ଆମ ସଂସ୍କୃତି ଓ ପରମ୍ପରା ସହ ଘନିଷ୍ଠ ସମ୍ପର୍କ ଥାଏ ବା କହିବାକୁ ଗଲେ ସେଗୁଡ଼ିକ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏଇ ଯେମିତି ଆଗକାଳରେ



ଲେଖିକା ମୀନା ସ୍ୱାଇଁ

ଗାଁରେ ବୟସ୍କ ଲୋକ ପାନ କୁଟୁଥିବା ବାଉଁଶ କୁଟୁଣୀ, କଜଳପାତି, ସିନ୍ଧୁକ, ମାଟି ପଲମ, ଶିଳ, ରୁଗୁଣା, ପଖିଆ, ଖଡୁ, କାନର ଚଉକି, ଫାଉଣ୍ଟେନ୍ ପେନ୍ ଇତ୍ୟାଦି । ଏମିତି ଅନେକ ଜିନିଷ ଆଜିକାଲି ବ୍ୟବହୃତ ହେଉନାହିଁ । ଏସବୁ ଜିନିଷର ନାମ ଉଚ୍ଚାରଣ କଲେ, ଆମ ପିଲାମାନଙ୍କର ପରବର୍ତ୍ତୀ ପିଢ଼ି ହୁଏତ ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁବେ ।




ଅତୀତର ଅନେକ ବସ୍ତୁ ଯାହାକି ଜୀବନକୁ ସହଜ, ସୁନ୍ଦର କରିବାକୁ ବ୍ୟବହୃତ ହେଉଥିଲା, କିନ୍ତୁ ବର୍ତ୍ତମାନ ତାର ବ୍ୟବହାର ଲୋପ ପାଇ ଆସିଲାଣି, ସେସବୁ ବସ୍ତୁକୁ ସଂଗ୍ରହ କରି ସାଇତିବାର ଆବଶ୍ୟକତା ରହିଛି । କାରଣ ସେସବୁ ବସ୍ତୁ ତଦାନୀନ୍ତନ ସମୟର ଚାଲିଚଳଣି ଓ ସଂସ୍କୃତିକୁ ବଖାଣିଥାଏ ।

ଇତିହାସରେ ସବୁକଥା ସ୍ଥାନ ପାଏନି । ସବୁ ଅଞ୍ଚଳ, ଐତିହାସିକ ପୃଷ୍ଠଭୂମିରେ ଅନ୍ୟମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ନ ଲାଗିପାରେ । ନିଜ ଅଞ୍ଚଳର କଥାକୁ ଇତିହାସ ପୃଷ୍ଠାରେ ଖୋଜି ଅଧିକାଂଶ ହତାଶ୍ ହେବେ ନିଶ୍ଚୟ । କିନ୍ତୁ ସେହି ଅଞ୍ଚଳର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସଂଗୃହୀତ, ସଂରକ୍ଷିତ ବସ୍ତୁଗୁଡ଼ିକ କିମ୍ବା ସେହି ଅଞ୍ଚଳର ସଂଗ୍ରହାଳୟରେ ସଂଯତ୍ନେ ସାଇତା ଜିନିଷଗୁଡ଼ିକ ଅନେକ ବର୍ଷ ପରେ ବି ନିଶ୍ଚୟ ଆମ ସଂସ୍କୃତି, ପରମ୍ପରା, ଇତିହାସକୁ କହିବାକୁ ସମର୍ଥ ହେବେ । ଏହି ଲକ୍ଷ୍ୟ ନେଇ କୋରାପୁଟରେ ସଂଗ୍ରହାଳୟଟିଏ କରିବାର ପରିକଳ୍ପନା ଆରମ୍ଭ ହୋଇଥିଲା ।

ଅବିଭକ୍ତ କୋରାପୁଟ ଜିଲ୍ଲାଟି ସମଗ୍ର ରାଜ୍ୟର ୧୭.୩୦ ପ୍ରତିଶତ ଭୂଭାଗର ଅନ୍ତର୍ଗତ । ଏଠାରେ ଆଦିବାସୀଙ୍କ ସଂଖ୍ୟା ପ୍ରାୟ ୫୫ ଲକ୍ଷ । ୧୫ ପ୍ରକାରର ମୁଖ୍ୟ ଆଦିମ ଗୋଷ୍ଠୀ ଏହି ଅଞ୍ଚଳରେ ବସବାସ କରନ୍ତି । ସମଗ୍ର ଜିଲ୍ଲାଟିକୁ ଅନୁସୂଚୀତ ଅଞ୍ଚଳ ରୂପେ ଘୋଷଣା କରାଯାଇଛି । ସମଗ୍ର ରାଜ୍ୟର ଅନୁସୂଚୀତ ଅଞ୍ଚଳର ଏହା ୩୧.୪୦ ପ୍ରତିଶତ ଅଟେ । ଏମାନଙ୍କର ପ୍ରାଚୀନ ତଥା, ପରମ୍ପରା ଓ ସାଂସ୍କୃତିକ ରୀତିନୀତି ଧିରେ ଧିରେ ଆଧୁନିକତାର ଅନ୍ଧାରି ଖୋଲକୁ ଠେଲି ହୋଇ ଯାଉଛି । ତେଣୁ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ 'ଆଦିବାସୀ ସଂଗ୍ରହାଳୟ'ର ପ୍ରତିଷ୍ଠା ସେମାନଙ୍କର ପରମ୍ପରା ଓ ସଂସ୍କୃତିର ଜାବୁଡ଼ି ଧରିରଖିବା ଲାଗି ଏକ ଆଶାର କିରଣ ସଦୃଶ ।

## କୋରାପୁଟ ଆଦିବାସୀ ସଂଗ୍ରହାଳୟର ପରିକଳ୍ପନା

ଶାବର ଶ୍ରୀକ୍ଷେତ୍ରର ନିର୍ମାଣର ପରିକଳ୍ପନା ଯେବେ କରାଯାଇଥିଲା, ତାର ନିୟମାବଳୀରେ 'ସଂଗ୍ରହାଳୟ' ଓ 'ଗବେଷଣାଗାର'ଟିଏ ପ୍ରତିଷ୍ଠା କରିବା ବିଷୟ ମଧ୍ୟ ସ୍ଥାନ ପାଇଥିଲା ।

ଭୁବନେଶ୍ୱରସ୍ଥ ରାଜ୍ୟ ସଂଗ୍ରହାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ୧୯୮୫ ମସିହାରେ କୋରାପୁଟ ଠାରେ ଏକ ମାନବ ସଂଗ୍ରହାଳୟ ପ୍ରତିଷ୍ଠା ବିଷୟରେ ବିଚାର ବିମର୍ଷ ହୋଇଥିଲା । ହୁଏତ ତାର ସୁଦୂର ପରିଣାମ ସ୍ୱରୂପ ଏହି ଅନୁଷ୍ଠାନଟି ଜନ୍ମ ନେଲା । 'ମାନବ ସଂଗ୍ରହାଳୟ ପରିଷଦ' ନାମରେ ଏକ ସ୍ୱାବଲମ୍ବୀ ସଂସ୍ଥା ଗଠନ କରାଯାଇ 'ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟ' ଅନୁଯାୟୀ ପଞ୍ଜିକୃତ କରାଯାଇଥିଲା ।


୧୯୯୧ ମସିହା ଡିସେମ୍ବର ୨୨ ତାରିଖ ଦିନ ତତ୍‌କାଳୀନ ଜିଲ୍ଲାପାଳ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସମାବେଶରେ ସ୍ଥିର କରାଗଲା ଯେ 'ମାନବ ସଂଗ୍ରହାଳୟ' ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ା ଯିବ । ଏହାର ପରିଚାଳନା ପାଇଁ ସରକାରୀ ଉଚ୍ଚ ଅଧିକାରୀମାନଙ୍କୁ ଏକ୍ସ-ଅଫିସିଓ ଭାବେ ରଖାଗଲା । ତେଣୁ ଏହା ସଂପୂର୍ଣ୍ଣ ବେସରକାରୀ ନ ହୋଇ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ସଂସ୍ଥା ଭାବେ ଉଭା ହେଲା । ଏହାର ଦୈନନ୍ଦିନ ପରିଚାଳନା ପାଇଁ ଆର୍ଥିକ ତଥା ବୈଷୟିକ ସହଯୋଗ ଶ୍ରୀଜଗନ୍ନାଥ ମନ୍ଦିର ଯୋଗେଇ ଦେବାକୁ ସ୍ଥିରୀକୃତ ହେଲା ।

୨୦ ଜଣ ସଦସ୍ୟ ବିଶିଷ୍ଟ ଏକ ପରିଷଦ ଦ୍ୱାରା ଏହି ସଂଗ୍ରହାଳୟ ପରିଚାଳିତ । ସେମାନଙ୍କ ମଧ୍ୟରୁ କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ୧୭ ଜଣ ସରକାରୀ ଉଚ୍ଚ ଅଧିକାରୀ ରହିଛନ୍ତି ।



ଏଭଳି ଏକ ନିଃସ୍ୱାର୍ଥପର, ଗମ୍ଭୀର, ଗୁରୁତ୍ୱପୂର୍ଣ୍ଣ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଆବଶ୍ୟକ ପଡ଼ିଲା ପ୍ରଶସ୍ତ କ୍ଷେତ୍ର ତଥା କୋଠାଘରଟିଏ, ଯିଏକି ସବୁଦିନ ପାଇଁ ସଂଗୃହୀତ ବସ୍ତୁକୁ ସଯତ୍ନେ ସୁରକ୍ଷିତ ଓ ସଂରକ୍ଷିତ କରି ରଖିପାରିବ । ଶ୍ରୀଜଗନ୍ନାଥ ମନ୍ଦିରର ପାଦଦେଶରେ ଅବସ୍ଥିତ ଦଣ୍ଡକାରଣ୍ୟ ପ୍ରଶାସକଙ୍କ ବଙ୍ଗଳାଟିକୁ ଏହି ସଂଗ୍ରହାଳୟ ସକାଶେ ପ୍ରଦାନ କରିବାକୁ ସରକାରଙ୍କୁ ନିବେଦନ କରାଯିବାକୁ ସ୍ଥିର କରାଗଲା । ୧୯୯୨ ମସିହା ଜାନୁଆରୀ ୨୧ ତାରିଖ ଦିନ ଉପରୋକ୍ତ ବଙ୍ଗଳା ଓ ଏହା ସଂଲଗ୍ନ ପରିସରଟି ଆଦିବାସୀ ପରିଚାଳନା ପରିଷଦର ହସ୍ତଗତ ହେଲା ।






## ସଂଗ୍ରହାଳୟ କୋଠାର ଇତିବୃତ୍ତି

ବର୍ତ୍ତମାନର କୋରାପୁଟ ଆଦିବାସୀ ସଂଗ୍ରହାଳୟଟି ଇଂରେଜ ସରକାରଙ୍କ ଅମଳରେ ନିର୍ମିତ ହୋଇଥିଲା । ତାର ଗଠନ ଭିନ୍ନ ଧରଣର । ଝରକା ପାର୍ଶ୍ୱଟି ସଂପୂର୍ଣ୍ଣ ବାହାରକୁ ବାହାରିଥାଏ, ଯଦ୍ୱାରା ତିନି ପାର୍ଶ୍ୱକୁ ଦେଖିହୁଏ । ନିଆଁ ଜାଳି କୋଠରୀର ଥଣ୍ଡାକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର ଚିମିନି ସଂଯୁକ୍ତ ଖୋଲ ରହିଛି । ଏହି ଗୃହରେ ଇଂରେଜ ଅମଳରେ ଟି.ଡ଼ି.ଏଲ୍.ଏ. ନାମକ ସଂସ୍ଥାର ଦପ୍ତର ରହିଥିଲା । ଆସାମର ଚା ବାଗାନ୍‌ରେ କାମ କରିବା ପାଇଁ ଏହି ଦପ୍ତର ଏଠାରୁ କୋରାପୁଟ ଅଞ୍ଚଳର ଅଧିବାସୀଙ୍କ ମଧ୍ୟରୁ ଶ୍ରମିକ ସଂଗ୍ରହ କରୁଥିଲା । ସେହି ଶ୍ରମିକମାନେ କ୍ରମଶଃ ସେଠାରେ ବିବାହ କରି ବସତିସ୍ଥାପନ କରିଛନ୍ତି । ଆସାମର ନିପଟ ଗାଁ ଭିତରେ କୋରାପୁଟ ଅଞ୍ଚଳର ଆଦିବାସୀ ବସତି ସ୍ଥାପନର ପ୍ରମାଣ ଆଜି ବି ମିଳେ । ପରେ ଏହି କମ୍ପାନୀ ବନ୍ଦ ହୋଇଗଲା ।

ଏହାପରେ ୧୯୫୮ରେ ବଙ୍ଗଳା ଦେଶର ଉଦ୍‌ବାସ୍ତୁଙ୍କୁ ଥଇଥାନ କରିବା ଲାଗି ଭାରତ ସରକାରଙ୍କ ଦ୍ୱାରା 'ଦଣ୍ଡକାରଣ୍ୟ' ଯୋଜନା ଆରମ୍ଭ ହେଲା । କେନ୍ଦ୍ର ସରକାର ଇଂରେଜ କମ୍ପାନୀ ଠାରୁ ସେହି ସଂଗ୍ରହାଳୟ ଗୃହ ଓ ପାର୍ଶ୍ୱରେ ଥିବା କର୍ମଚାରୀଙ୍କ ଗୃହକୁ କିଣିନେଲେ । ତାହା ଦଣ୍ଡକାରଣ୍ୟ ଯୋଜନାର ମୁଖ୍ୟ ପ୍ରଶାସକଙ୍କ ବାସଗୃହ ଭାବେ ବ୍ୟବହାର ହେଲା । ଦଣ୍ଡକାରଣ୍ୟ ଯୋଜନା ବନ୍ଦ ହେବା ପରେ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଲା । କିଛିଦିନ ପାଇଁ ସେଠାରେ ସେନ୍‌ସେସ୍ ଅଫିସ୍ ଚାଲିଥିଲା ।

ବଙ୍ଗଳାଟି ସଂଗ୍ରହାଳୟ ଉଦ୍ଦେଶ୍ୟରେ ହସ୍ତଗତ ହେବା ସମୟରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିଲା । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥାର ଆର୍ଥିକ ସହଯୋଗରେ ଓ କିଛି ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ଫଳରେ ଏହାକୁ ପୁନରୁଦ୍ଧାର କରାଯାଇ ପାରିଲା ।

## ସଂଗ୍ରହାଳୟର ଅୟମାରମ୍ଭ

୧୯୯୨ ମସିହା ଜାନୁଆରୀ ୨୬ ତାରିଖରେ ଏହି ସଂଗ୍ରହାଳୟଟି ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିଲା । କିନ୍ତୁ ଏହାର ମରାମତି ଅବ୍ୟାହତ ଥିଲା । ଏହାର ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ପ୍ରୟାସ ଚାଲିଥିଲା । ଏଥିସହିତ ସଂଗ୍ରହାଳୟ ନିମନ୍ତେ ବିଭିନ୍ନ ବସ୍ତୁସଂଗ୍ରହ ଓ ତାର ପ୍ରଦର୍ଶନ ଲାଗି ଉଦ୍ୟମ ମଧ୍ୟ ଚାଲିଥିଲା । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା ସଂସ୍ଥା ସଂଗ୍ରହାଳୟର ବିଭିନ୍ନ ବସ୍ତୁକୁ ପ୍ରଦର୍ଶନ କରିବା ଲାଗି ଆବଶ୍ୟକୀୟ ବୋର୍ଡ଼, ସୋ କେସ୍ ମାନ ତିଆରି କରିବାରେ ସହଯୋଗ କଲେ ।

ସଂଗ୍ରହାଳୟ ପାଇଁ ଅନେକ ବସ୍ତୁ କ୍ରୟ କରିଯିବା ସହ କିଛି ଦାନସୂତ୍ରରେ ସଂଗ୍ରହ କରାଯାଇଥିଲା । ଏଥିପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ, ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଅଶେଷ ସହଯୋଗ କରିଛନ୍ତି । ଶ୍ରୀ ଉଦୟ ସାହୁ ନାମକ ଜନୈକ ବ୍ୟକ୍ତି ଏଥିରେ ଅନବରତ ସହଯୋଗ କରିଚାଲିଥିଲେ । ଶ୍ରୀ ଉଦୟ ସାହୁ ପ୍ରତ୍ୟେକ ରବିବାର ସାପ୍ତାହିକୀ ହାଟରୁ ଆଦିବାସୀମାନଙ୍କ ବ୍ୟବହାରରେ ଲାଗୁଥିବା ଗହଣା, ଦୈନନ୍ଦିନ କାର୍ଯ୍ୟରେ ଲାଗୁଥିବା ଉପକରଣ ଆଦି କ୍ରୟ କରି ସଂଗ୍ରହ କରୁଥିଲେ । ଆଦିବାସୀ ସଂଗ୍ରହାଳୟଟି ଭୂମିଷ୍ଠ ହେବା ପୂର୍ବରୁ ଓ ପରଠାରୁ ଆଜିପର୍ଯ୍ୟନ୍ତ ତାକୁ ସାଷ୍ଟାମ ହେବାରେ, ଅଣ୍ଟା ସଳଖି ସଗର୍ବେ ଠିଆ ହେବାରେ ସହଯୋଗ କରିଆସିଥିବା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ରୀ ଉମାକାନ୍ତ ଦାସ ଅଦ୍ୟାବଧି ଏହି ଅନୁଷ୍ଠାନର ସେବାରେ ବ୍ରତୀ । ନେପଥ୍ୟେ ଥାଇ ସଂଗ୍ରହାଳୟର ସମସ୍ତ କାର୍ଯ୍ୟରେ ନିଜର ସମୟକୁ ବିନିଯୋଗ କରିଛନ୍ତି । କିନ୍ତୁ ବିନମ୍ରତାର ସହ ସେ ଶ୍ରୀ ଉଦୟ ସାହୁଙ୍କ ଅବଦାନକୁ ପ୍ରଶଂସା କରିବାରେ କାର୍ପଣ୍ୟ କରନ୍ତି ନାହିଁ । 'ସେବା' ଶବ୍ଦଟି ହିଁ

ବୋଧେ ସେମିତି । ଯେଉଁଠି ସେବାକାରୀ ନିଜକୁ ଆଢୁଆଳରେ ରଖି, ଉପସ୍ଥିତ ବସ୍ତୁ ଅନୁଷ୍ଠାନର ଉନ୍ନତି କରିବାରେ ଅହରହ ସମସ୍ତ ସମୟକୁ ବିନିଯୋଗ କରୁଥାଏ ଓ ଉନ୍ନତିକୁ ଅବଲୋକନ କରି ନିଜ ଚକ୍ଷୁର ତୃଷା ମେଣ୍ଟାଉଥାଏ, ଅଦ୍ଭୁତ ଶାନ୍ତିରେ ସିକ୍ତ କରୁଥାଏ ନିଜ ହୃଦୟକୁ ।

ସଂଗ୍ରହାଳୟ ଗୁଡ଼ିକର କାର୍ଯ୍ୟକ୍ରମକୁ ମୁଖ୍ୟତଃ ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ବସ୍ତୁ ସଂଗ୍ରହ, ସଂରକ୍ଷଣ, ପ୍ରଦର୍ଶନ ଏବଂ ସେବା । ଏ ସମସ୍ତ କାର୍ଯ୍ୟ ଲାଗି ପରିଚାଳନାଗତ ଦକ୍ଷତା ନିତାନ୍ତ ଆବଶ୍ୟକ । ସଂଗ୍ରହାଳୟରେ ଆଠଟି ଗ୍ୟାଲେରୀରେ ବସ୍ତୁମାନଙ୍କୁ ରଖାଗଲା । ପୋଷାକ ପରିଚ୍ଛଦ, ଅଳଙ୍କାର, କୃଷି ଉପକରଣ, ଅସ୍ତ୍ରଶସ୍ତ୍ର, ମାଛଧରା ଓ ଗୃହଉପକରଣ, ବାଦ୍ୟଯନ୍ତ୍ର, ଲୋକ ଚିତ୍ରକଳା ଓ ମୁଖା । ଏହାପରେ ହସ୍ତକର୍ମ ଓ କୁଟୀର ଶିଳ୍ପ ପାଇଁ ଅନ୍ୟ ଏକ ପ୍ରକୋଷ୍ଠ ପ୍ରସ୍ତୁତ କରାଗଲା । ବଙ୍ଗଳାର ବାହାରେ ପାର୍ଶ୍ୱବର୍ତ୍ତୀ ଲମ୍ବା ବାରନ୍ଦାର କାଚ କାନ୍ଥ ଭିତରେ ବିଭିନ୍ନ ଖଣିଜ ସଂପଦର ନମୁନାମାନ ପ୍ରଦର୍ଶିତ ହେଲା । ପରବର୍ତ୍ତୀ ବର୍ଷ ପ୍ରାକୃତିକ ଇତିହାସ ଗ୍ୟାଲେରୀ ଉନ୍ମୋଚିତ ହେଲା ।

ସଂଗ୍ରହାଳୟର ପରିସରରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ରିଲିଫ୍ ମାନଚିତ୍ର ପ୍ରସ୍ତୁତ କରାଗଲା । ୧୯୯୫ ମସିହାରେ ସଂଗୃହୀତ ବହୁ ଚେରମୂଳିକୁ ନେଇ ପରବର୍ତ୍ତୀ କାଳରେ 'ଔଷଧି ଓ ଚେରମୂଳି' ବିଭାଗଟିଏ ଖୋଲାଗଲା ।

ଶିଶୁମାନଙ୍କୁ ସଂଗ୍ରହାଳୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଛୋଟ ଚିଡ଼ିଆଖାନାଟିଏ ସୃଷ୍ଟି କରାଯାଇ ମୟୂର, ଠେକୁଆ, ହରିଣ ଆଦି ବନ୍ୟପ୍ରାଣୀ ରଖାଯାଇଥିଲା । କିନ୍ତୁ ଯତ୍ନ ଓ ରକ୍ଷଣାବେକ୍ଷଣରେ ଅସୁବିଧା ଉପୁଜିବାରୁ ଚିଡ଼ିଆଖାନାଟିକୁ ଚାଲୁ ରଖିବା ସମ୍ଭବପର ହେଲା ନାହିଁ ।

ଏହାର ଜାଙ୍ଗଲିକ ପରିବେଶରେ 'ଜଙ୍ଗଲ ରେଷ୍ଟୁରାଣ୍ଟ'ଟିଏ ମଧ୍ୟ କରାଗଲା । କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ ବିବାଦ ଯୋଗୁଁ ଏହା ବନ୍ଦ ହୋଇଗଲା । ସଂଗ୍ରହାଳୟର ଭିତର ଲମ୍ବା ବାରଣ୍ଡାଟିରେ କୋରାପୁଟ ଅଞ୍ଚଳରେ ମିଳୁଥିବା ନାନା ପ୍ରକାରର ଧାନ ପ୍ରଦର୍ଶିତ ହୋଇଛି ।

## ଆଦିବାସୀ ସଂଗ୍ରହାଳୟ, କୋରାପୁଟର ବିଭିନ୍ନ ଦିଗ

ସଂଗ୍ରହାଳୟରେ ସଂସ୍କୃତି ସମ୍ପର୍କିତ ଦୃଶ୍ୟ ବସ୍ତୁ ରହିବା ସାଥେ ସାଥେ ଏମିତି କିଛି ଥାଏ, ଯାହା ସଂସ୍କୃତି ସହ ଆମକୁ ଯୋଡ଼ିରଖେ । କୋରାପୁଟ ଆଦିବାସୀ ସଂଗ୍ରହାଳୟଟି କେବଳ ବସ୍ତୁ ପ୍ରଦର୍ଶନରେ ସୀମାବଦ୍ଧ ହୋଇରହିନାହିଁ । ଆଦିବାସୀ ସଂସ୍କୃତିକୁ ପ୍ରସାରିତ ଓ ଉଜ୍ଜୀବିତ ରଖିବା ଲାଗି ଅନବରତ ଅନେକ କିଛି କାର୍ଯ୍ୟ ହାତକୁ ନେଇଛି ।

ସଂଗ୍ରହାଳୟ ଓ ଆଦିବାସୀ ବିଶ୍ଳେଷଣାତ୍ମକ ଗବେଷଣା ପରିଷଦର ସହଯୋଗରେ ୧୯୯୪ ମସିହାରେ An Approach to Tribal Development ବିଷୟକୁ ନେଇ ଏକ ସଂପାନ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ତତ୍‌କାଳୀନ ରାଜ୍ୟପାଳ ଶ୍ରୀ ବି. ସତ୍ୟନାରାୟଣ ରେଡ୍‌ଡ଼ୀ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ପୁଣି ୧୯୯୪ ଫେବୃଆରୀ ମାସରେ 'ସାଂସ୍କୃତିକ ପର୍ଯ୍ୟଟନ ମାଧ୍ୟମରେ ଆଦିବାସୀଙ୍କ ସାମାଜିକ ଓ ସାଂସ୍କୃତିକ ବିକାଶ' ଉପରେ ଏକ କର୍ମଶାଳା ଆୟୋଜନ ହୋଇଥିଲା ।

୨୦୦୬ରେ ସଂଗ୍ରହାଳୟ ଏକ ଅଭିନବ କାର୍ଯ୍ୟ ହାତକୁ ନେଇଛି 'ରେଭେନ୍ୟୁ କୋଡ୍' । ଏହା ଅନୁଯାୟୀ ପ୍ରତି ଜମିର ମାଲିକାନା ବୈଜ୍ଞାନିକ ଢଙ୍ଗରେ ନିରୂପଣ କରି ବ୍ୟକ୍ତି ବିଶେଷଙ୍କ ଅଧିକାରଭୁକ୍ତ ଜମିକୁ ବିବାଦମୁକ୍ତ କରି ପଟ୍ଟା ଯୋଗାଇ ଦେବା । ଏଥିନିମନ୍ତେ ଏକ ଆଲୋଚନା ଚକ୍ର ମଧ୍ୟ ପୂର୍ବରୁ ଅନୁଷ୍ଠିତ କରାଯାଇଥିଲା । ଯେଉଁଥିରେ କି ଜମିଜମା ସଂପର୍କୀୟ ସମସ୍ୟାମାନଙ୍କ ବିଷୟରେ ଭିନ୍ନ ଭିନ୍ନ ଦିଗରୁ ଆଲୋଚନା ହୋଇଥିଲା ଓ ବିଶେଷଜ୍ଞଙ୍କ ଉପସ୍ଥିତିରେ ବିଭିନ୍ନ ନିର୍ଯ୍ୟାସମାନ ପ୍ରସ୍ତୁତ କରାଯାଇଥିଲା ।

୨୦୦୬ରୁ ଶୋଧଯାତ୍ରା ଅର୍ଥାତ୍ ଜ୍ଞାନସନ୍ଧାନ ପଦଯାତ୍ରାରେ ନିଜକୁ ସାମିଲ୍ କଲା । ପାରମ୍ପରିକ ଜ୍ଞାନଧାରୀ ବ୍ୟକ୍ତିଙ୍କୁ ଗାଁ ଗହଳିରୁ ଚିହ୍ନଟ କରି ସଂଗ୍ରହାଳୟ ସେମାନଙ୍କୁ 'ଡଙ୍ଗରଶ୍ରୀ' ଉପାଧିରେ ସମ୍ମାନିତ କରିଛି ଓ ସେମାନଙ୍କୁ ଠାରୁ ଜ୍ଞାନକୌଶଳ ସଂଗ୍ରହ କରିଛି ।

୨୦୦୬ ଡିସେମ୍ବର ୧୭ ତାରିଖରୁ ୧୯ ତାରିଖ ମଧ୍ୟରେ କର୍ମଶାଳାଟିଏ ଆୟୋଜିତ କରିଥିଲା । 'ଆଦିବାସୀମାନଙ୍କର ସ୍ଥିତି ଓ ପରିଚିତିରେ ସଂକଟ' ଶୀର୍ଷକରେ କର୍ମଶାଳାଟି ଥିଲା । ଯେଉଁ ଗୋଷ୍ଠୀଗୁଡ଼ିକୁ ଆଦିବାସୀ ତାଲିକାଭୁକ୍ତ ହେବାକଥା କିନ୍ତୁ ହୋଇନପାରି ସରକାରୀ ସୁଖସୁବିଧାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କ ମନରୁ ହୀନମନ୍ୟତା ଦୂର କରି ଦେଶର ବିକାଶଧାରାରେ ଅଂଶଗ୍ରହଣ କରିବାରେ ସେମାନଙ୍କୁ ସମର୍ଥ କରେଇବା ।

ଆଦିବାସୀମାନଙ୍କ ମଧ୍ୟରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ଲାଗି ଡଙ୍ଗର କପ୍ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଓ 'ଡଙ୍ଗରଶ୍ରୀ' ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି ।

ସଂଗ୍ରହାଳୟ ଦ୍ୱାରା ଡଙ୍ଗର ଉତ୍ସବ ଆୟୋଜନ ଏକ ଚମତ୍କାର ପଦକ୍ଷେପ । ଆଦିବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ସେମାନଙ୍କର ଆଶା ଆକାଂକ୍ଷାକୁ ମଉଳିବାକୁ ନଦେଇ ସେମାନଙ୍କର ସର୍ବାଙ୍ଗୀନ ବିକାଶ ଏହାର ଲକ୍ଷ୍ୟ । ଭାରତରେ



ଏଭଳି 'ଆଦିବାସୀ ସଂଗ୍ରହାଳୟ'ର ସଂଖ୍ୟା ଖୁବ୍ କମ୍ । ଏଭଳି ଏକ ସଂଗ୍ରହାଳୟ ପ୍ରତିଷ୍ଠା କୋରାପୁଟ ପର୍ଯ୍ୟଟନ କ୍ଷେତ୍ରର ପରିସରକୁ ପ୍ରସାରିତ କରିଛି । ଅନେକ ବିଦ୍ୱାନ, ଗବେଷକ ଏହାର ସୁରଭିରେ ଆକୃଷ୍ଟ ହୋଇ ନିଜର ଜ୍ଞାନ ଓ ଲେଖନୀକୁ ଋଦ୍ଧିମନ୍ତ କରିଛନ୍ତି । କୋରାପୁଟର ଭୌଗୋଳିକ ରୂପ ଦୁର୍ଗମ । ଆଗ୍ରହ ଥିବା ସତ୍ତ୍ୱେ ଗବେଷକ, ବିଶେଷଜ୍ଞ ପହଞ୍ଚି ପାରନ୍ତି ନାହିଁ ଆଦିବାସୀଙ୍କର ଜୀବନଚର୍ଯ୍ୟା, ସାମାଜିକ ବିଧି ବ୍ୟବସ୍ଥା, ସଂସ୍କୃତି ଓ ପରମ୍ପରାକୁ ଅନୁଧ୍ୟାନ କରିବାକୁ । ତେଣୁ ଏହି ସଂଗ୍ରହାଳୟ ସେମାନଙ୍କୁ ପ୍ରମାଣ ଯୋଗେଇବାର ସହାୟକ ହୋଇଛି ।

## ଆଦିବାସୀ ସଂଗ୍ରହାଳୟର ଅତିଥିଗଣ

ଭିନ୍ନ ଭିନ୍ନ ସମୟରେ ଅନେକ ଅତିଥି ଆସି ଆଦିବାସୀ ସଂଗ୍ରହାଳର ପ୍ରୟାସ, କାର୍ଯ୍ୟକଳାପ, ପରିବେଶ ତଥା ପ୍ରଦର୍ଶିତ ଉପକରଣ ଦେଖି ଖୁବ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି ।

୧. ଜାତୀୟ ସଂଗ୍ରହାଳୟର ପ୍ରଶାସନିକ ଅଧିକାରୀ ମିସ୍ ମଣିକୁନ୍ତଳା ସରକାର ।

୨. ଏୟାର୍ ଭାଇସ୍ ମାର୍ଶାଲ୍, ଓଡ଼ିଶା ରାଜ୍ୟପାଳ, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିଗଣ, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ସଚିବ, ଜର୍ମାନୀ, ଆୟର୍‌ଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସର ବିଦ୍ୱାନ ଗବେଷକଗଣ ସମସ୍ତେ କୋରାପୁଟ ଆଦିବାସୀ ସଂଗ୍ରହାଳୟର ପରିସରରେ କିଛି ସମୟ ଅତିବାହିତ କରି ନିଜକୁ କୃତାର୍ଥ ମଣିବା ସହ ସଂଗ୍ରହାଳୟକୁ ମଧ୍ୟ ଗୌରବାନ୍ୱିତ କରିଛନ୍ତି ।

ଦୁଇବର୍ଷ ଧରି 'କୋରାପୁଟ ସାହିତ୍ୟ ଉତ୍ସବ' ଏହାର ପରିସରରେ ଅନୁଷ୍ଠିତ ହୋଇଛି ।  ସାରସ୍ୱତ ସାଧନା ଓ ସାଧକଙ୍କୁ ନିଜ କୋଳରେ ସ୍ଥାନ ଦେଇ, ସାହିତ୍ୟର ପ୍ରଚାର ପ୍ରସାରରେ ସହଯୋଗର ହାତ ବଢ଼ାଇ ସଂଗ୍ରହାଳୟଟି ନିଜର ଉଦାରତାର ପରିଚୟ ଦେଇଛି । ଏହା ସାରସ୍ୱତ ସାଧକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

ଛାତିଏ ଅବସୋସ୍‌କୁ ଚାପି ଧରି ଆଦିବାସୀ ସଂଗ୍ରହାଳୟ ଛାଡୁଥିବା ଦୀର୍ଘଶ୍ୱାସ ଆଜି ବି ବାଡ଼େଇ ହୁଏ ତା' ସମ୍ମୁଖରେ କାହିଁ କୋଉ କାଳୁ ଠିଆ ହୋଇଥିବା ବିରାଟ ପାଇନ୍ ଗଛ ଦେହରେ । ସଂଗ୍ରହାଳୟର ଉଦ୍ୟମରେ କୋରାପୁଟ ଅଞ୍ଚଳରେ ଆଦିବାସୀ ବିଶ୍ୱବିଦ୍ୟାଳୟଟିଏ ଠିଆ କରିବା ଲାଗି ଅନେକ ଶ୍ରମ ସ୍ୱୀକାର କରି ପ୍ରାରମ୍ଭିକ ଯୋଜନା, ଜମି ଚିହ୍ନଟ, ପାଠ୍ୟ ଖସଡ଼ା ପ୍ରସ୍ତୁତି କରି ସାରିଥିବା ସତ୍ତ୍ୱେ ତାହା ରୂପ ନେଇପାରିଲା ନାହିଁ । ସଂଗ୍ରହାଳୟ ନିଜକୁ ଏକ ସ୍ୱତନ୍ତ୍ର  ପରିପାଟୀରେ ସଜାଇ ଠିଆ ହେବାକୁ ଉଦ୍ୟମ କଲାବେଳେ ଆର୍ଥିକ





ପରିସ୍ଥିତି ପ୍ରତିବନ୍ଧକ ସାଜିଛି, ଯଦିଓ ନିତ୍ୟ ନୈମିତ୍ତିକ ଖର୍ଚ୍ଚ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଆଜିପର୍ଯ୍ୟନ୍ତ ତୁଲାଇ ଆସିଛି । ଇ-ଡ଼ାଟା ବ୍ୟାଙ୍କ୍ ନିର୍ମାଣ କିରବା ପାଇଁ ଆବଶ୍ୟକୀୟ ଜ୍ଞାନ କୌଶଳ ଯୋଗାଇବା ଲାଗି ORSAC ସହ ଯୋଗାଯୋଗ ହୋଇଛି । କିନ୍ତୁ ଅଦ୍ୟାବଧି ତାହା ସଂପୂର୍ଣ୍ଣ ହୋଇପାରିନି ।

ସଂଗ୍ରହାଳୟରେ କେତେଜଣ ସ୍ୱେଚ୍ଛାସେବୀ ନିରନ୍ତର କାର୍ଯ୍ୟରତ । ନାମକୁ ମାତ୍ର ପାରିତୋଷିକ ମିଳିଥାଏ ସେମାନଙ୍କୁ । ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ କେବେ ଦେଇପାରିବ, ସେଇଥି ଲାଗି 'ଆଦିବାସୀ ସଂଗ୍ରହାଳୟ ପରିଷଦ' ଚିନ୍ତିତ ।

ଆଦିବାସୀ ସଂସ୍କୃତି ଓ ପ୍ରଥା ଉପରେ ଆଧାରିତ ଲୋକଗୀତ ଓ ଲୋକକଥା ଗୁଡ଼ିକ ସଂଗ୍ରହ କରିବା ଆବଶ୍ୟକ ।  ଏଥିପାଇଁ ଏଥିରେ ସଂପୃକ୍ତ ବ୍ୟକ୍ତିମାନଙ୍କର ସହଯୋଗ ଲୋଡ଼ା ।

ସଂଗ୍ରହାଳୟର ବସ୍ତୁଗୁଡ଼ିକ ସଂରକ୍ଷଣ ଲାଗି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ଓ ବିଭିନ୍ନ ରାସାୟନିକ ପଦାର୍ଥ ଆବଶ୍ୟକ । ତତ୍‌ସଂଲଗ୍ନ ଏକ ଲାବୋରାଟୋରୀ ମଧ୍ୟ ରହିବା ଜରୁରୀ ।


ସମସ୍ତ ବସ୍ତୁର ପଂଜୀକରଣ ଆବଶ୍ୟକ । ଏଥିଲାଗି ସ୍ୱତନ୍ତ୍ର ପ୍ରକୋଷ୍ଠ ଲୋଡ଼ା । କୁଶଳୀ ଓ ଅଣକୁଶଳୀ କର୍ମଚାରୀ ରହିଲେ ହିଁ ବୈଜ୍ଞାନିକ ଉପାୟରେ ବସ୍ତୁଗୁଡ଼ିକର ସଂରକ୍ଷଣ ସମ୍ଭବ ।

ସଂଗ୍ରହାଳୟର ନିଜସ୍ୱ ଗ୍ରନ୍ଥାଗାରରେ ଆଦିବାସୀ ସମ୍ପର୍କିତ ଗ୍ରନ୍ଥ, ନୃତତ୍ତ୍ୱ, ସମାଜବିଜ୍ଞାନ, ଇତିହାସ, ସଂସ୍କୃତି ଆଦି ବିଷୟର ଗ୍ରନ୍ଥ ସବୁ ରହିଛି । କିନ୍ତୁ ଏହାକୁ ସମୃଦ୍ଧ କରିବାକୁ ଜାତୀୟ ଅଭିଲେଖାଗାର ଦ୍ୱାରା ପ୍ରକାଶିତ କଳା ଓ ସଂସ୍କୃତି ଆଧାରିତ ଆହୁରି ଅନେକ ଗ୍ରନ୍ଥର ଆବଶ୍ୟକତା ରହିଛି ।

ସଂଗ୍ରହାଳୟ ଏକ ଅର୍ଥ ବିନିଯୋଗକାରୀ ସଂସ୍ଥା, ତେଣୁ ସର୍ବଦା ନିର୍ଭରଶୀଳ । ସ୍ୱାବଲମ୍ବୀ ହେବାକୁ ଏହାକୁ ନିଜସ୍ୱ ଉଦ୍ୟମ ଆବଶ୍ୟକ ।

ବର୍ତ୍ତମାନ ସମୟରେ ଖୁବ୍ ଦ୍ରୁତଗତିରେ ସମାଜ ବଦଳୁଛି । ବଦଳୁଛି ଆମ ଜୀବନ ଶୈଳୀ, ପରବର୍ତ୍ତୀ ପିଢ଼ିମାନଙ୍କର ମନୋଭାବ, ଚାଲିଚଳନ ତଥା ସଂସ୍କୃତି ଓ ପରମ୍ପରା । ତେଣୁ ସଂସ୍କୃତିକୁ ସାଇତି ରଖିବା ସହ ଭବିଷ୍ୟତରେ ଗବେଷକମାନଙ୍କ ପାଇଁ ଅଧ୍ୟୟନ ଓ ତୁଳନାତ୍ମକ ଅଧ୍ୟୟନ ଲାଗି ଏକ ବିସ୍ତୃତ କ୍ଷେତ୍ର ଯୋଗାଇବାରେ ଏହା ଏକ ମୂଲ୍ୟବାନ ସମ୍ପତ୍ତି ରୂପେ ପରିଗଣିତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ସଂଗ୍ରହାଳୟର ଉପଯୋଗିତା ଅନେକ । ଏହା ଏକ ଶିକ୍ଷାନୁଷ୍ଠାନ ଭଳି । କିନ୍ତୁ ଏଥିରୁ ମିଳୁଥିବା ଶିକ୍ଷା ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇପାରେ ନାହିଁ । ତେଣୁ ଏହାର ଉପଯୋଗିତାକୁ ସମସ୍ତେ ସହଜରେ ଉପଲବ୍ଧି କରିପାରିନ୍ତି ନାହିଁ । ଅତ୍ୟନ୍ତ ମନୋରମ ପ୍ରାକୃତିକ ଦୃଶ୍ୟରାଜିରେ ଭରା ଆଦିବାସୀ ସଂଗ୍ରହାଳୟକୁ ନିଜ ବୁକୁରେ ଜଡ଼ାଇ ଧରି କୋରାପୁଟ ଠିଆ ହୋଇଛି ସଗର୍ବେ, ଖୁବ୍ ଗୋଟେ ମିଠା ହସକୁ ଓଠରେ ଖେଳାଇ....।

କଥା-କାହାଣୀ-୧



# ଚନ୍ଦ୍ର ବନାମ ଟର୍ଚ୍ଚ


## ସ୍ୱାଗତିକା ସେଠୀ

କେଶରୀ ଏନକ୍ଲେଭ୍, ଏ-୧୦୫, ୟୁନିଟ-୮
ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଫୋନ୍:୯୪୩୭୮୧୫୫୪୦




▶ଗାଳ୍ପିକା ସ୍ୱାଗତିକା ସେଠୀ

ରାତି ଆସି ୨ଟା ହେବାକୁ ଗଲାଣି । ହେଲେ ବୀରେନ୍ଦ୍ରଙ୍କ ଆଖିକୁ ନିଦ ନାହିଁ । ଯେତେଥର ଫୋନ୍ ରଖିଦେଲେ ମଧ୍ୟ ତା' ବିପ୍ ବିପ୍ ଶବ୍ଦରେ ପୁଣି ଉଠି ମେସେଜ୍ ଦେଖୁଛନ୍ତି ଓ ତା'ର ଉତ୍ତର ଦେଉଛନ୍ତି । ପତ୍ନୀ ଇରା ବିରକ୍ତିରେ ଉଠି ଅନ୍ୟ ବେଡ୍‌ରୁମ୍‌କୁ ଚାଲିଗଲେ । ଯିବା ପୂର୍ବରୁ ଆସନ୍ତାକାଲି ସକାଳେ ଅଫିସ୍ ବିଳମ୍ବ ହେବା ସମ୍ଭାବନା ବିଷୟରେ ଚେତେଇ ମଧ୍ୟ ଦେଇଗଲେ । ହେଲେ ବୀରେନ୍ଦ୍ର ଫୋନ୍ ଛାଡି ପାରୁ ନାହାନ୍ତି ।

ଆଗରୁ କିଛିଟା ପ୍ରଦର୍ଶନୀ କରି ବୀରେନ୍ଦ୍ର ପ୍ରଶଂସାର ପାତ୍ର ଅବଶ୍ୟ ହୋଇଛନ୍ତି । ହେଲେ ଆଜିର ପ୍ରଦର୍ଶନୀ ସେସବୁ ଠାରୁ ଢେର୍ ସଫଳ । 'ମିଡିଅମ୍ ଥିଲା ଚାର୍‌କୋଲ୍, କୋଇଲା । ଆଜିକା ଯୁଗରେ କିଏ ଏ ମାଧ୍ୟମ ବ୍ୟବହାର କରୁଛି ?' ସେଇଥି ପାଇଁ ତ ପ୍ରଶଂସକମାନଙ୍କ ଶୁଭେଚ୍ଛାବାର୍ତ୍ତା ଆସିବା ଏ ପର୍ଯ୍ୟନ୍ତ ବନ୍ଦ ହୋଇନି । ତାଙ୍କ ପ୍ରଦର୍ଶନୀକୁ ମିଡିଆ କଭରେଜ୍ ମଧ୍ୟ ବହୁତ ଭଲ ମିଳିଛି । ସେ ତ ଦେଖି ନାହାନ୍ତି, ମାତ୍ର ଅନ୍ୟମାନଙ୍କ ଠାରୁ ଖବର ପାଇଲେଣି । ପ୍ରଦର୍ଶନୀ ସ୍ଥଳରେ କେତେଜଣ ତାଙ୍କ ଠାରୁ ସାକ୍ଷାତ୍‌କାର ନେଇଛନ୍ତି ଓ ଆଉ କେତେକ ନେବା ପାଇଁ ସମୟ ମଧ୍ୟ ମାଗିଛନ୍ତି ।

**କାହାଣୀ ପଛର କାହାଣୀ**

ଆମେ ମଣିଷମାନେ ସବୁ ଏମିତି । ଆମ ସ୍ୱପ୍ନ ସାକାର ହେଉ, ଏହା ଆମର କାମ୍ୟ । ସ୍ୱପ୍ନ ସାକାର ହେଲା । ତା' ପରେ ? ତା' ପରେ ପୁଣି କ'ଣ ? ଚାହୁଁ, ଚାନ୍ଦ ଆସୁ ଆମ ହାତ ପାହାନ୍ତାକୁ । ହେଲେ ଅନ୍ଧାର ରାତିରେ ପୁଣି ଖୋଜି ହେଉ ଟର୍ଚ୍ଚକୁ । ଏମିତି କିଛି ଅଡୁଆ ଭାବନାକୁ ନେଇ ଏହି କ୍ଷୁଦ୍ର ଗଳ୍ପ ଚନ୍ଦ୍ର ବନାମ ଟର୍ଚ୍ଚ ।

ସ୍ୱାଗତିକା ସେଠୀ

ଜେବନ୍ତ
ଆମ ମାଟିର ସ୍ୱର

‘ଏଇଟା ହିଁ ପ୍ରକୃଷ୍ଟ ସମୟ ।’ ଦୁନିଆ ଆଗରେ ନିଜ ସୁଦୃଢ ସ୍ଥିତି ଦେଖେଇବା ପାଇଁ ଆଉ କେତେ ଦିନ ବୀରେନ୍ଦ୍ର ଏ ଚାକିରି କରିବେ ? ସେ ଏବେ ଏ ମୁଣ୍ଡବିନ୍ଧା ଚାକିରି ଛାଡି ତାଙ୍କ ସ୍ୱପ୍ନକୁ ସାକାର କରି ପାରିବେ । ବୀରେନ୍ଦ୍ର ଠିକ୍ ଜାଣନ୍ତି, ଚାକିରି ଛାଡିଲେ ମାସକୁ ମାସ ତାଙ୍କ ପକେଟ୍‌କୁ ଆସୁଥିବା ଏ ମୋଟା ଅଙ୍କର ଦରମା ବନ୍ଦ ହୋଇଯିବ । ହେଲେ ତାଙ୍କ ସ୍ୱପ୍ନର ଆକର୍ଷଣ ତାଙ୍କ ଆର୍ଥିକ ଆକର୍ଷଣ ଠାରୁ ବେଶ୍ ବଡ ।

ବୀରେନ୍ଦ୍ର ଚାକିରି ଛାଡିଦେଲେ ତାଙ୍କ ପରିବାରରେ ସେମିତି କିଛି ଅସୁବିଧା ହେବନି । କାରଣ ଏତିକି ବର୍ଷ ଚାକିରି ଭିତରେ ସେ କିଛି ସଂଚୟ କରି ପାରିଛନ୍ତି । ତେଣେ ଘରର ସେ ଏକମାତ୍ର ସନ୍ତାନ । ତେଣୁ ପୈତୃକ ସମ୍ପତ୍ତି ମଧ୍ୟ ତାଙ୍କର । ପତ୍ନୀ ଇରା ମଧ୍ୟ ଏକ ମଲ୍ଟିନ୍ୟାସ୍‌ନାଲ୍ କମ୍ପାନୀରେ କାର୍ଯ୍ୟରତା । ତାଙ୍କ ଦରମାରେ ଘର ବେଶ୍ ଭଲରେ ଚଳିଯିବ । ଆଉ କିଛିଦିନ ଭିତରେ ସେ ନିଜ କଳାରୁ ମଧ୍ୟ ବେଶ୍ ଉପାର୍ଜନ କରି ପାରିବେ ।

କୃତି ବୀରେନ୍ଦ୍ରଙ୍କର ଗୋଟିଏ ବୋଲି ଝିଅ । ସେ ଏମ୍.ଆଇ.ଟି. ଏ ବର୍ଷ ପାଇଛି । ଖୁବ୍ ମେଧାବୀ ଓ କୃତିର ପଢା ତା’ ମେଧାବୃତ୍ତିରେ ହିଁ ହୋଇଯାଏ । ବୀରେନ୍ଦ୍ର ବାପା ହୋଇ ଝିଅକୁ ଏମିତି ସକ୍ଷମ କରି ନିଜର କର୍ତ୍ତବ୍ୟ କରି ପାରିଛନ୍ତି । ତେଣୁ ସେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଲେ ଝିଅ କୃତି କିଛି ଆପତ୍ତି କରିବ ନାହିଁ । ସେ ସବୁବେଳେ ତାଙ୍କୁ ପ୍ରୋତ୍ସାହିତ କରି ଆସିଛି ।

ପତ୍ନୀ ଇରାଙ୍କର ମଧ୍ୟ ଆପତ୍ତି ନଥିବ । କାରଣ ବିବାହ ପୂର୍ବରୁ ସେ ବୀରେନ୍ଦ୍ରଙ୍କର ସ୍ୱପ୍ନ ବିଷୟରେ ବେଶ୍ ଭଲ ଭାବେ ଜାଣିଥିଲେ । ଆଉ ଏ କଳା ପାଇଁ ହୁଏତ ତାଙ୍କୁ ଭଲ ମଧ୍ୟ ପାଇ ବସିଥିଲେ ।

ବୀରେନ୍ଦ୍ରଙ୍କ ସ୍ୱପ୍ନ ବାସ୍ତବତା ଆଡକୁ ଓହ୍ଲାଉଥିଲା ।

ଓଃ ! ବୀରେନ୍ଦ୍ର ଖୁସିରେ ଆତ୍ମହରା । ଆଖିରୁ ନିଦ କୁଆଡେ ହଜି ଯାଇଛି । ଆଉ ହଜି ଯାଇଥିବା ପିଲାଦିନର ସ୍ମୃତି ତାଙ୍କ ମାନସପଟରେ ଆଙ୍କି ହୋଇ ଯାଉଛି... ।

ବୀରେନ୍ଦ୍ର ପିଲାଟି ବେଳୁ ଖୁବ୍ ଭଲ ଚିତ୍ର ଆଙ୍କୁଥିଲେ । ତାଙ୍କର ଏ କଳା ସେ ତାଙ୍କ ମା’, ପ୍ରିୟମ୍ବଦାଙ୍କ ଠାରୁ ଗୁଣସୂତ୍ର ମାଧ୍ୟମରେ ପାଇଥିଲେ ନିଶ୍ଚିତ । ମା’ ଖୁବ୍ ଭଲ ଗୀତ ମଧ୍ୟ ଗାଉଥିଲେ । ତାଙ୍କର ଠିକ୍ ମନେ ଅଛି, ପିଲାବେଳେ ବୀରେନ୍ଦ୍ରଙ୍କୁ ମା’ କେତେ ଚିତ୍ର ଶିଖାଉଥିଲେ, ସୁନ୍ଦର ଭଜନ ଓ ଗୀତ ଗାଇ ତାଙ୍କୁ ଶୁଆଉଥିଲେ । ଅନ୍ୟମାନଙ୍କ ଚକୁଳି ପିଠା ଗୋଲ୍ ହେବାବେଳକୁ ତାଙ୍କ ପିଠା କଳାବେଳେ କେତେ ଆକୃତିର ପିଠା କରି ଦେଉଥିଲେ । ସବୁକାମରେ ପ୍ରିୟମ୍ବଦାଙ୍କ କଳାର ସ୍ପର୍ଶ ଦେଖିବାକୁ ମିଳୁଥିଲା । ସେ ଘରସଜା ହେଉ ବା ନିଜର ପରିଧାନ । ସବୁକିଛି ଥିଲା ରୁଚି ସମ୍ପନ୍ନ । ଏବେ ମଧ୍ୟ ଅଛି ।

ବୀରେନ୍ଦ୍ରଙ୍କର ଠିକ୍ ମନେ ଅଛି, ମା’ ତାଙ୍କୁ ଚିତ୍ର ଶିଖିବାକୁ ବିଶି ସାର୍‌ଙ୍କ ପାଖକୁ ନେଇ ଯାଉଥିଲେ । ବିଶି ସାର୍ ତାଙ୍କୁ ଖୁବ୍ ଭଲ ପାଉଥିଲେ । ତାଙ୍କ କଳା ଦେଖି ଭବିଷ୍ୟବାଣୀ କରୁଥିଲେ, ‘ଏ ପିଲା ଦିନେ ଜଣେ ମହାନ୍ କଳାକାର ହେବ...’ । ଏ କଥା ପଦକ ଶୁଣିଲା ବେଳେ ବୀରେନ୍ଦ୍ର ଶିହରି ଉଠୁଥିଲେ । ହେଲେ ସାର୍‌ଙ୍କ ଆଖି ସବୁବେଳେ ସଜଳ ହୋଇ ଉଠୁଥିଲା ।

ବୀରେନ୍ଦ୍ରଙ୍କ ବାପା ଚିତ୍ର ଗୀତର ସମ୍ପୂର୍ଣ୍ଣ ବିରୋଧୀ ଥିଲେ । ତାଙ୍କ ମତରେ ଏ ଫାଲ୍‌ତୁ ଧନ୍ଦା ମନ ଖୁସି ପାଇଁ କିଛିଟା କରା ଯାଇପାରେ । ହେଲେ ଏ ସବୁ ପାଠ ପଢାରେ ବ୍ୟାଘାତ ସୃଷ୍ଟି କରେ । ବାପାଙ୍କ ବିରୋଧ ସତ୍ତ୍ୱେ ମା’ଙ୍କ ଉଦ୍ୟମରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ବୀରେନ୍ଦ୍ରଙ୍କର ଚିତ୍ରଶିକ୍ଷା ଜାରି ରହିଥିଲା । ବାପାଙ୍କର ଗୋଟେ ଜିଦ୍, “ସମାଜରେ ନିଜ ପରିଚୟ ପାଇବାକୁ ହେଲେ, ମୁଣ୍ଡ ଟେକି ଠିଆ ହେବାକୁ ହେଲେ ଭଲ ଚାକିରିଟିଏ ଦରକାର । ସେଥିପାଇଁ ପାଠ ଦରକାର, ଚିତ୍ର ନୁହେଁ । ଏ ଚିତ୍ରଫିତ୍ରରେ ମାତିଲେ ପେଟ ପୋଷି ହେବନି । ପାଠରେ ପୋଷି ହେବ ।” ବାପାଙ୍କ କଥା ଶୁଣି ସେତେବେଳେ ବୀରେନ୍ଦ୍ର ଭାବୁଥିଲେ: ବିଶି ସାର୍ ତା’ହାଲେ କେମିତି ବଞ୍ଚିଛନ୍ତି ? ହେଲେ ବାପାଙ୍କ ଜିଦ୍ ଆଗରେ ମା’ ଶେଷରେ ହାର୍ ମାନିଲେ । ଦଶମ ବେଳକୁ ତାଙ୍କ ରଙ୍ଗତୁଳୀସବୁ ତାଙ୍କ ଠାରୁ ଦୂରେଇ ଗଲା ।

ବୀରେନ୍ଦ୍ର ଖୁବ୍ କାନ୍ଦିଥିଲେ । ଲାଗିଥିଲା ତାଙ୍କ ଜୀବନ ନଷ୍ଟ ହୋଇଗଲା । ମନ ହେଉଥିଲା ଘରଛାଡି ଦେବେ ସିନା ହେଲେ ତାଙ୍କ ତୁଳୀ ନୁହେଁ । ବାପାଙ୍କ ସାମ୍ନାରେ ମୁହଁ ଖୋଲିବାର ସାହସ ନଥିଲା । ତେଣୁ ନିଃଶବ୍ଦ ରାତିରେ ମା’ଙ୍କ କୋଳରେ ମୁହଁ ଗୁଞ୍ଜି ହୃଦୟ ଖୋଲି ଦେଉଥିଲେ ।

ମା’ ପ୍ରିୟମ୍ବଦା ବିକଳ ହୋଇ ବୁଝାଉଥିଲା, “ହେଉ, ଆଜି ନହେଲେ କାଲି ତୁ ଚିତ୍ର କରିବୁ । ହେଲେ ପଢାରେ ଡେରି କରି ହେବନି । ଏବେ ବାପାଙ୍କ କଥା ମାନି ପଢ଼ି ଦେ । ଭଲ ପାଠ ପଢି ଯଦି ବଡ ମଣିଷଟେ ହେଇଯିବୁ, ତେବେ ତୁ କେତେ ନୂଆ କଥା ଜାଣି ପାରିବୁ । ଆହୁରି କେତେ ନୂଆ ଶୈଳୀର ଚିତ୍ର ଅଙ୍କନ ଶିଖି ପାରିବୁ । ତା’ପରେ ଯେତେବେଳେ ତୁ ଚିତ୍ର କରିବୁ ସେତେବେଳେ ତୋ ଚିତ୍ରର ମୂଲ୍ୟ ବହୁତ ବଢିଯିବ...”

ବୀରେନ୍ଦ୍ର ଆଉ ବିଶି ସାର୍‌ଙ୍କ ପାଖକୁ ଯାଉ ନଥିଲେ । କେବେ କେମିତି ଯଦି ସାର୍ ତାଙ୍କ ଘରକୁ ତାଙ୍କୁ ଦେଖା କରିବାକୁ ଆସୁଥିଲେ ସେ ଘରେ ଉପସ୍ଥିତ ଥିବା ସତ୍ତ୍ୱେ, ବାପା ‘ସେ ଘରେ ନାହାନ୍ତି’ କହି ସାର୍‌ଙ୍କୁ ବିଦା କରି ଦେଉଥିଲେ ।

ବିଶି ସାର୍‌ଙ୍କ ପ୍ରତି ଏ ଅବମାନନା ବୀରେନ୍ଦ୍ରଙ୍କୁ ଖୁବ୍ କଷ୍ଟ ଦେଉଥିଲା । ତାଙ୍କ କିଶୋର ହୃଦୟରେ ବିଦ୍ରୋହଟିଏ ଉଙ୍କି ମାରିବା ବେଳକୁ ମା’ ମଝିରେ ମଝିରେ ଆସି ବିଶି ସାର୍‌ଙ୍କ ବାର୍ତ୍ତା ତାଙ୍କୁ କହୁଥିଲେ । କେବେ କେବେ ବାପା ଘରେ ନଥିବା ବେଳେ ମା’ ବୀରେନ୍ଦ୍ରଙ୍କୁ ଚିତ୍ର ଆଙ୍କିବା ପାଇଁ ନିଜ ପାଖରେ ଲୁଚାଇ ରଖିଥିବା ତୁଳୀ ଓ ରଙ୍ଗ କାଢି ଦେଉଥିଲେ ।

ବୀରେନ୍ଦ୍ର ବୁଝି ଯାଇଥିଲେ ତାଙ୍କ ସ୍ୱପ୍ନ ପୂରଣ କରିବାକୁ ହେଲେ ତାଙ୍କୁ ଏ ଘରୁ ବାହାରି ଯିବାକୁ ହେବ । ଆଉ ମା’ଙ୍କ କଥା ଅନୁସାରେ ସମ୍ମାନର ସହ ଘରୁ ବାହାରି ଯିବାକୁ ହେଲେ କିଛି ଗୋଟେ ବଡ କରି ବାପାଙ୍କୁ ଓ ଦୁନିଆକୁ ଦେଖେଇ ଦେବାକୁ ହେବ ।

ଏମିତିରେ ବୀରେନ୍ଦ୍ର ମେଧାବୀ ଛାତ୍ର ଥିଲେ । ତେଣୁ ମା’ଙ୍କ ପ୍ରୋତ୍ସାହନ, ମାର୍ଗଦର୍ଶନ ଓ ନିଜର କିଛି ପରିଶ୍ରମ ବଳରେ ସେ ପ୍ରଥମ ଚେଷ୍ଟାରେ ଆଇ.ଆଇ.ଟି. ପାଇଗଲେ ।

ପଢା ପାଇଁ କାନପୁର୍ ଯିବାକୁ ହେଲା । ବୀରେନ୍ଦ୍ରଙ୍କ ପାଦ ଆଉ ତଳେ ଲାଗୁ ନଥିଲା । ଯାହାହେଉ ସେ ଏବେ ବାପାଙ୍କ ଲୌହ ମୁଷ୍ଟିରୁ

**ମା’ ପ୍ରିୟମ୍ବଦା ବିକଳ ହୋଇ ବୁଝାଉଥିଲେ, ‘ହେଉ, ଆଜି ନହେଲେ କାଲି ତୁ ଚିତ୍ର କରିବୁ । ହେଲେ ପଢାରେ ଡେରି କରି ହେବନି । ଏବେ ବାପାଙ୍କ କଥା ମାନି ପଢ଼ି ଦେ । ଭଲ ପାଠ ପଢି ଯଦି ବଡ ମଣିଷଟେ ହେଇଯିବୁ, ତେବେ ତୁ କେତେ ନୂଆ କଥା ଜାଣି ପାରିବୁ । ଆହୁରି କେତେ ନୂଆ ଶୈଳୀର ଚିତ୍ର ଅଙ୍କନ ଶିଖି ପାରିବୁ । ତା’ ପରେ ଯେତେବେଳେ ତୁ ଚିତ୍ର କରିବୁ ସେତେବେଳେ ତୋ ଚିତ୍ରର ମୂଲ୍ୟ ବହୁତ ବଢିଯିବ...’**

ମୁକ୍ତ । ଏବେ ସେ ଇଞ୍ଜିନିଅରିଂ ପଢା ସହ ତାଙ୍କ ସ୍ୱପ୍ନକୁ ମଧ୍ୟ ଜିଇଁ ପାରିବେ ।

ଆଇ.ଆଇ.ଟି. କାନପୁରର ପରିବେଶ ଖୁବ୍ ସୁନ୍ଦର ଥିଲା । ଶିକ୍ଷାର୍ଥୀମାନଙ୍କ ପାଇଁ ବିଧିବଦ୍ଧ ଶିକ୍ଷା ସହ ଅନ୍ୟାନ୍ୟ କଳା ଓ ସାଂସ୍କୃତିକ ପାରଦର୍ଶିତା ପ୍ରକାଶ ପାଇଁ ମୌକା ମଧ୍ୟ ଥିଲା । ଇରାଙ୍କ ସହ ସେଇଠି ହିଁ ଦେଖା, ପରିଚୟ ଓ ପ୍ରେମ । ମା'ଙ୍କ ଅନୁପସ୍ଥିତିରେ ସେ ହିଁ ପ୍ରେରଣାର ଉତ୍ସ । ସେଇଠି ଯେତେବେଳେ ବୀରେନ୍ଦ୍ର ତୂଳୀ ଧରୁଥିଲେ ସେତେବେଳେ ମା' ଓ ବିଶି ସାର୍‌ଙ୍କ ମୁହଁ ତାଙ୍କ ଆଗରେ ନାଚି ଉଠୁଥିଲା । ତେଣୁ ସେ ମନଯୋଗ ସହକାରେ ପାଠ ମଧ୍ୟ ପଢୁଥିଲେ ।



ବୀରେନ୍ଦ୍ରଙ୍କ ପରିଶ୍ରମର ପରିଣାମ ସ୍ୱରୂପ ତାଙ୍କୁ ପଢା ଶେଷ ନ ହେଉଣୁ ଭଲ ଚାକିରିଟିଏ ମିଳି ଯାଇଥିଲା । ଏହା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଏବେ ସେ ତାଙ୍କର ଓ ବିଶି ସାର୍‌ଙ୍କ ମଧ୍ୟରେ ଥିବା ପ୍ରଭେଦର ବାସ୍ତବିକତାକୁ ଖୁବ୍ ଭଲରେ ଅନୁଭବ କରି ପାରୁଛନ୍ତି ।

ସେ ଯାହା ହେଉ, ଏବେ ସେ ଭାବୁଛନ୍ତି ଚାକିରି ଛାଡି ଦେଇ ନିଜର ଗୋଟିଏ ଷ୍ଟୁଡିଓ ବା ଚିତ୍ରଶାଳାଟିଏ କରିବେ । ଯାହା ହୋଇଥିବ ନିଜ ସ୍ୱପ୍ନର ପ୍ରତିବିମ୍ବ । ହେଲେ ତାଙ୍କ ସ୍ୱପ୍ନର ଚିତ୍ରଶାଳା ପାଇଁ ଏତେବଡ ଜାଗା ତ ଏ ମହାନଗରୀରେ ମିଳିବା ଅସମ୍ଭବ । ତେଣୁ ନିଜ ପୈତୃକ ଘରେ ତାହା କରିବେ । ନିଜ ପୈତୃକ ଘର ଏ ପାଖ ସହରରେ । ଘରଟି ବେଶ୍ ବଡ ଓ ତତ୍‌ସଂଲଗ୍ନ ବଗିଚାଟି ମଧ୍ୟ । ସେଠାରେ ସମସ୍ତ ପ୍ରକାର ସୁବିଧା ଅଛି । ତେଣୁ ଏ ଭିତରେ ଘରକୁ ଯାଇ ମା'ଙ୍କୁ ଏ ବିଷୟରେ ଜଣାଇବେ ବୋଲି ବୀରେନ୍ଦ୍ର ଠିକ୍ କରିନେଲେ ।

ମା' ପ୍ରିୟମ୍ବଦା ବୀରେନ୍ଦ୍ରଙ୍କ ସ୍ୱପ୍ନ ସାକାର ହେବା ଜାଣି କେତେ ଖୁସି ନ ହେବେ ! ମା'ଙ୍କ କହିବା ଅନୁସାରେ ବୀରେନ୍ଦ୍ର ଯେତେ ଅଧିକ ପଢିଲେ, ସେତେ ଅଧିକ ଜାଣିଲେ । ହୁଏତ ବିଶି ସାର୍‌ଙ୍କ ଠାରୁ ଖାଲି ଶିଖିଥିଲେ ତାଙ୍କ ଦୃଷ୍ଟିଭଙ୍ଗୀ ଏତେ ଉନ୍ମୁକ୍ତ ହୋଇ ପାରି ନଥାନ୍ତା । ଆଜି ସେ ଯାହା କିଛି ବି ହୋଇ ପାରିଛନ୍ତ ସେଥିରେ ମା'ଙ୍କ ଅବଦାନ ଅତୁଳନୀୟ । ସତରେ ତାଙ୍କ ଜୀବନର ପଥପ୍ରଦର୍ଶକ ତାଙ୍କ ମା' ।

\+ + + + +

ଆଜି ଟି.ଭି.ରେ ବୀରେନ୍ଦ୍ରଙ୍କ ସଫଳତା ଦେଖି ପ୍ରିୟମ୍ବଦାଙ୍କ ଛାତି କୁଣ୍ଢେମୋଟ । ତାଙ୍କ ପୁଅ କଳା ଜଗତରେ ଏବେ ଏକ ଉଜ୍ଜ୍ୱଳ ତାରକା । କେତେ କଳାକାରଙ୍କ ପାଇଁ ଏକ ଦୃଷ୍ଟାନ୍ତ ଓ ପଥପ୍ରଦର୍ଶକ । ଏବେ ସମସ୍ତଙ୍କ ଦୃଷ୍ଟି ତା' ଉପରେ ନିବଦ୍ଧ । ସେ ଜାଣିଥିଲେ ଦିନେ ନା ଦିନେ କଳା କ୍ଷେତ୍ରରେ ତାଙ୍କ ପୁଅ ନିଶ୍ଚିତ ସଫଳ ହେବ ।

ବୀରେନ୍ଦ୍ର ସହ କଥା ହେବା ପାଇଁ ପ୍ରିୟମ୍ବଦା ଖୁସିରେ ଫୋନ୍ ଉଠେଇଲେ । ହେଲେ ଚେତିଲେ, ଢେର୍ ରାତି ହେଲାଣି । ସେ ଏବେ ଶୋଇ ପଡିଥିବ । ଫୋନ୍ କଲେ ଖାଲି ନିଦରେ ବ୍ୟାଘାତ ହେବା ସାର ହେବ । ଫୋନ୍ ରଖିଦେଲେ ।

ଘର ଲାଇଟ୍‌ସବୁ ବନ୍ଦ କରି ଦେଇ ଆସି ଖଟରେ ଗଡି ପଡିଲେ ।

ଘରକୁ ଚାରି ଆଡୁ ଅନ୍ଧାର ଆବୋରି ରଖିଛି, ହେଲେ ପ୍ରିୟମ୍ବଦାଙ୍କ ଆଖିକୁ ନିଦ ନାହିଁ । ଆଜି ଟି.ଭି.ରେ ଦେଖିଥିବା ବୀରେନ୍ଦ୍ରର ମୁହଁ ଆଖି ଆଗରେ ନାଚି ଯାଉଛି । ବିଚରା ପିଲାଟି ଦିନରୁ ତା'ର ଏଇଟା ଏକମାତ୍ର ସ୍ୱପ୍ନ ଥିଲା । ଏହି ସ୍ୱପ୍ନକୁ ସାକାର କରିବାକୁ ସେ କ'ଣ ନକରିଛି ! ତା'କୁ କୋଳ କରିବାକୁ ଭାରି ଇଚ୍ଛା ହେଉଛି । ହେଲେ କେଉଁ ହୋଇ ପାରୁଛି ? ବୀରେନ୍ଦ୍ର ତା' ଚାକିରି, ତା' ପରିବାର, ତା' ଦୁନିଆ, ତା' ସ୍ୱପ୍ନ ନେଇ ଏତେ ବ୍ୟସ୍ତ ଯେ ତାକୁ ସମୟ ମିଳେନି ଏଠାକୁ, ତା' ମା' ପାଖକୁ ଆସିବା ପାଇଁ ।

ବୀରେନ୍ଦ୍ର ଓ ଇରା ଅନେକଥର ତାଙ୍କୁ ସେମାନଙ୍କ ପାଖକୁ ଆସି ରହିବା ପାଇଁ ବାଧ୍ୟ କରିଛନ୍ତି । ପ୍ରିୟମ୍ବଦା ଅନେକ ଥର ସେମାନଙ୍କ ପାଖରେ ଯାଇ ରହିବାକୁ ଚେଷ୍ଟା ମଧ୍ୟ କରିଛନ୍ତି । ହେଲେ ବିଫଳ ହୋଇଛନ୍ତି ।

ବୀରେନ୍ଦ୍ର ଓ ଇରାଙ୍କ ଜୀବନଶୈଳୀ ଏମିତି ଯେ ସେମାନଙ୍କ ସହ ଗୋଟିଏ ଛାତ ତଳେ ରହି ମଧ୍ୟ ଲାଗେ ସେମାନେ ବହୁତ ଦୂରରେ ରୁହନ୍ତି । ଗୋଟିଏ ଜାଗାରେ ବସି ସୁଖଦୁଃଖ ହେବା ତ ଦୂର କଥା, ସେମାନଙ୍କ ସହ କେବେ କେମିତି ସକାଳ ଚା' ପିଆ ସମୟରେ ପ୍ରିୟମ୍ବଦାଙ୍କର ଦେଖା ହୁଏ । ନିଜ ଘରେ ଯେମିତି ଏକା, ବୀରେନ୍ଦ୍ର ପାଖରେ ମଧ୍ୟ ସେମିତି ଏକା ଲାଗେ । ସତରେ ଏ ପରିଣତ ବୟସରେ ଏକାକୀତ୍ୱ ଭାରି ଅସହ୍ୟ ।

ଏଇଠି ନିଜ ଘରେ ରହିଲେ ପ୍ରିୟମ୍ବଦା ନିଜକୁ ଏତିକି ସାନ୍ତ୍ୱନା ତ ଦେଇ ପାରନ୍ତି ଯେ ତାଙ୍କ ବୀରେନ୍ଦ୍ର ଦୂରରେ ଅଛି ବୋଲି ସେ ତାକୁ ଦେଖି ପାରୁ ନାହାନ୍ତି । ସେ କେବେ କେବେ ମା'କୁ ଫୋନ୍ କରେ । ବର୍ଷକୁ ଯେଉଁ ଥରେ ଅଧେ ସେ ଘରକୁ ଆସେ ସେ ସମୟତକ ତ ସେ ପ୍ରିୟମ୍ବଦାଙ୍କ ପାଖରେ ଥାଏ । ହେଲେ ଏବେ ବ୍ୟସ୍ତତା ହେତୁ ବୀରେନ୍ଦ୍ର ଆଉ ଏତେଟା ଆସି ପାରୁନି ।

ପ୍ରିୟମ୍ବଦାଙ୍କ ଦୀର୍ଘଶ୍ୱାସ ବାହାରି ଆସିଲା ।

ରାତି ବେଶ୍ ହୋଇ ଗଲାଣି । ତାଙ୍କ ଆଖିକୁ ନିଦ ନାହିଁ । ହଁ, ବୟସ ହୋଇଗଲେ ଆଉ ନିଦ ହୁଏନା । ଖଟରେ ପଡି କଡ ଲେଉଟାଉ ଲେଉଟାଉ ନିଜକୁ ବୁଝାଉଥିଲେ ପ୍ରିୟମ୍ବଦା ।

ଶୋଷ ଲାଗିଲାଣି । ପାଣି ପି'ବାକୁ ଯିବାକୁ ଉଠିଲେ ପ୍ରିୟମ୍ବଦା । ଟର୍ଚ୍ଚ ପାଇଁ ହାତ ବଢାଇଲେ । ହେଲେ ପାଇଲେ ନାହିଁ । ଶୋଇବା ଆଗରୁ ଖଟରେ ନିଜ ମୁଣ୍ଡ ଆଡକୁ ଟର୍ଚ୍ଚଟା ରଖିଲା ଭଳି ତାଙ୍କର ମନେ ହେଉଥିଲା ।

ଧୀର ପବନରେ ଝର୍କାର ପରଦା ଥିରି ଥିରି ଉଡୁଥିଲା । ପ୍ରିୟମ୍ବଦା ଦେଖିଲେ, ପୂର୍ଣ୍ଣମୀ ଜହ୍ନ ଆକାଶରେ ଝଟକୁଥିଲା । ସେଇ ପୂର୍ଣ୍ଣମୀ ଜହ୍ନ ଏ ଅନନ୍ତ ଆକାଶର ଶୋଭା ତ ବଢାଉ ଥିଲା । ହେଲେ ତାଙ୍କ ହାତ ଧରି ପାଣି ପି'ବାକୁ ବାଟ କଢାଇ ନେବା ପାଇଁ ଅସମର୍ଥ ଥିଲା ।

ଅନ୍ଧାରରେ ପ୍ରିୟମ୍ବଦାଙ୍କର ଅସହାୟ ବ୍ୟସ୍ତ ହାତ ଖଟର କେଉଁ କୋଣରେ ରଖି ଦେଇଥିବା ଟର୍ଚ୍ଚକୁ ଖୋଜୁଥିଲା ।

# ନାଗଦେବତା ମୋ ମିତ

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ୍, ଭୁବନେଶ୍ୱର

ଫଟୋ ସୌଜନ୍ୟ : ଲେଖିକା

ଗମ୍ ଗମ୍ ଝାଳ ବହି ଯାଉଥାଏ । କାନ୍ଦ କାନ୍ଦ ହୋଇ ଚିତ୍କାର କରି ଉଠିଲି ମୁଁ : 'ସେ ଚାଲି ଯାଉଛି ତାକୁ ଅଟକାଅ, ଫେରିଆସ ନାଗଦେବତା...ତୁମେ ଫେରିଆସ ।' କେତେଗୁଡ଼ାଏ ନାଗସାପ ମୋ ଉପରକୁ ଚଢ଼ି ଯାଉଥାନ୍ତି, ଯେମିତି କୌଣସି ନିର୍ଜୀବ ଖମ୍ବ ଉପରେ ଖେଳୁଥାନ୍ତି ସେମାନେ । ମୋର କୌଣସି କ୍ଷତି କରୁନଥାନ୍ତି ସେମାନେ । କିନ୍ତୁ ଏତେ ଗୁଡ଼ାଏ ନାଗସାପଙ୍କୁ ନିଜ ଉପରେ ଦେଖି ଭୟରେ କାନ୍ଦି ଉଠୁଥାଏ ମୁଁ । ପାଟି ଓଠ ଅଠା ହୋଇ ଯାଉଥାଏ ଭୟରେ । ମୋର ଚିତ୍କାର ଶୁଣି ଉଠିପଡ଼େ ମାଆ । ଏତେ ଶୂନ୍‌ଶାନ୍ ଅନ୍ଧାର ରାତିଟାରେ କାହିଁକି କାନ୍ଦୁଛୁ ବୋଲି ମିଞ୍ଜି ମିଞ୍ଜି ଲଣ୍ଠନ ଆଲୁଅରେ ଅଣ୍ଡାଳି ହେଉଥାଏ ମୋତେ । ମୁଁ ସାପ ସାପ କହି ଚିତ୍କାର କରୁଥାଏ । ସେତେବେଳେ ବୟସ ଦଶ କି ଏଗାର ବର୍ଷ ହେବ । ସ୍ୱପ୍ନ ଆଉ ବାସ୍ତବର ଫରକ ବୁଝିବାର ବୟସ ବୋଧେ ହୋଇନଥିଲା ମୋର । ସ୍ୱପ୍ନରେ ମୁଁ ସାପମାନଙ୍କୁ ଦେଖି ଚିତ୍କାର କରୁଥିଲି ।

ମାଆ ଲଣ୍ଠନକୁ ଆଉ ଟିକେ ତେଜି ଦେଇ ମୋତେ ବୁଝାଇବାକୁ କହିଲା,



"ଆଖି ଖୋଲ୍ । ଦେଖ୍ ତୁ ସ୍ୱପ୍ନରେ ସାପ ଦେଖିଛୁ ସତରେ ନୁହେଁ, କାନ୍ଦ ବନ୍ଦ କରି ଆ ମୋ ପାଖରେ ଶୋଇପଡ଼ । କ'ଣ ଗୋଟେ ଠାକୁର ପୂଜାରେ ଅନ୍ୟାଚାର ହୋଇ ଯାଇଥିବ । ତେଣୁ ନାଗଦେବତା ସ୍ୱପ୍ନରେ ଆସିଲେ । କାଲି ସକାଳୁ ଉଠି ମହାଦେବଙ୍କୁ କ୍ଷମା ମାଗି ଶିବ ମନ୍ଦିରରେ ଟିକେ କ୍ଷୀର ଢ଼ାଳିଦେବୁ ।"

ମାଆର ବହୁତ ଅନ୍ଧବିଶ୍ୱାସ । ଘରେ କେହି କିଛି ଭୟଙ୍କର ସ୍ୱପ୍ନ ଦେଖିଲେ ମାଆ ସିଧା ଯାଇ ଯୋଡ଼ିଦେବ ଅନ୍ୟାଚାର ପାଖରେ । ସକାଳୁ ଉଠି ଠାକୁର ଘର ଲିପାପୋଛା କରି ପୂଜା ଆରମ୍ଭ କରିଦେବ । ନହେଲେ ମନ୍ଦିର ଯାଇ ଶିବ ମନ୍ଦିରରେ କ୍ଷୀର ଢ଼ାଳି କ୍ଷମା ମାଗିବ । ସେଦିନ ରାତିରେ ମୁଁ ଯେମିତି ନାଗସାପମାନଙ୍କୁ ସ୍ୱପ୍ନରେ ଦେଖିଲି ସେଇଟା ଗୋଟିଏ ଦିନର କଥା ନଥିଲା । ପ୍ରାୟ ସବୁଦିନ ମୁଁ ସାପ ସ୍ୱପ୍ନ ଦେଖୁଥିଲି । ଯେମିତି, ନିଦ ଆସିଲେ ମୁଁ ଗୋଟିଏ ସାପମାନଙ୍କ ସାମ୍ରାଜ୍ୟକୁ ଚାଲି ଯାଉଥିଲି । ରାତିରେ ସାପସ୍ୱପ୍ନ ଦେଖି ସବୁଦିନ ବିଚଳିତ ହୋଇ ଠିକ୍‌ରେ ଶୋଇ ପାରେନି ମୁଁ । ମାଆ ମୋତେ ବୁଝେଇ ସୁଝେଇ କୋଳରେ ଆଉଜି ଶୁଆଇ ଦିଏ । ହେଲେ ଦିନ ତମାମ୍ ମୁଁ ଅନ୍ୟମନସ୍କ ରୁହେ । ପାଠପଢ଼ାରେ ମନ ଲାଗେନି । ମାଆ ମଧ୍ୟ ବହୁତ ଚିନ୍ତାରେ ଥାଏ ମୋତେ ନେଇ ।


▲ଲେଖିକା ଶ୍ୱେତା ରାଉତ

ଦିନେ ସକାଳୁ ସକାଳୁ ମୁଁ ସାଙ୍ଗମାନଙ୍କ ସହିତ ସ୍କୁଲ୍ ବାହାରି ଯାଏ । ସ୍କୁଲ୍ ଦ୍ୱାର ମୁହଁରେ ପହଂଚିଲା ବେଳକୁ ଦେଖେ ମୋ ପାଦ ପାଖରେ ଗୋଟେ ପିତଳ ନାଗ ସାପ । ଫଣା ଟେକି ଠିଆ ହେଲା ପରି ରହିଛି । ସେ ସାପକୁ ଦେଖି ମୁଁ ଚମକି ପଡ଼ିଲି, ଚିତ୍କାର କରି ଉଠିଲି । ପ୍ରଥମେ ଭାବିଲି ସବୁଦିନ ସାପସ୍ୱପ୍ନ ଦେଖିବାର ଏଇଟା ଗୋଟେ ପ୍ରତିଫଳନ ବୋଧହୁଏ । କିନ୍ତୁ ସାଙ୍ଗମାନେ କୁହାକୁହି ହେଲେ ଏଇଟା ପିତଳ ନାଗସାପ । ସାପଟିକୁ ହାତରେ ଉଠାଇ ପ୍ରଧାନଶିକ୍ଷକଙ୍କ ପାଖକୁ ଗଲି । ସାର୍ କହିଲେ, "ସ୍କୁଲ୍‌କୁ ଲାଗି ଯେହେତୁ ଶିବ ମନ୍ଦିର, ବୋଧହୁଏ କେମିତି ମନ୍ଦିରର ସାପଟା ବାହାରେ ପଡ଼ି ଯାଇଛି କିମ୍ବା କୌଣସି ପୂଜକର ତ୍ରୁଟି ସ୍ୱରୂପ ଏ ସାପ ବାହାରେ ପଡ଼ି ଯାଇଛି । ତୁ ବ୍ୟସ୍ତ ହଅନି ଯାଆ ସ୍କୁଲରେ ବସ ।"

ପ୍ରଧାନଶିକ୍ଷକଙ୍କ କଥା ଶୁଣି ଟିକେ ନୀରବି ଗଲି । ବୋଧହୁଏ ସାର୍ ଠିକ୍ କହୁଛନ୍ତି । ତେଣୁ ଅଯଥା ଭୟ ନକରି ପିତଳ ସାପଟିକୁ ବ୍ରାହ୍ମଣଙ୍କୁ ଦେଇଦେଲି ମନ୍ଦିରରେ ରଖି ଦେବାକୁ । ଅପରାହ୍ନରେ ସ୍କୁଲ୍‌ରୁ ଫେରି ମାଆଙ୍କୁ ସବୁକଥା କହିଲି । ମାଆ ଆଶ୍ଚର୍ଯ୍ୟ ହୋଇ ଚିନ୍ତାରେ ପଡ଼ିଗଲା । ଏମିତି କାହିଁକି ହେଉଛି ମୋ ଝିଅ ସହ । ସେଦିନ ରାତିରେ ମୁଁ ପୁଣି ସ୍ୱପ୍ନରେ ସେହି ସାପମାନଙ୍କୁ ଦେଖିଲି, ଭୟରେ ଚିତ୍କାର କଲି । ମାଆ ମୋତେ ବୁଝାସୁଝା କରି ସାନ୍ତ୍ୱନା ଦେଇ କହିଲା, "ତୁ ଶୋଇପଡ଼ ମା' ମୁଁ ତୋତେ ଜଗିକି ବସିଛି । କାଲି ସକାଳେ ପୁରୋହିତଙ୍କୁ ଡାକି କ'ଣ ପୂଜାର ବ୍ୟବସ୍ଥା କରିବା । ତୋ'ର ଗ୍ରହ ବୋଧେ ଭଲ ନାହିଁ ।"

ମାଆ ରାତିସାରା ମୋତେ ଜଗି ବସିଥାଏ । ମୁଁ ମାଆ କୋଳରେ ମୁଣ୍ଡ ରଖି ଶୋଇ ପଡ଼ିଲି । ପରଦିନ ପିତଳ ସାପକୁ ନେଇ ସ୍କୁଲରେ, ଗାଁ ଦାଣ୍ଡରେ ଖୁବ୍ ଚର୍ଚ୍ଚା । ଗାଁରେ ବୋଧେ ଅଶୁଭ କାଳ ଆସିଛି ନ ହେଲେ ମନ୍ଦିରର ସାପ ବାହାରେ ପଡ଼ନ୍ତା କେମିତି ! ମହାଦେବ ବୋଧେ କ୍ରୋଧିତ ଅଛନ୍ତି, ତେଣୁ ସେ ମନ୍ଦିର ଛାଡ଼ି ଚାଲି ଯାଇଛନ୍ତି ! ଏମିତି ଅନେକ ଅନ୍ଧବିଶ୍ୱାସ ପୂର୍ଣ୍ଣ ମନ୍ତବ୍ୟ ଗାଁ ସାରା ଗୁଞ୍ଜରଣ ହେଉଥାଏ । ପରଦିନ ସକାଳୁ ପୁଣି ମୁଁ ସ୍କୁଲ୍ ଗଲି ସାଙ୍ଗମାନଙ୍କ ସହ । ମଧ୍ୟାହ୍ନରେ ରିସେସ୍ ପିରିୟଡ଼ରେ ଆମେ ଘରକୁ ଖାଇବାକୁ ଯାଉ । ଖାଇସାରି ସ୍କୁଲ୍‌କୁ ଫେରିବା ବେଳେ ସ୍କୁଲ୍ ଗଡ଼ାଣିରେ ମୁଁ ଝୁଣ୍ଟି ପଡ଼ିଲି । କ'ଣ ଗୋଟେ ଗୋଡ଼ରେ ଛନ୍ଦି ହେଲା ଭଳି ଲାଗିଲା । ତଳକୁ ଚାହିଁ ଦେଖେ ତ ଆଉ ଗୋଟେ ପିତଳ ସାପ । ମୁଁ ଗୋଡ଼ରେ ଛାଟି ଦେଲି ସାପଟିକୁ ଭୟରେ । ମୋ ସାଙ୍ଗମାନେ ଭୟରେ ମୋ'ଠୁ ସମସ୍ତେ ଦୂରେଇ ଗଲେ । ଦୌଡ଼ି ଦୌଡ଼ି ଯାଇ ମନ୍ଦିରର ବ୍ରାହ୍ମଣ ଭାଇନା ଓ ସାର୍‌ଙ୍କୁ ଡାକି ଆଣିଲି । ମୁଁ ବ୍ରାହ୍ମଣ ଭାଇନାଙ୍କୁ ଦେଖି ଡର ଡର ହୋଇ ସାପଟିକୁ ହାତରେ ଉଠାଇ ଧରିଲି । ଏଇ ସାପଟା ପ୍ରଥମ ସାପ ଠାରୁ ଆଉ ଟିକେ ବଡ଼ ଥିଲା । ମୋ ହାତ ଥରୁଥାଏ । ସାଙ୍ଗମାନେ ମୋତେ ଚିଡ଼ାଉଥାନ୍ତି: "ମାମାକୁ କାହିଁକି ସବୁବେଳେ ସାପ ମିଳୁଛି ? ଇଏ ବୋଧେ ନାଗୁଣୀ, ମଣିଷ ନୁହେଁ । ସେ ସବୁବେଳେ ସାପ ସ୍ୱପ୍ନ ଦେଖୁଛି ବୋଲି କହୁଥିଲା । ଏବେ ମନ୍ଦିରର ସାପଗୁଡ଼ିକ ତା ପାଖକୁ କେମିତି ଆସୁଛନ୍ତି । ସେ ନିଜେ ଚୋରି କରି ନେଇ ଆସୁନି ତ !" ସ୍କୁଲ୍ ପିଲା, ଶିକ୍ଷକ, ଗ୍ରାମବାସୀ ସମସ୍ତଙ୍କର ଏକ ପ୍ରକାର ସନ୍ଦେହପୂର୍ଣ୍ଣ ଆଖି ମୋ ନିରୀହ ମୁହଁ ଉପରେ ଥାଏ । କେହି ମୋତେ ଚୋରଣୀ କହୁଥାନ୍ତି ତ କେହି କହୁଥାନ୍ତି ନାଗୁଣୀ । ମୁଁ ପିତଳ ସାପଟିକୁ ବ୍ରାହ୍ମଣ ଭାଇନାଙ୍କୁ ଧରେଇ ଦେଇ କାନ୍ଦି କାନ୍ଦି ଦଉଡ଼ିଲି ସ୍କୁଲ୍ ପଛପାଖ କୂଅ ପାଖକୁ । ମନ୍ଦିର ସାମ୍ନାରେ ଥାଏ କୂଅ । ଚାରିକଡ଼ ପକ୍କା ଚଟାଣ । ସେଇଠି ବସି ତଳକୁ ମୁହଁମାଡ଼ି କାନ୍ଦୁଥାଏ । ଛୋଟ ପିଲାଟେ ମୁଁ । କାହାକୁ କିଛି କହି ପାରୁନଥାଏ । ଚଟାଣ ଉପରେ ବସି ତଳେ ଥିବା ଘାସ ଗାଲିଚାକୁ ଗୋଟେ କାଠିରେ ଆଡ଼ଉଥାଏ ଆଉ କାନ୍ଦୁଥାଏ । କେହି ହୁଏତ ବିଶ୍ୱାସ କରି ନ ପାରନ୍ତି ଯେ, ସେଇଠି ବି ମୁଁ ଆଉ ଗୋଟେ ପିତଳ ସାପ ପାଇଲି । ମୁଁ ସେ ସାପକୁ ଦେଖି ନିର୍ବାକ୍ । ମୁଁ ପିନ୍ଧିଥିବା ଫ୍ରକ୍‌ରେ ଗୁଡ଼େଇ ଲୁଚେଇ ଦେଲି ଛୋଟ ପିତଳ ସାପଟିକୁ କିନ୍ତୁ ସ୍କୁଲ୍ ଝରକାରେ କେହି ଜଣେ ଦେଖି ଦେଇଥିଲା, ସେ ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକଙ୍କୁ କହିଦେଲା । ସେତେବେଳକୁ ବ୍ରାହ୍ମଣଭାଇନା ଓ ଗ୍ରାମଲୋକେ ମୋ ମାଆକୁ ସ୍କୁଲ୍‌କୁ ଡାକି ଦେଇଥିଲେ । ବ୍ରାହ୍ମଣଭାଇନା ଆସି ମୋ ହାତରୁ ସାପଟି ନେଇଗଲେ । ମୋ ଚାରିକଡ଼େ ଘେରି ରହିଥାନ୍ତି ଅନେକ ଲୋକ । ସ୍କୁଲ୍‌ର ସବୁ ସାର୍‌ମାନେ, ପିଲାମାନେ, ଗାଁଲୋକ, ଗାଁର ବ୍ରାହ୍ମଣମାନେ, ମନ୍ଦିର ପୂଜକ ଆଉ ଚିନ୍ତାରେ ପଡ଼ି ସ୍ତବ୍ଧ ପାଲଟି ଯାଇଥିବା ମୋ ମାଆ ।

ବ୍ରାହ୍ମଣ ଭାଇନା ମୋ ମୁହଁକୁ ବଲବଲ କରି ଚାହିଁଥାନ୍ତି । ମାଆ କାକୁସ୍ଥ ହୋଇ ଭାଇନାକୁ ପଚାରିଲା: "ଆପଣ କୁହନ୍ତୁ ଭାଇନା ମୋ ଝିଅ କାହିଁକି ଏମିତି ସାପ ସ୍ୱପ୍ନ ଦେଖୁଛି ସବୁଦିନ, କାହିଁକି ତାକୁ ମନ୍ଦିରର ପିତଳ ସାପ ସବୁ ମିଳୁଛନ୍ତି । ମୁଁ କ'ଣ ପ୍ରତିକାର କଲେ ମୋ ଝିଅର ରିଷ୍ଟ ଖଣ୍ଡନ ହେବ ?"



ବ୍ରାହ୍ମଣ ଭାଇନା ସନ୍ଦେହ ଜନକ ଭାବେ ମାଆ ଆଡ଼କୁ ଚାହିଁ କହିଲେ, "ଝିଅ କ'ଣ ସାପର ମୂର୍ତ୍ତି ପୂଜା କରୁଛି କି? ନା ତୁମ ଘରେ କେହି ନାଗଦେବତାଙ୍କ ପୂଜା କରୁଛ କିମ୍ବା ମହାଦେବଙ୍କ ସାଧନା କରୁଛ କି?

ମାଆ ମୁଣ୍ଡ ହଲାଇ ନାହିଁ କଲା। ହେଲେ ବ୍ରାହ୍ମଣଭାଇନା ଯେହେତୁ ଆମ ଗାଁ ଲୋକ ସେ ଜାଣିଥିଲେ ପୂର୍ବରୁ ଆମ ଘରେ ବିରାଟ ବଡ଼ ବଡ଼ ଦୁଇଟି ନାଗନାଗୁଣୀ ଓ ସେମାନଙ୍କର ୩୬ଟି ନାଗ ଛୁଆକୁ ନେଇ ଆମ ଘରେ ରହୁଥିଲେ। ବହୁଦିନ ଯାଏଁ ଆମେ ମାନେ ସାପମାନଙ୍କ ଗହଣରେ ରହିଥିଲୁ। କେବେ କେବେ ମୁଁ ଶୋଇଥିବା ବେଳେ ମୋ ହାତ ମୁଠାରେ ବି ସାପ ରହି ଯାଇଥାଏ। ବାପାଙ୍କ ତକିଆ ତଳେ, ଆମ ଆଲମିରା ଭିତରେ ସବୁଆଡ଼େ ରହୁଥାନ୍ତି ନାଗସାପଗୁଡ଼ିକ। ବାପା କଳାହାଣ୍ଡିରେ ଚାକିରିରେ ରୁହନ୍ତି। ତେଣୁ ମାଆ ଭୟରେ ଆମମାନଙ୍କ ସୁରକ୍ଷା ପାଇଁ ସେଇ ସାପଗୁଡ଼ିକୁ ଯାଜପୁର ରୋଡ଼ରୁ ଗୁଣିଆ ଡକାଇ ବାହାର କରି ଦେଇଥିଲା। କେତେଗୁଡ଼ିଏ ନାଗଛୁଆଙ୍କୁ ଆମ ସାହି ଲୋକ ମାରି ଦେଇଥିଲେ। ବ୍ରାହ୍ମଣ ଭାଇନା ଏସବୁ କଥା ଜାଣିଥିଲେ। କିନ୍ତୁ ସେ ମଧ୍ୟ ଆଶ୍ଚର୍ଯ୍ୟ ହେଉଥିଲେ ଯେ ମୋତେ କାହିଁକି ଏ ସାପଗୁଡ଼ିକ ମିଳୁଛନ୍ତି! ସେ ମାଆକୁ ପଚାରିଲେ, "ଝିଅ କ'ଣ କିଛି ପୂଜା, ସାଧନା କରେ କି?" ମାଆ କହିଲା, "ହଁ ସେ ଗାୟତ୍ରୀଙ୍କୁ ପୂଜା କରେ। ପିଲାଟି ଦିନରୁ ଆମିଷ ଖାଏ ନାହିଁ। ସବୁଦିନ ଗାୟତ୍ରୀ ମନ୍ତ୍ର ଜପ କରେ। ଯେତେବେଳେ ଦେଖିଲେ ବାପ, ଝିଅ ବସି ପୁରାଣ ଚର୍ଚ୍ଚା କରୁଥାନ୍ତି। ପିଲାଟି ଦିନରୁ ସେ ଗାୟତ୍ରୀଙ୍କ ଉପାସନା କରେ।"

ବ୍ରାହ୍ମଣ ଭାଇନା ମାଆକୁ କହିଲେ, "ତେବେ ସେ ନାଗ ଦେବତାଙ୍କ ମୂର୍ତ୍ତି ନେଇ ଘରେ ରଖି ପୂଜା କରୁ। ମୁଁ ଭାବୁଛି ନାଗ ଦେବତାଙ୍କର ଇଚ୍ଛା ତା ହାତରେ ପୂଜା ପାଇବାକୁ।"

ମାଆ ସଙ୍ଗେ ସଙ୍ଗେ ବିଚଳିତ ହୋଇ ମନା କରିବାକୁ ଲାଗିଲା, "ନାଇଁ ନାଇଁ ଭାଇନା, ଲୋକେ କୁହନ୍ତି ଦେଖିବା ସାପକୁ ଗାତରେ ଯିବାକୁ ଦିଅନ୍ତିନି। ସେମାନଙ୍କ ସ୍ୱଭାବ ଚୋଟ ମାରିବା। ମୋ ଝିଅର କିଛି ତ୍ରୁଟି ହୋଇଗଲେ ପୂଜା ବିଧିରେ ସେ କୋପ କରିବେ। ତେଣୁ ମୋ ଘରେ ନାଗ ସାପର ପୂଜା କରାଇବାକୁ ଚାହେଁନି ମୁଁ। ମାଆ ସହିତ ଅନ୍ୟ ଲୋକମାନେ ମଧ୍ୟ ମାଆ କଥାରେ ଏକମତ ହେଲେ।

ବ୍ରାହ୍ମଣ ଭାଇନା ମାଆକୁ କିଛି ପ୍ରତିକାର କରିବାକୁ ଯାଇ କହିଲେ, "ତେବେ ଗୋଟେ କାମ କର, ଗୋଟେ ବଡ଼ ପିତଳ ନାଗସାପ ଝିଅ ହାତରେ ଦେଇ ମନ୍ଦିରରେ ପ୍ରତିଷ୍ଠିତ ପାତାଳ ଫୁଟା ଶିବଲିଙ୍ଗଙ୍କ ପାଖରେ ନିଜର କ୍ଷମା ପ୍ରାର୍ଥନା କରି ମହାଦେବଙ୍କୁ ଗୁହାରି କରି କୁହ: ପ୍ରଭୁ ମୁଁ ଛୋଟ ପିଲା। ତୁମକୁ ଘରେ ରଖି ପୂଜା କରିପାରିବିନି, ତେଣୁ ମନ୍ଦିରରେ ତୁମକୁ ସ୍ଥାପନା କଲି। ଏଇ ମନ୍ଦିରକୁ ଆସି ମୁଁ ତୁମର ପୂଜା କରିବି।" ମାଆ ବ୍ରାହ୍ମଣ ଭାଇନାଙ୍କ ଏ କଥାରେ ରାଜି ହେଲା।

ବ୍ରାହ୍ମଣ ଏକ ନିର୍ଦ୍ଦିଷ୍ଟ ଓଜନ କହିଲେ ଯେଉଁଥିରେ ସେ ନାଗସାପ ନିର୍ମିତ ହେବ। ମାଆ ଘରକୁ ଯାଇ ବାପାଙ୍କୁ ଚିଠି ଲେଖିଲା। ଚିଠିରେ ସମସ୍ତ କଥା ଲେଖି ଜଣାଇଲା। ସେତେବେଳେ ଆମ ଗାଁରେ ବି ଫୋନ୍ ନଥାଏ। ତେଣୁ ଚିଠି ପାଇ ବାପା ନାଗସାପ ତିଆରି କରି ଆଣିବାକୁ ସମୟ ଲାଗିଲା। ସେତେଦିନ ଯାଏଁ କେହି ମୋ ସହିତ ସାଙ୍ଗ ହେଉନଥିଲେ। ସମସ୍ତଙ୍କ ନଜରରେ ମୁଁ ଥିଲି ନାଗୁଣୀ। ମାଆ ସବୁଦିନ ମୋତେ ମନ୍ଦିର ନେଇ ଆସେ, ମୁଁ ସେଇଠି ପୂଜା କରେ। ବ୍ରାହ୍ମଣଙ୍କ କହିବା ଅନୁସାରେ ବାପା ପିତଳ ନାଗ ସାପ ଆଣି ମୋତେ ନେଇ ମନ୍ଦିରରେ ରୁଦ୍ରାଭିଷେକ କଲେ। ମୁଁ ନାଗସାପକୁ ମନ୍ଦିରରେ ସ୍ଥାପନା କରାଇ ସେଇଠି ତାଙ୍କର ପୂଜା କରିବାକୁ ଗୁହାରି କରି ମହାଦେବଙ୍କୁ କ୍ଷମା ମାଗି ଘରକୁ ଫେରି ଆସିଲି। ଆଶ୍ଚର୍ଯ୍ୟ ଲାଗିଲେ ବି ସତ ଯେ ମୁଁ ସେଦିନ ରାତିରେ ସାପ ସ୍ୱପ୍ନ ଦେଖି ନଥିଲି କିନ୍ତୁ ପରଦିନ ମୋ ପାଇଁ ଆଉ ଏକ ଚମତ୍କାର ଦିନ ଥିଲା। କେହି ବିଶ୍ୱାସ କରିପାରିବେ ନାହିଁ। ଯେମିତି ମୁଁ ବିଶ୍ୱାସ କରି ପାରିନଥିଲି।

ସବୁଦିନ ସନ୍ଧ୍ୟାରେ ମୁଁ ଗାୟତ୍ରୀ ଜପ କରେ। ସେଦିନ ବି ମୋ ଭାଇଭଉଣୀଙ୍କୁ ନେଇ ସନ୍ଧ୍ୟାରେ ଧୂପ, ଝୁଣା ଲଗାଇ ଗାୟତ୍ରୀ ଜଣାଣ ଗାଉଥାଏ। ଦେଖିଲି ମାଆ ଗାୟତ୍ରୀଙ୍କ ପ୍ରତିମା ପଛପଟେ କାଚ ପରି ଚିକ୍ ଚିକ୍ କ'ଣ ଗୋଟେ ଦିଶୁଛି। ଭାଇଭଉଣୀ ଖୁବ୍ ଛୋଟ ଥିଲେ। କାଳେ ଡରିବେ ବୋଲି ସେମାନଙ୍କୁ ବାହାରକୁ ପଠାଇ ଦେଇ ମୁଁ କିଛି ସମୟ ବସି ରହିଲି। ଗାୟତ୍ରୀଙ୍କ ପ୍ରତିମା ସାମ୍ନାରେ ଥିବା ବେଳେ ବୋଧହୁଏ ମୁଁ ବିଶ୍ୱରେ ଆଉ କୌଣସି ଶକ୍ତିକୁ ଡରେ ନାହିଁ। କିଛି ସମୟ ପରେ ଦେଖିଲି ଠିକ୍ ସେମିତି ଗୋଟେ ସାପ ଫଣା ଟେକି ଗାୟତ୍ରୀ ପ୍ରତିମା ଉପରେ ମୁହଁ ଦେଖାଇ ରହିଛି। ମୁଣ୍ଡରେ କଠଉ ଚିହ୍ନ। ମୁଁ ଏଥର ବିଶ୍ୱାସ କରିଯାଇଥିଲି ଏ ସାପ ସାଧାରଣ ନୁହେଁ। ହେଲେ ଏକଥା କାହାକୁ କହିଲି ନାହିଁ। କାଳେ ବ୍ରାହ୍ମଣ କିମ୍ବା ମୋ ବାପା, ମା ଭୟ କରି ମୋର ଏ ସାପକୁ ମୋ'ଠୁ ଦୂରେଇ ଦେବେ! ସବୁଦିନ ମୁଁ ପୂଜା କଲାବେଳେ ସେ ଆସେ। ଯେ ପର୍ଯ୍ୟନ୍ତ ସେ ନ ଆସିଥାଏ ମୁଁ ମୋ ପୂଜା ସ୍ଥାନରୁ ଉଠେ ନାହିଁ। ତାକୁ ନ ଦେଖିଲେ ମୁଁ ବ୍ୟସ୍ତ ହୋଇପଡ଼େ। ଏମିତି ସବୁଦିନ ମୁଁ ତା ସହିତ ମୋର ସମୟ କାଟେ।

ମାଆ ବୋଧେ ମୋତେ ସନ୍ଦେହ କରିବା ଆରମ୍ଭ କରିଦେଇଥିଲା। ଧୀରେ ଧୀରେ ମୁଁ କେମିତି ବଦଳି ଯାଉଥିଲି। ପ୍ରାର୍ଥନା କଲାବେଳେ ଭାଇଭଉଣୀଙ୍କୁ ସାଙ୍ଗରେ ନେଉନଥିଲି ପୂଜା ଘରକୁ। ଆବଶ୍ୟକରୁ ଅଧିକ ସମୟ ପୂଜା ଘରେ କାଟୁଥିଲି। ମୁଁ ମୋର ଖୁସିକୁ କାହାକୁ ଜଣାଇ ପାରୁନଥିଲି ଯେ ବ୍ରାହ୍ମଣ ଭାଇନା କହିଥିଲେ ନାଗଦେବତା କୁଆଡ଼େ ମୋ ଠାରୁ ପୂଜା ପାଇବାକୁ ଚାହାଁନ୍ତି। ଆଉ ଯେତେବେଳେ ମୋ ଗାୟତ୍ରୀଙ୍କ ପ୍ରତିମା ପାଖରେ ତାଙ୍କୁ ଜୀବନ୍ତ ଦେଖିଲି ମୋ ଖୁସିର ଠିକଣା ନଥିଲା। ବହୁଦିନ ଯାଏଁ ସେ ସାପ ସହିତ ଚାଲିଲା ମୋର ନିବିଡ଼ ସମ୍ପର୍କ। ଅଲୌକିକ ସମ୍ପର୍କ। ଯାହା କେହି ବିଶ୍ୱାସ କରିପାରିବେନି ସେ ସାପ ମୋର କୌଣସି କଥାର ଉତ୍ତର ଦିଏନି ସତ, ମୁଁ କିନ୍ତୁ ସବୁଦିନ ତା ସହିତ ଗପେ। ସାଙ୍ଗ ଭଳି ସବୁ କଥା କହିଯାଏ। ସେ ଖାଲି ଆଖି ତରାଟି ଚାହିଁଥାଏ ମୋ ଆଡ଼କୁ। ଖାଇବା ପିଇବା, ଛାଡ଼ି ସବୁବେଳେ ଘଣ୍ଟା ଘଣ୍ଟା ପୂଜା ଘରେ

ରହିବା ଦେଖି ମାଆ ବହୁତ ବିରକ୍ତ ହୁଏ ମୋ ଉପରେ । ଦିନେ ମୁଁ ପୂଜା ଘରେ ଥିବା ସମୟରେ ସେ ଜାଣିବାକୁ ଚାହିଁଲା ମୁଁ କ'ଣ କରୁଛି ! ଆମର ସେତେବେଳେ ମାଟିଘର ଥିଲା । କାନ୍ଥରେ ଥିଲା ଚାଖଣ୍ଡେ ହେବ ଛୋଟ ଫାଙ୍କଟିଏ । ମାଆ ସେଇ ଫାଙ୍କରେ ଲୁଚି ଲୁଚି ଦେଖିଲା । ମୁଁ ମା ଗାୟତ୍ରୀଙ୍କ ସାମ୍ନାରେ ଆଣ୍ଠୁ ମାଡ଼ି ବସିଛି ଆଉ ମୋ ସାମ୍ନାରେ ଗାୟତ୍ରୀଙ୍କ ପ୍ରତିମା ପଛପଟୁ ଗୋଟେ ନାଗସାପ ମୁହଁ କାଢ଼ି ରହିଛି । ମୁଁ ତାକୁ ମୋ କଥା ଶୁଣାଉଛି । ମାଆ ଆଉ ଅପେକ୍ଷା ନ କରି କବାଟ ଖୋଲି ପଶି ଆସିଲା ଘର ଭିତରକୁ "ବାହାରକୁ ଚାଲ୍, ତୋତେ କ'ଣ ଦେଖା ଯାଉନି ତୋ ଆଗରେ ଗୋଟେ ସାପ କାନ୍ଥରୁ ମୁହଁ କାଢ଼ି ରହିଛି । କି' ପୂଜା କରୁଛୁ ତୁ ?" ମାଆ ମୋ ହାତକୁ ଧରି ଭିଡ଼ି ଆଣିଲା ବାହାରକୁ ।



ଇଚ୍ଛା ହେଉଥିଲା ମାଆକୁ ସବୁ ସତକଥା କହିଦେବାକୁ । ହେଲେ କାଳେ ମୋ ସାପକୁ ମୋ ଠୁ କିଏ ଛଡ଼େଇ ନେବ ଭୟରେ କିଛି ନ କହି ଚୁପ୍ ରହିଗଲି ମୁଁ । ସବୁଦିନ ଆମ ଘରକୁ ଅର୍ଜୁନା ବଡ଼ବାପା (ବ୍ରାହ୍ମଣ) ପୂଜା କରିବାକୁ ଆସନ୍ତି । ଦିନେ ସେ ପୂଜା କରିବା ସମୟରେ ଦେଖିଦେଲେ ମୋ ସାପକୁ । ଆଉ ଭୟରେ ପୂଜା ନ କରି ବାହାରକୁ ବାହାରି ଆସିଲେ । ମାଆକୁ ଡାକି କହିଲେ, "ଏ ସାପକୁ ବାହାର କର ନ ହେଲେ ମୁଁ ଆଉ ତୁମ ଠାକୁର ପୂଜା କରିବାକୁ ଆସିବିନି ।" ଅର୍ଜୁନା ବଡ଼ବାପାଙ୍କ କଥା ଶୁଣି ମୁଁ କାନ୍ଦି ଉଠିଲି, କିଛି ଖାଇନଥିଲି ଦିନ ସାରା । ଏଥର ଆଉ ଲୁଚାଇ ହେବନି, ସବୁ ସତ କଥା ମାଆକୁ କହିବାକୁ ପଡ଼ିବ । ହେଲେ ବାପା ଥିଲେ ମାଆକୁ ବୁଝାଇ ଦେଇଥାନ୍ତେ । ମାଆ କ'ଣ ମୋତେ ବିଶ୍ୱାସ କରି ମୋ କଥାରେ ରାଜି ହେବ ! ଏମିତି ଅନେକ କଥା ଭାବି ଶେଷରେ ସ୍ଥିର କଲି ମାଆକୁ କହିଦେବି ।

ସନ୍ଧ୍ୟାରେ ପ୍ରାର୍ଥନା ସମୟରେ ମାଆକୁ ଡାକିଲି । କହିଲି: ମାଆ ତୁ ପାଟି ନକରି ଦେଖ୍ ପରେ ଯାହା କହିବୁ ମାନିବି । ମାଆ ଚୁପଚାପ୍ ଦେଖିଲା ମୋ ସାପ ଫଣା ଟେକି କାନ୍ଥରୁ ବାହାରିଲା । ସେଇ ନିର୍ଦ୍ଦିଷ୍ଟ ଜାଗାରେ ଯେଉଁଠି ସେ ସବୁଦିନ ରୁହେ । କେବେ ତାକୁ ଘର ଭିତରେ ଆଉ କୋଉଠି ବୁଲିବାର ଦେଖିନୁ ଆମେ । ମୋ ପ୍ରାର୍ଥନା ସରିବା ଯାଏଁ ସେମିତି ଚାହିଁଥାଏ ବାହାରକୁ । ପ୍ରାର୍ଥନା ସରିବା ପରେ ପୁଣି ପଶିଯାଏ ତା' ସୁଡ଼ଙ୍ଗ ଭିତରେ । ମାଆ ନିର୍ବାକ୍ ହୋଇଯାଇଥିଲା ।

"ତାକୁ ବାହାର କରନି ମାଆ । ସେ ମୋ ଗାୟତ୍ରୀଙ୍କ ସ୍ୱରୂପ । ସେ ମୋର ଭଲ ସାଙ୍ଗ । ତୋତେ କହିନି ମୁଁ ଆଗରୁ କିନ୍ତୁ ବହୁଦିନ ଧରି ମୁଁ ତା ସହିତ ଗପି ଆସୁଛି । ସେ ଥିଲେ ମୋ ଭିତରେ ଗୋଟେ ଅଲୌକିକ ଶକ୍ତି ପ୍ରବାହ ହେବା ଭଳି ମନେ ହୁଏ । ମୁଁ ଭବିଷ୍ୟକୁ ଯେମିତି ଦେଖିପାରେ । ଯାହା ଘଟିବାର ଥାଏ ଆଗରୁ କହିଦିଏ । ନିଜେ ଜାଣେନା ଏ ଶକ୍ତି କେମିତି ଆସେ, କେଉଁଠୁ ଆସେ ! ! ମୋ ସାପକୁ ଏ ଘରୁ କାଢ଼ି ଦେଏନା ମାଆ । ଅର୍ଜୁନା ବଡ଼ବାପାଙ୍କୁ ବୁଝେଇ ଦେଏ । ସେ କିଛି କ୍ଷତି କରିବେନି ।" ଖୁବ୍ ଜୋର୍‌ରେ କାନ୍ଦି କାନ୍ଦି ଗୁହାରି କଲି ମାଆକୁ ।

ମାଆ ମଧ୍ୟ ମୋ ଭିତରେ କିଛି ଅଲୌକିକ ଶକ୍ତିକୁ ଅନୁଭବ କରିଥିଲା । ତେଣୁ ଖୁବ୍ ସହଜରେ ବିଶ୍ୱାସ କରିନେଲା ଏ ସାପ ସାଧାରଣ ସାପ ନୁହେଁ । ପରଦିନ ପୂଜା କରିବାକୁ ଆସୁଥିବା ବଡ଼ବାପା (ବ୍ରାହ୍ମଣ)ଙ୍କୁ ସବୁକଥା ଜଣାଇଲା । ସେ କିନ୍ତୁ ମାଆକୁ ବିଶ୍ୱାସ କଲେ ନାହିଁ । ଆମ ଘରକୁ ପୂଜା କରିବାକୁ ଆସିବାକୁ ମନା କରିଦେଲେ । ତଥାପି ସେଦିନ କାହିଁକି କେଜାଣି ମୋ ମାଆ ଗାୟତ୍ରୀଙ୍କୁ ଆଉ ମୋ ସାପକୁ ଏତେ ବିଶ୍ୱାସ କରିଯାଇଥିଲା ଯେ ମୋତେ ପୂଜା କରିବାକୁ ମନା କରିନଥିଲା । ପୂର୍ବବତ୍ ମୋ ସାପ ସହିତ ସେମିତି ସବୁଦିନ କଥା ହୁଏ ମୁଁ । ମୋ ପରିବାର ଭଲ ଭାବେ ଗ୍ରହଣ କରି ନେଇଥିଲେ ମୋ ସାପର ଆଉ ମୋର ବନ୍ଧୁତ୍ୱ । ଦୀର୍ଘଦିନ ଧରି ଖୁବ୍ ଖୁସିରେ ରହିଲି ମୁଁ । ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ଥିଲା ଓଡ଼ିଶା ପାଇଁ ଏକ ଅଭିଶପ୍ତ ଦିନ । ସେଦିନ ମହାପ୍ରଳୟ ମନେ ପଡ଼ିଲେ ଆଜି ବି ଲୋମ ଟାଙ୍କୁରି ଉଠେ । ଦାଦାଙ୍କ ଘର ପକ୍‌କା ବାରଣ୍ଡାରେ ଗୋଟେ ନଡ଼ା ଗଦାରେ ବସି ଅନ୍ଧାରରେ ରାତି କାଟୁଥିଲୁ ଆମେ ମାନେ । ଗୋଟେ ପରେ ଗୋଟେ ବଡ଼ ବଡ଼ ଗଛ ଭାଙ୍ଗି ପଡୁଥିଲା ଆଖି ସାମ୍ନାରେ । ପ୍ରବଳ ବେଗରେ ପବନ ସାଙ୍ଗକୁ ଖୁବ୍ ଜୋର୍‌ରେ ବର୍ଷା ଛାଡି ଥରେଇ ଦେଉଥିଲା । ଗୋଟେ ପରେ ଗୋଟେ ଆମ ଘରର କାନ୍ଥ ଭାଙ୍ଗି ପଡୁଥିଲା । ଗାଁ ଲୋକମାନେ ଡାକ ଦେଲେ: "ଯିଏ ଯୁଆଡ଼େ ଅଛ ନଦୀବନ୍ଧ ଉପରକୁ ପଳେଇ ଆସ, ନଦୀ ବନ୍ଧ ଭାଙ୍ଗି ଗାଁ ଭାସିଯିବ । ନଈରେ କୂଳ ଖାଇ ଗାଁରେ ପାଣି ପଶି ଗଲାଣି ।" ବାପା କହିଲେ "ଆମେ ବଞ୍ଚିବା ତ ସାଙ୍ଗ ହୋଇ, ମରିବା ତ ସାଙ୍ଗ ହୋଇ । କେହି କୁଆଡ଼େ ଯିବାନି, ମୋ ଗୁହାଳରେ ଗାଈଟାକୁ ମୁଁ ନିର୍ଦ୍ଦୟ ଭାବେ ଛାଡ଼ି ଯାଇ ପାରିବନି ।" ବାପା ସ୍ଥିର କଲେ ଗୋଟେ ଦଉଡ଼ାରେ ଆମେ ସମସ୍ତେ ବାନ୍ଧି ହୋଇଯିବୁ । ଯୁଆଡ଼େ ଭାସି ଭାସି ଯିବୁ ଗୋଟେ ଜାଗାରେ ଥିବୁ । ମରିବୁ ତ ଗୋଟେ ଜାଗାରେ ମରିବୁ । ସେଦିନ ଆମେ ମୃତ୍ୟୁକୁ ନିକଟରେ ଦେଖିଥିଲୁ । ସମସ୍ତେ ମେଳି ହୋଇ ଗୋଟେ ଜାଗାରେ ବସିଲୁ । ମୁଁ ପିଲାଦିନରୁ ଗାୟତ୍ରୀ ବିନା ବଞ୍ଚିପାରେନା । ତା' ପ୍ରତିମା ଭିତରେ ମୁଁ ତା ଉପସ୍ଥିତି ଦେଖେ । ଉପଲବ୍ଧି କରେ । ତେଣୁ ମହାବାତ୍ୟାରେ ମୃତ୍ୟୁ ମୁଖକୁ ଯିବା ବେଳେ ବି ତାକୁ ସାଙ୍ଗରେ ନେଇ ଯିବାକୁ ସ୍ଥିର କଲି । ରାତି ସାରା ତା'ର ପ୍ରତିମାକୁ ଜାବୁଡ଼ି ଧରି ବସିଥିଲି ।

ସକାଳ ହେଲା ବେଳକୁ ନଦୀ ବନ୍ଧ ଭାଙ୍ଗି ନଥିଲା । ପବନ କ୍ରମଶଃ କମି ଯାଇଥିଲା । ଛାରଖାର ହୋଇ ଭାଙ୍ଗି ପଡ଼ିଥିବା ମୋ ଭଙ୍ଗା ଘର ଭିତରକୁ ପ୍ରବେଶ କଲି । କେଡ଼େ ସ୍ୱାର୍ଥପର ମୁଁ ଭୁଲି ଯାଇଥିଲି ମୋ ନାଗ ସାପ କଥା । କେମିତି ଥିବ ସେ ରାତିସାରା । ପୂଜା ଘରକୁ ଧାଇଁଲି । ଯାହା ଦେଖିଲି ନିର୍ବାକ୍ ପାଲଟିଗଲି ।

ମୋ ନାଗସାପ ମରି ପଡ଼ିଥିଲା ସେଇ ଜାଗାରେ । କୁଆଡ଼େ ବି ଯାଇନଥିଲା । ସବୁଦିନ ମୁଁ କେବଳ ତା'ମୁହଁ ଦେଖୁଥିଲି ହେଲେ ସେଦିନ ସେ ସମ୍ପୂର୍ଣ୍ଣ ବାହାରକୁ ଆସି ମରି ପଡ଼ିଥିଲା । ହଳଦୀ ରଙ୍ଗ ଦେହକୁ କଳା ରଙ୍ଗର କଠଉ ଚିହ୍ନ ତା'ଫଣା ଉପରେ । ତାକୁ ହାତରେ ଧରି ଯେତେ ଡାକିଲି ଶୁଣିଲାନି । ଯେତେ ଚିତ୍କାର କଲି କାନ୍ଦିଲି ଆଉ ଫେରିଲାନି । ମୋତେ ଆଗ ଭଳି ଚାହିଁଲାନି ଆଖି ତରାଟି । ମୁଁ କେଡ଼େ ସ୍ୱାର୍ଥପର ତାକୁ କେମିତି ଭୁଲିଯାଇ ଗାୟତ୍ରୀଙ୍କ ପ୍ରତିମା ନେଇ ଚାଲିଗଲି । ସେ ମୋ ଭୁଲ୍‌ର ଦଣ୍ଡ ଦେଇ ସବୁଦିନ ପାଇଁ ମୋତେ ଛାଡ଼ି ଚାଲିଗଲା । ତା କଥା ଲେଖିବା ବେଳେ ଆଜି ବି ମୋ ହାତ ଥରୁଛି । ଆପେ ଆପେ ଲୁହ ଝରି ଆସୁଛି ।

ଈଶ୍ୱରଙ୍କୁ ତର୍କ ଦ୍ୱାରା ନୁହେଁ, ବିଶ୍ୱାସରେ ଜିତି ହୁଏ । ମୋ ନାଗ ଦେବତା ଏହା ମୋତେ ଉପଲବ୍ଧି କରାଇଛନ୍ତି । ବୋଧହୁଏ ଏ ମଣିଷ ସମାଜ ତା'ର ଆଉ ମୋର ବନ୍ଧୁତ୍ୱକୁ ଗ୍ରହଣ କରି ପାରିନଥାନ୍ତା । ଯେମିତି ସମସ୍ତେ ନାଗୁଣୀ କହି ମୋତେ ଚିଡ଼ାଉଥିଲେ, ବୋଧହୁଏ ଆଜି ବି ନାଗୁଣୀ କହୁଥାନ୍ତେ । ସେଥିପାଇଁ ସେ ମୋ'ଠୁ ଦୂରେଇ ଗଲା । କିନ୍ତୁ ସେ ଯେ ଏକ ଅଲୌକିକ ପବିତ୍ର ସମ୍ପର୍କର ଅନୁଭବ ମୋତେ ଦେଇଗଲା ଏହା କେବଳ ମୁଁ ହିଁ ଉପଲବ୍ଧି କରିପାରିଛି । ବୋଧହୁଏ ସେଥିପାଇଁ ଆଜି ଯାଏଁ ଗାୟତ୍ରୀଙ୍କ ଶରଣାପନ୍ନ ହେବାରେ ରୁଚି ରଖିଛି । ଆମ ଗାଁ ଶିବ ମନ୍ଦିରରେ ଆଜି ବି ପୂଜା ପାଉଛନ୍ତି ପିତଳରେ ତିଆରି ମୋର ନାଗ ଦେବତା, ମୋ ମିତ ।


SEVEN PILLARS OF WISDOM
ଆମ ମାଟିର ସ୍ୱର
ମଡେଲ୍ : ଅଞ୍ଜୁ ହଜାରିକା (Anju Hazarika)
ଫଟୋଗ୍ରାଫର : ରାଜୁ ନାଥ (Raju Nath)
ଉଚ୍ଚତା : ୫ ଫୁଟ୍ ୭ ଇଞ୍ଚ୍
ଶିକ୍ଷା : କଳାରେ ଗ୍ରାଜୁଏସନ
ବୃତ୍ତି : ଡିଜାଇନର୍ ଓ ମଡେଲିଂ
ପରିଧାନ : ଶାଢ଼ି
ମେକ୍ଅପ୍ : ମନ୍ଦିତା ଗୋସ୍ୱାମୀ
ସ୍ଥାନ : ଜୋର୍ହାଟ୍, ଆସାମ୍
କ୍ୟାମେରା : କ୍ୟାନନ୍ ୫ଡି, ମାର୍କ ୩

ଲେଣ୍ଡର

# ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

୦୧/୦୧/୨୦୨୦ : ଇଂରାଜୀ ନବବର୍ଷ
୧୪/୦୧/୨୦୨୦ : ଫକୀରମୋହନ ଜୟନ୍ତୀ, ୧୫/୦୧/୨୦୨୦ : ମକର ସଂକ୍ରାନ୍ତି
୨୩/୦୧/୨୦୨୦ : ନେତାଜୀ ସୁଭାଷ ଚନ୍ଦ୍ର ବୋଷ / ବୀର ସୁରେନ୍ଦ୍ର ସାଏ ଜୟନ୍ତୀ
୨୬/୦୧/୨୦୨୦ : ସାଧାରଣତନ୍ତ୍ର ଦିବସ
୩୦/୦୧/୨୦୨୦ : ସରସ୍ୱତୀ ପୂଜା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

# ପ୍ରିୟତମା କିଏ ଓ କାହିଁକି ?

ଉଚ୍ଚ ମାଧ୍ୟମିକ ଶ୍ରେଣୀ ପାଠ ଶେଷ ପର୍ଯ୍ୟନ୍ତ ସାବାଳକ ସମୟ ମୋର କଟିଥିଲା ଗାଁରେ । ଜୟଦେବ ନିର୍ବାଚନ ମଣ୍ଡଳୀର ବାଲିପାଟଣା ଥାନା ଅନ୍ତର୍ଗତ ଫକୀରପଡ଼ା ଗାଆଁରେ, ରାଜଧାନୀ ଠାରୁ ୧୭ କିଲୋମିଟର ଦୂରରେ । ସେଇ କାଦୁଅ ପଚପଚ ଗାଆଁର ଚାଳଛପ ଓ ମାଟିକାନ୍ଥର ଦୋପରି ଘରେ ଅପର୍ତ୍ତିଆ ମାଆ ଟୁବି ଗାଡ଼ିଆରେ ଛିଟ ଶାମୁକାରେ ନାହିନାଡ଼ ମୋର କାଟିଥିଲା । ନାମକୁ ମାତ୍ର ସେ ଗାଁରେ ୧୫ କି ୧୬ କରଣ ଘର । ଆମର ସାତ ଆଠ ବର୍ଷର ମାଟି ଘର ମହାବାତ୍ୟାର କରାଳ କବଳରେ ପଡ଼ି ମାଟିରେ ମିଶିଗଲା । ରାୟବାହାଦୂରର ଶେଷ ସଂତକ ଭାବେ ଖାଲି ରହିଗଲା ଚାରି ପୁରୁଷ ଅମଳର ବିରାଟ ଏକ ରାଧାମୋହନ ମନ୍ଦିର, ଦୁଇଟା ବଡ଼ ପୋଖରୀ, ମେଳଣ ପଡ଼ିଆର ଦୋଳଦେବୀ ।

ମନ୍ଦିରର ମୁଖଶାଳାର ଚାନ୍ଦିନୀରେ ବସି ଜେଜେଙ୍କ ମୁହଁରୁ ନିତି ସଂଜବେଳେ ଭାଗବତ ମୁଁ ଶ୍ରଦ୍ଧାରେ ଶୁଣୁଥିଲି ପିଲାଦିନେ । ମୋଟା କାଚର ଚଷମା ପିନ୍ଧି ପୋଲାଙ୍ଗ ତେଲରେ ମିଂଜିମିଂଜି ଜଳୁଥିବା ଡିବି କି ଲଂଠନ ଆଲୁଅରେ ଜେଜେ ଭାଗବତର ଗୋଟିଏ ଅଧ୍ୟାୟ ପ୍ରତି ସନ୍ଧ୍ୟାରେ ବଡ଼ ପାଟିରେ ପାଠ କରୁଥିଲେ ଅନ୍ୟମାନେ ଶୁଣି ପାରିଲା ଭଳି । କିଛି ଅର୍ଥ ନବୁଝି ବି ମୁଁ ତନ୍ମୟ ହୋଇ ତାଙ୍କ ପାଖେ ଜାକିଜୁକି ହୋଇ ବସି ରହୁଥିଲି ଶେଷ ପର୍ଯ୍ୟନ୍ତ ।

ସମଗ୍ର ଗାଆଁଟି ଗୋଟିଏ ପରିବାର ଭୁକ୍ତ ଥିଲା ଗୋଟିଏ ଘରେ ପଶିଲେ ଶେଷ ଘର ଯାଏଁ ଯିବାକୁ ଗଳିବାଟ ଥିଲା । ପୂର୍ବପଟେ ବାବୁଘର ସାହିରେ ଆମର ତିନିଚାରିଟି ପରିବାରର ଘର । ମଝିରେ ଗାଁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯେଉଁଠି ବାପା ମୋର ଥିଲେ ପ୍ରଧାନଶିକ୍ଷକ । ସ୍କୁଲ୍ ପାଖକୁ ଲାଗି ମହିଳା ସମିତି ଘର, ଗୋପବନ୍ଧୁ ପାଠାଗାର ଓ ତାପରେ ୧୦ କି ୧୨ଟି ପରିବାର ରହିଲା ଭଳି ଘର । ପର୍ବପର୍ବାଣିରେ ଦୋଳ, ଦଶହରା, ରଜ ପର୍ବରେ ସବୁ ଘରର ପ୍ରବେଶ ଦ୍ୱାର ଆମ ଭଳି ପିଲାମାନଙ୍କ ପାଇଁ ଉଦୁଉଦୁ ଖୋଲାମେଲା । ବଡ଼ବାପା, ବଡ଼ ବୋଉ, ଭାଇ ଭାଉଜଙ୍କ ଆଦରଯତ୍ନ ସ୍ନେହମମତା ଖିଆପିଆର ସ୍ମୃତି ଏବେ ବି ମାନସପଟରେ ଝଲମଲ ହୋଇ ନାଚି ଉଠୁଛି । ଆଜି ସେ ଗାଁ ଆଉ ଗାଁ ହୋଇ ନାହିଁ । ସ୍ନେହମମତା ନାହିଁ, ଭଲପାଇବା ନାହିଁ ।

ସେଇ ଛୋଟ ଗାଁର ପରିବେଶରୁ, ମାୟାମମତାରୁ ମୁଁ ଜାଣିଥିଲି ଭଲପାଇବା କଣ, ପ୍ରେମର ପରିଭାଷା କଣ, ମମତ୍ୱବୋଧର ଅର୍ଥ ଅର୍ଥାଂତର କଣ, ବନ୍ଧୁତ୍ୱ କଣ । ସେ ସମ୍ପର୍କରେ ଡୋରୀ ଖୁବ୍ ବେଶି ଶକ୍ତ ଓ ମଜବୁତ ଥିଲା । ଆଜିର ଏ ଉତ୍ତରିତ ବୟସରେ ସେଇ ଭଲପାଇବାର ନିଶାରେ ମୁଁ ମଦମତ୍ତ । ଶତ୍ରୁମିତ୍ର ବିଚାର ନକରି ଆଜିର ସ୍ୱାର୍ଥନ୍ୱେଷୀ, ବିଷୟାସକ୍ତି ସର୍ବସ୍ୱ ମଣିଷମାନଙ୍କୁ ପ୍ରେମରେ ହାତ ବଢ଼ାଇ ଚାଲିଛି ସକଳ ଘାତ ପ୍ରତିଘାତ ସତ୍ତ୍ୱେ । ଖାଲି ମଣିଷ ନୁହଁ ପଶୁପକ୍ଷୀ, କୁର୍ମୀକୀଟ ପତଙ୍ଗ, ପ୍ରକୃତି ପରିବେଶ ସବୁଠି ମୁଁ ପ୍ରେମର ପରିଭାଷା ପଢୁଛି । ସେହି ଅପ୍ରବଳ ନିଶାରେ ଏବେ ବି ମୁଁ ଚୁର୍ ହୋଇ ରହିଛି । ଥରକୁ ଥର ବାଟବଣା ହେଲେ ବି ଲକ୍ଷ୍ୟଚ୍ୟୁତ ହୋଇ ନାହିଁ । ସ୍ନାତକୋତ୍ତର ଶିକ୍ଷା ଶେଷ ପରେ ଆରମ୍ଭ ହୁଏ ଚାକିରି ଜୀବନ । ଅବିଭକ୍ତ ସଂବଲପୁରର ବରଗଡ଼ ସହରରେ ଥିବା ସେକାଳର ଦ୍ୱିତୀୟ ବୃହତ୍ ମହାବିଦ୍ୟାଳୟରେ କର୍ମରତ ଥିବାବେଳେ ଭେଟ ହୋଇଥିଲା ଗୋଟିଏ ଫିନ୍‌ଫିନ୍ ତନୁପାତଳୀ ଝିଅ ସହ । ସୁନାଖଡ଼ିକା ପରି ଥିଲା ରୂପକାନ୍ତି । କୁଂଚୁକୁଂଚିଆ ଘନକୃଷ୍ଣ ବହଳ କେଶରାଜି, ତାର ପିଲାଳିଆମୀ, ସୂକ୍ଷ୍ମବାଦିତା ଓ ମେଧା ପ୍ରତି ମୁଁ ଆକୃଷ୍ଟ ହୋଇ ତାକୁ ମନେମନେ ଭଲ ପାଇ ବସିଥିଲି । ଗପ କବିତା ଲେଖୁଥିଲା, ଗୀତ ଗାଉଥିଲା, ସବୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରାଇଜ୍ ପାଉଥିଲା । କିନ୍ତୁ, ମୁଁ ପଢୁଥିବା ପାଠ ସେ ପଢୁନଥିଲା କି, ମୋ କ୍ଲାସ୍‌ର ଛାତ୍ରୀ ନଥିଲା । ବୟସ ବି ତାର ମୋ ଠାରୁ ବେଶ୍ କମ୍ ଥିଲା । ତା ବେଶପୋଷାକ, ଚାଲିଚଳନ, ଆଚାରବିଚାର, ଦୁଷ୍ଟାମୀ ସହ ପିଲାଳିଆମୀ ମତେ ଖୁବ୍ ଭଲ ଲାଗୁଥିଲା । ସେ ମୋ ହୃଦୟର ଅମୁହା ମନ୍ଦିରରେ ଜାଗାଟିଏ ମାଡ଼ି ବସିଥିଲା । ଅଳ୍ପ ବର୍ଷ କେତୋଟିର ସଂପର୍କ ଭିତରେ ସେ ମୋର ଧର୍ମପତ୍ନୀ ହେଲା । ଦୁଇଟି ପୁଅର ମା' ହେଲା, ଦୁଇ ବୋହୂଙ୍କର ଶାଶୁ ଓ ଦୁଇ ନାତି (ରାହୁଲ, ରୋହନ)ଙ୍କର ମାଆ ବି ହୋଇଗଲା । ଅଧାପଢ଼ାରୁ ପାଠ ଛାଡ଼ି ଥିବାରୁ ଘରୋଇ ଛାତ୍ରୀ ଭାବେ ପରୀକ୍ଷା ଦେଇ ବି.ଏ. (ଡିସ୍‌ଟିଂ) ସହ ପାଶ କଲା । ଦୁଇ ବର୍ଷ ଆଇନ ପାଠ ପଢ଼ି ପରୀକ୍ଷାରେ ପାଶ୍ କଲା ଓ ସାରା ଜୀବନ କାଳ ଶେଷରେ ଗୃହିଣୀ ହୋଇ ରହିଗଲା ପଛେ ଲେଖାଲେଖି ଛାଡ଼ି ପାରିଲା ନାହିଁ । କିଏ ସେ ଝିଅ, କଣ ତାର ନାଁ ଜାଣିବାକୁ କେହି କେହି ହୁଏତ ଭାବୁଥିବେ । ନାଁ ତାର ପୁଷ୍ପା । ସେ ମୋର 'ପତ୍ନୀ' ଓ 'ପ୍ରିୟତମା, 'ପୁଷ୍ପଧନୁ' ମାଲିକାଣୀ ପୁଷ୍ପା ମହାନ୍ତି, ଜାହ୍ନବୀ, ଶାଳବଣୀର ପରୀ ଓ ନବଜାତକ ଗଳ୍ପଗୁଚ୍ଛର ଲେଖିକା । ଯେଉଁ ପ୍ରେମ ମୋ ପାଇଁ ଏକ ଦିଗରୁ ଏକ ମଧୁର ଯନ୍ତ୍ରଣା ଓ ମଧୁର ମୃତ୍ୟୁ, ଅନ୍ୟ ଦିଗରୁ ଆଧ୍ୟାତ୍ମିକ ମହାନନ୍ଦ, ସେଇ ପ୍ରେମ ସୌଧର ମୁଣ୍ଡି ମାରିଥିବା ଶିଳ୍ପୀ ମୋର ପତ୍ନୀ ପୁଷ୍ପା । ତା ପାଇଁ ସବୁ ବଂଧନରୁ ମୁଁ ମୁକ୍ତ, ମୁଁ ନିଶ୍ଚିତ ।

**ସେଇ ଛୋଟ ଗାଁର ପରିବେଶରୁ, ମାୟାମମତାରୁ ମୁଁ ଜାଣିଥିଲି ଭଲପାଇବା କଣ, ପ୍ରେମର ପରିଭାଷା କଣ, ମମତ୍ୱବୋଧର ଅର୍ଥ ଅର୍ଥାଂତର କଣ, ବନ୍ଧୁତ୍ୱ କଣ । ସେ ସମ୍ପର୍କରେ ଡୋରୀ ଖୁବ୍ ବେଶି ଶକ୍ତ ଓ ମଜବୁତ ଥିଲା । ଆଜିର ଏ ଉତ୍ତରିତ ବୟସରେ ସେଇ ଭଲପାଇବାର ନିଶାରେ ମୁଁ ମଦମତ୍ତ ।**



▲ଛବି ପ୍ରେମ ମହାନ୍ତି

ସମ୍ମାନ କବିତା


▲ଫଟୋ ଏମ୍ ଆକାଶ

## ପ୍ରିୟତମା

**ଫନୀ ମହାନ୍ତି**

କେଉଁ ନାମରେ ତମକୁ ଡାକିବି ପ୍ରିୟତମା ?
ଶ୍ୟାମା ସୁତପା ବିଶାଖା କାଂତା ମନୋରମା
ନା, ପୁଷ୍ପା ବିଥିକା ଭଦ୍ରା ମଲ୍ଲିକା, ତିଳୋତ୍ତମା,
ଯେଉଁ ନାମରେ ଡାକିଲେ ବି
ପ୍ରତିଧ୍ୱନିତ ହେଇ ଉଠେ ତମ ନାମ ମୋ ସ୍ନାୟୁର
ପ୍ରତିଟି ଶିରାପ୍ରଶିରାରେ
ଉତ୍ତର ସତୁରି ପରର ଏଇ ଆମ ମଧୁର ଗୋଲକରେ
ତମରି କୋମଳ ଡାକ ଥର୍ଥର ପବନରେ କ୍ଷଣୁକ୍ଷଣ
ଅନୁରଣିତ, ତମେ କି ଗୋ କେଉଁ ଅଦୃଶ୍ୟ ଅପହଂଚ
ଜଗତର ସ୍ୱପ୍ନ ପାରିଜାତ
ପ୍ରତି ରକ୍ତକଣିକାରେ ବିସ୍ତାରିତ ଭାରାକ୍ରାନ୍ତ ଦୁଃଖର ଦିଗଂତ ।

ତୁମ ଦେହର କୋଣାର୍କେ, ମୁଁ ଏକ ଭଙ୍ଗାରୁଜା
ନିସ୍ତେଜ ନିର୍ବାକ ମୂର୍ତ୍ତି ଯାହା ଦୃଶ୍ୟ ଜଗତରେ
ଅତି ମୁଲାଏମ ଅଥଚ, ଉଦାସ କରୁଣ
ଅଦୃଶ୍ୟ ଜଗତେ ଆମ ସ୍ଥିତି ନିରର୍ଥକ ଧୂସର ଧ୍ୱାଂତ ଓ ବିବର୍ଣ୍ଣ ।

ବେଳେବେଳେ ସ୍ନେହମୟୀ ମାଆଟିଏ ପରି ତ
କେତେବେଳେ ନାକକାଂଦୁରୀ ପତ୍ନୀଟିଏ ପରି ଅନେକ
ଦୂର ଦୂରାନ୍ତରୁ ତମେ ମନେ ହୁଅ ଯେ
ମୁଁ କୋଟି କୋଟି ଦେବଦେବୀ ଚନ୍ଦ୍ର ସୂର୍ଯ୍ୟ
ଗ୍ରହନକ୍ଷତ୍ର ଅନ୍ତରୀକ୍ଷ ଭୁଲିଯାଏ, ଭୁଲିଯାଏ କାହାର ଅକପଟ
କୋମଳ ମଧୁର ଡାକ
ଭୁଲିଯାଏ ମୋର ଭୂତ
ବର୍ତ୍ତମାନ ଦୃଢ଼-ନିଶ୍ଚିତ ଭବିଷ୍ୟତ
ସମର୍ଥ ପୁରୁଷ ପୁଂଗବ ଭଳି ମୋର ଯେତେ ନିପାରିଲା ପଣ
ପ୍ରେମରେ ହେଉ, ଘୃଣାରେ ହେଉ କି, ତିତିକ୍ଷାରେ ହେଉ

ତମରି ପ୍ରେମର ଫାଶରେ ବଂଧା ମୋର ଅବଶିଷ୍ଟ ବଳକା ଜୀବନ । ❤

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର
ଫୋନ :୯୯୩୭୯୬୧୮୭୮

## ବିନ୍ଦୁ

**ମୁକୁଳ ମିଶ୍ର**


▲କବି ମୁକୁଳ ମିଶ୍ର

ଗଭୀରତାରେ ପାଦ ପୋତି
ଚେରେଇ ଯିବାର ଯନ୍ତ୍ରଣା
ଯଥେଷ୍ଟ ଥିଲା ଫଳିଯିବାକୁ ।

ମୋ ଦୈର୍ଘ୍ୟ ପ୍ରସ୍ଥରେ
ଶିଉଳି ଲେପି ଦେଇଥିବା ହାତ ସବୁ
ଏତେ ସବୁଜ !

ମୁଁ ପ୍ରଜାପତିରୁ ସଂବାଲୁଆ
ପାଲଟି ଯିବାର ଭେଦ
ଅବୁଝା ରହିଗଲା ଯେଉଁମାନଙ୍କୁ
ଦେଖ ସେମାନେ ହିଁ
ହସର ମୁଖା ତଳେ ଆଜି
ଭୋଗୁଛନ୍ତି ଭୋକ !

ପ୍ରବାହ-ହରା ଗୋଟେ ଶୂନ୍ୟ ନଈର
ଅକ୍ଷତ ମିଠାପଣ ଉପରେ
ବିଶ୍ୱାସ ରଖ ।
ଏ ଥରିଲା ହାତରେ ଅଙ୍କା ଯାଇଥିବା
ମୁରୁଜ କିଛି କିଛି ମନ୍ତ୍ର ଭଳି ଦୀକ୍ଷିତ,
ଶଂଖ ପରି ସୁରିଲା ବି
ଗୋଟେ ପୁରିଲା ପ୍ରାଣର ଶୂନ୍ୟତା ।

ମତେ ଢାଳିଦିଅ, ଦଳିଦିଅ ଅବା ଜାଳିଦିଅ !
ଅସରନ୍ତି 'ମୁଁ' ର ବିରାଟ ଗୋଲେଇ ମଝିରେ
ତୁମକୁ ହିଁ ବିନ୍ଦୁଟିଏ କରି
ଛାଡ଼ି ଦେଇଯିବ ମୋର ସମାପ୍ତି,
ତୁମ ବାଟବଣା ହେବା ଇ
ଯେହେତୁ ମୋର ମୁକ୍ତି ।

କେଇଟା ସଂଖ୍ୟାରେ
ପକ୍ଷୀ ଭଳି ଝୁଲୁଥାଉ ଆୟୁଷ !
କବିତା କୋଉ ମରେ !
ପୃଥିବୀକୁ ରୁଷି ପଛ କରି ଦେଇ
ଗଲାବେଳେ ଫେରିଆ ବୋଲି
ସ୍ୱରଟେ ଶୁଭୁଥିବା ଯାଏଁ
ଅଗ୍ରାହ୍ୟ ପ୍ରାର୍ଥନାକୁ
ଜାକି ଧରିଥା ଛାତିରେ ! ❤

କୁବପଡ଼ା, ବଲାଙ୍ଗୀର
ଫୋନ : ୮୭୬୩୯୭୩୧୮୮


▲ଉପାସନା : ଶୁଭ୍ରା ଦେବୀ

# ହରପ୍ରସାଦ ଦାସଙ୍କ କବିତା

## ୧. ଚାନ୍ଦିପୁରରେ ସମୁଦ୍ର

ପୁଣି ଫେରିଲା ସେ, ମୁଁ ପୁଣି ପିଇଲି ଆଉ ଢୋକେ ବିଷ
ଆଉ ବାଜିଏ ଖେଳିବା ପାଇଁ ମୋର କୃତଘ୍ନତାର ଜୁଆଖାନାରେ ।

ପୁଣି ଫେରିଲା ସେ, ମୁଁ ପୁଣି ଡାକିଲି ମୋର ଅସଭ୍ୟ ଜିଭକୁ
କହିବା ପାଇଁ ଆଉ ପରସ୍ତେ ମିଛ, ନିର୍ଦ୍ଦୟ ଏ ଦୁନିଆର ସପକ୍ଷରେ ।

ପୁଣି ଫେରିଲା ସେ, ମୁଁ ପୁଣି ଖାଇଲି ରାଣ ଅବିଶ୍ୱାସୀ ଶୁକ୍ଳପକ୍ଷର
ଜୀଇଁବା ପାଇଁ ଆଉ ଘଡ଼ିଏ ପ୍ରତୀପ ଚନ୍ଦ୍ରର ଭାୟୋଲିନ୍‌ରେ ।

ପୁଣି ଫେରିଲା ସେ, ମୁଁ ପୁଣି ବାହାରିଲି ଘରଛାଡ଼ି ବିଦେଶ
ବଂଚିଯିବା ପାଇଁ ଅସାର୍ଥକ ବାକି ଜୀବନ, ଅଭ୍ରଭଳି ଚମକୁଥିବା ମିଛରେ ।

ପୁଣି ଫେରିଲା ସେ, ମୁଁ ତାକୁ ପଚାରିଲି କିଏରେ ତୁ ଝଡ଼ରେ ବି କାଏମ୍
ମୋର ପରାସ୍ତ ପ୍ରେମର ଜାହାଜ ତ ଲାଗି ସାରିଲାଣି ବନ୍ଦରରେ !

ପୁଣି ଫେରିଲା ସେ, ଏଥର ସବୁ ହରାଇ ମୁଁ କାନ୍ଦିଲି ସୁଖରେ
ଗୋବିନ୍ଦ ପାଦର ରୁଣୁଝୁଣୁ ତାର ସାଇତି ଦେଇ ଛାତିର ଝାଉଁଫଳରେ ।

## ୨. ଋଣ

ଯେତେବେଳେ ତମେ ଆଉ ବୋହି ପାରିବ ନାହିଁ ମୋର ଛାଇ
ଫେରାଇ ଦେବ ମୋତେ ।

ଯେତେବେଳେ ତମେ ଆଉ ସହିପାରିବ ନାହିଁ ମୋର ଦୁଃଖ
ଫେରାଇ ଦେବ ମୋତେ ।

ତମେ ଫେରାଇଲା ଯାଏଁ ମୁଁ ଥିବି
ଯେମିତି କାଠଗଣ୍ଠିରେ ଲାଖିରହେ କୁରାଢ଼ି
କାଠ ଫେରାଇଲା ଯାଏଁ ଚୋଟ

ଯେମିତି ତରଳୁଥିବା ଅୟସ୍କରେ ରହେ ଲାଲିମା
ଲୁହା ଫେରାଇଲା ଯାଏଁ ତାତି

ଯେମିତି ଆମର ଉଜୁଡ଼ି ଯାଉଥିବା ସଂସାରରେ ରହେ
ଦଣ୍ଡେ, ନିମିଶେ, ମାସେ, ବର୍ଷେ
ସ୍ମୃତି ଫେରାଇଲା ଯାଏଁ ଋଣ ସମୟର ।

## ୩. କଳା

ଲହୁ ଭଳି ଝରି ଝରି କଳା ପଡ଼ିଯାଇଥିବା ପ୍ରାର୍ଥନାକୁ ମୋର
ବଂଚେଇ ପାରିବେ ଆପଣ ଖଣ୍ଡଶାଳର ଫାଟରୁ ?

ଆପଣ ବଂଚେଇ ପାରିବେ ମୋର ପୀଡ଼ାର ଛୁଞ୍ଚିମୂନକୁ
ତୀର ଭଳି ବର୍ଷୁଥିବା ବର୍ଷାରାତିର ଭୋକପେଟରୁ ?

ଆପଣ ବଂଚେଇ ପାରିବେ ମୋର ପୁଣ୍ୟର ଅଧାଗାଧୁଆ ଶାଳଗ୍ରାମକୁ
ଅକାଳରେ ଶୁଖି ଯାଉଥିବା ଗଣ୍ଡୁକୀରୁ ?

ଆପଣ ବଂଚେଇ ପାରିବେ ମୋର ନିର୍ମାଲ୍ୟକୁ
ଅଶୌଚ ପାଦତଳୁ ?

ପାରିବେ ବଂଚେଇ କର୍ପୂର ମାଳିକୁ ମୋର
ଓଦା ଆଖିର ଆଳତିରୁ ?

ଆପଣ ବଂଚେଇ ପାରିବେ ମୋର ମଣିଷ ହେବାର ନ୍ୟୂନତମ ଅଧିକାରକୁ ?
ଆପଣ ବଂଚେଇ ପାରିବେ ସୁ ସୁ ଶବ୍ଦ କରି ମାଡ଼ି ଆସୁଥିବା ବଢ଼ିପାଣିରୁ
ମୋର ମାଟିପିଣ୍ଡାକୁ ? ଆକାଶକୁ ଉଠେଇ ନେଇପାରିବେ ମୋର ମୁରୁଜକୁ ?

ନା ଆପଣ ପାରିବେ ନାହିଁ, କାରଣ ଆପଣଙ୍କର କଳା ଚମକେ ମାତ୍ର ଥରେ
ପଥରର କପାଳରେ, ବାସ୍ ଥରେ ।

ବାକି ଯାହା ରହେ, ସେ ପଡ଼ିରହେ ଫୁଟି ନଷ୍ଟ ହେଉଥିବା
ବଣ୍ୟ ଦୀର୍ଘଶ୍ୱାସର ଗୟସ ଭଳି ଅପନ୍ତରାରେ ।

ତାପରେ ବି ଯାହା ରହିଯାଏ, ସେ ଶୁଭେ ବାଜି ବାଜି
ଥକି ଯାଉଥିବା ନିରବତାର ମର୍ଦ୍ଦଳ ଭଳି ରାତିର ହିମଶୀତଳ ମରୁଭୂମିରେ ।

## ୪. ଲହୁ : ଏକ ଗଜଲ୍

ମଣିଷ ଆଖିରେ ଥିଲାଯାଏଁ ଟୋପେ ଲୁହ
ସବୁ ପଥରର ଛାତିରେ ରହିବ ଲହୁ
ଶତ୍ରୁ କିଏ ସେ କେମିତି କହିବି କହ
ଛାତି ଫାଟିଗଲେ ଦିଶୁଚି ସମାନ ଲହୁ ।

ଏଣିକି ଲୁହରେ ଚଳିବନି କାମ ଜାଣେ
କପାଳରେ ମୋର ଲଗାଅ ଟୋପାଏ ଲହୁ
ଲହୁରୁ ଜାଣିବ କିଏ ସତ କିଏ ମିଛ
ମିଛ କହେ ଲୁହ, ମିଛ କହେନାହିଁ ଲହୁ ।


କାହା ହାତ ଖାଲି, ହତିଆର କାହା ହାତେ
କେମିତି କହିବି ଏବେ ତ ଦିଶୁଚି ଲହୁ
ଭିଡ଼ି ଧରିଥିଲି ଛାତିରେ ବନ୍ଧୁ ବୋଲି
ଜାଣି ପାରୁନାହିଁ କିଏ ଦେଇଗଲା ଲହୁ ।

ଖେଳରେ ଖେଳରେ କିଏ ହାଣିଦେଲା ଚୋଟ
କିଏ ପୁଣି ଆସି ପୋଛିଲା ଛାତିର ଲହୁ
ଜାଣିବା ଆଗରୁ ଉଜୁଡ଼ିଲା ଖେଳଘର
ସଭିଏଁ କହିଲେ ଆପେ ଶୁଖିଯିବ ଲହୁ ।

ଅନ୍ଧକାରର ସାରସ ସାଗର ଛାଡ଼ି
କାହିଁକି ଆସିଲା ଏଠି ଚାରିଆଡ଼େ ଲହୁ
ଦିନର ଆଲୋକ ହତ୍ୟାର ବେଳ ଏଠି
ଏ ହାତ ଜାଣେନି ସେ ହାତରେ କାହା ଲହୁ ।

ଛାତି ଖୋଲି ହର ଦେଖାଉଚି ଦେଖ ଲହୁ
ଛାତି ତ ଫାଟିନି କୋଉଠୁ ଝରୁଚି ଲହୁ ।

**ବାଗର୍ଥ, ଏନ୍-୨/୨୬, ଆଇଆରସି ଭିଲେସ୍
ଭୁବନେଶ୍ୱର-୭୫୧୦୧୫
ଫୋନ : ୯୪୩୭୦୩୯୮୫୮**





# ଚୋର

## ପ୍ରଦୀପ କୁମାର ପଣ୍ଡା

ମୋର ଦେହକୁ ଚାଟୁଥାଏ ଗୋଟେ କଳା କୁକୁର
କେତେବେଳେ ଛାତି କେତେବେଳେ ପାଦତଳ
ଲାଂଜରେ ଘଉଡ଼ୁଥାଏ ମାଛିମାନଙ୍କୁ
ଯେଉଁମାନେ ଚୋଷୁଥାନ୍ତି ଲେଂଜରା ମୋର ଆଖିର ।
ମୋର ଆଖି ମେଲାଥାଏ
ଡୋଳାମାନ କିନ୍ତୁ ପଶି ଯାଇଥାଏ ଅନ୍ତର୍ହିତକୁ ।

କୁକୁରଟି ଭୋକରେ ଥାଏ
ନା ମୋର ଭୋକକୁ ଚାଟୁଥାଏ
ଜାଣିବାର ଉପାୟ ନଥାଏ ।
କେଇ ଘଡ଼ି ଆଗରୁ ଛିଟ୍‌କି ପଡ଼ିଥିବା
ଖାନା ପୁଡ଼ିଆଟି ମୋର ହାତପାଆନ୍ତାରେ ଥାଏ ।

ମାଛିମାନେ ମସଲାକ୍ତ ଖାନା ଅପେକ୍ଷା
ଘା, ପୂଯ, ଲେଂଜରା ଅଧିକ ପସଂଦ କରନ୍ତି,
କୁକୁରକୁ ଏ କଥା ମାଲୁମ୍ ।
ଏବେ ସେ ଚାଟୁଥାଏ ମୋର ପେଟତଳ
ହୁଏତ ସେ ଖୋଜୁଥାଏ ମୋର ଦେହର ତାତି
ଯାହା ତାକୁ ଶୀତଳ କରିବ
ଆଦୌ ଉତ୍ତେଜିତ ନଥାଏ କୁକୁରଟି
ଯେମିତି ଏ ଯାବତ ତା'ର ଜନ୍ମ ହୋଇନାହିଁ ।

ମୃତ୍ୟୁକୁ ଚିହ୍ନିବା ପାଇଁ
ଜନ୍ମ ହେବା ନିହାତି ଜରୁରୀ ବୋଲି
ମାଛିମାନଙ୍କୁ ବେଶ୍ ଜଣାଥାଏ
ତେଣୁ ଆଖି କୋଣରେ ହିଁ ସେମାନେ
ବୁଡ଼ବୁଡ଼ି ହେଉଥାନ୍ତି ।

ଏହା କଣ ସେଇ କୋଠରି
ଯେଉଁଠୁ ମୋର ଜନ୍ମ ହେବାର ଥିଲା ?
ଏହା କଣ ସେଇ ଆଲୁଅ କଣା
ଯାହା ବିଚ୍ଛୁରିତ କରିଥିଲେ
ମୋର ଜଠରର ଅଂଧାରମାନେ ?

ଚାଟିବାରୁ ସେ ଏବେ କ୍ଷାଂତ ହେଲା
ସେ ବୋଧହୁଏ ଜଣାଗଲା ଯେ
ଯଥେଷ୍ଟ ସଜ ହୋଇଯାଇଛି ମୁଁ
ଜନ୍ମ ହେବା ପାଇଁ ।
ମୋର ଗର୍ଭସ୍ଥ ଅଂଧାରମାନଙ୍କ ସହ
ସେ ଏବେ ଘଷି ହେଉଥାଏ
ଅନ୍ତି ଅନ୍ତି ଅଂଧାର କଅଁଳୁଥାଏ ।

ଓଲଟ ଡୋଳାମାନ ମୋର ଦେଖୁଥାଏ
କଳା କୁକୁରଟି ମରି ଶୋଇଛି
ମୋର ଜଠରରେ ।
ଦ୍ୱାର ଖୋଲି ଦେଇଛି
ଭୟଙ୍କର ଭୋକିଲା ପୃଥିବୀ
ଆଉଥରେ ଜନ୍ମ ପାଇଁ ମୋର ।

ଖାନାପୁଡ଼ିଆଟି ମୁଠାଇ ଧର
ଦୌଡ଼ୁଥାଏ ଦୌଡ଼ୁଥାଏ
ଗୋଟେ କଳା ନଂଗଳା ପିଲା । ♥

ଧାନକୁଦ, ସମ୍ବଲପୁର-୭୬୮୦୦୬
ଫୋନ : ୯୪୩୭୧୪୮୭୦୯



▶ ପ୍ରଦୀପ କୁମାର ପଣ୍ଡା

# ସବା ଶେଷ ସ୍ତ୍ରୀଲୋକ

## ସୁଜାତା ସାହାଣୀ

ସେ ପ୍ରଚାରପତ୍ରର ଅକ୍ଷର ମୋର ଦାବି ନୁହେଁ
ସେ ସ୍ଲୋଗାନ୍ ମୋର ପ୍ରତିକ୍ରିୟା ନୁହେଁ
ସେ ଶୋଭାଯାତ୍ରାର ଉଦ୍ଦେଶ୍ୟ ମୋର ଜ୍ଞାତବ୍ୟ ନୁହେଁ ।

ସେ ମଞ୍ଚରେ ପରଷା ଯାଇଥିବା ବୟାନବାଜି
ମୋର ଅନୁଭବ ନୁହେଁ
ସେ ଦସ୍ତାବିଜ୍‌ରେ ସଜିଲ୍ ପ୍ରତିଟି ଶବ୍ଦ
ମୋର ବାଞ୍ଛନା ନୁହେଁ
ସେ ମଶାଲ୍‌ରେ ଜଳୁଥିବା ନିଆଁ
ମୋର କ୍ରୋଧ ନୁହେଁ ।

ମୋର ଏତେ ବି ଆବଶ୍ୟକ ନୁହେଁ
ହଟ୍‌ପ୍ୟାଣ୍ଟ, ପପ୍, କ୍ଲବ୍
ବିୟୁଟିପାର୍ଲର୍ ବିୟରବାସ୍
କିଛି ବି ।

ଆଣ୍ଠୁ ଉପରକୁ ଲୁଗା ଟେକି
ପ୍ରସ୍ତୁତ କଲାବେଳେ କ୍ଷେତ
ଫୁଙ୍ଗୁଳା ଛାତିକୁ ନୁଆଁଇ
ଶୋଇଲାବେଳେ ଧାଡ଼ିଧାଡ଼ି ଶସ୍ୟ
କେଉଁ ସଭା ବା ଶାସକକୁ ମାଗିବି ଅନୁଜ୍ଞା
ମାଗିବି ମୁକୁଳା ଜୀବନର ଭିକ୍ଷାଦାନ
ଝାଳ ଦେଇ ଅର୍ଜିଛି ନିସର୍ଗ ଚଳାଚଳ ।

ପୁରୁଷର ଅର୍ଦ୍ଧେକ ବିଳାସ ମୋର ଅଭିଳାଷ ନୁହେଁ
ସାରାଟା ଆକାଶରେ ହୁକୁମାତ୍ ମୋର ଅଭିସନ୍ଧି ନୁହେଁ
ମୁଠାଭର୍ତ୍ତି ଖାଦ୍ୟର ନିରାପତ୍ତା ମୋର ଲୋଡ଼ା
ପାଞ୍ଚହାତ କନାର ବାଗିର୍ ଓ ସୁରକ୍ଷିତ ଛାତଟିଏ ଲୋଡ଼ା
ଜିଇଁବାର ସକଳ ସ୍ୱଚ୍ଛନ୍ଦ ଓ ହକ୍ ମୋର ଲୋଡ଼ା
ଯାହା ପୁରୁଷ ଠୁ ନୁହେଁ
ପୁଞ୍ଜିର ଅମାର ଭାଙ୍ଗି ଛଡ଼େଇ ଆଣିବାର ବେଳା । ♥

ଗୋବିନ୍ଦପୁର, ଡିଙ୍କିଆ, ଜଗତସିଂହପୁର-୭୫୪୧୪୧



▶ ସୁଜାତା ସାହାଣୀ

# ସ୍ୱପ୍ନ


## କମଳ କୁମାର ମହାନ୍ତି


କେତେ ଛନ୍ଦମନ୍ଦର ଯାତ୍ରା
ଚାଲିଛି ହୋ ଏଠି
ମୁଁ ଖାଲି ଦୌଡୁଛି ଏକମୁହାଁ
ପ୍ରିୟସ୍ୱପ୍ନ ପାଖେ ପହଞ୍ଚିବା ଆଗରୁ
ଭୁଆଁ ବୁଲାଉଛି ଗୋଟେ ମରୀଚିକା
ନୂଆ ଏକ ସ୍ୱପ୍ନର ଆଳରେ !

ସତରେ ସ୍ୱପ୍ନ ଏତେ ଦୁର୍ଲଭ ହେଲାଣି ଆହା
ନର୍କ ବରଂ ମିଳିଯାଏ ବିନା ଶ୍ରମ
ବିନା ଭ୍ରୂକୁଞ୍ଚନରେ,
ପହଞ୍ଚି ହୁଏନା ସ୍ୱପ୍ନ ପାଖରେ ।

ଆଗେ ଆଗେ ସ୍କୁଲ୍ ବେଳରୁ
ନାନା ଆଳ ନେଇ ସ୍ୱପ୍ନମାନେ ଆସୁଥିଲେ
ଆବଡ଼ା ଖାବଡ଼ା ରାସ୍ତା ଡେଇଁ



ଫଟୋ କମଳ କୁମାର ମହାନ୍ତି

ରହି ଯାଉଥିଲେ କଳାପଟା, ବସ୍ତାନି ଭିତରେ
କେବେ କେବେ ବି ମୂର୍ତ୍ତିହୋଇ
ଠିଆ ହେଉଥିଲେ ସହରର ଚାରିଛକି
ପଥର ଆସ୍ଥାନରେ ।

ମୁଁ ଆଜି ପଚାରୁଛି ମତେ
ହେ ଜୀବନ, ବ୍ୟଥିତ ହେଲ କି ଆଜି
ସେଇସ୍ୱପ୍ନ ସବୁ ଭାଙ୍ଗିଗଲା ବୋଲି
ଏତେ ଅଳ୍ପ ଦିନରେ !

ଆଜି ଦିନସାରା ଦୌଡ଼ି ଦୌଡ଼ି
ନିରାଶ ହେଲି ପାଦ ଗଣି, ଟଙ୍କା ଗଣି,
ନିଃଶ୍ୱାସର ପ୍ରଖରତା ମାପି ମାପି ।
ଘର୍ମାକ୍ତ ଦେହ, ଅବସାଦର ପସରାକୁ
କାନ୍ଧରେ ବୋହି ମୁଁ ଘରମୁହାଁ ହେଉଛି ଏଇ !
ସାଙ୍ଗରେ ଫେରିଛନ୍ତି ଅପାରଗତାର କିଛି

ଅଛିଣ୍ଡା ଅଙ୍କ, ବିଫଳ ଗାର୍ହସ୍ଥ୍ୟର ରିକ୍ତ ଅନୁଭବ
ଆଉ କାତର ଈର୍ଷାରେ ବାରଂବାର
ଆହତ ମୋ' ସମୁଦାୟ ସତ୍ତା ।

କାନ୍ଧରୁ ଓହ୍ଲାଇ ଦେଇ
ମୋ' ଅବୁଝା ଅହଙ୍କାରର ବୋଝ
ମୁଁ ଖୋଲୁଛି ଏବେ ମୋ' କୋଠରିର ତାଲା
ଆଉ କିଛି ମୁହୂର୍ତ୍ତ ପରେ
ସରିଯିବ ଅନ୍ନପ୍ରାସନ, ସାରାଦିନର ଅନୁଚିନ୍ତା
ତା' ପରେ ଥ' ହୋଇ ଶୋଇପଡ଼ିବ
ମୃତବତ୍ ଗୋଟେ ଶରୀର
ଅବସାଦରେ ଅବସନ୍ନ, କାତର ।

ଫେରାର୍ ସ୍ୱପ୍ନ ପାଖରେ
କିଏ କ'ଣ ପହଞ୍ଚିପାରିଛି ଆଉଥରେ !


ଆରସା, ତିହିଡ଼ି, ଭଦ୍ରକ- ୭୫୬୧୩୯
ଫୋନ୍ : ୮୨୪୯୩୩୭୫୮୭




ମଡେଲ : ଝିଲ୍ମୀ ରାଉତ

# ଥରୁଟେ

## ପ୍ରମୀଳା ଶତପଥୀ



କାନ୍ଦିବାକୁ କହିଲ
କାନ୍ଦିଲି,
ହେଲେ,
କେହି
ପଢ଼ିଲ କି
ମୋ ବତୁରା
ନିଃଶ୍ୱାସରେ ଥିବା
ସୁଦୀର୍ଘ କବିତା,

ବୁଝିବାର ଚେଷ୍ଟା କଲ କି
ସେ କବିତା ଭିତରେ ଥିବା
କେତେକେତେ
ସ୍ୱର, ସରଳତା,
ବୈଷୟିକ ଜୀବନର
ଜୈବୀକ ବ୍ୟସ୍ତତା !

ଆକାଶ ଯେବେ
ପିନ୍ଧି ନିଏ
ବାଦଲର ଶାଢ଼ି
ତମେ ଦେଖିଛ କି ତମ
ନଖରେ ଲାଗିଛ କି ନାହିଁ
ଅନ୍ଧାରର ମାଂସଖଣ୍ଡ କିଛି ?

ଏବେ
ତମେମାନେ ମୋତେ
ନୀରବ ରହିବାକୁ
ନିର୍ଦ୍ଦେଶ ଦେଉଛ,
ତମର ଅଙ୍ଗୁଳି
ହଲେଇବାର ତାକତ୍ ଅଛି,
ହେଲେ
ମାଛର ଲୋଭ କି ପାଶୋରି ଯିବ
ପାଣିରେ ଡୁବୁଥିବା ପକ୍ଷୀ ?

ତମେମାନେ
ମୋତେ
ଶହ ଶହ ବାର
ମାରିଲେ ମାର,
ମୁଁ କିନ୍ତୁ
ମରିବି ଥରୁଟେ
ତାହା କେବଳ
ମୋ ନିଜ
ନିର୍ଦ୍ଦେଶରେ । ♥

ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର
ଫୋନ : ୯୪୩୭୨୯୫୬୪୮

# ଆଉ ମନେ ନାହିଁ

## ଅକ୍ଷୟ ବେହେରା

କେତେ ଦିନ ହେଲାଣି ଆଉ ଗଣି ହୁଏ ନାହିଁ
ସେଇଠି ତମେ...ତୁମ ଆଖି ଆଗରେ ମୁଁ
ଆଖି ଖୋଲିଲେ ବି ତୁମେ ହିଁ ଦିଶୁଥାଅ
ପ୍ରତିଦିନ ନୂଆ ବେଶରେ ନୂଆ ନୂଆ ମନରେ...

ସେଇ କଥାଟି ଏଯାଏ କହି ହେଲାନି
ଜାଣେନି ବି କହି ହେବ କି ନାହିଁ
ଯାହା ମୁଁ ଭାବିଥିଲି କାହିଁ କେତେ ବର୍ଷ ତଳେ
ଯେବେ ତୁମେ ପିନ୍ଧି ନଥିଲ
ସଧବା ନାରୀର ସବୁ ସନ୍ତକ...

ଗୋଟିଏ ସହର ଗୋଟିଏ ଚଟାଣ
ଏଯାଏଁ ଦେଖି ବି ନାହିଁ
କେଉଁ ଘରେ ତୁମର ଅଭିସାର
ଶୁଣିଛି ଯାହା, ଘର ଆଗରେ କାଳେ ଝରା ଗଙ୍ଗଶିଉଳି
ତୁମ ନରମ ଆଙ୍ଗୁଠିର ଛୁଆଁରେ ଉଲ୍ଲସିତ ହୁଏ
ଏଯାଏଁ ଖୋଜି ପାଇଲିନି
ସକଳ ପରିପୂର୍ଣ୍ଣତା ପରେ ବି
ସେହି ଅଭାବର ଘରଟିକୁ, ଠାବ କରି ପାରିଲିନି
ମୋର ଅସାମର୍ଥ୍ୟ ପଣରୁ ନୁହେଁ
ବରଂ କୁହାଯାଉ ଦ୍ୱନ୍ଦ୍ୱର ସଂକଟ...

ବେଳେବେଳେ ଭାବିଛି
କେଉଁ ଅଧିକାର ନେଇ ତୁମକୁ ଖୋଜିବି
ଯେବେ ତୁମେ ଅନ୍ୟର
ତୁମ ଆଖି ଡୋଳାରେ ବାରବାର ନାଚୁଥାଏ
ଛବିଟିଏ ପୁଣି ଆଉ କାହାର..

ମୁଁ ଯେ ଚିରକାଳ
ଉଦାସ ହେଇ ବସିଛି ନଈ ସେ କୂଳରେ
ଆଖି ପତା ଯୋଡ଼ି ହୋଇ ଗଲାବେଳେ
ଅରଣ୍ୟର ଶୀତଳ ପବନ
ଆହୁରି ଘନୀଭୂତ କରିଛି ମୋର ତନ୍ଦ୍ରା
ଉଠି ଦେଖେ ତ ତୁମେ ହସୁଛ
ଦୁଷ୍ଟ ପ୍ରେମିକା ପରି ମୋର ନିଦୁଆ ଆଖିରେ...

ମୋର ଆଉ କିଛି ମନେନାହିଁ । ♥

ଏମଆଇଜି-୨, ୬୫/୫, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬
ଫୋନ : ୯୪୩୭୨୭୯୯୪୧



▶ ଛବି ଅକ୍ଷୟ ବେହେରା



ଡ଼ଃ ଗାୟତ୍ରୀବାଳା ପଣ୍ଡା

# ନିର୍ଭୟା

ଗାୟତ୍ରୀବାଳା ପଣ୍ଡା

କେହିଜଣେ କହିଲା ନିର୍ଭୟା କେଶ୍
ଏ ଡିସେମ୍ବରକୁ ସାତ ବର୍ଷ ପୂରିଲା ।

କେବଳ ମାତ୍ର ସାତ ବର୍ଷ !
ଜଣେ ମାତ୍ର ନିର୍ଭୟା !
ଭଳିକି ଭଳି ଆଶ୍ଚର୍ଯ୍ୟ
ମୋ ଆଖିର ହ୍ରଦରେ ।

କେଜାଣି କେତେ ନିର୍ଭୟାଙ୍କ ପଦଚାରଣା
ମୋ ଛାତି ଭିତରେ ଯୁଗ ଯୁଗ ଧରି,
କେହି ଦେଖି ନପାରିଲା ଭଳି ଚାଲିଚି
ଅବିରାମ ଗତିରେ !

ଛାତି ଭିତରେ ଅନେକ କୋଠରି
କୋଠରିକୁ ଲାଗି ଲଂବା ବାରନ୍ଦା
ଯୋଉଠୁ ଶୁଭୁଚି କେବେ ଅଟ୍ଟହାସ୍ୟ ତ
କେବେ ଗୁମୁରି ଗୁମୁରି କାଂଦ
କୋଠରି କଂପି ଉଠୁଚି ତ
ଥର୍ଥରେଇ ଉଠୁଚି ଆତ୍ମା
ଚଡ଼କି ଯାଉଚି ମନର ଚଟାଣ ।

ଏସବୁ ତମକୁ ଗପ ପରି ଲାଗୁଚି ନା !
ସ୍ତ୍ରୀ ଲୋକର ଛାତି କହିଲେ
ଯୋଉ ଚିତ୍ର ତମ ମନକୁ ଆସୁଚି
ମୁଁ ସେଇ ଛାତି କଥା କହୁନି,
ମୁଁ କହୁଚି ହୃଦୟ କଥା
ଯୋଉଠି କେଉଁ ଆବହମାନ କାଳରୁ
ଛିଡ଼ା ରହିଛନ୍ତି ନିର୍ଭୟା ମାନେ
ନ୍ୟାୟ ଅପେକ୍ଷାରେ ।

ଶାଢ଼ୀ ଦୋକାନରେ ଶାଢ଼ୀ ବାଛୁବାଛୁ
ମୁଁ ଶାଢ଼ୀ ବିକୁଥିବା ସେ ଝିଅଟିକୁ ଚାହୁଁଚି,
ଯିଏ କହୁଚି କୋଉ ଶାଢ଼ୀଟି ଭଲ ମାନିବ
ଗୋରା ଦେହକୁ ।
ନାଚ ପେଣ୍ଡାଲ୍‌ରେ ନାଚୁଥିବା ଝିଅଟିର
ପାଦର ଗତି ସହିତ ବଢୁଚି ମୋ ଅସ୍ୱସ୍ତି
ମୁଁ ବିକଳ ହେଇ ତାକୁ ଚାହୁଁଚି ତ
ସିଏ କହୁଚି ଭୋକ ମେଣ୍ଟାଇବା ହିଁ
ପୃଥିବୀର ସବୁ ଝିଅଙ୍କ ପ୍ରବୃତ୍ତି ।
ଯୋଉ ଝିଅଟି ଦେହଲଗା ସାବୁନ୍, ପାଉଡ଼ର
ଲିପ୍‌ଷ୍ଟିକ୍ ବା ଅନ୍ତର୍ବସ୍ତ୍ରର ବିଜ୍ଞାପନ ପାଇଁ
ପୋଜ୍ ଦଉଚି, ସିଏ ବୁଝଉଚି
ଲେପ ବୋଳା ହୋଇନଥିବା ଚେହେରା
କିଛି ମହତ୍ତ୍ୱ ରଖେନା ମଣିଷମାନଙ୍କ ଜୀବନରେ
ମଣିଷ କିଏ ? ମୁଁ ନିଜକୁ ପଚାରୁଚି ଓ ଖିନଭିନ୍ ହେଉଚି ।

ସେ ସମସ୍ତେ ଯେମିତି ଚାଲୁଛନ୍ତି ର୍‍ୟାମ୍ପ୍ ସୋରେ
ମୋ ଛାତିର କାର୍ପେଟ୍ ଉପରେ
ଚାଲୁଛନ୍ତି ମୋ ଜେଜେମା, ଆଈ, ବୋଉ,
ମାଉସୀ ପିଉସୀଙ୍କ ଭଳି ଯେତେ ସ୍ତ୍ରୀଲୋକ
ସମସ୍ତଙ୍କ ପାଦ ଶବ୍ଦ ମତେ ଏକାପରି ମନେହଉଚି
ମୋ ଛାତି ଥରି ଉଠୁଚି ।

ନିର୍ଭୟା କିଏ ? ଏମାନଙ୍କ ଭିତରୁ ?
ମୁଁ ନିଜକୁ ପଚାରୁଚି ଓ ଖିନ୍‌ଭିନ୍ ହଉଚି । ♥

ଫ୍ଲାଟ୍ ନଂ-୮୦୪, ଟାୱାର ନଂ-୩, ଭିପୁଲ୍ ଗାର୍ଡ଼େନ୍‌ସ୍,
ଘାଟିକିଆ, ଭୁବନେଶ୍ୱର-୭୫୧୦୦୩
ଫୋନ : ୯୪୩୭୪୩୮୬୯୯



ଉପସ୍ଥାପନା : ସ୍ମୃତି ମେହେର

# ଗୋଟିଏ ପ୍ରେମ କବିତା

**ପ୍ରତୀକ୍ଷା ଜେନା**

ଛାଇନିଦରେ ଯିଏ ଚୁମ୍ବନ ପରି ଶିହରେଇ ଦିଏ ରାତି,
ଯିଏ ମେଘଟୋପାରେ ଆଙ୍କିଦିଏ
ପ୍ରେମାକ୍ଷର,
ସଲପର ନିଶା ପରି ଯିଏ ଚଢ଼େ ଚଢ଼େ ବାସ୍ ଚଢ଼େ

ନା, କାଳିସୀ ପରି ଯିଏ ଲାଗେ
ସେ ପ୍ରେମ ନୁହଁ ।

ମୋର କିଛି ଆୟୁଷ,
ମୋ ଦି' ଆଖିର ନିଦ
ମୋର ତମାମ୍ ବଦମିଜାଜ୍‌କୁ ସବୁର୍ କରି,
ମୋ ଗାଲକୁ ଧିର୍ କିନା ଛୁଇଁ
ମୋ ଛାତିରେ ଆଂଗୁଳି ଟିପି
ଆଖିରେ ଆଖି ମିଶେଇ
ଯିଏ ନିଃଶ୍ୱାସରେ ଗଣ୍ଠି ପକେଇ ଦିଏ
ରହ କହିଲେ, ଯେଉଁଠି ଠିକ୍ କି ରହିଯାଏ ମୋର ସ୍ପନ୍ଦନ,
ନା, ସେ ମୃତ୍ୟୁବେଳା
କଦାପି ପ୍ରେମ ନୁହଁ ।

ଯିଏ ଅନ୍ଧାରରେ ଆକାର ନିଏ,
କ୍ରମେ କ୍ରମେ କ୍ଷୟ ହେଉଥାଏ ଜହ୍ନ ପରି ମୋର ଦେହ,
ମୁଁ ଭିଜୁଥାଏ କାକରବୁନ୍ଦାରେ
ହଜୁଥାଏ କି ହଜାଉଥାଏ
ଖୋଜୁଥାଏ ପୂର୍ଣ୍ଣିମୀ ତିଥିଟିଏ ମିଳନର ଅବା
କେବେ ନଥିବା ବେଳର,


ପ୍ରତୀକ୍ଷା ଜେନା

ଯିଏ ଏଣିକି ଏଣିକି ନଜର ରଖିଥାଏ
ଶବ୍ଦମୟ ସୁଖରୁ ବି ମୋର ବିଷାଦର ନୀରବ
ଫୁଲଟିକି ତୋଳିନିଏ ଓ ଭଲପାଏ ବୋଲି କାନରେ
ଫୁସ୍ ଫୁସ୍ କୁହେ

ନା, ସେ ଅଦୃଶ୍ୟ କୁହୁକ ମୋର
ପ୍ରେମ ନୁହଁ ।

ଆଜି ମେଘହେଲା ବେଳେ ଯିଏ
ଗୋଟିଏ ଛତା ତଳେ ଅତିକ୍ରମ କଲା ଭୟ,
ଯିଏ ମୋର ଲୁହଟୋପାରେ ତରଳେଇ ଦେଲା ପୌରୁଷ,
ଆଜି ଯେଉଁ ଛୁଆଁରେ ରକ୍ତମନ୍ଦାର ଫୁଟିଲା ଶିରାରେ

ଯେଉଁ ସକାଳ କସ୍ତୁରୀମୃଗ ପରି
ଘୂରି ବୁଲିଲା ଆମ ଦିହିଁଙ୍କ ଭିତରେ

କହ, କହ ଆଉ ବାକି କଣ!!

କଟା ଗୁଡ଼ି ପରି ଖସିପଡ଼ିଚି,
ଏକଦମ୍ ନିର୍ବାକ, ନିଶ୍ଚଳ, ନିଶ୍ୱାସ ନେଲେ ବି ଥରିଉଠୁଚି ହୃଦୟ,
ସେ ଏଇଠି କେଉଁଠି ନାହିଁ ତ!

ଯିଏ ମୋର ଥିବାକୁ ବାର ବାର୍ ନାକଚ କରୁଚି,
ହଁ, ସେ ପ୍ରେମ ।

କ୍ୱାର୍ଟର ନଂ ବି/୨୧୨୭, ନାଲକୋ ନଗର, ଅନୁଗୁଳ
ଫୋନ : ୮୮୯୫୩୬୫୩୮୪

# ତମେ ଆଜି ଆସୁଚ କି ?

## ଲିପିରେଖା ଶତପଥୀ

ମୋ ସହର ଟ୍ରାଫିକ୍ ଛକରେ
ଏତେ ଗହଳି କାହିଁ ଆଜି
କିଏ ସେ ପଚାରେ ପୁଣି
ମୋ ଘର ଠିକଣା
ରିକ୍ସାଟାଏ ଅଟକାଇ ?

ରିକ୍ସାବାଲା କହେ, ବାବୁ
ମେଘ ଢାଙ୍କିଲାଣି ସାରା ଆକାଶକୁ
ବେଗି ବେଗି ବସ
ଯିବା ପୁଣି କାହିଁ କେତେବାଟ
କିଣିବାକୁ ଥାଏ
ମେଘରଂଗ କାଚର ଦି'ପଟ ।

ପାଖ ଚାଳଘର ଧୂଆଁ ଧାଉଁଥାନ୍ତି
ଆକାଶ ଆଡ଼କୁ
ଦୂର ଦେଶୀ ନାଁ ଅଜଣା ଚଢ଼େଇଟେ
କାଠିକୁଟା ସାଉଁଟୁଛି
ବସା ତାର ବାନ୍ଧିବ ବୋଲିକି
ପଡ଼ିଶାଘର ଝିଅ ମୋତେ ଦେଖି
ମୁର୍କେଇ ହସୁଛି ବେଶି କାହିଁ ଆଜି
ଆଖି ତାର ସତେ ଅବା
ବାର ଖଣ୍ଡ ଈର୍ଷା ଗାଆଁ

ରୋଷେଇ ଘରେ ଅସ୍ତବ୍ୟସ୍ତ ସିନା ଏବେଯାଏଁ
କାଲି ରାତିର ଜଂଜାଳ
ତଥାପି ହାତରେ ପଡୁନି କାମ
ବାରବାର ଝୁଣ୍ଟେ ପୁଣି
ଆହା ବାଲି କହି କାହିଁ
ତମେ ଆଜି ଆସୁଚ କି ?

ସେ ଲାଗି କି ଦିନଟା ବି ଜହ୍ନରାତି
ପବନରେ ଲୁଚି ପୁଣି ଦିଶେ
କାହାର ସେ ମୁହଁ
ସତେ ଆଜି ଲାଗୁଚି ଏମିତି
ତମେ ଆସୁଚ ଯେମିତି ! ♥

ମାଣିଖମ୍ବ, ବାଲେଶ୍ୱର
ଫୋନ : ୬୨୦୪୯୮୦୮୯୪


ଫଟୋ : ଲିପିରେଖା ଶତପଥୀ


ଫଟୋ : ଜୟନ୍ତୀ ବିଶ୍ୱାଳ

# ବତୀଟିଏ ଲୋଡ଼ା

## ଜୟନ୍ତୀ ବିଶ୍ୱାଳ

ସେ ଚାହିଁଥିଲେ
ହେଇ ପାରିଥାନ୍ତା
ଅନ୍ୟମାନଙ୍କ ପରି...

ଯିଏ ଯାହା ଦେଇଛି,
ପକ୍ଷୀର ସୁଖ
ପବନର ଶବ୍ଦ
ରାତିର ନିଦ...
ସମୁଦ୍ର ଉର୍ମି ଉଚ୍ଛଳ ପ୍ରେମ
ଭୋର୍ ଆକାଶର ଆଲୁଅ
କାହା ଆଖି ଡୋଳାରେ ଚହଲୁଥିବା,
ଉଜ୍ଜ୍ୱଳ ଆଗ୍ରହ
ସବୁ ନେଇ ପାରିଥାନ୍ତା...

ନେବା ମୁହୂର୍ତ୍ତର
ଦୁଇପାଦ ଆଗକୁ ଯାଇ
ଘୋଷଣା କରିଥାନ୍ତା
ତା' ଉପରେ କାହାର କିଛି
କରଜ ନାହିଁ,
ଗୋଟେ ସଂପର୍କହୀନ
ପାଚେରୀରେ ଛିଡ଼ା ହୋଇ
କେହି କଣ ମନେ ରଖେ,
ଦୀର୍ଘ ବର୍ଷର ଗୋଟେ
ପୁରୁଣା କବିତା ?

କିଛି ଶବ୍ଦ
ଟିକେ ଖୁସି
ବାସ୍ ଏତିକି କଥା ?
ଯାହାକୁ ସେ
ଖର୍ଚ୍ଚ କରିବାରେ ଅସମର୍ଥ... ।

ସେ ଦୁଇପାଦ ବି
ଯାଇ ପାରିନଥିଲା ଆଗକୁ
ଯୋଉଠି ଥିଲା, ସେଇଠି
ବୋକା ଭଳି ।

ଜଣେ ଜଣେ କରି
ଚାଲି ଯାଇଥିଲେ
ସେଇ ରାସ୍ତାରେ,
କେହି ଜଣେ ହେଲେ ବି,
ପଚାରିଲେନି ତାକୁ
ଆଗକୁ ଯିବାର
ଅଛି କି ନାହିଁ ।

ଅଂଧାର ଆସିବାକୁ
ଆଉ ଅଳ୍ପ ସମୟ ବାକି ଥିଲା,
ସେ ତା' ଭାଗର କାଚକୁ
ପୋଛି ସଫା କରିବାର ଦେଖାଗଲା
ବତୀଟିଏ ତ' ଲୋଡ଼ା । ♥

କୃଷ୍ଣନଗର, ବାଲିଆ
ବାଲେଶ୍ୱର-୭୫୬୦୫୬
ଫୋନ : ୮୯୧୭୬୭୫୭୮୩



ଫଟୋ ଦେବଯାନୀ ରାୟ

## କନ୍ୟା

### ଦେବଯାନୀ ରାୟ

ଅନେକ ତାଡ଼ନା ସହି
ବଞ୍ଚିବାକୁ ଚାହେଁ ମୁହିଁ
ବଞ୍ଚିଛି ଯଦି ମୁଁ ଆଜି
ମରିବାକୁ ଦିଅ ନାହିଁ... ।

ମିଛ ଅପବାଦ ସହି
କଳଙ୍କର ବୋଝ ବୋହି
ଚାଲିଛି ଆଗକୁ ମୁହିଁ
ତଥାପି, ବଞ୍ଚିବାକୁ ଚାହେଁ ମୁହିଁ
ମରିବାକୁ ଦିଅ ନାହିଁ... ।

ସଂସାରର ନିୟମରେ
କରିଛି କର୍ତ୍ତବ୍ୟ ମୁହିଁ
ଛାତିକୁ ପଥର କରି
ସହିଛି ସଭିଙ୍କ ଅଳି
ହେଲେ ସେନେହର ସୂତାଖିଏ
ଖୋଜି ଖୋଜି ପାଉନାହିଁ.... ।

ଅମୃତର ଘଡ଼ା ଧରି
ପିଇଛି ଗରଳ ବାରି
ଅଧରୁ ଝରାଇ ସୁଧା
ବୁଣିଛି ଯେ ସ୍ନେହ ଶ୍ରଦ୍ଧା
ସଞ୍ଜୁଆ ଆକାଶେ ଦେଖ
ଆସିଲାଣି ତାରା ଉଇଁ
କେତେ ଦଣ୍ଡ ଜୀବନ ବା
ବଞ୍ଚିବି ମୁଁ ଜାଣେ ନାହିଁ... । ♥

ମାର୍ଫତ୍: ସ୍ୱରୂପ ରଂଜନ ରାୟ
ରାମଚନ୍ଦ୍ରପୁର ବଜାର, ଜଟଣୀ, ଖୋର୍ଦ୍ଧା
ଫୋନ : ୯୪୩୭୪୧୩୩୧୪

## କବିତା, ସବୁକାଳେ, ସବୁଠି

### ଜୟଂତିକା

କବିତା ଘଟୁଥାଏ ସବୁକାଳେ ସବୁଠି ।

ସ୍ପର୍ଶକାତର ମୁହୂର୍ତ୍ତସବୁ
ଦିନରେ ଘରକରଣା, ରାତିରେ ନିବୁଜ ନିଦ ହୋଇ
ଜୀବନକୁ ଭରି ଦେଉଥାନ୍ତି ଅଦ୍ଭୁତ ବାଗରେ,
କବିତା ପାଲଟି ଯାଉଥାଏ ଜୀବନ
ନିଭୃତରେ, ପ୍ରତି ମୁହୂର୍ତ୍ତରେ ।

ଯେବେ ଅଦୃଶ୍ୟ ଅନ୍ଧାର ଭିତରେ ଘୁମେଇ ପଡ଼ିଥାଏ ପୃଥିବୀ,
ହୃଦୟର ଅଦେଖା ଦରଜା ଖୋଲି
ଉଡ଼ିଆସେ ଅଜଣା ବାର୍ତ୍ତାଟେ,
ନିଦାଘରେ ମେଘ ଦୁଲୁକାଏ,
ଚିଠିବାକ୍ସ ଭରିଆସେ ଶୁଭେଚ୍ଛା ବାର୍ତ୍ତାରେ ।

ତୋଫା ଜହ୍ନର ନିରୋଳା ହସରେ
ଗାଧୋଇ ପଡ଼େ ଫଟାଛାତିର ମେଲାପିଠି,
କୃଅଚାନ୍ଦିନୀ, ସଜେଇ ହୁଏ ରଙ୍ଗଣୀ ଫୁଲରେ
ଶୁଖିଲା ଗଛଗଣ୍ଡିରେ ଭରିଯାଏ ଅଦିନ ବଉଳ,
ପୂରି ଉଠୁଥାଏ ଘର କା'ର ଅଦ୍ଭୂତ ସ୍ପର୍ଶରେ ।

ଶୂନ୍ୟ ଛାତରେ ଧୁଆଁଳୁଗାର ଭିଡ଼ ଲାଗେ
ସବୁ ଶୁଖି ଆସୁଥାଏ, ନିଃଶବ୍ଦରେ
ନିଗିଡ଼ା ଆୟୁଷ ପରି,
କଅଁଳି ଆସୁଥାଏ ଜୀବନ ଆଉ ଥରେ
ଅନେକ ବିପ୍ଳାତ ପରେ ।

ମେଳା ଲାଗେ ମେଳା ସରେ
ପରିତ୍ୟକ୍ତ ପୃଥିବୀଟେ ଛାତି ମେଲି ଚାହିଁ ରହେ
ଆଗ ପରି ଠିକ୍ ଆଗପରି
ସାଦାଫର୍ଦ୍ଦ କାଗଜଟେ ପଡ଼ିଥାଏ ଟେବୁଲ୍ ଉପରେ
କେଉଁ ଅସ୍ପଷ୍ଟ ପଦପାତକୁ ଅପେକ୍ଷା କରି ।

କବିତା ଘଟୁଥାଏ ସବୁକାଳେ ସବୁଠି । ♥

କଥାକାର-୧୬୧, ଶୈଳଶ୍ରୀବିହାର, ଭୁବନେଶ୍ୱର
ଫୋନ: ୮୭୬୩୯୯୮୪୯୮



ଫଟୋ ଜୟନ୍ତିକା



## ଏଥର ମୋ ହାତ ଧର୍

### ମାଧୁରୀ ପଣ୍ଡା

ତୋ’ ଭିତରେ ବି ହଲ୍‌ଚଲ୍
ଆଉ ମୋ’ ଭିତରେ ବି,
ଏ କଥା ଆମକୁ ଜଣା ବୋଲି ତ
ଆମେ ସ୍ଥିର ।

ତୁ ଆସୁଛୁ, ତୋ ଗାଡ଼ିର କଳାଧୂଆଁ
ମୋ ଆକାଶର ଶୀର୍ଷବିନ୍ଦୁକୁ
ଛୁଇଁ ଦେଇଯାଏ,
ମୁଁ ନୀରବରୁ ଆହୁରି ନୀରବ
କିନ୍ତୁ ଠିକ୍ ଉଚ୍ଚାଟିତ
ମୋ’ ଭିତରର ନିଷିଦ୍ଧ ଇଚ୍ଛାମାନ ।

କହରେ ଏ ରାସ୍ତା
କୋଉ ଦିଗ୍‌ବଳୟରେ ଯାଇ ମିଶିଛି
ନା ତା’ ବାହାରେ ଅଦୃଶ୍ୟ
ଏକ ରାସ୍ତା
ଆମ ପାଇଁ ବାଟ କଢ଼ାଇ ନେଉଛି ।

ହୁଏତ କେବେ ବି ଆମେ ସ୍ୱୀକାର କରିବାନି
ଦଳେ ପକ୍ଷୀ କାହିଁକି
ଆମ ଭିତରୁ ମିଠାମିଠା ଗୀତ ଗାଇ
ଉଡ଼ିଗଲେ
କାହିଁକି ଗୋଟେ ସିର୍‌ସିରିଆ ପବନ
ମୋ’ଠୁ ତତେ ଛୁଇଁଦେଇ ଗଲା ଯେ
ତୋ’ ହାତରେ ଗୀଟାର୍ ବାଜିଉଠିଲା ତ
ମୋ’ ଓଠରେ ଗଜଲ୍ ।

ଚାଲ୍, ଆଉ ଦୁଇ ପାହୁଣ୍ଡେ ଯିବା
ସେଇଠି ବସିବା, ନୀରବରେ ଶୁଣିବା
ଯାହା ଆମେ କେବେବି କହିନେ ।

ବାସ୍ ସେତିକି,
ଏଥର ଫେରିବି ଯେ
ତୋ ଓଠର ହସ
ମୋ ଓଠରେ ଥିବ
ବିଦାୟ ଏମିତି ନେବା ପରସ୍ପର ଠୁ
ମିଳନର ମର୍ଯ୍ୟାଦା ବଢୁଥିବ । ♥

ଦାମନଯୋଡ଼ି, କୋରାପୁଟ-୭୬୩୦୦୮
ଫୋନ : ୮୮୯୫୧୮୫୪୨୫


ଫଟୋ ଶ୍ରୀକାନ୍ତ ଜେନା

## ଚିରାୟୁ ଚୁମ୍ବନ

### ଶ୍ରୀକାନ୍ତ ଜେନା

ଓଠ କହେ କାହାଣୀଟେ, ଆନ ଓଠ ଶୁଣେ କାନଡ଼େରି
ଓଠଟିଏ ଢ଼ୋଳାଏ ନିଦରେ ଆନ ଓଠୁ ଶୁଣେ ଯେବେ ଲୋରି,
ବାରମାସୀ ଫୁଲଫୁଟେ ଚୁମ୍ବନର ଚାରୁ କଳ୍ପବଟେ,
ସେ’ ଚୁମ୍ବନ ପ୍ରକୋପରେ ତଡ଼ିତ୍‌ର ସୁଅ ଦେହେ ଛୁଟେ ॥

ସହସ୍ର କିମିଆ କରେ କୁମାରୀର ଅସ୍ପୃଶ୍ୟ ଅଧର
ସେ’ ଓଠକୁ ଛୁଇଁବାକୁ ଅଧର କେ’ ହୁଅଇ ଅଧିର
ଅନ୍ଧକାରେ ବାରିହୁଏ ସେ’ ଅଧର ମଲ୍ଲୀକା ବାସନା
ଶବ୍ଦହୀନ ଚୁମ୍ବନରେ ଜାତ ହୁଏ କେତେ ଉଦ୍ଦୀପନା ॥

ସେ’ ଅଧର ପାଖୁଡ଼ାରେ ବସିଗଲେ ଓଷ୍ଠ ପ୍ରଜାପତି
ଆକସ୍ମିକ ଭରିଯାଏ ଦୁଇଦେହେ ଅସୁମାରି ତାତି ।
ଅଧରେ ଅଧର ଥାପି ପିଉଥିଲେ କେ’ ଅଧର ମଧୁ,
ଦୁଇ ଓଠ ଚନ୍ଦ୍ରବନ୍ଧନୀରେ ଫୁଲିଉଠେ ପ୍ରଣୟର ସିନ୍ଧୁ ॥

‘ଆଦାମ୍’ ଓ ‘ଇଭ୍’ର ଅଧରର ଆଦିମ ଭାସ୍କର୍ଯ୍ୟ
ଚିରଞ୍ଜିବୀ ରହିଅଛି ସେ’ ସ୍ୱର୍ଗୀୟ ଚୁମ୍ବାର ଚାତୁର୍ଯ୍ୟ ॥ ♥

‘ପୁଣ୍ୟତୋୟା’, ଧରିତ୍ରୀନଗର, ଭଦ୍ରକ-୭୫୬୧୮୧
ଫୋନ : ୯୯୩୮୬୬୬୧୬୬


ଫଟୋ ମାଧୁରୀ ପଣ୍ଡା

କଥା-କାହାଣୀ-୨

# ଉପବୀତ



## ପ୍ରତ୍ୟୁଷ ପଣ୍ଡା

୪ଡି/୧୪୬୯, ସେକ୍ଟର-୯, ସିଡ଼ିଏ, କଟକ
ଫୋନ : ୯୪୩୭୨୯୬୧୧୪


**ନବେଦଶକର ପ୍ରାରମ୍ଭରେ ପ୍ରତ୍ୟୁଷ ପଣ୍ଡାଙ୍କର ପ୍ରବେଶ ଘଟିଥିଲା ଓଡ଼ିଆ କଥା-ସାହିତ୍ୟର ଜଗତକୁ । ପ୍ରଥମ ଗଳ୍ପଟି 'ପ୍ରଜାତନ୍ତ୍ର ସାପ୍ତାହିକୀ'ରେ ସ୍ଥାନ ପାଇଥିବାବେଳେ 'ଗପବହି' ନାମକ ଏକ ପତ୍ରିକାରେ ପ୍ରକାଶିତ 'ଗୋଟେ କୁକୁରର ଆତ୍ମକାହାଣୀ' ଗପ ପାଇଁ ସେ ପାଇଥିଲେ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର । ଗପଟି ବେଶ୍ ଚର୍ଚ୍ଚାରେ ରହିଥିଲା । ଅନେକ ବର୍ଷର ନିରବତା ପରେ ପୁନଶ୍ଚ ପ୍ରତ୍ୟୁଷଙ୍କର ଏ ଗପ 'ରେବତୀ' ପାଇଁ, ନିଶ୍ଚୟ ରହିବ ଚର୍ଚ୍ଚାରେ ।**



▶ ଗାଳ୍ପିକ ପ୍ରତ୍ୟୁଷ ପଣ୍ଡା

ଛୁଟିଟା ଏମିତି କଟିବ ବୋଲି ଭାବି ନଥିଲା କେବେ । ଘରେ ପହଞ୍ଚିବାର ପ୍ରଥମ ଦିନ ଛାଡ଼ିଦେଲେ, ଏମିତି ମୁହୂର୍ତ୍ତଟେ ନାହିଁ, ଯାହା କଟିଛି ବିନା ଟେନ୍‌ସନ୍‌ରେ । ବେଶ୍ ଗୁଡ଼େ ଦିନ ପରେ ଦଶ ଦିନିଆ ଛୁଟିଟେ କୌଣସି ମତେ ଅନୁମୋଦନ କରେଇପାରିଥିଲା, ଆୟୁଷ୍ମାନ୍ । ବେଶ୍ ମାନେ ପାଖାପାଖି ଦୁଇବର୍ଷ । ମଝିରେ ଥରେ, ଅଧେ ଆସିଛି ଯେ, ଆସିବା ନ ଆସିବା ସମାନ । ବୋଉ କହେ, "ଏମିତି ଆସିବା ଠୁ ନ ଆସିବା ଭଲ । ମନ ପୁରେଇ ତୋତେ ଦେଖି ବି ପାରିଲିନି ।"

ଏଥର କିନ୍ତୁ ବହୁତ କିଛି ଯୋଜନା ଥିଲା ଆୟୁଷ୍ମାନ୍‌ର । ପରିବାର ସହ ଦୁଇଦିନ ପୁରୀ, ସାଙ୍ଗଙ୍କ ସହ ଗୋଟେ ଦିନ ଭିତରକନିକା କି ସାତପଡ଼ା କୋଉଠି ଗୋଟେ ଗ୍ରାଣ୍ଡ୍ ମସ୍ତି, ଗାଁରେ ଦିନେ ଦି'ଦିନ ଭାଇଭଉଣୀଙ୍କ ସହ ଧାନବିଲ, ଗୋହିର, ପୋଖରୀ ପହଁରା, ମାଛଧରା, ଏମିତି କେତେକଣ ! ସବୁ ଗଡ଼ବଡ଼ ହେଇଗଲା ।

ଘର ଠୁ ଏୟାର୍‌ପୋର୍ଟ କୋଡ଼ିଏ ମିନିଟ୍‌ର ଯାତ୍ରା ଭିତରେ, ନା ବାପା ପଦୁଟିଏ କହିଛନ୍ତି, ନା ତା ପାଟିରୁ କିଛି ଶବ୍ଦ ମୁକୁଳିଛି । ଯେତେ ଯାହା ଅସୁବିଧା ଥାଉ, ତାକୁ ଛାଡ଼ିବାକୁ ଆସିବାରେ ବାପା କେବେ ବ୍ୟତିକ୍ରମ କରିନାହାନ୍ତି । ଜେଜେଙ୍କ ବିଧିବଦ୍ଧ ଆଦେଶନାମା ରହି ଆସିଛି ଏ ସଂକ୍ରାନ୍ତରେ, ଉଚ୍ଚଶିକ୍ଷା ପାଇଁ ଘର ଛାଡ଼ିବା ଦିନ ଠୁ- "ବୁଢ଼ାକୁ (ଜେଜେ ତାକୁ ବୁଢ଼ା ବୋଲି ସମ୍ବୋଧନ କରନ୍ତି) ଭଲରେ ଗାଡ଼ିରେ ବସେଇ ଆସିବୁ ।" ଆଉ ବାପା ଜେଜେଙ୍କ ବାଧ୍ୟତମ ସନ୍ତାନ ଭାବରେ ଅକ୍ଷରେ ଅକ୍ଷରେ ପାଳି ଆସିଛନ୍ତି ତାଙ୍କ ଆଦେଶ । ଛାଡ଼ିବାକୁ ଆସିବାବେଳେ ଗୋଟେ ମୁହୂର୍ତ୍ତ ବି ଚୁପ୍ ରହନ୍ତିନି ସିଏ । "ଏଇଟା କରିବୁନି ସେଇଟା କରିବୁ, ଲଗେଜ୍ ଚେକ୍ କରିନେବୁ, ଏକା ପ୍ରକାର ବ୍ୟାଗ୍, ବଦଳ ହେଇଯାଏ, ବ୍ୟାଗ୍ ଓଜନ ଅଧିକା ନାହିଁ ତ ? ପର୍ସ୍ ଆଗ ପକେଟ୍‌ରେ ରଖିବୁ"- ଏମିତି କେତେକଣ ଉପଦେଶ ଦେଇ ଚାଲିଥାନ୍ତି । ଆଜି କିନ୍ତୁ ବ୍ୟତିକ୍ରମ । ବାପା ପୁରା ଚୁପ୍ । ପଦଟିଏ ବି ଶବ୍ଦ ବାହାରୁନି ପାଟିରୁ ।

ଏୟାରପୋର୍ଟ ପାର୍କିଂରେ ଗାଡ଼ି ରଖି ଓହ୍ଲେଇଲେ ଦୁଇଜଣ । ବାପାଙ୍କ ପାଦ ଛୁଇଁଲା ଆୟୁଷ୍ମାନ୍ । ବାପା, ତା ମୁଣ୍ଡକୁ ଆଉଁସି ଦେଲେନି କି ସବୁଥର ଭଳି କିଛି କ୍ଷଣ କୁଣ୍ଢେଇ ଧରିଲେନି ସିନା, ହେଲେ ତାଙ୍କ ଆଖିରେ ଚହଲୁଥିବା 'ଭଲରେ ଥା'ରେ ବାବା' ଭାବଟିକୁ ବେଶ୍ ପଢ଼ି ପାରୁଥିଲା ସିଏ ନିଜ ମନ ଆଇନାରେ ।

ଲଗେଜ୍ ଦେଇଦେଲା ପରେ ତା' ପାଖରେ ବହୁତ ସମୟ ଥିଲା । ଏଇ ସମୟରେ ବୋଉର ଫୋନ୍ ଆସିବା କଥା । କିନ୍ତୁ ଆସୁ ନଥିଲା । ହ୍ୱାଟସ୍‌ଆପ୍ ଖୋଲିଲେ କୋଉ ବନ୍ଧୁ ସାଙ୍ଗରେ ଚାଟିଂରେ କଟି ଯାଆନ୍ତା ସମୟ । କିନ୍ତୁ, ସେ ପାଇଁ ମୁଡ୍ ନଥିଲା । ବ୍ୟାଗ୍ ଭିତରେ ପଲ୍ ଡେଭିସ୍‌ଙ୍କ ଅଧାପଢ଼ା 'କସ୍ମିକ୍ ଜ୍ୟାକ୍‌ପଟ୍' ପଡ଼ିଥିଲା, ହେଲେ ପଢ଼ିବାର ସ୍ପୃହା ନଥିଲା ତା'ର । କିଛିଦିନ ତଳେ ବାପା ହିଁ ପଠେଇଥିଲେ ବହିଟା । ସତ୍ୟସନ୍ଧିସ୍ନୁ ହବା ବାପା ହିଁ ଛୋଟବେଳରୁ ଶିଖେଇଥିଲେ ତାକୁ । କିନ୍ତୁ, କି ଲାଭ ? ସେଇ ସତ୍ୟକୁ ପ୍ରକାଶ କରିବାକୁ ଯାଇ, ଅନ୍ଧବିଶ୍ୱାସକୁ ବିରୋଧ କରି, ଆଜି ସିଏ ସମସ୍ତଙ୍କ ଆଗରେ ଦୋଷୀ । ଜେଜେଙ୍କ ଅସୁସ୍ଥତା ପାଇଁ, ଘର ପରିବାର, ବନ୍ଧୁବାନ୍ଧବ, ପଡ଼ୋଶୀ ସମସ୍ତେ ତାକୁ ଦୋଷ ଦେବା, ଯେତିକି କଷ୍ଟ ନଦେଇଛି, ତାଠାରୁ ଯଥେଷ୍ଟ ଦୁଃଖ ଦେଇଛି ବାପାଙ୍କ ନିରବତା ଓ ଅଭିମାନ । ଜେଜେ ଚିରଦିନ ଏମିତି, ଖୁବ୍ ସ୍ନେହୀ, କିନ୍ତୁ ବଡ଼ ଅବୁଝା । ଭୁଲ୍ କଥା କହିବେ, ଆଉ ଅନ୍ୟକୁ ବାଧ୍ୟ କରିବେ, ତାଙ୍କ ହଁରେ ହଁ ମିଳେଇବା ପାଇଁ । ଆଶ୍ଚର୍ଯ୍ୟ ଲାଗେ, ଷାଠିଏ ଦଶକର ସ୍ନାତକ, ଶିକ୍ଷା ବିଭାଗର ବରିଷ୍ଠ ପଦବୀରୁ ଅବସରପ୍ରାପ୍ତ, ବହୁ ବିଷୟରେ ପ୍ରଗାଢ଼ ଜ୍ଞାନଧାରୀ ଜେଜେଙ୍କର ମୌଳବାଦୀ ଚିନ୍ତାଧାରାକୁ ନେଇ । ହେଲେ ବାପା ? ସିଏ ତ ଆଦୌ ମୌଳବାଦୀ ନୁହନ୍ତି, ସବୁ କଥାର ଗୁଢ଼ ତତ୍ତ୍ୱକୁ ଯିବା ଲୋକ ସିଏ । କେବେ କାହିଁ ଚେଷ୍ଟା କରିନାହାନ୍ତି, ଜେଜେଙ୍କୁ ବଦଳାଇବାକୁ ? ଜେଜେ୍‌କର ଭଲ ଓ ବାଧ୍ୟ ସନ୍ତାନର ସୁନାମକୁ ବଞ୍ଚାଇ ରଖିବାର ଚେଷ୍ଟାରେ ଅନେକଥର ନିଜ ସିଦ୍ଧାନ୍ତ ସହ ସାଲିସ୍ କରିବାର ଲକ୍ଷ୍ୟ କରିଆସିଛି ବାପାଙ୍କୁ । ପହଞ୍ଚିବାର ପ୍ରଥମ ଦିନ ହିଁ, ବୋଉ ଆବିଷ୍କାର କରିନେଇଥିଲା, ତା ଦେହରେ ପଇତା ନଥିବା କଥା । ଜେଜେଙ୍କ ଶାଣିତ ନଜରକୁ ବୋଉର ଗୋଟାପଣେ ଡର । ନେହୁରା ହୋଇ କହିଥିଲା

**ଗଳ୍ପ ପଛର ଗଳ୍ପ**

**ବିଜ୍ଞାନର ଉନ୍ନତି ସହ ତାଳ ଦେଇ ମନୁଷ୍ୟ ଆଜି ଅନ୍ତରୀକ୍ଷରେ ପହଞ୍ଚି ସାରିଲାଣି । କିନ୍ତୁ, ପ୍ରାଚୀନ ଯୁଗରୁ ଚଳି ଆସିଥିବା କୁସଂସ୍କାର, କୁପ୍ରଥା, ଏବେ ବି ତଥାକଥିତ ସଭ୍ୟ ସମାଜ ସହ ଯୋଡ଼ି ହୋଇ ରହିଛି । ଏବେ ବି ଅନେକ ଶିକ୍ଷିତ ସମାଜରେ ଉଚ୍ଚବର୍ଗର ଅହଂ । ସେଇ ଅହଂକାର, ସେଇ କୁପ୍ରଥା ବିରୋଧରେ ଏ ଗଳ୍ପ ଏକ ପ୍ରୟାସ ମାତ୍ର ।**

ତାକୁ, "ଧନରେ, ଭୁଲ୍‌ରେ ବି ଜେଜେଙ୍କ ଆଗରେ ଖାଲି ଦେହ ହେବୁନିଟି । ମହାଭାରତ ହେଇଯିବ । କାଲି ସକାଳୁ ତୋ ପାଇଁ ପଇତା ମନ୍ତରି ଅଣେଇବି, ଗାଧୋଇ ସାରି ପିନ୍ଧିନବୁ ।" ଯୋଜନା ମୁତାବକ, ତହିଁ ଆରଦିନ, ପୁରୋହିତ ତୁଳସୀ ଚଉରାରେ ପଇତା ଛ' ଖିଅ ଗୁଡ଼େଇ ଦେଇ ଯାଇଥିଲେ । ହେଲେ, ଆୟୁଷ୍ମାନ୍‌ର ଏତେ ତତ୍ପରତା ନଥିଲା । ପରୋକ୍ଷରେ, ସିଏ ଚାହୁଁଥିଲା ଥରେ ଜେଜେଙ୍କ ସହ ସାମ୍ନାସାମ୍ନି ହୋଇ, ତାଙ୍କର ଭ୍ରମକୁ ଦୂର କରିବାକୁ ଚେଷ୍ଟା କରିବାକୁ । ହେଲେ, ବୋଉର ରାଣ, ନିୟମ ତା ବାଟ ଓଗାଳୁଥିଲା ।

ସେଦିନ ତା ଆସିବା ଖୁସିରେ, ଜେଜେ ହାଟରୁ ଅଣେଇଥାଆନ୍ତି କିଳିକିଆ ଇଲିଶି । କଞ୍ଚା ଇଲିଶି ଝାଳ୍ ପାଇଁ ବୋଉକୁ ବରାଦ ହୋଇଥାଏ । ଘରେ କିଛି ଗୋଟେ ହେଲେ, ଜଣେ ଅଧିକା ସଦସ୍ୟ ରହିବା ଧାର୍ଯ୍ୟ, ସିଏ ହେଲା, ଜେଜେଙ୍କର ଲେଖାଯୋଖା ଝିଆରୀ ଗେହ୍ଲିଅପା । ଏମିତି ନୁହେଁ ଯେ ଗେହ୍ଲିଅପାର କେହି ନଥିଲେ । ପୁଅ ବୋହୂ, ନାତିନାତୁଣୀ ସବୁ ଥିଲେ ବି ବୋଧହୁଏ ସେମାନଙ୍କ ପାଇଁ ସିଏ ଅଲୋଡ଼ା ହୋଇଯାଇଥିଲା କେବେଠୁ । ତେଣୁ, ଅଧିକାଂଶ ସମୟ ତା'ର କଟୁଥିଲା ତାଙ୍କ ଘରେ । ଆନ୍ତରିକତା ଥାଉ ନଥାଉ ଆନ୍ତରିକତାର ଅଭିନୟ ତ ମିଳୁଥିଲା । ଗେହ୍ଲିଅପାର ଦେହପା, ଔଷଧପାତି, ପୁନେଇ, ପରବ, କୁଣିଆ ମଇତ୍ର ସବୁକୁ ଏକମାତ୍ର ଭରସା ଥିଲେ ଜେଜେ । ସିଏ ବି ଥିଲା ତାଙ୍କର ପରମ ଭକ୍ତ ।

ବୋଉର ଇଲିଶି ଝାଳ୍ ବାସ୍ନା, ଘର ସାରା ଖେଳିଯାଇ ସାଇ ପଡ଼ିଶାକୁ ବ୍ୟାପିଲା ବେଳକୁ ଗେହ୍ଲିଅପା ଚିଲ୍ଲେଇଲା, "ବେଳ ଆସି କେତେ ହେଲାଣି, ହଇରେ ଟୋକା, ତୁ ଏଯାକେ ଗାଧେଇନୁ ? ଯା, ବେଇଗି ଗାଧା, କକେଇ ପା ଜଗିଛନ୍ତି ତୋ ସାଙ୍ଗରେ ଖାଇବେ ।" ଜେଜେଙ୍କ ନାଁ ଶୁଣୁ ଶୁଣୁ ଧଡ଼ପଡ଼ ହୋଇ ପିନ୍ଧା ଗଞ୍ଜିଟା ଦେହରୁ ଓହ୍ଲଉ ଓହ୍ଲଉ, ନଜର ପଡ଼ିଗଲା ଗେହ୍ଲିଅପାର । "ଇରେ ତୋ ପଇତା ? ପଇତା କୁଆଡ଼େ ଗଲା ? ସତ୍ୟାନାଶ, ଦେଖିଲଣି କକେଇ..." କହି କହି, ଗେହ୍ଲିଅପା ଜେଜେଙ୍କ ପାଖକୁ ଧାଇଁଗଲା ବେଳକୁ କୌଣସିମତେ ଆୟୁଷ୍ମାନ୍ ହାତରେ ମନ୍ତରା ପଇତାଟି ଧରେଇ ଦେଇ, ତାକୁ ଗାଧୁଆଘର ଭିତରେ ପୁରେଇ ଦେଲା ତ୍ରସ୍ତ ବୋଉଟି ତା'ର ।

ଗାଧୁଆଘର ଭିତରୁ ବାହାରିବା ପରେ ଯେଉଁ ଝଡ଼ଟି ଆସିବାର ଥିଲା ତାକୁ ସାମ୍ନା କରିବା ପାଇଁ ମାନସିକ ପ୍ରସ୍ତୁତି କରି ନେଇଥିଲା ଆୟୁଷ୍ମାନ୍ । ଖାଇବା ବେଳେ ଯଦିଓ ଜେଜେଙ୍କର ପାଖ ଆସନଟି ଥିଲା ତା'ର, ତଥାପି ବିନା କଥାବାର୍ତ୍ତାରେ, ବିନା ଚର୍ଚ୍ଚାରେ ସମାପ୍ତ ହୋଇଥିଲା ଭୋଜନ ପର୍ବ । ଆୟୁଷ୍ମାନ୍ ଜାଣି ପାରୁଥିଲା, ଏତେ ଗମ୍ଭୀର ବିଷୟକୁ ଖାଇବା ସମୟରେ ପକେଇ ହାଲୁକା କରିବାକୁ ଚାହୁଁ ନଥିଲେ ଜେଜେ ।

ଢେର୍ ବେଳ ପରେ ଜେଜେଙ୍କ ପ୍ରକୋଷ୍ଠକୁ ଡାକରା ଆସିଲା ବେଳକୁ, ତା ଭିତରେ ଗୋଟେ ବିଚାରାଳୟର ପରିବେଶ । ଅର୍ଦ୍ଧଶାୟିତ ଜେଜେଙ୍କ ପଦସେବାରେ ଗେହ୍ଲିଅପା, ପାଖ ଦୁଇଟି ଚୌକିରେ ବାପା ଓ କକେଇ, ଅନତି ଦୂରରେ କବାଟ ଧାରରେ ନିରବଦ୍ରଷ୍ଟା ବୋଉ, ସାନବୋଉ, ଆଉ କିଛି ଦୂରରେ ଗୋଟେ ଖାଲି ଚୌକି ଯାହାର ଅବସ୍ଥିତି ହିଁ ସ୍ପଷ୍ଟ କରୁଥିଲା ଯେ ତାହା ବିଚାରାଧୀନ ଆୟୁଷ୍ମାନ୍ ପାଇଁ ଉଦ୍ଦିଷ୍ଟ ।

"ଉପବୀତର ମହାତ୍ମ୍ୟ ଜାଣିଛୁ ?" ଜେଜେ ଗମ୍ଭୀର ଥିଲେ ସତ, କିନ୍ତୁ ଉତ୍ତେଜିତ ନଥିଲେ ଆଦୌ । "ଜାଣିଥିଲେ କେବେ ବି ତାକୁ ଦେହରୁ ଅଲଗା କରିନଥାନ୍ତୁ । ଶୁଣ୍, ଯଜ୍ଞୋପବୀତ, ଅର୍ଥାତ୍ ଯଜ୍ଞ ପ୍ରାପ୍ତ ଉପବୀତ ଉପନୟନ, ଅର୍ଥାତ୍ ଉପ ନୟନ ବା ତୃତୀୟ ନେତ୍ର । ଏଇ ତୃତୀୟ ନେତ୍ରଟି ହେଉଛି ଜ୍ଞାନ । ଗର୍ଭଧାରଣ ଠାରୁ ଅନ୍ତ୍ୟେଷ୍ଟି ପର୍ଯ୍ୟନ୍ତ ଜୀବନର ଷୋହଳଟି ସଂସ୍କାର ମଧ୍ୟରେ ଉପନୟନ ହେଉଛି ଦଶମ ସଂସ୍କାର, ଯାହା ପଶ୍ଚାତ୍ ବ୍ରାହ୍ମଣ ଶିଶୁଟିର ଦ୍ୱିତୀୟ ଜନ୍ମ ହୁଏ ଓ ସେ ଦ୍ୱିଜରେ ପରିଣତ ହୁଏ । ଉପବୀତ ଧାରଣ ପରେ ହିଁ ବେଦାଦି ଅଧ୍ୟୟନ ପାଇଁ ସେ ଯୋଗ୍ୟ ହୁଏ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ପ୍ରତିନିଧି ଭାବେ ତା'ର ଜୀବନ ସମାଜର ମଙ୍ଗଳାର୍ଥେ ଉତ୍ସର୍ଗୀକୃତ ହୁଏ । ନିଜର ଜ୍ଞାନ ଓ ସାଧନାକୁ ସେ ନିଜ ପାଇଁ ନୁହେଁ, ସମାଜ ପାଇଁ ବିନିଯୋଗ କରେ । ତେଣୁ ଉପବୀତ ଧାରଣ ସାଧାରଣ କିଶୋରକୁ ଗୋଟିଏ ଦାୟିତ୍ୱବାନ, କଠୋର ସଂଯମୀ, ସମାଜ ସମର୍ପିତ ବ୍ୟକ୍ତିରେ ପରିଣତ କରେ ।"

"ତମେ ଠିକ୍ କହିଛ ଜେଜେ । ହୁଏତ, ମୁନି, ଋଷିମାନେ ଏଇସବୁ ପାଇଁ ଉପନୟନ କର୍ମର ପ୍ରଚଳନ କରିଥିଲେ । ଆଉ, ଉପବୀତ ଗୋଟିଏ ଓ୍ୱାର୍ଣ୍ଣିଂ ସିଷ୍ଟମ୍ ଭଳି କାମ କରୁଥିଲା, ଯାହା ବ୍ରାହ୍ମଣମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସର୍ବଦା ସଚେତନ କରାଉଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଇଏ କେବଳ ପ୍ରଥାଟିଏ ହୋଇ ରହିଗଲା । ମୂଳ ଧର୍ମରୁ ବିଚ୍ୟୁତ ହୋଇ ବ୍ରାହ୍ମଣ ଗୋଟିଏ ଜାତି ହୋଇ ରହିଗଲା । ଆଚ୍ଛା, ତମେ କହିଲ ଜେଜେ, ଆଜି କେତେ ଜଣ ପ୍ରକୃତ ବ୍ରାହ୍ମଣ ଧର୍ମ ପାଳନ କରୁଛନ୍ତି ? ବୋଧହୁଏ, କେହିବି ନୁହେଁ । ତେଣୁ, ଆଉ ତା'ର ଆବଶ୍ୟକତା କଣ ?"

– ଓଃ, ବିଦ୍ରୋହ । ତାହେଲେ ତୁ ଜାଣିଶୁଣି ପଇତା କାଢ଼ିଛୁ ?

– ନା ଜେଜେ, ମୁଁ ଏକା ବିଦ୍ରୋହ କଲେ କଣ ହେବ ? ବରଂ ଆମେ ସମସ୍ତେ ବୁଝିଯିବା ଠିକ୍ ହେବ ଯେ ଇଏ ଖାଲି ସମାଜରେ ଅନ୍ୟମାନଙ୍କ ଉପରେ ଶ୍ରେଷ୍ଠତ୍ୱ ଜାହିର କରିବା ପାଇଁ ଉଚ୍ଚବର୍ଗ ପ୍ରଣୀତ ଗୋଟେ ପ୍ରଥା, ଆଉ କିଛି ନୁହେଁ । ବର୍ତ୍ତମାନର ପରିସ୍ଥିତିରେ ଏ ପ୍ରଥା ସମାଜରେ ଅସମାନତା ଓ ଅସ୍ଥିରତା ସୃଷ୍ଟି କରିବା ବ୍ୟତୀତ କୌଣସି ପ୍ରକାର ହିତ କରିବାର ସମ୍ଭାବନା ନାହିଁ ।"


**– ନା, ଜେଜେ, ମୁଁ ଏକା ବିଦ୍ରୋହ କଲେ କଣ ହେବ ? ବରଂ ଆମେ ସମସ୍ତେ ବୁଝିଯିବା ଠିକ୍ ହେବ ଯେ ଇଏ ଖାଲି ସମାଜରେ ଅନ୍ୟମାନଙ୍କ ଉପରେ ଶ୍ରେଷ୍ଠତ୍ୱ ଜାହିର କରିବା ପାଇଁ ଉଚ୍ଚବର୍ଗ ପ୍ରଣୀତ ଗୋଟେ ପ୍ରଥା, ଆଉ କିଛି ନୁହେଁ । ବର୍ତ୍ତମାନର ପରିସ୍ଥିତିରେ ଏ ପ୍ରଥା ସମାଜରେ ଅସମାନତା ଓ ଅସ୍ଥିରତା ସୃଷ୍ଟି କରିବା ବ୍ୟତୀତ କୌଣସି ପ୍ରକାର ହିତ କରିବାର ସମ୍ଭାବନା ନାହିଁ ।**

ଏଥର ଜେଜେ ଉଠି ବସିଲେ, ଶୟନ ମୁଦ୍ରାରୁ । ବୋଉ, ସାନବୋଉ ଦୁହିଁଙ୍କ ମୁହଁରେ ଅନୁନୟନ ଭାବ– ମାନି ଯା'ରେ ଧନ, ଯୁକ୍ତି ବଢ଼ାନା ।

ଜେଜେଙ୍କ ଚେହେରାରେ ବିରକ୍ତି ଭାବ ସ୍ପଷ୍ଟ ହୋଇ ଆସୁଥିଲେ ବି ହାର୍ ମାନିନଥିଲା ତାଙ୍କ ଶିକ୍ଷକ ପଣିଆ । "ତମେ ସବୁ ଆଜିକାଲି ବିଜ୍ଞାନ ଯୁଗର ପିଲା, ବିଜ୍ଞାନ ପ୍ରମାଣିତ ତଥ୍ୟକୁ ତ ମାନିବୁ । ତଥ୍ୟ ଅନୁସାରେ, ଉପବୀତ ଧାରଣ କରୁଥିବା ବ୍ୟକ୍ତି ମାନେ ଅପେକ୍ଷାକୃତ କମ୍ ହୃଦ୍ ରୋଗରେ ପୀଡ଼ିତ ହୁଅନ୍ତି ଓ ଅଧିକ ସଂଯମୀ ପୁଣି ମାନସିକ ସ୍ତରରେ ଦୃଢ଼ ହୋଇଥାନ୍ତି । ଆହୁରି ବହୁତ କିଛି ସୁପ୍ରଭାବ ରହିଛି ଉପବୀତର ।"

ଜେଜେଙ୍କ କଥାରେ ବ୍ରାହ୍ମଣର ଅହଂକାର । ଆୟୁଷ୍ମାନ ବି ନଛୋଡ଼ବନ୍ଦା ।

– ମୁଁ ବି ପଢ଼ିଛି ଜେଜେ, ଉପବୀତକୁ ନେଇ ବିଭିନ୍ନ ରିସର୍ଚ୍ଚ ପେପର୍ । କିନ୍ତୁ ମୋତେ କହିଲ, ଯଦି ତା'ର ଏତେ କିଛି ଶାରୀରିକ, ମାନସିକ ଓ



ବୌଦ୍ଧିକ ସୁପ୍ରଭାବ ଅଛି ଆମ ଉପରେ, ତେବେ ତାକୁ ସାର୍ବଜନୀନ କାହିଁକି କରି ନଥିଲେ ଏ ପ୍ରଥାର ପ୍ରବର୍ତ୍ତକମାନେ ? କାହିଁକି ଖାଲି ବ୍ରାହ୍ମଣ ଆଉ କିଛି ସଂଭ୍ରାନ୍ତ ବର୍ଗ ଭିତରେ ସୀମିତ ରଖି ଦିଆଗଲା ଯାକୁ ? ଏମିତିକି ନିଜ ଜାତିର ମହିଳାମାନଙ୍କୁ ବି ବଞ୍ଚିତ ରଖାଗଲା ଯାର ସୁପ୍ରଭାବରୁ । ସତ କହିଲେ ଏସବୁ ପୁରୁଷକୈନ୍ଦ୍ରିକ ବ୍ରାହ୍ମଣ ସମାଜର ବଡ଼ିମା ଛଡ଼ା ଆଉ କିଛି ନୁହେଁ, ଜେଜେ । ଆଉ ଯଦି ଆଜି ବିଜ୍ଞାନ ଯାର ସୁପ୍ରଭାବକୁ ମାନୁଛି, ତାହେଲେ ପଇତା ସାର୍ବଜନୀନ ହେବାରେ ବାଧା କୋଉଠି ?

ଆୟୁଷ୍ମାନର ପ୍ରଶ୍ନର କିଛି ବି ଉତ୍ତର ନଥିଲା ଜେଜେଙ୍କ ପାଖରେ । ନାତି ପାଖରେ ହାରିଯିବାର ଗ୍ଲାନିରେ ରକ୍ତିମ ପଡ଼ି ଯାଉଥାଏ ତାଙ୍କ ମୁଖମଣ୍ଡଳ ।

– ବାପା ତମେ ବ୍ୟସ୍ତ ହୁଅନି, ଆମେ ବୁଝଉଛୁ ତାକୁ । ପିଲାଟା, ତା'ର ଜ୍ଞାନ ବା କେତେ !

ବାପା, ବୋଉ, କକେଇ, ସାନବୋଉ ମିଶି ଜେଜେଙ୍କୁ ବୋଧ କରିବାକୁ ଚେଷ୍ଟା କରିବା ଭିତରେ, ବାପାଙ୍କ ଇଶାରା ପାଇ ଅପସରି ଯାଇଥିଲା ଆୟୁଷ୍ମାନ୍ । ଜେଜେ ବଡ଼ ପାଟିରେ କିଛି ଗୋଟେ କହୁ ଥାଆନ୍ତି ଓ ତାଙ୍କ କଥାରେ ପାଳି ଦଉଥାଏ ଗେହ୍ଲିଅପା ।

କଥା ସେଇଠି ସରି ଯାଇଥାଆନ୍ତା, ଯଦି ସଞ୍ଜ ବେଳକୁ ହଠାତ୍ ଜେଜେ ଅସୁସ୍ଥ ଅନୁଭବ କରିନଥାନ୍ତେ । ଖାଦ୍ୟପ୍ରିୟ ମଣିଷଟି ସେଦିନ ଇଲିଶି ଲୋଭ ସମ୍ବରଣ ନକରି ପାରି ଟିକେ ଅଧିକ ଖାଇ ଦେଇଥିଲେ କି କଣ, ସଞ୍ଜ ପରେ ପରେ ଲାଗ୍‌ଲାଗ୍ ଚାରି, ଛଅ ଥର ଝାଡ଼ା ପଛକୁ ବାନ୍ତି ଆରମ୍ଭ ହୋଇଗଲା । ତା' ପରେ ପରେ ଦେହରେ ତାତି ସାଙ୍ଗକୁ ନିଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କଲେ । ଏମିତି ତ ଦିନ ଦୁଇଟାରେ ସୁସ୍ଥ ହୋଇଗଲେ ସିଏ, ହେଲେ ନର୍ସିଂହୋମ୍ ବାଲା କୋଉ ସହଜେ ଛାଡ଼ନ୍ତି !

ଆଜି ବିପି ହାଇ, କାଲି ସୁଗର୍ ଲୋ, ଏମିତି କରିକରି ସାତଦିନକେ ଜେଜେ ଘରକୁ ଫେରିଲେ । ତେଣେ, ଗେହ୍ଲିଅପା ଚାରିଆଡ଼େ କାନ୍ଦି ବୋବାଳି, ରାଷ୍ଟ୍ର କରିଦେଲା ଯେ ନାତି କଥାରେ କକେଇଙ୍କର ହାର୍ଟଆଟାକ୍ ହେଇଗଲା । ନର୍ସିଂହୋମ୍‌ରେ ଦିନରାତି ଜେଜେଙ୍କୁ ଜଗି ରହିଲା ଆୟୁଷ୍ମାନ୍ । ହେଲେ, ବନ୍ଧୁବାନ୍ଧବ, ସାଇପଡ଼ିଶା, କିଏ ପ୍ରତ୍ୟକ୍ଷରେ ତ କିଏ ପରୋକ୍ଷରେ ତାକୁ ହିଁ ଦୋଷାରୋପ କଲେ ଜେଜେଙ୍କର ଏତାଦୃଶ ଅବସ୍ଥା ପାଇଁ ।

ବିମାନ ବନ୍ଦର ଘୋଷିକାଙ୍କ ଘୋଷଣାରେ ପ୍ରକୃତିସ୍ଥ ହେଲା ଆୟୁଷ୍ମାନ୍ । ତା' ଫ୍ଲାଇଟ୍ ସମୟ ହୋଇ ଯାଇଥିଲା ।

ନିଜ ସିଟ୍‌ରେ ବସିଲା ବେଳକୁ ପାଖ ସିଟ୍‌ର ଭଦ୍ରବ୍ୟକ୍ତି ଜଣକ ସହାସ୍ୟ ବଦନରେ ତା'ର କରମର୍ଦ୍ଦନ କଲେ । ଅନିଚ୍ଛା ସତ୍ତ୍ୱେ ଆୟୁଷ୍ମାନ୍ ସ୍ମିତହାସ୍ୟ ଖେଳାଇଲା ମୁହଁରେ ।

"ମାଇଁ ସେଲ୍ଫ, ପ୍ରଫେସର୍ ପି.କେ. ଆଚାର୍ଯ୍ୟ, ଡିପାର୍ଟମେଣ୍ଟ୍ ଅଫ୍ ଫିଜିକ୍ସ, ଡିୟୁ..."

"ଆୟୁଷ୍ମାନ୍ ।"

"ଆୟୁଷ୍ମାନ୍ ହ୍ୱାଟ୍ ?"

"ଆୟୁଷ୍ମାନ ମିଶ୍ର ।"

"ଓହ୍, ବ୍ରାମ୍‌ହିନ୍, ଭେରି ଗୁଡ୍, ଭେରି ଗୁଡ୍ । ଜାତିନାଂ ବ୍ରାହ୍ମଣ ଶ୍ରେଷ୍ଠ ।"

ଭଦ୍ରବ୍ୟକ୍ତିଙ୍କ ଭାଷଣ ଶୁଣିବାକୁ ଆଉ ଧୈର୍ଯ୍ୟ ନଥିଲା ଆୟୁଷ୍ମାନର ।

ଏୟାର୍ କ୍ରାଫ୍ଟ ରନ୍ ୱେ ଉପରେ ଟ୍ୟାକ୍‌ଇନ୍ ଆରମ୍ଭ କରିଥିଲା ମାତ୍ର । ଲ୍ୟାଣ୍ଡିଂ ପାଇଁ ଆହୁରି ଅନେକ ସମୟ ଅଛି– ସ୍ୱଗତୋକ୍ତି କଲା, ଆୟୁଷ୍ମାନ ।





# ଅବୋଧ ଅଭିସାର


**ରବି ପଣ୍ଡା**

ପ୍ଲଟ୍ ନଂ-୩୫୩୪, କପିଳପ୍ରସାଦ
ଭୁବନେଶ୍ୱର - ୭୫୧ ୦୦୨
ଫୋନ : ୯୪୩୭୨୭୫୮୦୮




ନିଆଁ ଆଉ ପ୍ରଜାପତି ଭିତରେ ଫରକ ଜାଣିନଥିବା ବବ୍‌ଲୁ ମାମୁଁର ଏ ଆଚରଣ ଦେଖି ତାଟକା ହେଉଥିଲା ।

ଘରର ପାଚେରିକୁ ଆବୋରି ଫୁଲ ଭାରରେ ଓହଳି ପଡ଼ିଥିଲା ମଧୁମାଳତୀର ଲତା । ବଗିଚା ଭିତରେ ଖେଳି ବୁଲୁଥିଲା ସକାଳ ଫୁଲର ମଧୁର ବାସ୍ନା । କୋଉଠୁ କୋଉଠୁ ଶୁଭୁଥିଲା ପକ୍ଷୀମାନଙ୍କର କାକଳି ।

ମାମୁଁ ଆସିଲେ ହିଁ ଏତକ ଦର୍ଶନ ସହଜ ହୁଏ । ନ ହେଲେ ତ ସେ ଖେଳେ ବାରଣ୍ଡାରେ ନ ହେଲେ ତଳେ । ଗେଟ୍ ପର୍ଯ୍ୟନ୍ତ ଆସିବା, ଗଛ, ଫୁଲ, ସକାଳ ସମ୍ପର୍କରେ ତା ଠାରୁ ଗୁଡ଼ାଏ ବକ୍ ବକ୍ ଶୁଣିବା, ମାମୁଁ ଆସିଲେ ହିଁ ହୁଏ । କହିବା ଯାହା ଯାହା ଦେଖୁଚୁ, ସବୁଠୁ ସୁନ୍ଦର କିଏ କହିଲୁ ?

ବବ୍‌ଲୁ ଚାରିଆଡ଼େ ଚାହେଁ । ତାକୁ ସବୁ ସୁନ୍ଦର ଦେଖାଯାଏ । ପୃଥିବୀ ଆକାଶ । କହେ, ସବୁସୁନ୍ଦର । ମାମୁଁ କହେ, ସବୁ ସୁନ୍ଦର ଯେ, କିନ୍ତୁ ଏ ସବୁକୁ କିଏ ସୁନ୍ଦର କରିଛି କହିଲୁ ।

ବବ୍‌ଲୁ ଉତ୍ତର ପାଏନା । ମାମୁଁ କହେ ଗଛ । ପ୍ରକୃତରେ ଗଛ ହିଁ ସବୁଠୁ ସୁନ୍ଦର । ବବ୍‌ଲୁ ଗଛ ମନସ୍କ ହେଇପଡ଼େ । ତାକୁ ଲାଗେ ଗଛମାନେ ଗୋଟେ ଗୋଟେ ସ୍ଥିର ମଣିଷ ପରି ଠିଆ ହେଇଛନ୍ତି । ହାତରେ

**କାହାଣୀ ପଛର କାହାଣୀ**

**ନିରୀହ ଶୈଶବର ନିରୁତା ଅବୋଧପଣ ଭିତରେ ସଞ୍ଚିତ ଥିବା ଅସରନ୍ତି କୌତୂହଳ ସମୟକ୍ରମେ ସାମ୍ନା କରେ ଗୋଟେ ରୁକ୍ଷ ଓ କର୍କଶ ହେଇପଡୁଥିବା ପୃଥିବୀକୁ, ଯେଉଁଠି ପ୍ରତ୍ୟେକ ମୁହୂର୍ତ୍ତ ସଂଘାତପୂର୍ଣ୍ଣ ଓ ଦୁର୍ଘଟଣାପ୍ରବଣ । ସେଭଳି ଏକ ଅସୁସ୍ଥ ପୃଥିବୀ ପୁଅଟିର ଭବିତବ୍ୟ ବୋଲି ଜାଣିଥିବା ବାପାଟି କେମିତି ହେଇପଡ଼ିବ ନାହିଁ ଆଶଙ୍କିତ ଓ ସଂଶୟାଛନ୍ନ !!**

ରବି ପଣ୍ଡା

ଟେକି ଧରିଚନ୍ତି ଫୁଲ ଫଳ । ସେ ବୁଝି ପାରେନା ଏତେ ଡାଳପତ୍ରରେ ଭରିଯାଇଥିବା ଗଛଟି କୋଉଠି, କିମିତି ଫୁଟେଇ ଦିଏ ଏତେ ସୁନ୍ଦର ସୁନ୍ଦର ଫୁଲ, ଫଳେଇ ଦିଏ ଫଳ ! ମାଟି ଉପରେ ମାଡ଼ିଥିବା ଘାସ ଠୁଁ ଝଙ୍କା ହେଇ ଠିଆ ହେଇଥିବା ଗଛମାନେ ସମସ୍ତେ ପ୍ରକୃତରେ ସୁନ୍ଦର । ଏ ସବୁ ନଥିଲେ କେମିତି ଦେଖାଯାଆନ୍ତା ଏ ପୃଥିବୀ ! ମାମୁଁ ଠିକ୍ କହୁଚି, ଗଛ ହିଁ ସୁନ୍ଦର ।

ଦିନେ ଦିନେ ସଞ୍ଜ ସଞ୍ଜ ପହଞ୍ଚିଯାଏ ମାମୁଁ । ବାପା କହନ୍ତି ବଡ଼ ବନ୍ଧୁ ଆସିଗଲେ । ବୋଉ ଖୁସି ହୁଏ । କେତେ କଥା ସବୁ ପଚାରେ । ମାମୁଁ ତାକୁ କୁଣ୍ଢେଇ ଧରି ଗେଲ କରୁଥାଏ ଓ ଉତ୍ତର ଦେଉଥାଏ । ଏଇଟା ସତ ଯେ ମାମୁଁ ଆସିଲେ ତାକୁ ଖୁବ୍ ଆପଣାର ସାଙ୍ଗଟିଏ ମିଳିଯାଏ । ନ ହେଲେ ତା'ର ସାଙ୍ଗ କାହିଁ ! ତାକୁ ତ ଗେଟ୍ ଡେଇଁବା ମନା ।

ଆଜି ସେ ଜାଣିଲା । ଗେଟ୍ ଡେଇଁଲେ ରାସ୍ତା ଆରପଟ କୋଠାରେ ସେଇ ଝିଅ ଥାଏ, ଯାହାକୁ ଦିନେ ସକାଳେ ତାଙ୍କ ଛାତଉପରେ ତାକୁ ଦେଖି ମାମୁଁ ତା' କଥା ଭୁଲିଗଲା ନା କ'ଣ, ବଲ୍ ଫୋପାଡ଼ିଲେ ଏଣେ ତେଣେ ଗଡୁଥିଲା ଆଉ ମାମୁଁ ଧରିପାରୁ ନଥିଲା । କାରଣ ତା' ନଜର ସେଇ ଝିଅଟି ଉପରେ ଥିଲା । ସକାଳ ବେଶ୍ ପରିଚ୍ଛନ୍ନ ଥିଲା, ନିରୋଳା ଥିଲା । ଆଉ ଆଉ ଛାତ ମାନଙ୍କରେ କେହି କୋଉଠି ନଥିଲେ । ଏଇ ନିରୋଳା ସମୟକୁ ମାମୁଁ ବେଶ୍ ଉପଯୋଗ କଲାଭଳି ଜଣାପଡୁଥିଲା, ତା ବାହାନାରେ ।

ଏଇ କେଇଦିନ ମାମୁଁ ପ୍ରାୟ ଲାଗ୍ ଲାଗ୍ ଆସୁଥିଲା ତାଙ୍କ ଘରକୁ । ତା' ମୋଟର ସାଇକେଲ୍ ଶବ୍ଦ ସହ ସେ ଏତେ ପରିଚିତ ହୋଇଯାଇଥିଲା ଯେ, ସେ ଘୁମେଇ ପଡ଼ିଥିଲେ ବି କହୁଥିଲା, ହେଇ ମାମୁଁ ଆସିଲା ।

ମାମୁଁ ଓ ସେ ସାଙ୍ଗ ହେଇ ଶୁଅନ୍ତି ଓ ଭୋର୍ ଭୋର୍ ତାକୁ ଉଠେଇ ସାଙ୍ଗରେ ନେଇ ଆସେ ଛାତ ଉପରକୁ । ଭୋରର୍ ନିଦ ତାକୁ ଜୋର୍‌ରେ ଘାରୁଥିବ । ସେ ଆଉ ଟିକେ ଶୋଇପଡ଼ିବାକୁ ଚାହୁଁଥିବ । ମାମୁଁ କିନ୍ତୁ ତାକୁ ହଲେଇ ଝୁଲେଇ ଉଠଉଥିବ ଆଉ କହୁଥିବ, ଗଧଟା କିରେ ? ଜାଣିନୁ, ଆର୍ଲିଟୁ-ବେଡ୍... ଆର୍ଲି ଟୁ ରାଇଜ୍..., ଚାଲ୍ ଉଠ୍... ସକାଳୁ ଉଠିଲେ ତନ୍ଦରୁସ୍ତ ହେବୁ... । ସେ କୁନୁକୁନୁ ହେଇଉଠେ । ଭାବେ ମାମୁଁଟା ମନଦୁଃଖ କରିବ । ଦିନେ ଦି ଦିନତ ରହିବ । ସେ ପଳେଇଲେ କିଏ ଏତେ ସକାଳୁ ଉଠେ ଯେ ! ଏବେ କ'ଣ ସେ ୟାଡୁ ସ୍ୟାଡୁ ତାକୁ ବୁଝଉଚି ବୁଝଉ ଥାଉ । ସେ ହାଇମାରି ମାରି ଉଠେ ଓ ଚାଲେ ତା ସାଙ୍ଗରେ । ସାମ୍ନା ଘରର ସେ ଝିଅଟି ମଧ୍ୟ ଛାତ ଉପରକୁ ଆସିଯାଏ । ମାମୁଁ ରାତିରେ ଆସିବା କଥା ସେ ଜାଣେ କେମିତି ? ମୋ ପରି କ'ଣ ସେ ମୋଟର ସାଇକେଲ୍‌ର ଶବ୍ଦ ବାରିପାରେ ? ତାଜୁବ୍ ହୁଏ ବବ୍‌ଲୁ । ଧରିନିଏ, ଏଇ ଝିଅଟା ପାଇଁ ମାମୁଁ ତାକୁ ଉଠେଇ ଆଣୁଚି ସକାଳୁ । ସ୍ୱାସ୍ଥ୍ୟ ଫ୍ୱାସ୍ଥ୍ୟ କଥା ମିଛ । ମାମୁଁଟା ମିଛୁଆ ।

ଆଜି ମାମୁଁ ଛାତକୁ ନ ଯାଇ ଚାଲି ଆସିଛି ଗେଟ୍ ପାଖକୁ । ତାକୁ କହିଲା, "ତୁ ଏଇଠି ବଲ୍ ଗଡ଼ଉ ଥା, ମୁଁ ଟିକେ ଆସେ ।" ମାମୁଁ ଗେଟ୍ ଖୋଲି ବାହାରକୁ ଚାଲିଗଲା ।

ବବ୍‌ଲୁ ବଗିଚାର ଫୁଲକୁ ଦେଖୁଥିଲା, ପ୍ରଜାପତି ଦେଖୁଥିଲା, ଭଅଁର ଦେଖୁଥିଲା, କଙ୍କି ପଛରେ ଗୋଡ଼ଉଥିଲା । ଚଢ଼େଇଙ୍କ ରାବ ଶୁଣୁଥିଲା ଆଉ ବଲ୍ ଗଡ଼ଉଥିଲା । ଏଇ ସମୟରେ ଖେଳିବାଟା ତାକୁ ଅବଶ୍ୟ ଭଲ ଲାଗୁଥିଲା ।

ମାମୁଁ କୁଆଡ଼େ ଗଲା ! ଏତେବେଳ ହେଲାଣି ! ଢେର୍ ସମୟ ପରେ ତାର ଯେମିତି ମନେ ପଡ଼ିଗଲା । ସେ ଗେଟ୍ ଆଡ଼େଇ ମୁହଁ ଗଳେଇଲା । ମଧୁମାଳତୀ ଲତା ଓହଳିଥିଲା । ସେଇ ଛାଇତଳେ ମାମୁଁ ଝିଅଟିର ହାତ ଧରି ତାକୁ ଗେଲ କରୁଥିଲା । ତା ଗାଲକୁ ସେ ଯେମିତି ଓଠଥାପି ଗେଲକରେ ।

ବବ୍‌ଲୁ କୁରୁକୁରୁ ହସିଦେଲା । ସେମାନେ ଚମକି ତା' ଆଡ଼େ ଚାହିଁଲେ । ଝିଅଟି ତରତର ହେଇ ଆଗ ଗେଟ୍ ଭିତରେ ପଶିଗଲା । ମାମୁଁ ତା ପାଖକୁ ଆସି ତାକୁ କୋଳ କଲା ପରି ଭିଡ଼ି ଆଣିଲା ଗେଟ୍ ଭିତରକୁ, କହିଲା, "ଭିତରେ ତ ଖେଳୁଥିଲୁ, ୟାଡ଼େ କାହିଁକି ପଳେଇ ଆସିଲୁ ? ଚାଲ୍ ଯିବା ।" ମାମୁଁର କାମ ଯେମିତି ସରି ସାରିଥିଲା ।

ମାମୁଁ ମୁହଁକୁ ଅବୋଧ ଆଖିରେ ଚାହିଁ ବବ୍‌ଲୁ କହିଲା, "ଏଡ଼େ ପିଲାଟା ହେଲାଣି, ଗେଲ ଖାଉଚି ?" ମାମୁଁ ତା ଗାଲକୁ ଚିପିଦେଇ କହିଲା, "ତତେ ଗେଲ କରିବା ଆଉ ତାକୁ ଗେଲ କରିବା ଅଲଗା ।"

"ଅଲଗା କ'ଣ ? ଏକା ଭଳିତ.... ତୁ ମତେ ଏମିତି ଗେଲ ତ କରୁ ।" ବବ୍‌ଲୁ କହିଲା ।

"ନା.... ୟେ' ଗୋଟେ ଅଲଗା ପ୍ରକାରର ଘଟଣା । ଆ' ଯିବା, ବେଶି ଫଟ୍‌ଫଟ୍ ହଉଚି । ତୋ ବଲ୍ କାହିଁ.. ଆଁ ?"

ବବ୍‌ଲୁ ବଲ୍ କଥା ଭୁଲି ଯାଇଥିଲା । ୟାଡ଼େ ସ୍ୟାଡେ ଚାହିଁଲା । ମାମୁଁ ଅନିଶା କରି କରି ଯାଇ ବଲ୍ ନେଇ ଆସିଲା । କୋଉ ଗଛ ସନ୍ଧିରେ ପଡ଼ିଥିଲା ।

"ମାମୁଁ 'ଘଟଣା' କ'ଣ ?" ସେ ଶବ୍ଦଟା ଯେମିତି ବବ୍‌ଲୁକୁ ଅଲଗା ଲାଗୁଥିଲା । ପଚାରିଲା । ଯା ଘଟାଯାଏ ଘଟଣା, ବୁଝିଲୁ । ଖୁସି ପାଇଁ... ଆ ଯିବା ।

: ଆଉ ଆଉ ଘଟଣା ସବୁ କ'ଣ ? ବବ୍‌ଲୁ ସେଇ ଶବ୍ଦଟି ପାଖରେ ଝୁଲି କି ରହୁଥିଲା ।

ମାମୁଁ କହିଲା, ଛେନାଗୁଡ଼... ଖାଲି ଗୋଟିଏ କଥା ଫଟରେଇ ହଉଚି... ହେଇ ଫୋପାଡୁଚି ବଲ୍... ଧ' ବବ୍‌ଲୁ ବୁଝିଲା ମାମୁଁ ତାକୁ ଭୁଲେଇବାକୁ ଚେଷ୍ଟା କରୁଛି । ସେ ଆଉ କିଛି କହିଲା ନାହିଁ ।

ତାପର ଦିନ ସଞ୍ଜକୁ ମାମୁଁ ଗାଡ଼ି ଷ୍ଟାର୍ଟ କଲା । ମାମା ଦୁଆରେ ଠିଆ ହେଇ କହିଲା, ଦେଖିକି ଯିବୁ ।

ମାମୁଁ ତାକୁ ଧରିଥିଲା । କହିଲା, ଯାଉଛି ସାଙ୍ଗ...

ବବ୍‌ଲୁ କହିଲା, ଘଟଣା ? ମାମୁଁ ଠୋଠୋ ହସି କହିଲା, ଘଟଣା ଏତିକି । କାହାକୁ କହିବୁ ନାଇଁ । ଆସିଲେ ପୁଣି ଘଟିବ । ଆସିଲାବେଳେ ଏଥର ତୋ ପାଇଁ ଏକାଥରେ ଦଶଟା କାଡ଼ବରି ଆଣିବି ।

ହଁ ଘଟଣା ତ ଘଟାଯାଏ, ମାମୁଁ ତ ଗଲା.. ଆଉ ଘଟେଇବ କିଏ ? ବବ୍‌ଲୁ ମନେ ମନେ ଭାବି ଚୁପ୍ ରହିଲା ।

ମାମା ପଚାରିଲା କୋଉ ଘଟଣା କିରେ ? ବବ୍‌ଲୁର କଥାଟି ମନେ ପଡ଼ିଗଲା । କହିଲା ନାହିଁ । ମାମୁଁ ମନା କରିଚି । ଏତକ ସମଝ ତା'ର ଅଛି । କହିଲା, ତା ସାଙ୍ଗରେ ବଲ୍ ଖେଳିବା ଘଟଣା ।

ମାମା କିଛି ନ କହି ଖାଲିଟିକେ ହସିଦେଲା ।

ଏହାର କିଛିଦିନ ପରେ ଘରେ ହଠାତ୍ ମାମୁଁ । ତା ମୁହଁ ଶୁଖିଯାଇଚି । ଆଖି କାନ୍ଦ କାନ୍ଦ । ତାକୁ ଦେଖିବି କିଛି କହିଲା ନାହିଁ । ନ ଦେଖିଲା ଭଳି ଚାଲିଗଲା । ତା ସହିତ ଦାଦା । ସେମାନେ ଆସି ମାମାକୁ କ'ଣ କହିଲେ କେଜାଣି ମାମା ଶୁଣୁଶୁଣୁ ଖାଲି ଭୋ ଭୋ କାନ୍ଦିଲା । ଦେଈ ମଧ୍ୟ କାନ୍ଦିଲା ସୁଁ ସୁଁ । ସେମାନଙ୍କୁ ବୁଝେଇ ଶୁଝେଇ ଆର ଘରକୁ ନେଇଗଲେ ଦାଦା ।

ବବ୍‌ଲୁ ତାର ବଲ୍‌ଟି ଗଡ଼େଇ ଏପଟ ସେପଟ ଖେଳୁଥିଲା ଦାଣ୍ଡ ଘରେ । ତାକୁ ବଡ଼ ଅଜବ ଲାଗିଲା । କିଛି କୁଆଡ଼େ ନାଇଁ ତ ! ଏତେ କାନ୍ଦ କାହିଁକି ? ସେ ଦୌଡ଼ିଯାଇ ପଚାରିଲା, ମାମା, ଦେଈ କାନ୍ଦୁଚ କାହିଁକି ?

ନାଇଁ କିଛି ନାହିଁ । ବାପା ଦେହ ଭଲ ନାହିଁତ । ଦେଈ ଲୁହ ପୋଛୁ ପୋଛୁ କହିଲା ।

ବାପା ଦେହ ଭଲ ନାହିଁ ଶୁଣି ବବ୍‌ଲୁ କହିଲା, ଓଃ ଜର ହେଇଚି ? ମତେ ଯେମିତି ହୁଏ ? ଏଇଥି ପାଇଁ କାନ୍ଦୁଚ ? ବାପା ସେଇଥି ପାଇଁ ଆସି ନାହାଁନ୍ତି କି ଏତେଦିନ ହେଲା ? ସେ ପୁଣି ଲାଗିଗଲା ତା' ବଲ୍ ଖେଳରେ ।

ତା' ପଦିନ ସକାଳୁ ସକାଳୁ ଗାଡ଼ି ଆସିଲା । ମାମୁଁ ଆଉ ଛାତ ଉପରକୁ କି ଗେଟ୍ ପାଖକୁ ଯିବାକୁ ଡାକିଲା ନାହିଁ ତାକୁ । ବରଂ କହିଲା, ବବ୍‌ଲୁ ଥାଉ, ବବି ତ ରହିବ ଘରେ । ଆମେ ଖାଲି ଅପାକୁ ନେଇ ଚାଲିଯିବା ।

ଦାଦା କହିଲେ, ନା ନା ବବ୍‌ଲୁକୁ ସାଙ୍ଗରେ

ନେଇଯିବା । ଭାଇ ଭାରି ଭଲ ପାଆନ୍ତି ବବ୍‌ଲୁକୁ । କାଳେ କିଛି ଘଟଣା ଦୁର୍ଘଟଣା ଘଟିବ, ସେ ଟିକେ ଦେଖିବେ ନାଇଁ ପୁଅକୁ ?

ମାମୁଁ, ଦାଦା ଓ ମାମା ଅଗୋଚରରେ ଏମିତି କଥା ଚୁପ୍ ଚୁପ୍ ହଉଥିଲେ ଭିତରଘରେ । ବବିଦେଇ ବି ନଥିଲା ସେଠାରେ ।

ବବ୍‌ଲୁ କିନ୍ତୁ ଏ କଥା ଶୁଣିନେଲା । ଦୁର୍ଘଟଣା ଶବ୍ଦଟି ତା'ର ଅବୋଧ ଶୈଶବକୁ ବୁଝେଇ ଦଉଥିଲା, ହୁଏତ ବାପାଙ୍କ ସହିତ ଗୁରୁତର କିଛି ଘଟୁଚି । ତା ମନ ଦୁଃଖ ହେଇଗଲା ।

ତା'ପରେ ସେମାନେ କଟକ ଚାଲିଲେ । ସମସ୍ତଙ୍କ ମୁହଁ ଉଦାସ । ମାମା କାନ୍ଦୁଥାଏ ମୁହଁରେ କାନିଚାପି ।

ଗାଡ଼ି ଭିତରେ ବବ୍‌ଲୁକୁ ସବୁ ଭଲ ଲାଗିଲା । ତାକୁ ଭାରି ମଜା ଲାଗୁଥାଏ । ରାସ୍ତା କଡ଼ର ଗଛ ସବୁ ଦଉଡ଼ି ପଳଉଥାନ୍ତି ପଛକୁ ପଛକୁ । ଆଗରୁ ଆସୁଥିବା ଗାଡ଼ିଗୁଡ଼ାକ ବାଡ଼େଇ ହେଇଯିବା ଭଳି ମାଡ଼ି ଆସୁଥାଆନ୍ତି ଯେପରି । ପୁଣି ବାଟଭାଙ୍ଗି ପଳେଇ ଯାଉଥାନ୍ତି ଛେଳିଆଙ୍କ ଭଳି । ପବନ ତ ଏପଟରେ ପଶି ସେପଟରେ ବାହାରି ଯାଉଥାଏ ଗାଡ଼ି ଭିତରଟାକୁ ହୁନ୍ଦାଳି ପକାଇ ।

ବବ୍‌ଲୁର ପୁଣି ମନେ ପଡ଼ିଗଲା । ଦାଦା କହୁଥିଲେ କ'ଣ ଘଟଣା / ଦୁର୍ଘଟଣା ଘଟିବା କଥା । କ'ଣ ସେଇଟା ?

ସେ ଦାଦାଙ୍କ ପାଖରେ ବସିଥିଲା । ପଚାରିଲା, ଦାଦା, ସକାଳେ ତମେ ସବୁ ଯୋଉ କଥା ହେଉଥିଲ, ଘଟଣା / ଦୁର୍ଘଟଣା, ଘଟିବା କଥା, ସେଇଟା କ'ଣ ?

ଚମକି ପଡ଼ିଲେ ଦାଦା । ଶୁଣି ପକେଇଚି ପିଲାଟା !

ତାକୁ କୋଳକୁ ଆଉଜେଇ ନଉ ନଉ କହିଲେ, ସେ କିଛି ନୁହେଁ... ଆମେ ଗାଡ଼ିରେ ଯାଉଚନ୍ତି... ଏଇଟା ତ ଘଟଣା ।

ଆଉ ଦୁର୍ଘଟଣା ?

ଦାଦା ଟିକେ ବିଷଣ୍ଣ ହେଲେ । ବିରକ୍ତ ବି । ବବ୍‌ଲୁ ଚୁପ୍ ରହିଲା । ମାମୁଁଙ୍କୁ ପଚାରନ୍ତା ? ଏବେ ସେ ଆଗରେ ବସିଚି । ଡ୍ରାଇଭର ପାଖରେ ।

ଗୋଟେ ବିରାଟ କୋଠା ଆଗରେ ଗାଡ଼ି ରହିଲା । ଲୋକ ସବୁ ହାଉଯାଉ । ସେମାନେ ସବା ଉପର ଘରକୁ ପାହାଚ ଚଢ଼ିଲେ । ମାମୁଁ ତା ହାତ ଧରିଥିଲେ ବି ମୁହଁ ଓଳେଇ ଥିଲା । ଉଁ କି ଚୁଁ କିଛି କହୁନଥିଲା ।

ବବ୍‌ଲୁ ଦେଖିଲା, ବାପା ଶୋଇଚନ୍ତି ଗୋଟେ ଲୁହା ଖଟିଆରେ । ଆହୁରି କେତେ ଲୋକ ବି ଶୋଇଚନ୍ତି ଅଲଗା ଅଲଗା । ବବ୍‌ଲୁ ଭାବିଲା, ବାପାଙ୍କ ଦେହ ଭଲ ନାହିଁ ବୋଲି କ'ଣ ଆସି ଶୋଇଚନ୍ତି ଏ ଧଳାଖଟିଆରେ ? ଏଇଟି ବି ତ ଗୋଟିଏ ଘଟଣା । ସେ ବାପା ପାଖକୁ ଦୌଡ଼ିଗଲା । ବାପା ବାପା ଭଳିଆ ଦେଖା ଯାଉ ନଥିଲେ । ତାଙ୍କ ମୁହଁ ଖୁବ୍ ଶୁଖିଲା ଦେଖାଯାଉଥିଲା । ଆଖି ପଶି ଯାଇଥିଲା । ଏମିତି କ'ଣ ହେଇଚି ବାପାଙ୍କର ? ତା ଛାତି ଭିତରେ ଗୋଟେ ବିକଳ ଭାବ ତାକୁ ଅସ୍ଥିର କରି ପକାଉଥିଲା ।

ତା'ର ମନେପଡୁଥିଲା ବାପା ଶନିବାରକୁ ଶନିବାର ସଂଧ୍ୟା ପୂର୍ବରୁ ଘରେ ପହଞ୍ଚି ଯାଆନ୍ତି ତାଙ୍କ ଚାକିରି ଯାଗାରୁ । ମାମା ଖାଲି ଘରବାହାର ହଉଥାଏ । ସେ'ବି ତା ପଛେପଛେ ଏପଟ ସେପଟ ହେଉଥାଏ । ସେ ଅଝଟ କଲେ ମାମା କହେ, ଆଉ ଟିକକୁ ବାପା ଆସି ପହଞ୍ଚିବେ । ସବୁ ତୋ କଥା କହିବି । ଏଥର ତାଙ୍କ ସାଙ୍ଗରେ ତୋତେ ବିଦା କରିବି । ତୋତେମୁଁ ଆଉ ସମ୍ଭାଳି ପାରିବି ନାଇଁ ।

**ବବ୍‌ଲୁ ଦେଖିଲା, ବାପା ଶୋଇଚନ୍ତି ଗୋଟେ ଲୁହା ଖଟିଆରେ । ଆହୁରି କେତେ ଲୋକ ବି ଶୋଇଚନ୍ତି ଅଲଗା ଅଲଗା । ବବ୍‌ଲୁ ଭାବିଲା, ବାପାଙ୍କ ଦେହ ଭଲ ନାହିଁ ବୋଲି କ'ଣ ଆସି ଶୋଇଚନ୍ତି ଏ ଧଳାଖଟିଆରେ ? ଏଇଟି ବି ତ ଗୋଟିଏ ଘଟଣା । ସେ ବାପା ପାଖକୁ ଦୌଡ଼ିଗଲା । ବାପା ବାପା ଭଳିଆ ଦେଖା ଯାଉ ନଥିଲେ । ତାଙ୍କ ମୁହଁ ଖୁବ୍ ଶୁଖିଲା ଦେଖାଯାଉଥିଲା । ଆଖି ପଶି ଯାଇଥିଲା । ଏମିତି କ'ଣ ହେଇଚି ବାପାଙ୍କର ? ତା ଛାତି ଭିତରେ ଗୋଟେ ବିକଳ ଭାବ ତାକୁ ଅସ୍ଥିର କରି ପକାଉଥିଲା ।**

ସେ ଚୁପ ପଡ଼ିଯାଏ । ତା'ର ତ ମନହୁଏ ବାପାଙ୍କ ସାଙ୍ଗରେ ଗାଡ଼ିରେ ପଳାନ୍ତା, କିନ୍ତୁ ମାମାକୁ ଛାଡ଼ିବାକୁ ତ ମନ ହୁଏନା ସତରେ । ବାପା ପହଞ୍ଚନ୍ତି । ଗୋଟେ ବଡ଼ ମଟର ସାଇକେଲ । ବାପା ପହଁଚୁ ପହଁଚୁ ମାମା ପାହାଚ ଟପି ବାପା ପାଖରେ ହାଜର ହୁଏ । ଡେରି ହେଇ ନଥିଲେ ବି ସବୁଥର ପଚାରେ ଏତେଡେରି ? ବାପା ହସନ୍ତି । ଡେରି କାଇଁ ? ସଂଜ ବି ହେଇନି ।

ମାମା ଗାଡ଼ିରୁ ବ୍ୟାଗ ଓହ୍ଲେଇ ଆଣେ, ହେଲ୍‌ମେଟ୍ ଆଣେ । ବାପା ଡାକନ୍ତି, ଚା'କର ମୁଁ ଆମ ହୀରୋଙ୍କୁ ଟିକେ ବୁଲେଟ୍‌ରେ ବୁଲେଇ ଆଣେ । ତାକୁ ଉଠେଇ ନିଅନ୍ତି – ଗାଡ଼ି ଉପରକୁ । ଗାଡ଼ି ଷ୍ଟାର୍ଟ କରନ୍ତି । ସେ ବାପାକୁ କୁଣ୍ଢେଇ ଧରିବସେ । ବାପା ଗାଡ଼ିକୁ ଯିମିତି ଉଡ଼ାନ୍ତି । ଭାରି ମଜାଲାଗେ । ବେଳେବେଳେ କହେ ଅବିଶ୍ୱାସରେ ମୁଁ ବଡ଼ିଗଲେ ଏ ଭଳିଆ ଗାଡ଼ି ଚଳେଇ ପାରିବି ? ବାପା ଠୋ ଠୋ ହସନ୍ତି, ତୁ ଏ ଗାଡ଼ି କ'ଣ ? ଉଡ଼ାଜାହାଜ ଉଡ଼େଇବୁ... ଉଡ଼ାଜାହାଜ...

ସେ ଆକାଶକୁ ଚାହେଁ । ସେ ବୁଝେ ବାପାମାନେ ଛୁଆଙ୍କ ପାଇଁ ଆକାଶେ-ସ୍ୱପ୍ନକୁ ଧରି ବଂଚୁଥାଆନ୍ତି ।

ସଂଜକୁ ବାପା ମାମା ତା ବିଷୟରେ କଥା ହୁଅନ୍ତି । ମାମା ତା ଦୁଷ୍ଟାମୀକୁ ନେଇ ବହୁ ଅଭିଯୋଗ କରେ । ବାପା ହସନ୍ତି । କହନ୍ତି ଏବେ ଦୁଷ୍ଟ ହବନି ତ କେତେବେଳେ ହବ ? ହଉ ବଡ଼ିଗଲେ ଦେଖିବୁ ମୋ ପୁଅ କିମିତି ହେବ ।

ମାମା କୃତ୍ରିମ ରାଗରେ କହେ, ସେଇମିତି କହି, ତା ମୁହଁ, ବଢ଼ଉଥା, ବାପ ଯେମିତି ପୁଅ ବି ସେମିତି । ଆଉ ଜଣେ ଅଛି, ସେ'ତ ତାକୁ ତଳେ ଥୋଉନି...

କିଏ ? ବାପା ବୁଝିବି ଅବୁଝା ଭଳି ପଚାରନ୍ତି ।

ତାକୁ ପଚାରୁନା... ମାମା ଚା' ଟିପୟ ଉପରେ ଥୋଉ ଥୋଉ କହେ । ମୁଁ ତା' ମୁହଁକୁ ଚାହେଁ । ସେ ମୁହଁରେ ଗୋଟେ ଖୁସିର ରଂଗ ଚହଟୁ ଥାଏ ।

ମୁଁ କହେ, ମାମୁଁ...

ବାପା ବୋଉ ଉଭୟେ ହସି ଉଠନ୍ତି । ବୋଉ କହେ, ଆଉ ଟିକକୁ ପହଞ୍ଚି ଯିବନି କି ?

ସତକୁ ସତ ମାମୁଁ ମଟର ସାଇକେଲ ଶବ୍ଦ ଆମ ଦୁଆରେ ବନ୍ଦ ହୁଏ ।

ମାମୁଁ ଆସେ । ଆଣିଥାଏ ତାପାଇଁ ପୁଳାଏ ଚକୋଲେଟ ।

ମାମୁଁ ବି ତାକୁ ହୀରୋ ଡାକେ ବାପାଙ୍କ ଭଳି ।

ସେ କିନ୍ତୁ ଭାବୁଥାଏ ତାକୁ ବାପା ମାମୁଁ ହୀରୋ ଡାକୁଥାନ୍ତି ସିନା, ତା' ନଜରରେ ବାପା ହିଁ ହୀରୋ । ତାଙ୍କର ସ୍ୱାସ୍ଥ୍ୟ ଓ ଉଚ୍ଚତା ଟିଭିରୁ ଦେଖୁଥିବା କୋଉ ହୀରୋ ଭଳି ଲାଗେ । କିନ୍ତୁ ସେଇ ବାପା ଏବେ ଖଟିଆରେ କଳାକାଠ ପଡ଼ି ଶୋଇଚନ୍ତି, ଯେମିତି ଉଠି ଠିଆହବାରେ ତାଙ୍କର ଟିକେ ବି ବଳ ନାହିଁ ଦେହରେ ।

ବାପା ତାକୁ କୋଳେଇ ନେଲେ ହାତ ବଢ଼େଇ । ବାପାଙ୍କ ହାତ ଯେମିତି ଶୁଖି ଯାଇଥିବା ଖଣ୍ଡେ ଡାଳ । ଦୁର୍ବଳ ଓ ଥର୍ଥର । ସେ ବାପାଙ୍କ ମୁହଁକୁ ଆଉଁସି



ଦେଲା ତା' ନରମ ପାପୁଲିରେ । ବାପାଙ୍କ ଆଖିରୁ ଦୁଇଧାର ଲୁହ ଗଡ଼ିଆସି ତା ହାତରେ ପଡ଼ିଲା ।

ତା' ଆଖିରେ ବି ଲୁହ ଜକେଇ ଆସିଲା ତା ଅଜାଣତାରେ ।

ତା'ପରେ ବାପାଙ୍କୁ ଗୋଟେ ଧଳା ଧଳା ଫଟେଇ ପିନ୍ଧେଇ ଦିଆଗଲା । ନିଆଗଲା ଗୋଟେ ନାଲି ଆଲୁଅ ଜଳୁଥିବା ଘର ଭିତରକୁ । ସେମାନେ ସମସ୍ତେ ରହିଲେ ବାହାରେ । ମାମା ଖାଲି କାନ୍ଦୁଣୁ ମାନ୍ଦୁଣୁ ହୋଇ ହାତ ଯୋଡୁଥାଏ ମୁଣ୍ଡରେ ।

ପଚାରିଲା ବବ୍‌ଲୁ । ବାପାଙ୍କୁ କୁଆଡ଼େ ନେଇଗଲେ ଭିତରକୁ? ତା' ସ୍ୱରରେ ଭୟ ଭରି ରହିଥିଲା ।

ମାମୁଁ ତାକୁ କାଖେଇ ନେଇ ଆସିଲା ବାହାରକୁ । କାଡ଼ବରି ଦେଲା । ଗାଡ଼ି ସବୁ ଦେଖାଇଲା । ହାଉଜାଉ ଲୋକଙ୍କୁ ଦେଖେଇଲା । ସେମାନଙ୍କ ଧାଁ ଦୌଡ଼ ଦେଖେଇଲା । ତାକୁ ଖୁବ୍ ମଜା ଲାଗିଲା । ସେ ଅନ୍ୟମନସ୍କ ହେଲାଭଳି ପଚାରିଲା, ମାମୁଁ ଏ ସବୁ କ'ଣ ଘଟଣା ?

ମାମୁଁ ଉଦାସ ସ୍ୱରରେ କହିଲେ, ହଁ ।

କିଛିଦିନ ପରେ ଫେରନ୍ତା ଗାଡ଼ିରେ ବାପାଙ୍କ ପାଖରେ ବସିଥିଲା ବବ୍‌ଲୁ । ମାମୁଁ, ଦାଦା ତାକୁ କିଣି ଦେଇଥିଲେ କେତେ ପ୍ରକାର ଖେଳଣା । ତା ମନ ଭାରି ଖୁସି । ମାମା ସେଦିନ ଆସିଲା ବେଳେ କାନ୍ଦୁଥିଲା ତ ଏବେ ବାପାଙ୍କ କାନ୍ଧରେ ହାତ ପକେଇ ବସିଚି, ଆଉ କାନ୍ଦୁନାଇଁ । ତା ମୁହଁରେ ଯେମିତି ଆନନ୍ଦ ନେସି ହେଇ ଯାଇଚି ।

ଏ ସବୁତ ଘଟଣା ନିଶ୍ଚୟ । ଦୁର୍ଘଟଣା କ'ଣ ? ସେ ପୁଣି ଅନ୍ୟମନସ୍କ ହେଇଗଲା ।

ସେ ବାପାଙ୍କୁ ପଚାରିଦେଲା, ବାପା, ସେଦିନ ଘରୁ ଆସିବା ବେଳେ ଦାଦା କହୁଥିଲେ, କୁଆଡ଼େ ତମର ଘଟଣା ଦୁର୍ଘଟଣା ଘଟିବ ବୋଲି । ଘଟଣା ତ ଘଟିଲା । ଦୁର୍ଘଟଣା କିଛି ଘଟିଲା ନାଇଁତ ! ମାମୁଁକୁ ପଚାରିଲେ ସେ ଖାଲି ସବୁ ଗୁଡ଼ାକୁ ଘଟଣା କହୁଚି । ସେ ଭାରି ମିଛୁଆ...

ଏ କଥା ଶୁଣି ମାମା ଜିଭ କାମୁଡ଼ି ପକେଇଲା ।

ବାପା ଲୁହ ଛଳ ଛଳ ଆଖିରେ ତାକୁ ଛାତି ଉପରେ ଭିଡ଼ି ଧରିଲେ । ବାହାରକୁ ଚାହିଁଲେ । ବାହାରେ ନିଆଁଝରା ଖରା । ଉତ୍ତପ୍ତ ସଂତ୍ରସ୍ତ । ଭାବୁଥିଲେ, କ୍ରମଶଃ ଦୁର୍ଘଟଣା ପ୍ରବଣ ହେଇ ପଡୁଥିବା ଏ ପୃଥିବୀରେ ଏ କୋମଳତା ମାନେ ତିଷ୍ଠିବେ କେମିତି ?

ତାଙ୍କ ଛାତି ଥରାଇ ଗୋଟେ ଦୀର୍ଘଶ୍ୱାସ ବାହାରିଗଲା । ସେ ଅନ୍ୟମନସ୍କ ଭାବେ ବବ୍‌ଲୁ ମୁଣ୍ଡରେ ହାତ ବୁଲଉବୁଲଉ ଅସ୍ପଷ୍ଟ ସ୍ୱରରେ କହିଲେ, "ଈଶ୍ୱର କରନ୍ତୁ, ତୁ ଖାଲି ଘଟଣା ଗୁଡ଼ିକ ଜାଣରେ ଧନ, ଦୁର୍ଘଟଣା ସବୁ ସେମିତି ଅଜଣା ହେଇ ରହିଥାଉ, ତୋ ପାଇଁ... ଜୀବନ ସାରା ।"

ବବ୍‌ଲୁ ବାପାଙ୍କ ମୁହଁରୁ କିଛି ପଢ଼ିବାକୁ ଚେଷ୍ଟା କରୁଥିଲା । ତଥାପି ସେ କିଛି ବୁଝି ପାରୁ ନଥିଲା ।




# ବହି ବିଚାର



- ପୁସ୍ତକର ନାମ : **ପବନ ଚୁପ୍ ଥିଲାବେଳେ**
- ଲେଖିକାଙ୍କ ନାମ : **ଲିପିକା ଦାସ**
- ପ୍ରକାଶକଙ୍କ ନାମ : **ପଶ୍ଚିମା ପବ୍ଲିକେଶନ୍ସ, ଭୁବନେଶ୍ୱର**
- ମୂଲ୍ୟ : **୧୧୦/-**, ପୃଷ୍ଠା : ୧୩୨

ନିରବତାର ନର୍କରେ ଶବ୍ଦର ସ୍ୱର୍ଗ ତିଆରି କରିବାର ସବୁତକ କଳା ଯେଉଁ କବିଟି ପାଖରେ ଅଛି ସେ ବୋଧହୁଏ ଲିପିକା ଦାସ ଛଡ଼ା ଆଉ କେହି ନୁହଁନ୍ତି । ଲିପିକାଙ୍କ 'ପବନ ଚୁପ୍ ଥିଲାବେଳେ' ବହିଟି ଆମର ହସ୍ତଗତ ହୋଇଛି । ଲୋଭନୀୟ ଶବ୍ଦଙ୍କ ଲଲାଟରେ ଅସ୍ତାଚଳ ସୂର୍ଯ୍ୟଙ୍କ ଲାଲିମା କେବେ କେବେ ବାଟ ଓଗାଳେ ତ ଅଂଧାର ଠୁଁ ଆଣିଥିବା ଗରାଏ ଜହ୍ନାଲୁଅ ହିଁ ଗାଧୋଇ ଦିଏ ଈଶ୍ୱରଙ୍କୁ । ଏ ଈଶ୍ୱର ସତରେ କିଏ ? ପଚାରନ୍ତା କବିଙ୍କୁ । ପଚାରନ୍ତା କବିତାରୁ ଛିଟିକି ପଡ଼ିଥିବା ଅଭିଶପ୍ତ ଶବ୍ଦମାନଙ୍କୁ । ପଚାର ଯଦି ପଚାରିପାରିବ ପବନକୁ । ସେଇ ପବନ, ଯିଏ ଗୋପନୀୟତାର ଅଙ୍ଗବାସକୁ ଛୁଇଁଥିବା ବେଳେ ପାପର ଛିଟାଟିଏ ପଡ଼ିଥିଲା ବୋଲି ଦେହରେ, ଏବେ ଚୁପ୍ । କାହିଁକି ପବନ ଏବେ ଚୁପ୍ । କାହିଁକି ପବନ ଫେରି ଆସି କହେନାହିଁ ପ୍ରେମର ପରିଭାଷା । କାହିଁକି ପବନରେ ଭାସିଗଲା ବେଳେ ଗୋଟେ ଡେଙ୍ଗ ନଥିବା ବାସ୍ନା ବି ନିରବିଯାଏ ? ଏତେସବୁ କାହିଁକିର ଉତ୍ତର ହିଁ ତ ଲିପିକାଙ୍କ କବିତାସବୁ । 'ପବନ ଚୁପ୍ ଥିଲାବେଳେ'ରେ ସ୍ଥାନିତ ହୋଇଥିବା କବିତ ସମୁଦାୟରେ ଯେଉଁ ତତଲା ତମ୍ବାର ତାରକସି ଅଛି, ତାକୁ ପାଠକମାନେ ପଢ଼ିଲାବେଳେ ବିଭୋର୍ ହେବେ । ୫୦ଟି କବିତାର ସମାହାର ଏ ବହି । ସମ୍ପର୍କର କ୍ଷଣ ଭଙ୍ଗୁରତା ଭିତରେ ପ୍ରେମ, ବିରହ ଓ ତୃଷ୍ଣାର ଏକ ସମାଗମ ହୋଇଛି ଏସବୁ କବିତାରେ । ଆଖିରୁ ଚୁପ୍ କିନା ଲୁହ ବିନ୍ଦୁଏ ଖସେଇ ଦେବାବେଳେ କେହି ଦେଖୁ କି ନଦେଖୁ, ସେଇ ଈଶ୍ୱର ଦେଖୁଥିବେ । ଏକାକାର ହୋଇଯିବାର ଆତୁରପଣ ପାଖରୁ ବିଦାୟ ନେବା ଏତେ ସହଜ ନୁହେଁ । ଯେତିକି ସହଜ ନୁହେଁ ପବନ ପରି ନିବିଡ଼ ଏକ ଆଲିଙ୍ଗନ ପାଖରୁ । ଲିପିକାଙ୍କ ଶବ୍ଦ ଚୟନ ସ୍ୱର୍ଣ୍ଣାଳଙ୍କାର ପରି ବାଇଶ୍ କ୍ୟାରେଟ୍ । ଭାବମୟତାରେ ଜଡ଼ସଡ଼ ତାଙ୍କ କବିତାର କାୟା । ଆଶା, ପାଠକଙ୍କୁ ମୁଗ୍ଧ କରିବ ।

ଧାରାବାହିକ ଚରିତ-ଉପନ୍ୟାସ



# ଦାସେ ଆପଣେ

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଇଂରାଜୀ ବିଭାଗ, ଶାସ୍ତ୍ରୀ ସଂସ୍କୃତ ମହାବିଦ୍ୟାଳୟ,
ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଂଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୧୯ ଠାରୁ ଧାରାବାହିକ ଭାବେ ଆମେ ପ୍ରକାଶ କରୁଛୁ । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଶାରଦ ଲକ୍ଷ୍ମୀ ତାଙ୍କର ସକଳ ଆୟ ଅଳଙ୍କାରରେ ମଣ୍ଡି ହୋଇ ଉଭା ହୋଇଥିଲେ । ମୁଳକ ସାରା ଆରମ୍ଭ ହୋଇସାରିଥିଲା ନିର୍ମଳତା, ପରିଚ୍ଛନ୍ନତା ଓ ଟୋପା ଟୋପା କାକର ପଖଳା ଶ୍ୟାମଳିମାର ରାଜତ୍ୱ । ପବନରେ ଅଦୃଶ୍ୟ ଭାବେ ଭାସି ବୁଲୁଥିଲା କୋମଳତା, ମାଧୁରୀ ଓ ସୌକୁମାର୍ଯ୍ୟ । ସାକ୍ଷୀଗୋପାଳ ବଜାରଠାରୁ ମାତ୍ର ପାଞ୍ଚ ମାଇଲ ଦୂର ଚାଳିଶ ପରିବାର ସମ୍ବଳିତ ପାଖାପାଖି ଅଢ଼େଇଶହ ଜନସଂଖ୍ୟା ବିଶିଷ୍ଟ ବସ୍ତି ପରି ଦିଶୁଥିବା ନଈକୂଳିଆ ଗାଁ ସୁଆଣ୍ଡୋ କେମିତି ବା ବାଦ୍ ପଡ଼ିଥାନ୍ତା ଶରତ ପ୍ରକୃତିର ସେ ବିସ୍ତାର କବଳରୁ । ଗାଁକୁ ଛୁଏଁ ନଛୁଏଁ ବହିଯାଏ ଛଳ ଛଳ କିଶୋରୀଟିଏ ପରି ଭାର୍ଗବୀ । ମନେହେବ ଯେମିତି ନିରାଡ଼ମ୍ବର ପ୍ରଖରତାରେ ଦକ୍ଷିଣ ଦିଗକୁ ପ୍ରଲମ୍ବିତ ତା'ର କେଶ ଦାମ । ସ୍ଥାନୀୟ ଲୋକଙ୍କ ଲାଗି ସେ ପୁଣ୍ୟତୋୟା, ଭୃଗୁ ଋଷିଙ୍କ ମାନସ କନ୍ୟା । ଉତ୍ତର ଭାରତର ଗଙ୍ଗା ଓ ଦକ୍ଷିଣର ଗୋଦାବରୀ ପରି ପବିତ୍ର । ନଈ କଣ୍ଠିଆରେ ଆମ୍ବ, ପୋଲାଙ୍ଗ ଆଉ ପଣସ ଗଛର ଘଞ୍ଚ କାନନିକା । ସେମାନଙ୍କର ଉଦାର ଛାଇ ଯେମିତି ଶ୍ରମକ୍ଳାନ୍ତ ମଣିଷକୁ ନିମନ୍ତ୍ରଣ ଦିଏ ହାତଠାରି ଦଣ୍ଡେ ଘଡ଼ିଏ ଶ୍ରାନ୍ତି ମେଣ୍ଟାଇବା ପାଇଁ । ଯେଉଁଠି ଗଛ ନଥିଲା ନଈ ଅତଡ଼ାର ସେ ଜାଗାରେ ବିଛେଇ ହୋଇ ପଡ଼ିଥିଲା ରୂପା ଗୁଣ୍ଡ ବାଲି । ତା ଉପରେ ଚାମର ଦୋଳାଇ କୌତୁକ କରୁଥିଲା କାଶତଣ୍ଡୀ ବଣ । ତା'ର ଶୁଭ୍ରତାର ସାମ୍ରାଜ୍ୟ ମଝିରେ ମଝିରେ ଶୀତଳ ପବନରେ ହେଉଥିଲା ଆଲୋଡ଼ିତ । ନଈ ବନ୍ଧ ତଳେ ଯେଉଁଠି ବା ଥିଲା ଟୁବିଗଡ଼ିଆ, ପାଣିଚାଲ ସବୁଠି ଫୁଟି ହସୁଥିଲା ଅଗଣନ କଇଁ । ଗୋଧୂଳି ନଇଁ ଆସୁଥିଲା, ଗୋଠ ବାହୁଡ଼ାଇ ଫେରି ଆସୁଥିଲେ ଜଣେ ଅଧେ ଗାଈଆଳ । ଜଣଙ୍କ ଗଳାରୁ ଭାସି ଆସୁଥିଲା ବିଶି ରାମାୟଣର ପଦ "ହେମ ହରିଣୀ, ଧୀରେ ଧାମନ୍ତେ ସୁନ୍ଦର ଧରଣୀ ।"

ପ୍ରକୃତିର ଏ ଅପୂର୍ବ ଆୟୋଜନର ବିରୋଧାଭାସ ପରି ଗାଁରୁ ଅସ୍ତବ୍ୟସ୍ତ, ବିବ୍ରତ ହୋଇ ବାହାରି ଆସିଲେ ଦଇତାରି ଦାସେ । ଗମ୍ଭୀର ମୁହଁରେ ଭାରୀ ପାଦ ପକାଇ ଧିରେ ଧିରେ ଉଠିଲେ ନଈବନ୍ଧ ଉପରକୁ । ଆଖି ଥମ ଥମ, କପାଳ ମଳିନ, ଦୁଶ୍ଚିନ୍ତାର ଉତ୍ପୀଡ଼ନରେ ଜର୍ଜରିତ ମନ । ଆଉ ଦିନେ ହୋଇଥିଲେ ସିଏ ନଈବନ୍ଧ ଉପରେ କୋଉଠି ଠାଏ ଚାଞ୍ଚ ପକାଇ ବସିଥାନ୍ତେ । ଗାଁ ପୁଣି ଆଖପାଖର ସାଙ୍ଗ ସରିସାଙ୍କୁ ଡକାଇ ଜମାଇଥାନ୍ତେ ଗପର ଆସର । ନୂଆ ଉତ୍ସାହରେ ଶୁଣାଇଥାନ୍ତେ ତାଙ୍କ ଆଇନ୍ ବେଉସାର କଥା ବଖାଣିଥାନ୍ତେ ତାଙ୍କ ମୁକ୍ତିଆରୀର ଗରିମା । ଗପ ଭିତରେ ଚାଲିଥାନ୍ତା କେତେ ହାସ ପରିହାସ, କଥା କଉତୁକ । ହେଲେ ଆଜି ଉତ୍କଟ ପାରିବାରିକ ଦୁଃଖରେ ତାଙ୍କର ଅନ୍ତ ମନ୍ଥି ହୋଇଯାଉଛି । ମନ ତଳର ସକଳ ଉତ୍ସାହ ଯେମିତି ଫିକା ପଡ଼ି ଆସୁଛି । ଦୁଃସହ ମାନସିକ ବେଦନାରେ ଘାରି ହୋଇ ସେ ଯେପରି ଛଟପଟ ।

ନାହାକେ ଲେଖିଥିବା ପରି ୧୨୮୪ ସାଲ କନ୍ୟା ଛବିଶ ଦିନ ଇଂରାଜୀ ୧୮୭୭ ମସିହା ଅକ୍ଟୋବର ୯ ତାରିଖ ବୁଧବାର ସୂର୍ଯ୍ୟୋଦୟ କାଳେ ତାଙ୍କର ପୁତ୍ର ସନ୍ତାନଟିଏ ଭୂମିଷ୍ଠ ହୋଇଛି । କୌଶିକ ଗୋତ୍ରୀୟ ଦାଶ ବଂଶ ପାଇଁ ଇଏ ବଡ଼ ଖୁସିର ଖବର । ଲୋକେ କହୁଥିବେ କୁଳ ଉଜ୍ଜ୍ୱଳ ହୋଇଛି । ହେଲେ ନବଜାତର ଆଗମନରେ ତାଙ୍କ ମନରେ ଜାତ ହୋଇଥିବା ଅଫୁରନ୍ତ ଆନନ୍ଦ ପ୍ରତି କେଉଁଠି ଠାଏ ଈର୍ଷାନ୍ୱିତ ହୋଇଛି ନିୟତି । ହାଡୁଆ ଚେହେରାର ଦୁର୍ବଳ ସ୍ୱାସ୍ଥ୍ୟ ପୁଅଟିକୁ ଜନ୍ମଦେଇ ଦୁନିଆଁରୁ ମେଲାଣି ମାଗି ନେଇଛନ୍ତି ତାଙ୍କର ତୃତୀୟ ପତ୍ନୀ ସ୍ୱର୍ଣ୍ଣମୟୀ । ଉତିଆଣୀ ପିଲାଟିର ରାହାଧରା କାନ୍ଦଣା ଏବେ ତାଙ୍କର ଅନ୍ତର ଦହି ପକାଉଛି । ସ୍ୱର୍ଣ୍ଣମୟୀଙ୍କର ଚିତା ଲିଭି ସାରିଲାଣି, ରୁଇ ଶୀତଳା ସରିଲାଣି କେବେଠାରୁ । ଅଙ୍ଗାର ଭିତରୁ ଡହକ ବି ନିଃଶେଷ ହୋଇ ଆସିବଣି । ଆସ୍ତେ ଆସ୍ତେ ସବୁ କିଛି ସବାଖାଇ ମାଟିରେ ମାଟି ହୋଇଯିବ । କାଳ ପୋଛି ନବ ତାଙ୍କର ସବୁ ମଧୁର ସ୍ମୃତି । ଯେମିତି ବିଗତ ହେଲାଣି ପୂର୍ବ ଦୁଇ ପତ୍ନୀଙ୍କର ଲାସ୍ୟ ଓ ହସ ହସ ମୁହଁ । ସେମାନଙ୍କ ସହ କଟିଥିବା ଅସରନ୍ତି ଦିନର ଅଗଣିତ ଅନିଭୋଗ । ହେଲେ ନବଜାତର କରୁଣ କାନ୍ଦଣା ସହ ତାଳ ଦେଇ ତାଙ୍କର କାହିଁକି ମନେ ପଡ଼ୁଛି ଆସନ୍ନ ପ୍ରସବା ସ୍ୱର୍ଣ୍ଣମୟୀଙ୍କର ବେଦନା କାତର ପାଣ୍ଡୁର ମୁହଁ । କାନରେ ପ୍ରତିଧ୍ୱନିତ ହେଉଛି ମର୍ମଦାହୀ ପ୍ରସବ ବେଦନା । ବାରମ୍ବାର କଷ୍ଟ ଜନିତ ଆର୍ତ୍ତ ଚିତ୍କାର ଓ ଯନ୍ତ୍ରଣା ଜର୍ଜର ମୁହଁର ଛବି ଲିଭୁ ନାହିଁ ମନରୁ । ମନ ଭିତରେ କୋହ ସହିତ ତାତିଲା ଚିନ୍ତାର ସୁଅ ଧରି ବନ୍ଧ ଉପରକୁ ଧିରେ ଧିରେ ଉଠୁଥିଲେ ଦଇତାରି ।

ଦୈତାରୀ ଦାଶ – ମୁକ୍ତିଆର । ପନ୍ଦର ସରିକି ଭୋଇ, ତିନିଘର ତନ୍ତୀ, ଦୁଇ ଘର କୃଷକ ପରିବାର ସମେତ କୋଡ଼ିଏ ପାଖାପାଖି ବ୍ରାହ୍ମଣ ପରିବାରକୁ ନେଇ ଗଠିତ ସୁଆଣ୍ଡୋ ଗାଁରେ ତାଙ୍କ ପରିଚୟ ସ୍ୱତନ୍ତ୍ର । କଥା କଥାରେ ଗାଁ, ଆଖ ପାଖ ଗାଁର ଲୋକେ ଈର୍ଷା ମିଶ୍ରିତ ସମ୍ଭ୍ରମ ବିଜଡିତ କଣ୍ଠରେ କହନ୍ତି ହଁ ଆପଣଙ୍କର କି ଚିନ୍ତା, କି ଦକ, ଆପଣଙ୍କର ମୁକ୍ତିଆର ଘର । ଜମିଦାରୀ ପୁଣି ଆଇନ୍ ବେଉସା । ହଁ ସେଦିନ ସ୍ୱର୍ଣ୍ଣମୟୀଙ୍କ ଗର୍ଭବେଦନାର ଖବର ପାଇ ଆଇନ୍ ବେଉସାର କୋଳାହଳ ଛାଡ଼ି ଗାଁକୁ ମୁହାଁଇଥିଲେ ସେ, ମନରେ କେତେ ଆଶଙ୍କା କେତେ ଉତ୍କଣ୍ଠା ଘରେ ପହଞ୍ଚିଲା ବେଳକୁ ଅବସ୍ଥା ସାଂଘାତିକ । ଗାଁ ଧାଈ ଓ ଆଖପାଖର କେତେ ଜଣ ମାଇପି ଘେରି ରହିଥାନ୍ତି ସ୍ୱର୍ଣ୍ଣମୟୀଙ୍କୁ । ରାତି ବିଳମ୍ବିତ । ତଳିପେଟରେ ଅସହ୍ୟ ଯନ୍ତ୍ରଣା । ଘରୋଇ ଗାଉଁଲି ଉପଚାରରେ ବିଶେଷ କିଛି ଉପଶମର ସମ୍ଭାବନା ଦିଶୁ ନଥାଏ । କେତେବେଳେ କେମିତି ଶୂଳ ଆସିବାର



କୁଳଦେବତା ବିନୋଦବିହାରୀ

ଭ୍ରମ ସୃଷ୍ଟି ହେଉଥାଏ କେବଳ । ଡିବିରି ଆଲୁଅରେ ସବୁ କିଛି ଲାଗୁଥାଏ ରହସ୍ୟମୟ, ଆତଙ୍କଜନକ । ଅର୍ଦ୍ଧଚେତନ ଅବସ୍ଥାରେ ଅସଂଲଗ୍ନ କଥାମାନ ଗପି ଚାଲିଥାନ୍ତି ସ୍ୱର୍ଣ୍ଣମୟୀ । ବେଳେ ବେଳେ ଚାହୁଁଥାନ୍ତି କାନ୍ଥରେ ନାଚିବା ପରି ପ୍ରେତ ହେଉଥିବା କଳାକଳା ଛାଇ ଗୁଡ଼ିକୁ । ମୁକ୍ତିଆରଙ୍କୁ ଦେଖି ଜଣେ ଅଧେ ସ୍ତ୍ରୀ ଲୋକ ମୁଣ୍ଡରେ ଓଢ଼ଣା ଦେଇ ଘୁଞ୍ଚିଗଲେ ଦୂରକୁ । ଧାଇଟି ହାତ ବୁଲାଉଥାଏ ତାଙ୍କର ଦେହ ସାରା । ସ୍ୱର୍ଣ୍ଣମୟୀ ତାଙ୍କୁ ସମୀହ କରିବା ଭଙ୍ଗୀରେ ପଚାରିଲେ

"ଶୁଣୁଚ ?"

ତାଙ୍କ କଣ୍ଠର ବ୍ୟଥା କାତରତା ଲକ୍ଷ୍ୟ କରି ଦୈତାରି କହିଲେ

"ମା ଜାଗେଶ୍ୱରୀ ସବୁ ଠିକ୍ କରିଦେବେ । ତୁମେ ଅଧୀର ହୁଅନି ।"

- "ନା ତୁମେ ମନ ଦେଇ ମୋ କଥା ଶୁଣ" - ଅଝଟ କଲା ପରି କହିଲେ ସେ

- "ବ୍ୟସ୍ତ ହୁଅନା କୁହ" । ନିଜକୁ ସ୍ୱର୍ଣ୍ଣମୟୀଙ୍କର ଆଉଟିକେ ନିକଟକୁ ନେଇ ପଚାରିଲେ ଦୈତାରି ।

- ମୁଁ ବଡ଼ ଅଦ୍ଭୁତ ସ୍ୱପ୍ନ ଦେଖିଚି । ଓଃ

- "କି ସ୍ୱପ୍ନ ?"

- ମୋତେ ସ୍ୱପ୍ନାଦେଶ ହେଇଛି ଆମର ପୁଅଟିଏ ହେବ ।

- "ସବୁ ପ୍ରଭୁ ବିନୋଦ ବିହାରୀଙ୍କର କରୁଣା ।" ଉପରକୁ ହାତଟେକି ସ୍ୱଗତୋକ୍ତି କଲେ ଦୈତାରି ।

- "ହଁ ଯେ ଠାକୁର ଆଉ କିଛି କହୁଥିଲେ ସ୍ୱପ୍ନରେ ।"

ଦୈତାରି ପୀଡ଼ା ଉପଶମ ଲାଗି ସ୍ୱର୍ଣ୍ଣମୟୀଙ୍କ ମୁହଁରେ ପାଣି ଟୋପାଏ ଦେଲେ ଆଉ ତାଙ୍କୁ ଆଉଁସିବା ଆରମ୍ଭ କରି ପଚାରିଲେ

- "ଠାକୁର ଆଉ ଅଧିକ କ'ଣ କହିଲେ ?"

- "ଠାକୁର କହିଲେ ଆମର ପୁଅଟିଏ ହେବ ହେଲେ ସିଏ ଆମର ହୋଇ ରହିବନି ।"

- ଓହୋ ସ୍ୱର୍ଣ୍ଣ ତମେ ଅଧୀର ହୁଅନି । ଯିଏ ଆସିବ କହୁଛ ସିଏ ଆଗ ଏ ଦୁନିଆଁର ଆଲୁଅ ଦେଖୁ । ତା ପରେ ଯିଏ ଯାହାର ହେବା କଥା ହେବ । ସ୍ୱର୍ଣ୍ଣମୟୀଙ୍କର ସ୍ୱପ୍ନକୁ ନାରୀସୁଲଭ ଆବେଗର ପ୍ରକ୍ଷେପ ମନେକରି ଏତେ କଷ୍ଟ ଭିତରେ ବି ମନେ ମନେ ହସି ପକାଇଥିଲେ ଦୈତାରି । ହେଲେ ସ୍ୱର୍ଣ୍ଣଙ୍କର ଅସଂଲଗ୍ନ ସ୍ୱପ୍ନର ବଖାଣ ଶେଷ ହେଉ ନଥାଏ ।

- ଶୁଣ ମୋ କଥାକୁ ଭଲ କରି କାନ ଦିଅ । ମୋତେ ଏମିତି ହସି ଉଡ଼ାଇ ଦିଅନି । ଠାକୁର କହିଛନ୍ତି ଏଇ ଘର ଭିତରେ ମୁଁ ଯେତେ ଦୁଃଖ ପାଇଲେ ବି ମୋର ପ୍ରସବ ହେବନି ।

- "ମାନେ ?" ଆଶ୍ଚର୍ଯ୍ୟ ପ୍ରକଟ କଲେ ଦୈତାରି । ମନେ ମନେ ଧରିନେଲେ ପୀଡ଼ାତିରିକ୍ତ ଯୋଗୁଁ ସ୍ୱର୍ଣ୍ଣଙ୍କର ଇଏ ଏକ ପ୍ରକାର ବାଚାଳାମି । ପ୍ରସବ ସଂପାଦନ ପରେ ଆପଣା ଛାଏଁ ଏ ସମସ୍ୟାର ନିବାରଣ ହେବ । ହେଲେ ସ୍ୱର୍ଣ୍ଣ ସେଇ କଥା ରଟି ଚାଲିଥାନ୍ତି ।

- ମୋତେ ନେଇ ଚାଲ । ଏଠୁ ଆଉ କାହା ଘରକୁ ନେଇଚାଲ । ଠାକୁର କହିଛନ୍ତି ଏଠୁ ଗଲେ ଯାଇ ସୁଖ ପ୍ରସବ । ଜଲ୍‌ଦି ନିଅ ମତେ । କିଏ ଅଛ ଜଲ୍‌ଦି । ଆଃ.......

ଦୈତାରିଙ୍କୁ ଏକଥା ମନେ ହୋଇଥିଲା ଅବାନ୍ତର । ପ୍ରଥମେ ସ୍ୱର୍ଣ୍ଣଙ୍କର ଏ ପ୍ରକାର ଅବସ୍ଥାକୁ ସେ ଅସହ୍ୟ ଯନ୍ତ୍ରଣା ଜନିତ ଉନ୍ମାଦ ସ୍ଥିତି ବୋଲି ଧରି ନେଇଥିଲେ । ତେବେ ଧାଇ ଓ ଅନ୍ୟମାନେ କହି ଲାଗିଲେ ସମାନ କଥା । ଏ ପ୍ରକାରର ପ୍ରଳାପ ସେ ପ୍ରାୟ ତିନିଦିନ ଧରି କରି ଆସୁଛନ୍ତି । ଆଜି ମଧ୍ୟ ରାତି ପାହେ ନପାହେ ହେଲାଣି । ଶୂଳ ଆସୁନାହିଁ । ତେଣୁ ବୁଡ଼ିଗଲା ଲୋକ କୁଟାଖିଅକୁ ଆଶ୍ରା କଲାପରି ସେ ଅନ୍ୟମାନଙ୍କ କଥାରେ ସହମତ ହୋଇଥିଲେ । ସମସ୍ତେ ଲାଗିପଡ଼ି ସ୍ୱର୍ଣ୍ଣମୟୀଙ୍କୁ ଯତ୍ନର ସହ ଧରାଧରି କରି ନେଇଯାଇଥିଲେ ଚକ୍ରଧର ଦାଶଙ୍କ ଘରକୁ । କି ବିଚିତ୍ର କଥା । ତାଙ୍କ ଏରୁଣ୍ଡି ଡେଇଁବା ମାତ୍ରେ ପ୍ରସବ ବେଦନା ହେଲା ପ୍ରବଳ । ସୂର୍ଯ୍ୟୋଦୟ ପାଖେଇ ଆସିଲା ବେଳକୁ ଶୁଭିଲା ନବଜାତର କୁଆଁକୁଆଁ । ଚାରିପାଖରୁ ଶୁଭିଲା ଆନନ୍ଦମୟ କୋଳାହଳ । ଦଇତାରିଙ୍କ ମୁହଁ ବି ହୋଇଉଠିଥିଲା ଉଜ୍ଜ୍ୱଳ । ପୂର୍ବ ଦିଗକୁ ଚାହିଁ ସେ କେତେବେଳେ ଗୁଣୁଗୁଣୁଉ ଥିଲେ ଜବା କୁସୁମ ସଂକାଶଂ କାଶ୍ୟପେୟଂ ମହାଦ୍ୟୁତି ପୁଣି କେତେବେଳେ ନାଁ ନେଉଥିଲେ କୁଳଦେବତା ବିନୋଦ ବିହାରୀଙ୍କର ତ ଆଉ କେବେ ଅବା ସ୍ମରଣ କରୁଥିଲେ ଗ୍ରାମଦେବୀ ଜାଗେଶ୍ୱରୀଙ୍କୁ ।

ହେଲେ ପ୍ରସବ ଅନ୍ତେ ବି ସ୍ୱର୍ଣ୍ଣମୟୀଙ୍କ ଯନ୍ତ୍ରଣା ଉପଶମର ସାମାନ୍ୟ ସମ୍ଭାବନା ଦେଖା ଯାଉନଥିଲା । ବରଂ ମୁହଁ ଦେଖାଯାଉଥିଲା ଆହୁରି ପାଣ୍ଡୁର, ମଳିନ, ରକ୍ତହୀନ । ତାଙ୍କରି ପାଇଁ କେତେ ପ୍ରାର୍ଥନା ମନେମନେ କରି ଚାଲିଥିଲେ ଦୈତାରି । ସବୁ ବିଅର୍ଥ ହେଲା । ସମସ୍ତଙ୍କର ଅକ୍ଳାନ୍ତ ଚେଷ୍ଟା ଅକୁଳାଣ ପଡ଼ିଲା । ରୋଗ ଭୋଗୀ ଭୋଗୀ ସ୍ୱର୍ଣ୍ଣମୟୀ ହରିଛାଡ଼ିଲେ । ପୁଅଟିର ନାହି କଟା ହେଉ ହେଉ ସିଏ ପାଲଟିଗଲା ମା' ଛେଉଣ୍ଡ । ହେଲେ ଏ ପିଲାଟି ଚଳିବ କେମିତି ? କୋଉଠୁ ଆସିବ ତା ପାଇଁ ମା'କ୍ଷୀର । କେମିତି ବା ଚଳିବ ନାରାୟଣ । ଗାଁରେ ଲୋକେ ଢଗ ବୋଲନ୍ତି ତିନି ବରକଟ ମରଣ ନିକଟ । କିନ୍ତୁ ତିନିଥର ପରେ ବି ପିଲାଦୁହିଁଙ୍କ ହେପାଜତ ପାଇଁ ସିଏ ଆଉ ଥରେ ବିବାହ କଲେ । ଚତୁର୍ଥ ସ୍ତ୍ରୀ ଏ ପର୍ଯ୍ୟନ୍ତ ଘରଯୋଗ୍ୟା ହେଇନି । ଆସିନାହିଁ ପହିଲି ପାଳି । କ'ଣ ହେବ ନାରାୟଣ ଆଉ ନବଜାତ ଗୋପର ?

ନଈ ଅତଡ଼ିରେ ଗୋଟିଏ ପଣସ ଗଛର ଡାକଲୁ ଟିକେ ଜୋର୍‌ରେ ଝିଙ୍କି ଦେଲେ ଦଇତାରି ଉତ୍ତେଜନାରେ । ପତ୍ର ଝଡ଼ା ଶୁଣି ଆପେ ଚମକି ପଡ଼ିଲେ । ହଁ ଏମିତି ଏଇ ପତ୍ର ଝଡ଼ିବା ପରି ତାଙ୍କ ଭାଗ୍ୟ ଆକାଶରୁ ଝଡ଼ି ପଡ଼ିଛନ୍ତି ଜଣଙ୍କ ପରେ ଜଣେ ଜୀବନ ସଙ୍ଗିନୀ । ପ୍ରଥମ ସ୍ତ୍ରୀ ଥିଲା ନିଃସନ୍ତାନ । ଦ୍ୱିତୀୟଙ୍କ ଗର୍ଭରୁ ନାରାୟଣର ଜନ୍ମ । ହେଲେ ତାକୁ ପୁଅ କରି ନେଲେ ଭାଇନା ଦୀନବନ୍ଧୁ । ନିଜ କୁଳତ ପୁଣି ରକ୍ଷା ହେବ । ତେଣୁ ଦ୍ୱିତୀୟ ପତ୍ନୀଙ୍କ ବିୟୋଗ ପରେ ସ୍ୱର୍ଣ୍ଣମୟୀଙ୍କ ସହ ବିବାହ । ଆଉ ଏବେ ତାଙ୍କ ଅନ୍ତେ ପିଲାଙ୍କ ଯତ୍ନ ପାଇଁ ଭାବଭାବୁସିଙ୍କ ଅନୁରୋଧରେ ଚତୁର୍ଥ । ତଥାପି ତାଙ୍କର ଜୀବନ ପାତ୍ର ଅପୂର୍ଣ୍ଣ । କଣ ହେବ ଗୋପର ? କିପରି ବଢ଼ିବ ସିଏ ? ତା'ର ଏ ଲାଂଛିତ ଶୈଶବର ସାହା କିଏ ହେବ ? କ'ଣ ଅଛି ଏ



ବଂଶର ଭାଗ୍ୟରେ ? ଖାଲି ମରଣର ପଟୁଆର ।

ଦିନେ ନନା ଭଗବାନ ଦାଶଙ୍କୁ ଦଇତାରି ପଚାରିଥିଲେ ତାଙ୍କ କୁଳର ଅତୀତ । ମନର ଜିଜ୍ଞାସା ଜଣାଇବାକୁ ଯାଇ କହିଥିଲେ "ଆମ କୁଳ କ'ଣ ମୂଳରୁ ଏ ଗାଁ ବାସୀନ୍ଦା ।"

ତା ପରେ ଭଗବାନଙ୍କ ଉତ୍ତର ତାଙ୍କୁ କରିଥିଲା ଆଚମ୍ବିତ ।

"ନାଇଁରେ ବାବୁ ମୋ ଜାଣିବା ଯାଏ ଆମ କୁଳ ଥିଲା କଟକ ଜିଲ୍ଲା ଯାଜପୁର ଅଞ୍ଚଳର ମୂଳ ବାସୀନ୍ଦା ।"

– "ତା ହେଲେ ଆମେ ଇଠିକୁ କେମିତି ଅଇଲେ ?"

– ସେ କାହାଣୀ କହିଲେ ପୁରାଣ ହେବରେ ପୁଅ । ଗଙ୍ଗ ବଂଶର ଜଣେ ରାଜା ଆମ ପୂର୍ବପୁରୁଷଙ୍କୁ ସଂଖୋଳି ଆଣିଥିଲେ । ତେଣୁ ଯାଜପୁରରୁ ଆସି ଆମ ପିତୃ ପିତା ପ୍ରଥମେ ପୁରୀ ଜିଲ୍ଲାର ବିଲହଣା ହରିପୁରରେ ରାଜାନୁଗ୍ରହ ଲାଭ କରି ବସବାସ କରିଥିଲେ । ବଂଶର ବି ସୁଖ୍ୟାତି ଥିଲା । ଆମ ନନା ଅନନ୍ତ ଦାଶେ ସୁବିଧା ଦୃଷ୍ଟିରୁ ଉଠି ଆସିଲେ ସୁଆଣ୍ଡୋ ।

– "ତା ପରେ ?"

– ଅନନ୍ତଙ୍କ ଠୁ ଆମେ ଜାତ ହେଲୁ ତିନି ପୁଅ । କୃଷ୍ଣ, ହରି ଆଉ ଭଗବାନ । ତା'ପରେ ଏ ବଂଶଲତା ଲମ୍ବୁଛି । ତମେ ସବୁ ଏହାକୁ ଆଗକୁ ବଢ଼ାଇବ । କେତେ ବାଟ ନେବ ସେକଥା ତମେ ଜାଣ ତମ ଅଦୃଷ୍ଟ ଜାଣେ । ଯାଜପୁରର ସୁଆଣ୍ଡୋ ଭାୟା ବିଲହଣା ହରିପୁର । କହିଦେଲେ ପଦକରେ କଥା ଛିଣ୍ଡିଗଲା । ହେଲେ ପିଢ଼ି ପରେ ପିଢ଼ିର କଥା ବିଚାର କଲେ ସତରେ ପୁରାଣ । ନନାଙ୍କ ସହ ଏକମତ ହେଲାପରି ଶେଷକୁ ମୁଣ୍ଡ ହଲାଇ ଥିଲେ ଦଇତାରି । ଆଉ ଆଜି ସିଏ ବଂଶଲତାର କେତେ ବିସ୍ତାର କରିଛନ୍ତି ତା ଭିନ୍ନ । କିନ୍ତୁ ଅଦୃଷ୍ଟର ଯୋଉ ଭାଗକରେ ହାତ ସେ ଦାଉ ସାଧିବାରେ ଆଦୌ ହେଳା କରିନାହିଁ ।

ନନା ଭଗବାନ ଥିଲେ ପରମ ଧାର୍ମିକ । ନିଷ୍ଠା ଓ କାଷ୍ଠାରେ ଗଢ଼ା ହୋଇଥିଲା ତାଙ୍କର ନିତିଦିନିଆ ଜୀବନ । ଦେବୀ ସାରଳାଙ୍କର ସେ ଥିଲେ ଏକନିଷ୍ଠ ଉପାସକ । ସବୁ ବିଧିବିଧାନରେ ସେ ଦେବୀଙ୍କର ଆରାଧନା କରୁଥିଲେ । ତାଙ୍କରି ପ୍ରସାଦରୁ ସେ ଦୁଇପୁଅ ଓ ଗୋଟିଏ ଝିଅର ବାପ ହୋଇଥିଲେ ବୋଲି ମନେ କରନ୍ତି । ଦୁଇପୁଅ ଦୀନବନ୍ଧୁ, ଦଇତାରି । ପୁରୁଖା ଲୋକେ କହନ୍ତି ନାନାଙ୍କର ବଡ଼ପ୍ରିୟ ଭଜନ ଥିଲା ବନମାଳୀ ବିରଚିତ "ଦୀନବନ୍ଧୁ ଦଇତାରି ଦୁଃଖ ନଗଲା ମୋହରି ।" ସେଥିପାଇଁ ଦୁଇ ଭାଇଙ୍କର ଏପରି ନାମକରଣ । ନନାଙ୍କ ଭିତରେ ଥିଲା ଭକ୍ତି ଆଉ ବୈରାଗ୍ୟର ବୀଜ । ସେଥିପାଇଁ ଭାଇନା ଦୀନବନ୍ଧୁଙ୍କ ଉପରେ ପଡ଼ିଥିଲା ତା'ର ଗଭୀର ଛାପ । ଭଗବାନ ନିଜର ସେ ପୁଅଟିକୁ କମ୍ ବୟସରୁ ଚିହ୍ନି ପାରିଥିଲେ । ନିଜ ପ୍ରତିରୂପ ତା' ଭିତରେ ଦେଖି ବଡ଼ ଶଙ୍କିତ ବି ହୋଇଥିଲେ । ଯା ମନ ଘର ଧରିବ ତ ? ଏଇ ଆଶଙ୍କାରୁ ଜଲ୍‌ଦି ତାଙ୍କୁ ସଂସାର ବନ୍ଧନରେ ବାନ୍ଧି ଦେଇଥିଲେ । ଯୋଗକୁ ଦୀନବନ୍ଧୁଙ୍କର ପୁଅଟିଏ ବି ହୋଇଥିଲା । ହେଲେ ଅଠାକାଠି ପଞ୍ଜୁରୀରେ ବାନ୍ଧି ହେବାକୁ ସେ ଚାହୁଁ ନଥିଲେ । ଚାହୁଁ ନଥିଲା ବି ତାଙ୍କର ଅଦୃଷ୍ଟ । କାଳକ୍ରମେ ପୁତ୍ର ବିୟୋଗ ଘଟିଲା । ଦୀନବନ୍ଧୁଙ୍କର ସଂସାର ଛଡ଼ା ମନ ପୁଣି ଥରେ ପ୍ରେରଣା ପାଇଗଲା । କିନ୍ତୁ ସଂସାରୀ ଦୈତାରି ସେଠି ବି ଦେଖନ୍ତି ସେଇ କ୍ରୁର ମରଣର ନିର୍ଦ୍ଦୟ ନୃତ୍ୟ । କ'ଣ ପାଇଁ ତାଙ୍କ କୁଳରେ ଏତେ ସବୁ ଅଘଟଣ ?

ମରଣର ଏ ପ୍ରଲମ୍ବିତ ପଟୁଆର ମନେ ପକାଇଲେ ପୁଣି ଝଟକି ଉଠେ ନନାଙ୍କ ଆତ୍ମଦାନର କଥା । ନନା ତାଙ୍କର କାଳେ ସବୁବେଳେ ସାରଳାଙ୍କୁ ପ୍ରସନ୍ନ କରି ରଖିବାକୁ ଚାହୁଁଥିଲେ । ଥରେ ସେ ନିଜଠାରେ ଅନୁଭବ କଲେ ନିଷ୍ଠାର ଅଭାବ । ନିର୍ଜଳା ଉପାସ ରହି ଦେବୀ ଆରାଧନା କରୁଥିବା ସତ୍ତ୍ୱେ ତାଙ୍କୁ ମନେ ହେଲା ଯେମିତି ସେ ଦେବୀଙ୍କ ପ୍ରତି ଯଥାର୍ଥ ଅର୍ଥରେ ସମର୍ପିତ ନୁହଁନ୍ତି । ତାଙ୍କର ଭଲରେ କିଛି ମନେ ନାହିଁ ଲୋକେ କହନ୍ତି ସେ ସାରଳାଙ୍କୁ ତୁଷ୍ଟ କରିବା ଲାଗି ନିଜ ଜିଭ ବଳୀ ଦେଇଥିଲେ । ପରେ ତାହାହିଁ ତାଙ୍କ ମରଣର କାରଣ ହୋଇଥିଲା । ବନ୍ଧ ଉପରେ ଏପଟ ସେପଟ ହେଉ ହେଉ ଦଇତାରି ନନାଙ୍କ ଝାପ୍‌ସା ମୁହଁ ମନେପକାଇ ମାରିଲେ ଗଭୀର ଦୀର୍ଘଶ୍ୱାସ ।

– ଓଃ କ'ଣ ଏ କୁଳର ଭବିତବ୍ୟ ?

ଆଉ ଭାଇନା ଦୀନବନ୍ଧୁ ? ପରମ ବୈଷ୍ଣବ ବଇରାଗୀ । ଦିନ ରାତି ହରିନାମ କୀର୍ତ୍ତନ । ପୁଅ ଭାରିଜା ମଲା ପରେ ଡୋରି ଛିଡ଼ି ଯାଇଥାଏ । ଅଘୋରି । ଯଦି ତାଙ୍କୁ କିଏ କହେ ତୀର୍ଥ, ବ୍ରତ ପରିଶ୍ରମ କେବଳ ମନର ଭ୍ରମ, ଜବାବରେ ସେ କହନ୍ତି "ଆରେ ବାବୁ ଏ ଜୀବନ ତ ଗୋଟେ ତୀର୍ଥ ଯାତ୍ରା । କିଏ ତମ୍ଭା ମୁଣ୍ଡ ବାନ୍ଧି ଆସିଛି ଯେ ଏଠି କାଳକ ଘର କରି ରହିବ ? ଛପନ ଗଣ୍ଡା ଯୁଗ ମହୀଭୋଗ କରିବ ? ଯୋଉଠି କୃଷ୍ଣ ରସ ନାହିଁ ସେଠି ଜୀବନ କାହିଁ ? "କୃଷ୍ଣ ନିର୍ମଳ ଯଶ ଗୁଣ" ଯିଏ ଶୁଣି ନପାରିଲା ତା ଜୀବନ ବିଅର୍ଥ ।"

ସେଇ ଭାଇନା ପଦବ୍ରଜରେ ବୁଲନ୍ତି କେତେବେଳେ କାଶୀ, କେତେବେଳେ ମଥୁରା ଆଉ କେତେବେଳେ କୃଷ୍ଣ ପଦରଜପୂତ ବୃନ୍ଦାବନ । ତୀର୍ଥ ଦର୍ଶନ ସାରି ଘରକୁ ଫେରି ବଖାଣନ୍ତି କଥା ଅସରନ୍ତି । କାଶୀରେ ତ୍ରିବେଣୀ ସଂଗମରେ ବୁଡ଼ ପକାଇବା ବେଳେ ତାଙ୍କୁ କେମିତି ମନେ ହେଲା ତାଙ୍କ ଦେହରୁ ଯେମିତି ସବୁ ପାତକ ଗଙ୍ଗା, ଯମୁନା ଆଉ ଅଦୃଶ୍ୟା ସରସ୍ୱତୀର ପାଣି ପଡ଼ି ଧୋଇ ଯାଇଛି । ସେଠି କୋଉ ଭୈରବ ତନ୍ତ୍ର ସାଧକ ଦେଖାହେଲା ଆଉ ଦେଖାଇଲା ଭୋଜବାଜୀ । ଗଙ୍ଗାକୂଳରେ କେମିତି ଧ୍ୟାନସ୍ଥ ହୋଇ ବସିଥିଲେ କୋଉ ସନ୍ନ୍ୟାସୀ । ତାଙ୍କ ପାଦ ଛୁଇଁ ପ୍ରଣାମ କଲା ପରେ ମିଳିଲା ଆଶୀର୍ବାଦ । କୋଉଠି ଦରପୋଡ଼ା ମଡ଼ାର ମାଂସ ଛିଣ୍ଡାଇ ଖାଉଥିଲା କେଉଁ ଅଘୋର । ବେଳେ ବେଳେ କହନ୍ତି ମଥୁରାରେ କେମିତି ଦେଖିଲେ ବସୁଦେବ ବନ୍ଦୀ ଘର, ନ ହେଲେ ବୃନ୍ଦାବନରେ କି ସୁନ୍ଦର ଦେଖାଯାଉଥିଲେ ମଦନ ମୋହନ ଆଉ ବାଙ୍କ ବିହାରୀ ।

ସେ ଭାଇନା ଥରେ ଯାଇଥିଲେ ନବଦ୍ୱୀପ । ସାଙ୍ଗରେ ଧରି ଆସିଥିଲେ ଗୋଟିଏ କୃଷ୍ଣ ମୂର୍ତ୍ତି । ପଚାରନ୍ତେ ଆହୁରି ରସ ସିକ୍ତ କରି ବୟାନ କରିଥିଲେ କାହାଣୀ ।

"ନବଦ୍ୱୀପରେ ଜଣେ କୃଷ୍ଣ ଉପାସକଙ୍କ ଘରେ ମୁଁ ଅତିଥି ହୋଇଥାଏ । ମୁଁ ଜଗନ୍ନାଥ ଦେଶରୁ ଯାଇଛି ଶୁଣି ମୋର ବଡ଼ ଆଦର ଅଭ୍ୟର୍ଥନା କଲେ । ମୁଁ ବି

▼ସଂଜୟ ରାଉଳଙ୍କ କ୍ଲେ-ପୋଟ୍ରେଟ୍



ତାଙ୍କୁ ଖୁସାଏ ନିର୍ମାଲ୍ୟ ବଢ଼ାଇ ଦେଲି । ତୁଣ୍ଡରେ ଘେନି ତାଙ୍କ ପରିବାର ଧନ୍ୟ ହେଲେ ବୋଲି କହିଲେ । ମୁଁ ଟିକେ ଜ୍ଞାନମାର୍ଗର କଥା କହିବସିଲି । ଆମ ପଞ୍ଚସଖାଙ୍କ ଶରୀର ଭେଦ ତତ୍ତ୍ୱ ବଖାଣିଲି । ପଦେ ଅଧେ ଭଜନ ମୋର ବୁଝାଇଲି । ଅଚ୍ୟୁତାନନ୍ଦଙ୍କର ଏଇ ମନସିନା ଚତୁର୍ଦ୍ଧା ମୂରତିରେ ମୂଢ଼ମତି ଶୁଣି, ବୁଝି ସିଏ ତଟସ୍ଥ ହେଲେ । ହେଲେ ଶେଷକୁ ଯୁକ୍ତି କଲେ ରାଗାନୁଗ ସପକ୍ଷରେ । ଚିହାଇଲା ପରି କହିଲେ –

"ଅରସଜ୍ଞ କାକ ଚୁଷେ ଜ୍ଞାନ ନିମ୍ବ ଫଳେ
ରସଜ୍ଞ କୋକିଳ ଖାଏ ପ୍ରେମାମ୍ର ମୁକୁଳେ ।"

"ସେ ରାତିରେ ଶ୍ରୀକୃଷ୍ଣଙ୍କ ପ୍ରସାଦ ପାଇ ଆମେ ସବୁ ଶୋଇଗଲୁ । ସକାଳୁ ଉଠି ମୁଁ ଦେଖେ ତ ବୈଷ୍ଣବ କାନ୍ଦୁଛନ୍ତି ଧାର ସାର ହେଇ । ଲୁହରେ ଓଦା


▼ସୁଆଣ୍ଡ ନିକଟରେ ଭାର୍ଗବୀ ନଦୀ

ଶ୍ୱେତ ବର୍ଣ୍ଣର ଉତ୍ତରୀ । ପଚାରିଲି– "କି ହଲ କି ହଲ ? କଣ ହେଲା ?" ତା'ପରେ ସେ କୋହ ଭରା କଣ୍ଠରେ ବୟାନ କଲେ ତାଙ୍କର ସ୍ୱପ୍ନ ବୃତ୍ତାନ୍ତ । ତାକୁ କାଲେ ରାତିରେ ଶ୍ରୀକୃଷ୍ଣ ସ୍ୱପ୍ନରେ କହିଛନ୍ତି ଯେ ସେ ଆଉ ତାଙ୍କ ଘରେ ରହିବାକୁ ଚାହାଁନ୍ତି ନାହିଁ । "ଯିଏ ଅତିଥି ଆସିଛନ୍ତି ତାଙ୍କ ହାତରେ ମୋତେ ଅର୍ପଣ କରିଦେ ।" ଶ୍ରୀକୃଷ୍ଣଙ୍କ ଆଦେଶ ସିଏ ଅମାନ୍ୟ କରନ୍ତେ କେମିତି ? ଶେଷରେ ଦାତା ଗ୍ରହୀତା ଉଭୟେ ହେଲେ ଲୁହ ଜଡ଼ସଡ଼ । କୃଷ୍ଣ ପ୍ରତିମା ଦୀନବନ୍ଧୁଙ୍କୁ ଅର୍ପଣ କରି ସେ ଆଶ୍ୱସ୍ତ ହେଲେ । ଆଉ ଦୀନବନ୍ଧୁ ଏ ବିନୋଦିଆ ଠାକୁରଙ୍କୁ ଧରି ସିଧା ଫେରିଲେ ଓଡ଼ିଶା । ସେଇ ଠାକୁର ଆଜିର ବିନୋଦ ବିହାରୀ ତାଙ୍କର କୁଳଦେବତା । "ହେ ବିନୋଦବିହାରୀ ହେ ରାଧା ମନୋହାରୀ କ'ଣ ହେବ ମୋ ଗୋପର ? ବିଧବା ଭଉଣୀ କମଳା ତା'ର ହେପାଜତ କରୁଛି । ହେଲେ ଉଡିଆଣୀ ଛୁଆଟା କ୍ଷୀର ଛୁଉଁନି । ଏମିତି ଅବସ୍ଥାରେ କେତେଦିନ ବା ଜୀଇଁବ ?

ବନ୍ଧ ଉପରେ ବିନୋଦବିହାରୀଙ୍କ କଥା ମନେ ପଡ଼ିଲା ବେଳକୁ ସଂଜ ଗଡ଼ିଲାଣି । ଗାଁର କୁଆଁରୀଏ ଜାଗେଶ୍ୱରୀ ଠାକୁରାଣୀଙ୍କ ପାଖେ ଦୀପ ଦେଉଛନ୍ତି । ନିଜ ବଂଶର ଭକ୍ତି ଓ ନିଷ୍ଠା ପରମ୍ପରାରେ ସଦ୍ୟ ସ୍ନାତ ଦଇତାରି ଠାକୁରାଣୀଙ୍କ ପାଖକୁ ଗଲେ । ପ୍ରଣାମ କରି ଜଣାଇଲେ ମନୋବେଦନା ।

"ମା ଲକ୍ଷ୍ମଣ ବନ୍ଦିତା, ମା ଜାଗେଶ୍ୱରୀ । ଏ କୁଳର ସାହା ହୁଅ ମା ।" ଏ ବଂଶରେ କ'ଣ କାଳକ ମରଣର ଝଡ଼ି ଲାଗିଥିବ ? ମୋର ସାନ ପୁଅଟି କ'ଣ କ୍ଷୀର କଲେ ପାଇବନି ? ଉପାୟ କହ ମା କହିଦେ । ବାଟ ବତାଇ ଦେ ମା । ତୋ ପାଦରେ ଶରଣ ଗଲି । ମୋ ପାଖରେ ନନାଙ୍କ ନିଷ୍ଠା ନାହିଁ କି ଭାଇନାଙ୍କ ଭକ୍ତି ନାହିଁ । ତଥାପି ମୋ ଦୟିନୀ ଘେନା କର ମା । ଛୁଆଟିକୁ ସାହା ପକ୍ଷ ହ ।" ସାଷ୍ଟାଙ୍ଗ ପ୍ରଣିପାତ କରି କାହିଁକି କେଜାଣି ହାଲୁକା ମନରେ ଘରକୁ ଲେଉଟି ଆସିଲେ ଦଇତାରି । ମା କି ବିଧାନ କରିବ ତାକୁ ଜଣା । ହେଲେ ମନରେ ବଡ଼ ଆଶ୍ୱାସନା ଯେ ସେ ତାଙ୍କର ସବୁ ଦୁଃଖ ଖୋଲି କହିଛନ୍ତି । ଖାଲି କହିନାହାଁନ୍ତି ବରଂ ପୁଅଟିକୁ ପାଣି ଛଡ଼ାଇ ଦେଇଛନ୍ତି ।

ଘରେ ପହଞ୍ଚିବା ବେଳକୁ ଚାଲିଛି ବିନୋଦ ବିହାରୀଙ୍କ ସାଂଧ୍ୟ ପୂଜା । ଧୂପ ଦୀପର ଆଳତି ବଢ଼ୁଚି । କାହା କଣ୍ଠରୁ ଶୁଭୁଛି ଭାଗବତର ମଧୁର ପଦ । ବିଶ୍ୱରୂପୀ ଈଶ୍ୱରଙ୍କ ବର୍ଣ୍ଣନା ।

ପ୍ରକୃତି ହୃଦୟ ଯାହାର, ମନ ଯାହାର ନିଶାକର ।
ପକ୍ଷୀଏ ଯାଙ୍କ ବ୍ୟାକରଣ, ବୁଦ୍ଧି ବିଷୟ ମନୁଗଣ ।
ଉଦଧି ଉଦର ଯାହାର, ଅସ୍ଥି ସମୂହ ମହୀଧର ।
ଜୀମୂତ ଗଣ ଯା'ର କେଶ, ସଂଧ୍ୟା ଯାହାର ନିଜ ବାସ ।

ଘର ଭିତରେ ପଶି ଦଇତାରି ଦେଖିଲେ ଅଦ୍ଭୁତ ଦୃଶ୍ୟ । କମଳା ବଡ଼ ଚତୁର ଭାବେ ଗୋପକୁ ଜାକି ଧରିଛନ୍ତି ନିଜ ବକ୍ଷ ଦେଶରେ । ମୁହଁ ତା'ର ଲାଗି ରହିଛି କମଳାଙ୍କ ବକ୍ଷର ନିମ୍ନ ଭାଗରେ । ଆଉ ଜଣେ ଗୋଟିଏ କଂସାରୁ କମଳାଙ୍କ କାନ୍ଧ ପାଖରୁ ଅତି ଧୀରେ ଢାଳୁଛି ଗାଈ କ୍ଷୀର । ବିଚରା ଅବୋଧ ଶିଶୁ ମାତୃସ୍ତନ୍ୟ ମନେ କରି ତାଙ୍କ ବକ୍ଷରୁ ଚୋଷି ଚାଲିଛି ସେ କ୍ଷୀର, କମଳାଙ୍କ ବାଲ୍ୟ ବିଧବା ମୁହଁ ପୂରି ଉଠୁଛି ଅପୂର୍ବ ପୁଲକରେ । ଦଇତାରିଙ୍କର ସବୁ ଜମିଦାରୀ ବୁଦ୍ଧି, କଚେରୀ ଘର ନ୍ୟାୟ ତର୍ଜମା ଏ ଦୃଶ୍ୟରେ ଚିତ୍‌କାତ ହୋଇଗଲା । ଅଳ୍ପସମୟ ତଳେ ଭାଗବତର ପଦ ଶୁଣୁଥିଲେ । ଜାଗେଶ୍ୱରୀ ଆଉ ବିନୋଦ ବିହାରୀଙ୍କ ଲୁହ ଝରା ପ୍ରାର୍ଥନା କରିଥିଲେ । ଏତେ ଜଲ୍‌ଦି ତାଙ୍କ ପ୍ରାର୍ଥନାର ଫଳଶ୍ରୁତି ହୋଇଗଲା । ନିଜକୁ ଆଉ ସମ୍ଭାଳି ନପାରି ସେ ବିନୋଦ ବିହାରୀଙ୍କ ପାଖକୁ ଗଲେ । ଚଟାଣ ଉପରେ ମଥା ରଖି କହିଲେ: ହେ ବିଶ୍ୱରୂପୀ ! ହେ ବିରାଟ ! ହେ ବ୍ୟାପକ ! ଏତେ ଛୋଟ ମଣିଷର ଏତେ ଛୋଟ କଥାକୁ ବି ତମେ ଖିଆଲ କର !

# ଲୁପ୍ତପ୍ରାୟ ଲୋକବାଦ୍ୟ



ରୂପାୟନ : ପ୍ରକାଶ ମହାପାତ୍ର
ଫଟୋ ସୌଜନ୍ୟ : ସରୋଜ ବଳ

# ଓଡିଶାର ଲୋକବାଦ୍ୟ



**ନାରାୟଣ କୁମାର ରାଉତରାୟ**

ଉପୁଳାଇ,ନଗୁଆଁ, ଯାଜପୁର ରୋଡ
ଫୋନ : ୯୯୩୭୧୨୮୫୮୪

ଫଟୋ ସୌଜନ୍ୟ : ଗୁଗୁଲ୍

**ସ୍ୱାଧୀନତା ପ୍ରାପ୍ତିର ପୂର୍ବରୁ ଜନ୍ମଗ୍ରହଣ କରିଥିବା ପ୍ରତ୍ୟେକ ବ୍ୟକ୍ତି ନିଶ୍ଚିତ ରୂପେ ବାଲ୍ୟକାଳରେ ଏହି ଲୋକଗୀତଟିକୁ ଉଚ୍ଚାରଣ କରିଥିବେ- ମୋ ପେଁ କାଳୀ ବଜେଇ ଦେ । ଆହୁରି ମଧ୍ୟ ୧୫୬୮ ଖ୍ରୀଷ୍ଟାବ୍ଦରେ ଆଫଗାନ ରାଜ୍ୟରୁ ଆସି ବଙ୍ଗଳାର ନବାବ୍ ହୋଇଥିବା ସୁଲେମାନ କରନୀଙ୍କର ଓଡିଶା ଆକ୍ରମଣ ସମୟରେ ସେନାପତି କଳାପାହାଡର ସହାୟତାରେ ରାଜା ମୁକୁନ୍ଦ ଦେବଙ୍କର ଧ୍ୟାନ ଆକର୍ଷଣ ନିମିତ୍ତ ମହୁରୀ ବାଦନ କରାଯାଇଥିଲା । ସେହିପରି ଯୁଦ୍ଧର ଆରମ୍ଭ ଓ ଶେଷପର୍ଯ୍ୟାୟକୁ ସୂଚାଇବା ନିମିତ୍ତ ଶଙ୍ଖନାଦ କରା ଯାଉଥିଲା । ଏପରିକି ନାରଦ ମୁନି ସଦାସର୍ବଦା ବୀଣାଟିଏ, କୃଷ୍ଣ ବଂଶୀଟିଏ ଧରିଥିବାର ଦୃଶ୍ୟପଟ୍ଟ ଅଦ୍ୟାବଧି ଆମ ଦ୍ୱାରା ଅନୁସୃତ । ସଂକ୍ଷେପରେ କହିଲେ, ବାଦ୍ୟଯନ୍ତ୍ର ଆମ ଚଳଣିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏମିତି କୌଣସି ଧାର୍ମିକ, ସାମାଜିକ ଅନୁଷ୍ଠାନ ନାହିଁ ଯେଉଁଠି ଲୋକବାଦ୍ୟର ପ୍ରଚଳନ ନାହିଁ । ଗୃହ ଠାରୁ ଆରମ୍ଭ କରି ଦେବାଳୟ, ଯୁଦ୍ଧକ୍ଷେତ୍ର, ବିବାହବ୍ରତ, ମନୋରଞ୍ଜନ ସ୍ଥାନ, ବାର୍ତ୍ତା ପ୍ରଚାର ଆଦି କ୍ଷେତ୍ରରେ ଏହାର ଦରକାର ପଡିଥାଏ । ଏପରିକି ମଣିଷର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ମଶାନରେ ଶବସଂସ୍କାର ପର୍ଯ୍ୟନ୍ତ ଲୋକବାଦ୍ୟର ଆବଶ୍ୟକ ପଡିଥାଏ । ଦିନକୁ ଦିନ ଲୋପ ହେଇ ଯାଉଥିବା କେତେକ ଲୋକବାଦ୍ୟ ସମ୍ପର୍କରେ ଆମର ଏ ପ୍ରତିଫଳନ ।**

## ଖୋଳ ବା ମୃଦଙ୍ଗ

ଏହି ବାଦ୍ୟର ହାଣ୍ଡିଟି ମାଟିରେ ତିଆରି । ଏହାର ଧେୟା ପାଖ ମୁହଁଟି ୪/୫ ଇଞ୍ଚ୍ ବ୍ୟାସ ଏବଂ ଚାୟାଁ ପଟ ମୁହଁଟି ଦେଢ ଫୁଟ୍ ବ୍ୟାସର ହୋଇଥାଏ । ଗାଈ କିମ୍ବା ଗୋରୁ ଚର୍ମରେ ଏହାର ଦୁଇପାଖ ମୁହଁ ବନ୍ଦ କରାଯାଇ ଏଇ ଦୁଇ ମୁହଁର ଡାଙ୍କୁଣୀକୁ ସରୁ ବଧିଦ୍ୱାରା ଟାଣି ଶକ୍ତ କରାଯାଇଥାଏ । ଏହି ଦୁଇ ପୁଡାର ମଧ୍ୟ ଭାଗରେ କିରଣ ଦିଆ ଯାଇଥାଏ । ଯାହା ଦ୍ୱାରା ବାଦ୍ୟଟି ଠିକ୍ ଭାବେ ବାଜିବାରେ ସାହାଯ୍ୟ କରେ ଏହାକୁ ମୃଦଙ୍ଗ ବା ଦକ୍ଷିଣୀ ମଧ୍ୟ କୁହାଯାଇଥାଏ । ଏହାର ନାମକରଣ ପ୍ରକାରେ ବାଦ୍ୟର ଗଠନ ଶୈଳୀ ଓ ଶବ୍ଦ ଉଚ୍ଚାରଣରେ ସାଧାରଣ ଭିନ୍ନ ଥାଏ । ଏହା ଗାଁ ଗହଳୀରେ ଶିବମନ୍ଦିର ମାନଙ୍କରେ ହେଉଥିବା ହରିହର ହାଟରେ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ କୀର୍ତ୍ତନ ମଣ୍ଡଳୀମାନେ ଆସି କୀର୍ତ୍ତନ ଗାନ କରିବା ସହ ବାୟକ ମାନେ ଏହି ବାଦ୍ୟ ବଜାଇଥାନ୍ତି । ଗ୍ରାମର ଠାକୁର ବୁଲିବା ସମୟରେ ଅଷ୍ଟପ୍ରହରୀ ସମୟରେ ଶବର ଶୋଭାଯାତ୍ରା ସମୟରେ ଏହି ବାଦ୍ୟର ଆବଶ୍ୟକତା ପଡିଥାଏ । ଢୋଲକୀ ଏହି ବାଦ୍ୟ ଆଙ୍କୁଲ ଗମ୍ଭାରୀ କିମ୍ବା ପଣସ କାଠର ଏକ ଫୁଟ୍ ଗୋଲେଇ ଦେଢଫୁଟର ଦୁଇଫୁଟ ଲମ୍ବର ଗଣ୍ଡିକୁ ଖୋଳି ପୋଲା କରା ଯାଇଥାଏ । ଏହାର ଦୁଇ ପାର୍ଶ୍ୱ ମୁହଁକୁ ଛେଳି, ଗାଈ,ଗୋରୁ ଚର୍ମ ଦ୍ୱାରା ଆବଦ୍ଧ କରାଯାଇ ବଦ୍ଧି ଦ୍ୱାରା ଦୁଇପାର୍ଶ୍ୱକୁ ବନ୍ଧା ଯାଇଥାଏ । ଏହି ଚମଡାର ଦୁଇପାର୍ଶ୍ୱର ମଝି ଅଂଶରେ କିରଣ ଦିଆଯାଇଥାଏ । ଏହାକୁ ଭାରତ ଲୀଳା, ସଖୀ ନାଚ, କେଳାନାଚ, ଆଦିବାସୀ ନୃତ୍ୟ ପରି କେତେକ ଲୋକନୃତ୍ୟରେ ବଜା ଯାଇଥାଏ ।

## ଘୁଡୁକୀ

ଏହା ଗମ୍ଭାରୀ କାଠରେ ତିଆରି ହୋଇଥାଏ । ଏହାର ବ୍ୟାସ ୬ ଇଞ୍ଚ ଓ ଲମ୍ବ ଏକ ଫୁଟ ହୋଇଥାଏ । ଏହାର ତୁମ୍ବଟି ପ୍ରାୟ ୧/୪ ଇଞ୍ଚର ପତଳା କରା ଯାଇଥାଏ । ଯାହା ଦ୍ୱାରା କି ବାଜାର ଶବ୍ଦ ମଧୁର ଶୁଭେ । ଏହାର ଦୁଇ ପାର୍ଶ୍ୱ ମୁହଁ ମଧ୍ୟରୁ ଯେଉଁ ପାର୍ଶ୍ୱଟି ଅଳ୍ପ ଚଉଡା ସେହି ପାର୍ଶ୍ୱ ମୁହଁକୁ ଗୋଧି ଚର୍ମ ଦ୍ୱାରା ଅଠା ଦେଇ ବନ୍ଦ କରି ଦିଆଯାଇଥାଏ । ଏହି ଚର୍ମର ମଧ୍ୟ ଭାଗରୁ ତାଳ ବାହୁଙ୍ଗାର ସରୁ କେରଟ କିମ୍ବା ପ୍ଲାଷ୍ଟିକ୍ ତନ୍ତୁ ସଂଯୋଗ କରାଯାଇ ସେହି ସୂତାକୁ ଛୋଟ ବାଉଁଶ କିମ୍ବା ଶିଶୁ କାଠରେ ବନ୍ଧା ଯାଇଥାଏ । ଏହି ସୂତାର ଲମ୍ବ ଘୁଡୁକି ତୁମ୍ବାର ଲମ୍ବା ଠାରୁ ପ୍ରାୟ ୬ ଇଞ୍ଚ ବଳକା କରି ବନ୍ଧା ଯାଇଥାଏ । ସୂତା ବନ୍ଧା ଯାଇଥିବା କାଠ ଖଣ୍ଡକୁ ହାତରେ ଧରି ଘୁଡୁକିକୁ କାଖରେ ଜାକି ବାଦକ ନିଜ ଅଙ୍ଗୁଳି ନଖରେ କିମ୍ବା ପ୍ଲାଷ୍ଟିକ୍ ଖଣ୍ଡରେ ବଜାଇଥାଏ । ନିଜ



ପାପୁଲିରେ ସୂତାକୁ ଟାଣି ଧରିଥିବା କାଠଖଣ୍ଡର ଦୁଇ ପାର୍ଶ୍ୱରେ ଛୋଟ ଘୁଙ୍ଗୁର ବନ୍ଧା ଯାଇଥାଏ । ଏହି ଘୁଡୁକୀକୁ ବାଦକ ଗୀତ ଗାଇ ଗାଇ ବଜାଇବା ସମୟରେ ଅତି ସୁନ୍ଦର ଶୁଭୁଥାଏ । ଏହି ନାଚ ଗାଁଗହଳି ମାନଙ୍କରେ, ଯାନିଯାତ୍ରାରେ ଓ ପୁରାଣସୁଆଙ୍ଗ ଆଦି ବୋଲିବା ସମୟରେ ବଜା ଯାଇଥାଏ ।

## କେନ୍ଦରା

ଏକ ଫାଳ ନଡିଆ ସଢେଇରେ ଦୁଇ ଫୁଟ୍ ଲମ୍ବର ଏକ ବାଉଁଶ ବାଡି ସଂଯୁକ୍ତ କରାଯାଇ ସେହି ସଢେଇ ମୁହଁରେ ଗୋଧି ଚର୍ମ ଅଠା ଦ୍ୱାରା ଆଚ୍ଛାଦିତ କରା ଯାଇଥାଏ । ଏହା ପରେ ବାଉଁଶର ଦୁଇପାର୍ଶ୍ୱକୁ ସରୁ ତାର ଦ୍ୱାରା ବନ୍ଧା



ଯାଇଥାଏ । ଏହି ତାରକୁ ଟାଣ ଓ ହୁଗୁଳା କରିବା ପାଇଁ ବାଉଁଶ ବାଡିର ଅଗ୍ରଭାଗରେ ଏକ ବାଉଁଶ କୀଳା ଖଂଜା ଯାଇଥାଏ । ଏହି କୀଳା ତାରକୁ ବାନ୍ଧି ରଖିବା ସହ ବଜାଇବାରେ ସାହାଯ୍ୟ କରିଥାଏ । ଏହି ତାରକୁ ଟାଣ କରିବା ସହ ସ୍ୱର ଠିକ୍ କରିବା ପାଇଁ ଚର୍ମ ଉପରେ ଏକ ଛୋଟ ବାଉଁଶ ପାତି ଖଂଜା ଯାଇଥାଏ । ଯାହା ଦ୍ୱାରା ତାରଟି ଚମଡା ଠାରୁ ଅଳ୍ପ ଉପରେ ରହେ ଏବଂ ଠିକ୍ ସ୍ୱର ଉତ୍ତୋଳନ କରିଥାଏ । ଏହାର ସଢେଇ ଅଂଶଟି ଛାତିକୁ ଲାଗିବା ସହ ଦଣ୍ଡର ଶେଷ ଅଂଶଟି ବାମହାତ ପାପୁଲିରେ ସଂଯୋଗ ହୋଇଥାଏ । ସ୍ୱର ସୃଷ୍ଟି ପାଇଁ ୫/୭ ଗୋଟି ଘୋଡାବାଳର ଗୁଣ ଦିଆ ଯାଇଥିବା ଏକ ଛୋଟ ବାଉଁଶ ପାତିର କାଣ୍ଡ ଆବଶ୍ୟକ ପଡିଥାଏ । ଏହି କାଣ୍ଡପାତିକୁ ଡାହାଣ ହାତରେ ଧରି ତାର ଉପରେ ଘୋଡା ବାଳକୁ ଆସ୍ତେ ଆସ୍ତେ ଘର୍ଷଣ କଲେ ସେଥିରୁ ମଧୁର ସ୍ୱର ବାହାରି ଥାଏ । ଏହାକୁ ତାଳ ଦେଇ ଗାଇବା ପାଇଁ ବାମ ହାତରେ ଅଙ୍ଗୁଳିଗୁଡିକ ସାହାଯ୍ୟ କରିଥାନ୍ତି । ନୀଚ ସମ୍ପ୍ରଦାୟର ଲୋକମାନେ ଗାଁ ଦଣ୍ଡରେ ଭିକ୍ଷାବୃତ୍ତି କଲା ବେଳେ ଏହାକୁ ବଜାଇ ରୋହିତ ଶୋକ, ଟିକା ଗୋବିନ୍ଦଚନ୍ଦ୍ର, ଶରୀର ଭେଦ ଭଜନମାନ ଗାଇ ଶୁଣାଇ ଥାଆନ୍ତି । ଏହି ବାଦ୍ୟର ସ୍ୱର ଏତେ ମଧୁର ଯେ ଗାଇବା ଲୋକର କଣ୍ଠ ସ୍ୱର ସହ ମିଶି ଯାଇଥାଏ । ଏହା ଏକ କରୁଣ ରସବ୍ୟଞ୍ଜକ ଲୋକବାଦ୍ୟ ରୂପେ ଖ୍ୟାତ ।

## ଖଞ୍ଜଣି

ଏହା ପଣସ କାଠ, ଗମ୍ଭାରୀ କାଠ କିମ୍ବା ଆଙ୍କୁଲ କାଠରେ ତିଆରି । ଏହା ୬ ଇଞ୍ଚ ବ୍ୟାସ ଠାରୁ ୧୦ ଇଞ୍ଚ ବ୍ୟାସ ମଧ୍ୟରେ ୧/୪ ଇଞ୍ଚ ବେଧ ବା ମୋଟା



ବିଶିଷ୍ଟ ଏକ ତୁମ୍ବାକୃତି ଅଟେ । ଏହାର ଦୁଇ ମୁହଁ ମଧ୍ୟରୁ ଚଉଡା ପଟକୁ ଗୋଧି ବା ଗାଈ ଚର୍ମ ଅଠା ଦ୍ୱାରା ଲଗାଯାଇ ଥାଏ । କାଠ ତୁମ୍ବାର ମଝିରେ ତିନୋଟି ଗାତ କରାଯାଇ ସେହି ସ୍ଥାନମାନଙ୍କରେ ମୋଟା ତାର କିମ୍ବା କଣ୍ଟା ଦ୍ୱାରା ଦୁଇ ତିନି ଗୋଟି ପିତଳ କିମ୍ବା ଟିଣର ଛୋଟ ଛୋଟ ଗିନି ଖଂଜା ଯାଇଥାଏ । ଏହା ଭଜନ, ତ୍ରିନାଥ ମେଳା ଏବଂ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ-ଗୀତାଦିରେ ବଜା ଯାଇ ଥାଏ ।ପୂର୍ବକାଳରେ ଏହା ଭାଗବତ ଟୁଙ୍ଗିମାନଙ୍କରେ ଭଗବାନଙ୍କ ନାମ ସ୍ମରଣ ପାଇଁ ବଜା ଯାଉଥିଲା ।



## ମହୁରୀ

ଏହା ପିତଳରେ ତିଆରି ହୋଇଥାଏ । ଏହାର ଲମ୍ବ ଏକ ଫୁଟ୍ ଠାରୁ ଦେଢ ଫୁଟ । ମୁହଁଟି ଦେଢ ଇଞ୍ଚ ବ୍ୟାସର ଛତାକାର ହୋଇଥାଏ । ଅଗ୍ର ଭାଗଟି ସରୁ ହୋଇ ଛୋଟ ରନ୍ଧ୍ରଟିଏ ଥାଏ । ଏଥିରେ ବେତ କିମ୍ବା ବାଉଁଶ ପାତିର ଦୁଇଟି ଫାଳକୁ ସୂତା ଦ୍ୱାରା ବାନ୍ଧି ସେହି ରନ୍ଧ୍ରରେ ମହୁଅଠା ଦ୍ୱାରା ଖଂଜା ବାଉଁଶ ପାତି ଦେଇ ଫୁଙ୍କିଲେ ସ୍ୱର ଉତ୍ପନ୍ନ ହୁଏ । ଏହା ବିଶେଷ କରି ବିବାହ ଉତ୍ସବ, ଯାନିଯାତ୍ରାଦିରେ ବଜା ଯାଇଥାଏ । ଏହା ଧୋବାନାଚ, ଘୋଡ଼ାନାଚ, ଦଣ୍ଡନାଚ, ପ୍ରହ୍ଲାଦ ନାଟମାନଙ୍କରେ ବିଶେଷ ଆବଶ୍ୟକ ପଡିଥାଏ । ଏହାକୁ ମୁଖବୀଣା ବୋଲି କୁହାଯାଏ । ଏହାକୁ ନୀଚ ଲୋକମାନେ ବଜାଇ ଥାଆନ୍ତି ।

## ନାଗେଶ୍ୱର

ଏହା ପାଚିଲା ଲମ୍ବ ଲାଉତୁମ୍ବା ବା ବଣ ଲାଉତୁମ୍ବା ଓ ସରୁ ବାଉଁଶ ନଳୀ ଖଣ୍ଡରେ ତିଆରି । ପାଚିଲା ଲାଉ ତୁମ୍ବାର ରସ ବାହାର କରି ତୁମ୍ବାର ଠିକ୍ ନାଭୀ ସ୍ଥଳରେ ଏକ ଗର୍ତ୍ତ କରାଯାଇ ସେଥିରେ ୭ଗୋଟି କଣାଯୁକ୍ତ ବାଉଁଶ ନଳୀକୁ ମହମ କିମ୍ବା ଶିଠା ଦ୍ୱାରା ସଂଯୋଗ କରାଯାଇଥାଏ । ଏହାର ଉପରକୁ ଲମ୍ବିଥିବା ଡେମ୍ଫର ସରୁ ମୁଖଟିକୁ ଛୋଟ କଣା କରି ସେଥିରେ ବେତବାଉଁଶର ସରୁ ପାତିର ଦୁଇଟି ଫାଳକୁ ଶିଠା ଦ୍ୱାରା ଆବଦ୍ଧ କରାଯାଇଥାଏ । ଏହାର ବେକ ପାଖରେ ଏକ କ୍ଷୁଦ୍ରକଣା କରାଯାଇଥାଏ । ଏହି ବାଉଁଶ ପାତିକୁ ମୁହଁ ଲଗାଇ ଫୁଙ୍କିଲେ ଏହା ସୁନ୍ଦର ଶବ୍ଦ ସୃଷ୍ଟି କରିଥାଏ ଏବଂ ଅଙ୍ଗୁଳି ଦ୍ୱାରା ଆବଦ୍ଧ କରାଯାଇ ସ୍ୱର ଉତ୍ତୋଳନ କରା ଯାଇଥାଏ । କେଳା ସମ୍ପ୍ରଦାୟର ଲୋକମାନେ ସାପ ଖେଳାଇଲା ବେଳେ ଏହାକୁ ବଜାଇ ଥାଆନ୍ତି । ବିଶେଷ କରି ନାଗସାପ ଖେଳାଇବା ପାଇଁ ଆବଶ୍ୟକ ପଡୁଥିବା ଯୋଗୁଁ ଏହାକୁ ନାଗେଶ୍ୱର କୁହାଯାଏ । ଏହା ଶ୍ରୁତିମଧୁର ଅଟେ । ଏହା ମନୋରଞ୍ଜନ ପାଇଁ ମଧ୍ୟ ବେଳେବେଳେ ବଜା ଯାଇଥାଏ ।

## ବଂଶୀ

ଏହା ବାଉଁଶରେ ତିଆରି ହୋଇଥିବା ଯୋଗୁଁ ଏହାର ନାମ ବଂଶୀ ଅଟେ ।



ଏହା ସରୁ ବାଉଁଶ ନଳୀରେ ତିଆରି ହୋଇଥାଏ । ଏହା ପ୍ରାୟ ୧୦ ଇଞ୍ଚ୍ ଠାରୁ ଆରମ୍ଭ କରି ୨/୩ ଫୁଟ ଲମ୍ବର ମଧ୍ୟ ଦେଖିବାକୁ ମିଳେ । ଏହାର ସ୍ୱର ଅତି ମଧୁର । ଏହା ଦୁଇ ପ୍ରକାର ଦେଖାଯାଏ । ଗୋଟିଏ ପାଟିରେ ପୁରାଇ ଫୁଙ୍କି ବଜା ଯାଏ ତ ଅନ୍ୟଟି ତଳ ଓଠରେ ଭରା ଦେଇ ରନ୍ଧ୍ରବାଟେ ଫୁଙ୍କି ବଜା ଯାଏ । ଶବ୍ଦ ସୃଷ୍ଟି ପାଇଁ ଫୁଙ୍କିବା ପାଖରେ ବାଉଁଶର ଆରମ୍ଭରୁ ଏକ ଇଞ୍ଚ ବ୍ୟବଧାନରେ ଗୋଟିଏ ରନ୍ଧ୍ର ଥାଏ, ଏବଂ ତାର ଶେଷରେ ସପ୍ତସ୍ୱର ସୃଷ୍ଟି ପାଇଁ ଛଅ ଗୋଟି ରନ୍ଧ୍ର ଥାଏ । ଦୁଇ ହାତ ଅଙ୍ଗୁଳି ଦ୍ୱାରା ଆବଦ୍ଧ କରି ଏଥିରେ ସ୍ୱର ସୃଷ୍ଟି କରା ଯାଇଥାଏ । କୃଷ୍ଣ ଏହାକୁ ବଜାଇ ସାରା ବିଶ୍ୱକୁ ମୋହି ପାରିଥିଲେ ବୋଲି ଏହାର ନାମ ମୋହନବଂଶୀ । ଏହା ଓଡିଶୀ, ଛାନ୍ଦ, ଶାସ୍ତ୍ରୀୟ ସଙ୍ଗୀତମାନ ଗାୟନ କରିବା ସମୟେ ବଜା ଯାଇଥାଏ । କୃଷ୍ଣଲୀଳା, ରାଧାପ୍ରେମଲୀଳାରେ ମଧ୍ୟ ଏହା ବାଦନ କରା ଯାଇଥାଏ । ପଲ୍ଲୀ ଗାଁମାନଙ୍କରେ ଗୋଠକୁ ଗାଈ ନେବାବେଳେ କିମ୍ବା ବିଲ, ବଣମାନଙ୍କରେ ଏହାକୁ ଲୋକମାନେ ବଜାଇବାର ଦେଖାଯାଏ । ଏହା ଆଦିବାସୀ ସମ୍ପ୍ରଦାୟର ନୃତ୍ୟଗୀତାଦି ସାଂସ୍କୃତିକ କାର୍ଯ୍ୟକ୍ରମମାନଙ୍କରେ ମଧ୍ୟ ବ୍ୟବହୃତ ହୋଇଥାଏ ।

### ତୁରୀ

ଏହା ପିତଳରେ ତିଆରି ହୋଇଥାଏ । ଏହା ଦେଢଫୁଟରୁ ଦୁଇ ଫୁଟ୍ ଲମ୍ବ ହୋଇଥାଏ । ଏହା ଉପରକୁ ସାଧାରଣ ଭାବେ ବଙ୍କା ହୋଇଥାଏ । ଏହାର ମୁହଁଟି ୨/୩ ଇଞ୍ଚ୍ ବିଶିଷ୍ଟ ଛତ୍ରାକାର ହୋଇଥାଏ । ଏହାର ଅଗ୍ରଭାଗଟି ସରୁ । ଓଠରେ ଧରି ଫୁଙ୍କିବା ପାଇଁ ଏକ ସରୁ ବଳା ଖାପି ପରି ଏଥିରେ ଲଗା ଯାଇ ଥାଏ । ଏହାକୁ ଫୁଙ୍କିଲେ ଖୁବ୍ ଉଚ୍ଚ ଶବ୍ଦ କରେ । ଏହାର ସାରା ଶରୀରଟି ଗୋଟିଏ ଅଂଶରେ ତିଆରି । ମନ୍ଦିରମାନଙ୍କରେ ଦେବନୀତି ସମୟେ ତୁରୀ ବଜା ଯାଇଥାଏ ।



### କାହାଳୀ

ଏହା ସରୁ ଅଟେ । ଏହାର ଲମ୍ବ ପ୍ରାୟ ୩/୪ ଫୁଟ୍ ହୋଇଥାଏ । ଏହାର ମୁହଁଟି ୨ ଇଞ୍ଚ୍ ବ୍ୟାସ ହୋଇଥାଏ । ଏହା ପିତଳରେ ତିଆରି । ଏହାର ଶରୀରଟି ତିନୋଟି ଭାଗରେ ବିଭକ୍ତ । ଏହାର ଘାରି ଥାଏ । ଏହି ଘାରିରେ ଠିକ୍ ସଂଯୋଗ କରି ତିନୋଟି ଦଣ୍ଡକୁ ଏକାଠି କରି ବଜା ଯାଇଥାଏ । ଏହାକୁ ଫୁଙ୍କିଲେ ଖୁବ୍ ଶବ୍ଦ ହୋଇଥାଏ । ଏହା ଦେବନୀତି, ଠାକୁର ବିଜେ ସମୟରେ ବଜା ଯାଇଥାଏ ।

### ଶଙ୍ଖ

ଏହା ଏକ ସମୁଦ୍ର ଜୀବର ଅଙ୍ଗରକ୍ଷକ ଆବରଣଯୁକ୍ତ ଶାମୁକା ଅଟେ । ହିନ୍ଦୁ ସଂସ୍କୃତିରେ ଏହାର ଧ୍ୱନିକୁ ଶୁଭସୂଚକ ଭାବେ ମର୍ଯ୍ୟାଦା ଦିଅନ୍ତି । ଏହା ଛୋଟ ବଡ ବିଭିନ୍ନ ପ୍ରକାରର ମିଳିଥାଏ । ଏହାର ମୁହଁଟିକୁ ଜଉ ଦିଆଯାଇ ଚିକ୍କଣ ଓ ଖାଲୁଆ କରାଯାଇଥାଏ । ଯାହାଦ୍ୱାରା କି ଫୁଙ୍କିବାକୁ ସୁବିଧା ହୁଏ । ଏହାର ପେଟ ଅଂଶଟି ଅଳ୍ପ ଫାଙ୍କା ଥାଏ । ଏହାକୁ ଫୁଙ୍କିଲେ ପେଟ ଫାଙ୍କା ଦେଇ ଧ୍ୱନି ସୃଷ୍ଟି ହୋଇଥାଏ । ଏହାର ତଳ ଅଂଶଟି ସରୁ ଓ ଗୋଳିଆ , ଯାହାକି ବଜାଇବା ପାଇଁ ଧରିବାରେ ସାହାଯ୍ୟ କରିଥାଏ । ଏହା ଠାକୁରଙ୍କ ମାଜଣା, ଆଳତି ଯାନିଯାତ୍ରାଦି ସାଙ୍ଗକୁ ବିବାହ, ବ୍ରତ, ଗୃହ ପ୍ରତିଷ୍ଠାଦି କର୍ମ ମାନଙ୍କରେ ବଜା ଯାଇଥାଏ । ଏହାକୁ ବିଶେଷକରି ମାଳି ଓ ଭଣ୍ଡାରି ସମ୍ପ୍ରଦାୟର ଲୋକମାନେ ବଜାଇ ଥାଆନ୍ତି । ଆଜିକାଲି ଯୋଡି ଶଙ୍ଖ ଦଳମାନ ବିଭିନ୍ନ ପ୍ରକାର ତାଳରେ ଏହାକୁ ବଜାଇ ନୃତ୍ୟ ଭଙ୍ଗୀମାନ ପ୍ରଦର୍ଶନ କରୁଥିବାର ଦେଖାଯାଏ । ଏହା ପୁରାଣ ଶାସ୍ତ୍ର ବର୍ଣ୍ଣିତ ଏକ ଧ୍ୱନି ବାଦ୍ୟ ହିସାବରେ ସ୍ୱୀକୃତ ।



### ବିଗୁଲ୍

ଏହା ତମ୍ବାରେ ତିଆରି ମୁହଁଟି ଚେପଟା ଓ ପୋଲା ହୋଇଥାଏ । ଶରୀରଟି ନଳା ସଦୃଶ୍ୟ ଏହା ଦୁଇ ମୁହଁକୁ ଆବଦ୍ଧ କରାଯାଇଥାଏ । ଉପର ପଟରେ ସରୁ କଣାଟିଏ ଥାଏ । ଏହି ନଳୀ ଭିତରେ ଛୋଟ ଗୋଡି କିମ୍ବା ଗୋଲ୍ ମଂଜି ପକା ଯାଇଥାଏ । ଏହାକୁ ଫୁଙ୍କିଲେ ପବନ ଦ୍ୱାରା ମଂଜିଟି ତମ୍ବାରେ ବାଡେଇ ହୋଇ ଧ୍ୱନି ସୃଷ୍ଟି କରେ । ଏହାକୁ ବର୍ତ୍ତମାନ ଡ୍ରାମା, ଥିଏଟର, ଫୁଟବଲ, ଭଲିବଲ ଆଦି ଖେଳ ଓ ପ୍ୟାରେଟ୍ ମାନଙ୍କରେ ଶୃଙ୍ଖଳାର ସୂଚନା ପାଇଁ ବ୍ୟବହାର କରାଯାଇଥାଏ ।

## ବିଭିନ୍ନ ବସ୍ତୁରୁ ପ୍ରସ୍ତୁତ ହୋଇଥିବା ପେଁକାଳୀ

**କୋଇଲି ବାଦ୍ୟ :** ବର୍ଷାଦିନେ ପାକଳ ଆମ୍ବ ଟାକୁଆରୁ ଗଜା ବାହାରିଥାଏ । ଏହି ଗଜା ବାହାରୁଥିବା ଆମ୍ବ ଟାକୁଆକୁ ଧିରେ ଫାଳ କଲେ ତା ମଧ୍ୟରୁ କୋଇଲି ବାହାରିଥାଏ । ଏହା ଖୁବ୍ ନରମ ଦୁଇଫାଳିଆ, ଏହା ଉପରେ ଏକ ନରମ ଢାଙ୍କୁଣି ଘୋଡେଇ ହୋଇ ରହିଥାଏ । ଏହାକୁ ଚଟାଣରେ ଏହାର ଆଗପଟକୁ ଆସ୍ତେ ଘୋରିଲେ ଦୁଇଫାଳିଆ ଅଂଶର କିଛି ଫାଙ୍କ ସୃଷ୍ଟି ହୁଏ । ଏହାକୁ ପାଟିରେ ଧରି ଫୁଙ୍କିଲେ ବାଜା ସୃଷ୍ଟିକାରୀ ଫାଙ୍କ ଦେଇ ସୁନ୍ଦର ଧ୍ୱନି ସୃଷ୍ଟି ହୁଏ । କୋଇଲିକୁ ଦୁଇଫାଳ କରି ମଝିରେ କେନା ପତ୍ର ଫୁଙ୍କିଲେ ଏହା ମଧ୍ୟ ସୁନ୍ଦର ଭାବେ ବାଜୁଥାଏ । ଏହା ପିଲାଙ୍କ ଖେଳନା ବାଦ୍ୟ ହିସାବରେ ଗୃହୀତ ।

**ସାରୁପତ୍ର ବାଦ୍ୟ :** ବର୍ଷାଦିନେ ସାରୁଗଛରୁ ବାହାରିଥିବା ପିକକୁ ତୋଳି ତା ମୂଳକୁ ଆସ୍ତେ ଆସ୍ତେ ଖଣ୍ଡ ଖଣ୍ଡ କଲେ ପିକ ମଧ୍ୟରୁ ଏକ ଲମ୍ବ କେଶର ପରି ଅଂଶ ବାହାରିଥାଏ । ଏହି ପୋଲା ପିକର ମୂଳ ଅଂଶ ପାଟିରେ ଦେଇ ଫୁଙ୍କିଲେ ଏହା ଧ୍ୱନି ସୃଷ୍ଟି କରିଥାଏ । ଏହି ବାଦ୍ୟ ପିଲାମାନଙ୍କୁ ଅତି ଆନନ୍ଦ ଦେଇଥାଏ ।

**ନଡିଆ/ତାଳପତ୍ର ମହୁରୀ :** କଞ୍ଚାପତ୍ରକୁ ପ୍ରଥମେ ଆଙ୍ଗୁଳେ ମୋଟାରେ ଚେପ୍ଟା କରି ସରୁରେ ବୁଡେଇ ବୁଡେଇ ଲମ୍ବା କରାଯାଇଥାଏ । ଏହାର ଗୋଟିଏ ପତ୍ର ସରିଲେ ତା ମଧ୍ୟରେ ଆଉ ଏକ ପତ୍ର ସଂଲଗ୍ନ କରି ମୋଡା ଯାଇଥାଏ । ଏହା ଫୁଟେ ଦେଢଫୁଟ ଲମ୍ବ ବିଶିଷ୍ଟ ମଧ୍ୟ କରାଯାଇଥାଏ । ଏହାର ଆକୃତି ଠିକ୍ ମହୁରୀ ପରି ହୋଇଥାଏ । ଏହାକୁ ବଜାଇଲେ ସୁନ୍ଦର ଶବ୍ଦ ସୃଷ୍ଟି ହୋଇଥାଏ ।

## ବିନା ଯନ୍ତ୍ରରେ ମୁଖରୁ ସୃଷ୍ଟି ହେଉଥିବା ବାଦ୍ୟ

**ହୁଳହୁଳି:** ସ୍ତ୍ରୀଲୋକମାନେ ପାଟିର ଧ୍ୱନି ଓ ଜିଭର ସଂଯୋଗରେ ଏକ ପ୍ରକାର

ଧ୍ୱନି ସୃଷ୍ଟି କରନ୍ତି । ଏହାକୁ ହୁଳହୁଳି କୁହାଯାଏ । ଏହା ହିନ୍ଦୁ ସଂସ୍କୃତିର ଏକ ଶୁଭସୂଚକ ଧ୍ୱନି ଅଟେ । ବିବାହ ଇତ୍ୟାଦି ଶୁଭ କାର୍ଯ୍ୟ ବନ୍ଦାପନା ଗୃହ ପ୍ରତିଷ୍ଠାଦି ଯେକୌଣସି ଶୁଭ କାର୍ଯ୍ୟ ଆରମ୍ଭରେ ହୁଳହୁଳି ପଡିଥାଏ । ଏହି ଧ୍ୱନି ମନକୁ ପବିତ୍ର କରିବା ସହ ବ୍ୟକ୍ତି ବିଶେଷଙ୍କ ମଙ୍ଗଳ କାମନା କରିଥାଏ । ଏହି ହୁଳହୁଳି ଧ୍ୱନି ବେଦମନ୍ତ୍ର ଠାରୁ ଆହୁରି ଶୁଭ ସୂଚକ ଧ୍ୱନି ବୋଲି ହିନ୍ଦୁ ସଂସ୍କୃତିରେ ବିଶ୍ୱାସ ରହିଛି ।

**ସୁସୁରି :** ଦୁଇ ଆଙ୍ଗୁଳିକୁ ସଂଯୋଗ କରି ଜିଭ ତଳେ ଦେଇ ଫୁଙ୍କିଲେ ଏବଂ ତଳ ଓଠକୁ ଚିପି ଧରି ଫାଙ୍କ ସୃଷ୍ଟିକରି ପବନ ଶୋଷିଲେ ଏହା ଖୁବ୍ ବଡ ଶବ୍ଦ ସୃଷ୍ଟି କରେ । ଏହାକୁ ଆଦିବାସୀମାନେ ନୃତ୍ୟ ଗୀତ ବୋଲିଲା ବେଳେ ମଝିରେ ମଝିରେ ବଜାଇ ଥାଆନ୍ତି ।

**ଘଣ୍ଟା :** ଏହା ପିତଳରେ ତିଆରି । ଏହା ଏକ ଫୁଟ୍ ବ୍ୟାସ ଓ ଦେଢ ଇଞ୍ଚ୍ ଗଭୀରର ଏକ ପତଳା ବାଦ୍ୟ ଅଟେ । ଏହାର ପଛରେ ଏକଇଞ୍ଚ୍ ଦୂରତ୍ୱରେ ଦୁଇଟି କଣା କରାଯାଇ ସେଥିରେ ରସି ବନ୍ଧା ଯାଇଥାଏ । ଏହା ବାମ ହାତ ଅଙ୍ଗୁଳି ଗଳାଇ ଝୁଲାଇ ଧରିବାକୁ ସାହାଯ୍ୟ କରିଥାଏ । ବାଦକ ନିଜ ଦକ୍ଷିଣ ହସ୍ତରେ ଦେଢଫୁଟ ଲମ୍ବର ବଙ୍କା କେନ୍ଦୁବାଡି କିମ୍ବା ବେତବାଡି ଦ୍ୱାରା ଏହାକୁ ଝୁଲାଇ ଧରି ଏହାର ପିଠିକୁ ବାଡେଇଲେ ଏହା ଡାଇଁ...ଡାଇଁ ଶବ୍ଦ କରିଥାଏ । ଠାକୁରଙ୍କ ଆଳତି, ନଗର ପରିକ୍ରମା, ରଥଯାତ୍ରା, ବେଢା ପରିକ୍ରମା ପରି ଉତ୍ସବ ଓ ଯାନିଯାତ୍ରାଦିମାନଙ୍କରେ ଏହାକୁ ବଜା ଯାଇଥାଏ ।

**ଠୁରି :** ଏହା ମୋଟା ପିତଳ ବା କଂସା ଧାତୁରେ ନିର୍ମିତ ଛଅ ଇଞ୍ଚ ବ୍ୟାସବିଶିଷ୍ଟ ଏକ ବାଦ୍ୟ । ଏହା ଝୁଲାଇ ଧରି କାଠ ନିର୍ମିତ ହାତୁଡିରେ ମନ୍ଦିରମାନଙ୍କରେ ଘଣ୍ଟାଆଳତି ସମୟରେ ବାଦନ କରାଯାଏ ।

**ଘଣ୍ଟି :** ଏହା ପିତଳରେ ତିଆରି । ଏହାର ଗର୍ଭ ମଧ୍ୟରେ ଏକ ପିତଳର ଜିଭ ଲାଗିଥାଏ । ଉପରେ ଝୁଲାଇବା ପାଇଁ ଆଙ୍କୁଡା ଓ ହାତରେ ଧରିବା ପାଇଁ ଛୋଟ ଦଣ୍ଡଥାଏ । ଏହାକୁ ହଲାଇଲେ ବାଜେ । ଏହା ଠାକୁରଙ୍କ ଆଳତି ଓ ଭୋଗ ସମୟରେ ବାଜିଥାଏ । ଜନକଧାରୀ ବୁଲି ଭିକ୍ଷାବୃତ୍ତି କରିବା ସମୟେ ଏହାକୁ ନିଜ ଜଙ୍ଘରେ ବାନ୍ଧିଥାଏ । ଘୁମୁସର ତାରସିଂ ରଣଘଣ୍ଟାଙ୍କ ପରି କେତେକ ସ୍ଥାନରେ ଘଣ୍ଟିପୂଜା ପ୍ରଚଳନ ମଧ୍ୟ ଅଛି । ଏହାକୁ ଦେବାଦେବୀଙ୍କ ମନ୍ଦିରମାନଙ୍କରେ ଝୁଲାଇ ଥାଆନ୍ତି । ଭକ୍ତମାନେ ଠାକୁର ଦର୍ଶନ ପୂର୍ବରୁ ଏହାକୁ ବାଦନ କରି ଦର୍ଶନ କରିଥାଆନ୍ତି । ଏହାକୁ ନାଗାର୍ଜୁନ ନାଚ, ଦଶଅବତାର ନାଚ ସମୟେ ଘଣ୍ଟିମାଳ ଅଣ୍ଟାରେ ଧାରଣ କରି ଲୋକେ ନାଚି ଥାଆନ୍ତି ।

**ଗିନି :** ଏହା ଦୁଇ ଇଞ୍ଚ୍ ଠାରୁ ତିନି ଇଞ୍ଚ୍ ବ୍ୟାସର ମୋଟା ପିତଳ ଥାଳ ଅଟେ । ଏହାର ମଧ୍ୟରେ ଛୋଟ କଣା ଥାଏ । ଏହି କଣାରେ ସୂତା ଦେଇ ତଳପଟେ ଗଣ୍ଠି ପକା ଯାଇଥାଏ । ଦୁଇଟି ଥାଳକୁ ଗୋଟିଏ ସୂତାର ଦୁଇ ପାର୍ଶ୍ୱକୁ ବାନ୍ଧି ଦୁଇ ହାତରେ ବଜା ଯାଇଥାଏ । ଏହା ବିଶେଷକରି ପ୍ରହ୍ଲାଦନାଟକ,ନାମ ସଂକୀର୍ତ୍ତନ, ମେଳା ମହୋତ୍ସବାଦିରେ ବଜା ଯାଇଥାଏ ।





ଏହା ପତଳା ପିତଳ ଓ ପ୍ରାୟ ଛଅଇଞ୍ଚ ବ୍ୟାସର ଥାଳ ଅଟେ । ଏହାର ମଧ୍ୟରେ ଏକ ଛିଦ୍ର ଥାଏ । ଦୁଇଟି ଥାଳକୁ ସୂତାର ଦୁଇ ପାର୍ଶ୍ୱରେ ଗୁନ୍ଥି ଦୁଇ ହାତରେ ଧରି ବଜାଯାଇଥାଏ । ଏହା ଖୁବ୍ ଜୋର୍ ଧ୍ୱନି ସୃଷ୍ଟି କରିଥାଏ । ଏହା ପାଲାନାଚ, ରାଧାପ୍ରେମଲୀଳାଦି ନାଚମାନଙ୍କରେ ବଜା ଯାଇଥାଏ । ଠାକୁରଙ୍କ ଆଳତି ସମୟେ ଏହାକୁ ବହୁ ସ୍ଥାନରେ ବଜାଇବାର ଦୃଷ୍ଟିଗୋଚର ହୁଏ ।

**ଦାସକାଠି :** ଏହା ଶିଶୁ କାଠରେ ତିଆରି । ଏହା ଦୁଇ ଭାଗରେ ବିଭକ୍ତ । (୧) ଗାୟକ କାଠି (୨) ପାଳିଆ କାଠି

**ଗାୟକ କାଠି :** ଗାୟକ ଯେଉଁ କାଠି ବଜାନ୍ତି ତାହା ଦୁଇ ହାତରେ ଦୁଇ ହଳ ଧରି ବଜାଇ ଥାଆନ୍ତି । ଏହି କାଠିଗୁଡିକ ପ୍ରାୟ ଛଅ ଇଞ୍ଚ୍ ଲମ୍ବା । ଏଗୁଡିକର ଉପର ଅଂଶ ଅର୍ଦ୍ଧ ଗୋଲାକାର ଏବଂ ତଳ ଅଂଶଟି ସମତଳ ହୋଇଥାଏ । ଏହାଦ୍ୱାରା ଦୁଇ କାଠିର ସମତଳ ଅଂଶଟି ଠିକ୍ ବାଜିବାରେ ସାହାଯ୍ୟ କରିଥାଏ । ଏହି କାଠିର ଅଗ୍ରଭାଗରେ ଛୋଟ ଛୋଟ ଘାଗୁଡି ଲାଗିଥାଏ । ଗାୟକ ଦୁଇ ହାତରେ ଦୁଇ ହଳ ଧରି ପାପୁଲି ଓ ଅଙ୍ଗୁଳି ସାହାଯ୍ୟରେ ଏହାକୁ ବଜାଇ ଥାଆନ୍ତି ।

**ପାଳିଆ କାଠ :** ପାଳିଆ ଭାଇଙ୍କ କାଠିର ଲମ୍ବ ଛଅ ଇଞ୍ଚ ଓ ଚେପ୍ଟା ହୋଇଥାଏ । ଏହା ଦୁଇ ଖଣ୍ଡରେ ବିଭକ୍ତ । ଏହି କାଠି ଦୁଇଟି ଗୋଟିଏ ହାତର ଅଙ୍ଗୁଳି ମଝିରେ ରଖି ଚାପି ଧରିଲେ ଦୁଇକାଠି ମଧ୍ୟରେ ଫାଙ୍କ ସୃଷ୍ଟି ହୁଏ, ଯାହାଦ୍ୱାରା କି ଏହି କାଠିକୁ ଅନ୍ୟ ହାତ ଅଙ୍ଗୁଳିରେ ଆଘାତ ଦେଲେ କାଠିକୁ କାଠି ବାଜି ଠିକ୍ ଠିକ୍ ଶବ୍ଦ ସୃଷ୍ଟି କରେ । ଏହାର ଅଗ୍ରଭାଗରେ ମଧ୍ୟ ଝୁମୁକା ଲାଗିଥାଏ । ଗାୟକ ଗୀତ ବୋଲିବା ସମୟେ ପାଳିଆ ଭାଇ ଶେଷରେ ଗୀତ ରାହା ଧରି ଏହାକୁ ବାଦନ କରିଥାଏ । ଏହା କେବଳ ଦାସକାଠି ନାଚରେଦ ପୁରାଣ, ସୁଆଙ୍ଗ ଆଦି ବୋଲିବା ସମୟେ ବଜାଯାଇଥାଏ ।

**ଢୋଲ :** ପଣସ କାଠ କିମ୍ବା ଗମ୍ଭାରୀ କାଠର ବଡ ଗଣ୍ଡିକୁ ଖୋଳି ପୋଲା କରାଯାଏ । ଏହାର ଦୁଇ ପାର୍ଶ୍ୱ ମୁହଁ ପ୍ରାୟ ସମାନ ଥାଏ । ଏହା ଗାଈ କିମ୍ବା ପୋଢ ଚର୍ମ ଦ୍ୱାରା ଆବଦ୍ଧ କରାଯାଇ ଚମଡା ବଧି ଦ୍ୱାରା ଦୁଇ ପାର୍ଶ୍ୱକୁ ବାନ୍ଧି ଟାଣ କରାଯାଏ । ଏହାର ବ୍ୟାସ ପ୍ରାୟ ୧ ୧/୨ ଫୁଟରୁ ୨ ଫୁଟ ଏବଂ ଲମ୍ବ ୨ ୧/୨ ଫୁଟରୁ ୩ ଫୁଟ ମଧ୍ୟରେ ହୋଇଥାଏ । ଏହାର ଯେଉଁ ପାର୍ଶ୍ୱ ମଝିରେ ଶଗଡକାଳି ବା ଢୋଲ ବାଦ୍ୟ ଅଠା ଲଗାଯାଇଥାଏ, ସେହି ପାର୍ଶ୍ୱକୁ ଧେୟା ଏବଂ ଅନ୍ୟ ପାର୍ଶ୍ୱଟି ଚାୟା ଅଟେ ? ଏହାକୁ ବଜାଇବା ପାଇଁ ଦୁଇ ହାତର ଆବଶ୍ୟକ ପଡିଥାଏ । ଧେୟା ପଟଟି ବଜାଇବା ପାଇଁ ଅଗ୍ରଭାଗଟି ସାଧାରଣ ବଙ୍କା ଥିବା ବୃଦ୍ଧାଙ୍ଗୁଳି ମୋଟର କେନ୍ଦୁ କୟାଁ କିମ୍ବା ଆଙ୍କୁଲ ବାଡିଟିଏ ଆବଶ୍ୟକ ପଡିଥାଏ । ଏହି ବାଡିଟିର ଲମ୍ବ ପ୍ରାୟ ଦଶ ଇଞ୍ଚ । ଏହାର ଧେୟା ପାଖଟି ହସ୍ତ ଅଙ୍ଗୁଳି ସାହାଯ୍ୟରେ ବଜା ଯାଇଥାଏ ।

**ହାର୍ମୋନିୟମ୍ :** ଏହା ଏକ ପ୍ରାଚୀନ ବାଦ୍ୟ । ଏହା ଦ୍ୱାରା ଶାସ୍ତ୍ରୀୟ ସଙ୍ଗୀତର ସ୍ୱର ନିରୂପଣ କରା ଯାଇଥାଏ । ସମୟେ ସମୟେ ଆଧୁନିକ ଗୀତ ବି ଏହି ସ୍ୱରରେ ବନ୍ଧା ଯାଇଥାଏ । ଏଥିରେ ସାରେଗାମାପାଧାନିଶା ତାଳରେ ସ୍ୱର ବନ୍ଧା ଯାଇଥାଏ ।

# ହସଖୁସିର ପରିବାର - ୧୧

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା : ୧**

ମୋତେ ଏବେ ୩୦ ବର୍ଷ ବୟସ । ମୁଁ ମୋର ଜଣେ ପିଲାବେଳର ବନ୍ଧୁଙ୍କ ସହିତ ମିଶି ପ୍ରାୟ ୫ ବର୍ଷ ହେଲାଣି ବ୍ୟବସାୟ କରୁଛି । ଆମେ ଦୁଇ ଜଣ ବହୁତ ପିଲାବେଳରୁ ସାଙ୍ଗ । ଏପରିକି ଆମ ଦୁଇ ପରିବାର ମଧ୍ୟରେ ବି ଭଲ ସଂପର୍କ ଥିଲା । କିନ୍ତୁ ପ୍ରାୟ ୧୦ ବର୍ଷ ତଳେ କିଛି ଭୁଲ ବୁଝାମଣା ଯୋଗୁଁ ଆମ ଦୁଇ ପରିବାର ଭିତରେ ସଂପର୍କରେ ତିକ୍ତତା ଆସିଗଲା । ଏପରିକି ତାର ପ୍ରଭାବ ଆମ ବନ୍ଧୁତା ଉପରେ ବି ପଡ଼ିଲା । ଆମେ ଉଭୟ ଉଭୟଙ୍କଠାରୁ ଦୂରେଇ ଯାଇଥିଲୁ । କିନ୍ତୁ କିଛି ଦିନ ପରେ ଆମ ଦୁଇ ବନ୍ଧୁଙ୍କ ଭିତରେ ସବୁ କିଛି ଠିକ୍ ହୋଇଗଲା । ହେଲେ ଦୁଇ ପରିବାର ଭିତରେ ସେ ପୂର୍ବ ସଂପର୍କ ଆଉ ଫେରି ଆସିଲାନି । କିନ୍ତୁ ଆମେ ଦୁହେଁ ପୁଣି ପୂର୍ବ ପରି ସାଙ୍ଗ ହୋଇଗଲୁ । ଏବଂ ଦୁଇ ଜଣ ମିଶି ବ୍ୟବସାୟ କରିବା ପାଇଁ ସ୍ଥିର କଲୁ। ମୁଁ ଏବଂ ମୋର ସେହି ବନ୍ଧୁ ମିଶି ଏତେ ଦିନ ହେଲାଣି ବ୍ୟବସାୟ କରିବା ଭିତରେ କେବେ ବି ଆମ ଦୁହିଁଙ୍କ ଭିତରେ କିଛି ମନୋମାଳିନ୍ୟ ହୋଇନାହିଁ । ସବୁ କିଛି ଠିକ୍ ଚାଲିଛି । ହେଲେ କେବେ କେବେ ମୋର ବନ୍ଧୁ ସେହି ପୁରୁଣା କଥାକୁ ମନେ ପକାଇ ଦିଅନ୍ତି । ଯାହା ମୋତେ ଆଦୌ ଭଲ ଲାଗେନି । ଏପରିକି ମୋର ମନରେ ଆସେ କାଳେ ସିଏ ମୋତେ ଅବିଶ୍ୱାସ କରୁଛନ୍ତି କି ? କିନ୍ତୁ ମୁଁ ଜାଣି ବି ପାରେନି ଯେ ତାଙ୍କ ମନରେ କଣ ଭାବନା ଅଛି । କାହିଁକି ସିଏ ଏମିତି ମଝିରେ ମଝିରେ ପୂର୍ବ କଥାକୁ ମନେ ପକାଉଛନ୍ତି । ତେଣୁ ଏ ପରିସ୍ଥିତିରେ ମୁଁ କଣ ପଦକ୍ଷେପ ନେବି ମୁଁ ନିଜେ ବି ଜାଣି ପାରୁନି । ଦୟାକରି ମୋତେ ରାସ୍ତା ବତାନ୍ତୁ ।

**ସନ୍ତୋଷ ବହିଦାର,** କଳାହାଣ୍ଡି

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡ଼ିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ଡକ୍ଟର ଦେବାଶିଷ ପାତ୍ରଙ୍କ ହସଖୁସିର ପରିବାର



### ସମାଧାନର ସୂତ୍ର

ପରିବାର ମଧ୍ୟରେ ମତଭେଦ ଯୋଗୁଁ ସଂପର୍କ ଖରାପ ହୋଇଥିଲା । ତାହାର କୁପ୍ରଭାବ ତୁମ ଦୁଇ ଜଣଙ୍କର ବନ୍ଧୁତା ଉପରେ ପଡିଥିଲା । ଏହା ସ୍ୱାଭାବିକ କଥା । ଖୁସିର କଥା ଯେ ତୁମେ ଓ ତୁମ ବନ୍ଧୁଙ୍କ ମଧ୍ୟରେ ବୁଝାମଣା ଯୋଗୁଁ ପୂର୍ବର ବନ୍ଧୁତା ପୁଣି ଫେରି ଆସିଲା । ଏବଂ ତୁମ ଦୁଇ ଜଣଙ୍କ ମଧ୍ୟରେ ପରସ୍ପର ପ୍ରତି ଆନ୍ତରିକତା ଓ ବିଶ୍ୱାସ ଯୋଗୁଁ ତୁମେ ଦୁଇ ଜଣ ମିଶି ବ୍ୟବସାୟ କରିବା ପାଇଁ ସ୍ଥିର କଲ । ଯଦିଚ ତୁମ ଦୁଇ ପରିବାର ମଧ୍ୟରେ ଏବେ ବି ଭଲ ସଂପର୍କ ନାହିଁ । ଏଭଳି ପରିସ୍ଥିତିରେ ତୁମେ ଦୁହେଁ ପାଂଚ ବର୍ଷ ହେଲା ସଫଳତାର ସହିତ ବ୍ୟବସାୟ କରି ଆସିଛ । ତୁମର ବନ୍ଧୁ ବେଳେ ବେଳେ ତୁମକୁ ପଛ କଥା ମନେ ପକାଇ ଦେଉଛନ୍ତି ବୋଲି ତୁମର ମନଦୁଃଖ ହେଉଛି । ଏଭଳି କ୍ଷେତ୍ରରେ ତୁମେ ତୁମର ବନ୍ଧୁଙ୍କୁ ମନ ଖୋଲି କହି ଦେବା ଦରକାର ଯେ ପଛ କଥା ମନେ ପକାଇ କିଛି ଲାଭ ନାହିଁ । ବରଂ ତାହା ଆମର ଭିତରେ ସଂପର୍କକୁ ଖରାପ କରିଦେବ । କାରଣ ଯେ କୌଣସି ସଂପର୍କରେ ଖୋଲାଖୋଲି କଥାବାର୍ତ୍ତା ହିଁ ସମାଧାନର ବାଟ ଦେଖାଏ । ତୁମେ ସକରାତ୍ମକ ମନୋଭାବ ରଖି ବିନମ୍ର ଭାବରେ ନିଜର ମତାମତ ବା ଅନୁଭବକୁ ବନ୍ଧୁଙ୍କୁ କହିଲେ ହିଁ ତାଙ୍କ ଉପରେ କିଛି ପ୍ରଭାବ ପଡିବ । ସେଥିରେ ଯଦି ତୁମ ବନ୍ଧୁ ନିଜେ ଘଟଣାକୁ ବୁଝି ପାରି ପଛ କଥା କହିବା ବନ୍ଦ କରି ଦିଅନ୍ତି ତେବେ ଆଉ କିଛି ଅସୁବିଧା ନାହିଁ । କିନ୍ତୁ ତୁମ କହିବା ପରେ ବି ଯଦି ସେ ପୁଣି ପଛ କଥା ଉଠାନ୍ତି ତେବେ ଜଣା ପଡିବ ଯେ ତୁମ ବନ୍ଧୁଙ୍କର ଉଦ୍ଦେଶ୍ୟ ଠିକ୍ ନୁହେଁ । ସେଭଳି ହେଲେ ତୁମ ବନ୍ଧୁତ୍ୱ ବେଶି ଦିନ ତିଷ୍ଠି ପାରିବ ନାହିଁ । ବରଂ କୌଣସି ପ୍ରକାରର ଅଶାନ୍ତି ସୃଷ୍ଟି ନ କରି ବ୍ୟବସାୟରେ ଦୁହେଁ ଦୁହିଁଙ୍କ ଠାରୁ ଅଲଗା ହୋଇଯିବାଟା ଭଲ ହେବ ।

### ସମସ୍ୟା : ୨

ମୁଁ ଜଣେ କର୍ମଜୀବି ମହିଳା । ମୋର ବାହାଘର ୧୨ ବର୍ଷ ହୋଇ ଗଲାଣି । ମୋର ଗୋଟିଏ ପୁଅ ଓ ଗୋଟିଏ ଝିଅ । ମୋର ସ୍ୱାମୀ ଜଣେ ବ୍ୟବସାୟୀ । ମୋର ଶ୍ୱଶୁର ଜଣେ ସରକାରୀ କର୍ମଚାରୀ ଥିଲେ । ଅବସର ନେବା ପରେ ଭୁବନେଶ୍ୱରରେ ନିଜ ଘରେ ରହୁଛନ୍ତି । ଆମେ ଶାଶୁ ଓ ଶ୍ୱଶୁରଙ୍କ ପାଖରେ ରହୁଛୁ । ଶ୍ୱଶୁର ବଡ ନମ୍ର ଏବଂ ଶାନ୍ତ ପ୍ରକୃତିର ଲୋକ । କିନ୍ତୁ ମୋର ଶାଶୁ ଅତି ଉଗ୍ର ସ୍ୱଭାବର । ତାଙ୍କର ଜିଦଖୋର ମନୋଭାବ ଯୋଗୁଁ ସିଏ ଅନେକ ସ୍ଥାନରେ ବନ୍ଧୁବାନ୍ଧବରେ ମଧ୍ୟ ଅପ୍ରିୟ ହୁଅନ୍ତି । ସିଏ ଯାହା ବୁଝିଥିବେ ତାହା ହିଁ ତାଙ୍କ ପାଇଁ ସତ୍ୟ । ଅନ୍ୟର ମତାମତକୁ ସିଏ ସହଜରେ ଗ୍ରହଣ କରନ୍ତି ନାହିଁ । ଦରକାର ପଡିଲେ ଅଯଥା ଯୁକ୍ତି ବି କରନ୍ତି । ଘରେ ଅଶାନ୍ତି ସୃଷ୍ଟି ନ କରିବା ପାଇଁ ଶ୍ୱଶୁର ସବୁବେଳେ ନିରବ ରହିବା ପାଇଁ ପସନ୍ଦ କରନ୍ତି । ମୁଁ ଓ ମୋ ସ୍ୱାମୀ ଭଲ ପାଇ ବାହା ହୋଇଥିବାରୁ ଶାଶୁ ପ୍ରଥମରୁ ହିଁ ଅସନ୍ତୁଷ୍ଟ ଥିଲେ । ମୁଁ ଭାବିଥିଲି ଯେ ଧୀରେ ଧୀରେ ଶାଶୁ ଏସବୁ ଭୁଲିଯିବେ । ବିଶେଷ କରି ନାତି ନାତୁଣୀ ହୋଇଗଲା ପରେ । ତେଣୁ ମୁଁ ଶାଶୁଙ୍କୁ ସବୁ ପରିସ୍ଥିତିରେ ଖୁସିରେ ରଖିବା ପାଇଁ ଚେଷ୍ଟା କରେ । ମନରେ ମୋର କଷ୍ଟ ହେଲେ ବି ମୁଁ ହସି ଦେଇ ପରିସ୍ଥିତିକୁ ଚଳାଇ ନିଏ । ଏବେ ବାହାଘରର ବାର ବର୍ଷ ପରେ ବି ସିଏ ସମୟେ ସମୟେ ତାଙ୍କ ମନର ଅସନ୍ତୋଷ ପ୍ରକାଶ କରୁଛନ୍ତି । ଯାହା କି ମୋତେ ବଡ କଷ୍ଟ ଲାଗୁଛି । ଏହାର ସମାଧାନର ଉପାୟ ବତାନ୍ତୁ ।

**ସମାପିକା ବୋଷ,** ଭୁବନେଶ୍ୱର

### ସମାଧାନର ସୂତ୍ର

ପ୍ରଥମ କଥା ହେଲା ଯେ ଏହା ଏକ ସମସ୍ୟା ନୁହେଁ । ଆଜିକାଲିକାର ସମାଜରେ ଅଧିକାଂଶ ପରିବାରରେ ଏହା ଏକ ସାଧାରଣ ଘଟଣା ହୋଇ ଗଲାଣି । କାରଣ ଆଜିକାଲି ଅଧିକାଂଶ ଯୁବକଯୁବତୀ ଭଲପାଇ ହିଁ ବାହା ହେଉଛନ୍ତି । ଅଳ୍ପ କେତେକ ପରିବାରକୁ ଛାଡି ଦେଲେ ଅନ୍ୟ ସବୁ ପରିବାରରେ ବାପାମାଆଙ୍କର ଇଚ୍ଛା ବିରୁଦ୍ଧରେ ପିଲାମାନେ ବାହା ହେଉଛନ୍ତି । ଏଣୁ ବାହାଘର ପରଠାରୁ ପରିବାରରେ ଅସନ୍ତୋଷ ଲାଗି ରହୁଛି । ଫଳରେ ଅନେକ ପୁଅବୋହୂ ପରିବାର ଠାରୁ ଦୂରେଇ ଯାଇ ଅଲଗା ରହୁଛନ୍ତି, ଏପରିକି ସେଇ ଏକା ସହରରେ । ଯଦିବା ଅଳ୍ପ କିଛି ପରିବାରରେ ପୁଅବୋହୂମାନେ ଖାପଖୁଆଇ ରହିବାକୁ ଚେଷ୍ଟା କରନ୍ତି ତଥାପି ଅସନ୍ତୋଷ ଲାଗି ରହିଥାଏ । ଅଧିକାଂଶ ସ୍ଥାନରେ ଶାଶୁମାନଙ୍କର ବ୍ୟବହାର ଅତି ତୀବ୍ର ହୋଇଥାଏ । ଅନେକ ସ୍ଥଳରେ ବୋହୂ ଶାଶୁଙ୍କର ବ୍ୟବହାରକୁ ସହି ନ ପାରି ଅଯଥା ଯୁକ୍ତିତର୍କ କରିବା ଦ୍ୱାରା ଘରେ ଅଶାନ୍ତି ସୃଷ୍ଟି ହୋଇଥାଏ । ଦେଖିବାକୁ ଗଲେ ଆପଣଙ୍କ ଘରର ପରିସ୍ଥିତି ଅନ୍ୟମାନଙ୍କ ଠାରୁ ବେଶ୍ ଭଲ । କାରଣ ଆପଣ ଶାଶୁଙ୍କ ସହିତ ଏବେ ଯାଏଁ ଯୁକ୍ତିତର୍କ କରୁ ନାହାନ୍ତି । ମନରେ କଷ୍ଟ ହେଲେ ବି ମୁହଁରେ ହସ ରଖି ଆପଣ କଥାକୁ ଚଳାଇ ନେଉଛନ୍ତି । ତାହା ହିଁ ବୁଦ୍ଧିମାନର ପରିଚୟ । ଘର କାମ ସହିତ ଆପଣଙ୍କୁ ଅଫିସ୍‌ରେ ବି କାମ କରିବାକୁ ଅଛି । ଏଣୁ ଆପଣଙ୍କ ମୁଣ୍ଡ ଥଣ୍ଡା ରହିବା ଦରକାର। ନଚେତ ମାନସିକ ବିଷାଦ ବଢିଯିବ । ବାହାଘରର ବାର ବର୍ଷ ଭିତରେ ଆପଣ ଶାଶୁଙ୍କୁ ଭଲ ଭାବରେ ଚିହ୍ନି ସାରିଛନ୍ତି । ତାଙ୍କର ଅସନ୍ତୋଷ ବ୍ୟବହାରକୁ ଏକ ସାଧାରଣ ଘଟଣା ବୋଲି ଧରି ନିଅନ୍ତୁ । ତାଙ୍କୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ ଅବା ତାଙ୍କ ବିଷୟରେ ଆଉ କାହା ସହିତ ଆଲୋଚନା କରନ୍ତୁ ନାହିଁ । ଆପଣଙ୍କର ସ୍ୱାମୀଙ୍କ ସହିତ ଭଲ ବୁଝାମଣା ରହିଛି । ଏହା ହିଁ ବଡ ଖୁସିର କଥା । ଏଣୁ ମନ ଭିତରୁ ଅସନ୍ତୋଷ କାଢି ଦେଇ ଆପଣ



ହିରଣ୍ମୟୀ ମିଶ୍ରଙ୍କ ହସଖୁସିର ପରିବାର
ଫଟୋ କ୍ରେଡ଼ିଟ୍ : ତାପସ ରାଉତ



▼ହରିହର ଶୁକ୍ଳଙ୍କ ହସଖୁସିର ପରିବାର

ଆନନ୍ଦରେ ରୁହନ୍ତୁ ।

**ସମସ୍ୟା : ୩**

ମୁଁ ଜଣେ ଛାତ୍ରୀ । କଲେଜରେ ପାଠ ପଢୁଛି । ହଷ୍ଟେଲରେ ରହୁଛି । ମୋ ବାପା ଆଗରୁ ଆର୍ମିରେ ଚାକିରି କରୁଥିଲେ । କିନ୍ତୁ ରିଟାୟାର୍ଡ ପରେ ଯାଇ ଗାଆଁରେ ରହିଲେ । ମୋର ଗୋଟିଏ ଭାଇ । ସେ ମୋ ଠାରୁ ବଡ । ସେ ଚାକିରି କରି ପୁନେରେ ତା ପରିବାର ସହିତ ରହୁଛି । ସେ ବାପାମାଆଙ୍କର ଇଚ୍ଛା ବିରୁଦ୍ଧରେ ବିବାହ କରିଛି ବୋଲି ବାପା ତାକୁ ଘରେ ପୁରାଉ ନାହାନ୍ତି । ବାପା ମୋର ବଡ ଜିଦ୍‌ଖୋର ଲୋକ । ତେଣୁ ମାଆ ବି ତାଙ୍କ ଆଗରେ ମୁହଁ ଖୋଲି କିଛି କଥା ହୋଇ ପାରନ୍ତି ନାହିଁ । ଭାଇ ଘର ଠାରୁ ଅଲଗା ରହିବା ପରେ ବାପାଙ୍କର ଜିଦ୍ ଆହୁରି ବଢି ଯାଇଛି । ସେ ଏବେ ତାଙ୍କର ସବୁ ସ୍ୱପ୍ନକୁ ମୋ ଉପରେ ଲଦି ଦେଉଛନ୍ତି । ଏପରିକି ମୋର ଇଚ୍ଛା ବିରୁଦ୍ଧରେ ମୋତେ ହଷ୍ଟେଲରେ ରହିବାକୁ ବାଧ କଲେ । ମୁଁ ଯୁକ୍ତ ଦୁଇ କଳାରେ ପଢିବାକୁ ଇଚ୍ଛା କରୁଥିଲି ସେ ମୋତେ ବାଧ କରି ଯୁକ୍ତ ଦୁଇ ବିଜ୍ଞାନ ପଢାଇଲେ । ମୁଁ କିଛି କହି ପାରିଲି ନାହିଁ କି ମନା ବି କରି ପାରିଲି ନାହିଁ । ଏବେ ମୁଁ ମୋର ଇଚ୍ଛା ବିରୁଦ୍ଧରେ ଆସି ହଷ୍ଟେଲରେ ରହି ଯୁକ୍ତ ଦୁଇ ବିଜ୍ଞାନ ପଢୁଛି । ଭାବିଥିଲି କେମିତି ବି ହେଉ ଯୁକ୍ତ ଦୁଇ ପାସ କଲା ପରେ ଯୁକ୍ତ ତିନି କଳା ପଢିବି । କିନ୍ତୁ ବାପାଙ୍କର ସେଇ ଏକା ଜିଦ୍ ଯେ ଯେମିତି ବି ହେଉ ତୋତେ ଡାକ୍ତରଟିଏ ହେବାକୁ ପଡିବ । ସେଥିପାଇଁ ଯାହା କୋଚିଂ ନେବା କଥା ନେ । କିନ୍ତୁ ଏଥିରେ ତୋର ଅସଫଳତା ମୁଁ ଦେଖି ପାରିବି ନାହିଁ । କିନ୍ତୁ ମୁଁ ଜାଣିଛି ଯେ ଇଚ୍ଛା ବିରୁଦ୍ଧରେ ପଢିଲେ ନିଶ୍ଚୟ ମୋର ପରୀକ୍ଷାରେ ଖରାପ ହେବ । ଆଉ ମୋତେ ପଢିବାକୁ ବି ଭଲ ଲାଗୁନି । ବେଳେ ବେଳେ ଭାବୁଛି ଆତ୍ମହତ୍ୟା କରିଦେବି । ମୁଁ ଥିଲେ ସିନା ବାପା ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ମୋତେ ବାଧ କରିବେ । ତଥାପି ମନ ମାନୁନି । କଣ କରିବି ମୋତେ କିଛି ବୁଦ୍ଧି ଦିଶୁନି ।

◣**ବର୍ଷା ନାୟକ,** ରାଜକନିକା

**ସମାଧାନର ସୂତ୍ର**

ତୁମେ ଯାହା ଲେଖିଛ ସେଥିରୁ ମୁଁ ବୁଝି ପାରୁଛି ତୁମର ମାନସିକ ଯନ୍ତ୍ରଣା ବିଷୟରେ । ଖୋଲାଖୋଲି ମୁଁ କହିବି ଯେ ତୁମର ବର୍ତମାନର ପରିସ୍ଥିତି ପାଇଁ ତୁମେ ନିଜେ ହିଁ ଶତକଡା ଶହେ ଭାଗ ଦାୟୀ । କାରଣ ତୁମେ ତୁମ ବାପାଙ୍କର ଜିଦଖୋର ମନୋଭାବ ବିଷୟରେ ଆଗରୁ ବେଶ ଭଲ ଭାବରେ ଜାଣିଛ । ସେଥିପାଇଁ ତୁମ ଭାଇ ତୁମ ପରିବାରଠାରୁ ଅଲଗା ହୋଇ ରହୁଛି । ତୁମ ବାପା ଜଣେ ବୟସ୍କ ବ୍ୟକ୍ତି । ଜୀବନରେ ତାଙ୍କର ଅନେକ ଅଭିଜ୍ଞତା ଥାଇ ବି ସେ ତାଙ୍କର ଜିଦ୍‌ଖୋର ମନୋଭାବ ଛାଡି ପାରୁ ନାହାନ୍ତି । ତାଙ୍କର ଏହି ଗୁଣକୁ କେହି ବି ପରିବର୍ତନ କରି ପାରିବେ ନାହିଁ । ଏ କଥା ତୁମେ ବୁଝିବା ଦରକାର । ତୁମେ ଯୁକ୍ତ ଦୁଇ ବିଜ୍ଞାନ ପଢିବା ପାଇଁ ତୁମ ବାପା ବାଧ କଲେ । ସେହି ସମୟରେ ତୁମେ ବିନମ୍ର ଭାବରେ ବାପାଙ୍କୁ ଅନୁରୋଧ କରିଥାନ୍ତେ ଯେ ତୁମେ ଏଥିରେ ସଫଳତା ପାଇବ ନାହିଁ । ଆତ୍ମ ବିଶ୍ୱାସ ଓ ଦୃଢ ମନୋବଳର ସହିତ ତୁମେ ବାପାଙ୍କୁ ତୁମ ମନର କଥା ଖୋଲି କରି କହି ଥାଆନ୍ତ । ଘରେ କିଛି ଅଶାନ୍ତି ସୃଷ୍ଟି ହୋଇଥାନ୍ତା ସତ କିନ୍ତୁ ପରେ ସୁଫଳ ମିଳିଥାନ୍ତା । କିନ୍ତୁ ତୁମେ ତାହା ନ କରି ବାପାଙ୍କ କଥା ମାନି ବିଜ୍ଞାନ ପଢିଲ । ଏବେ ତୁମେ ଆଉ ପଛ କଥା ଭାବି ମନଦୁଃଖ କରିବା ନିହାତି ମୁର୍ଖାମୀ । ଯଦି ତୁମେ ବିଜ୍ଞାନ ପଢିବା ପାଇଁ ରାଜି ହୋଇଛ ତେବେ ତୁମର ଅଧ୍ୟବସାୟ ବଳରେ ସଫଳତା ପାଇବା ପାଇଁ ଚେଷ୍ଟା କର ତଥା ମେଡିକାଲ ପଢିବା ପାଇଁ ନିଜକୁ ଏବେଠାରୁ ପ୍ରସ୍ତୁତ କର । ସେଥିପାଇଁ ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ଏତେ ସହଜ କଥା ନୁହେଁ । ଯଦି ସୁଯୋଗ ପାଇଲ ଭଲ କଥା, ନଚେତ ପୁଣି ତୁମେ ଯୁକ୍ତ ତିନି କଳାରେ ପାଠ ପଢି ପାରିବ । କନ୍ତୁ ଭାଙ୍ଗି ପଡ ନାହିଁ ଅବା ଆତ୍ମହତ୍ୟା କଥା କେବେ ବି ମନରେ ଆଣ ନାହିଁ । ନିଜର ଆତ୍ମବିଶ୍ୱାସକୁ ଦୃଢ କର ଏବଂ ନିଷ୍ଠାର ସହିତ ପାଠ ପଢାରେ ମନ ଦିଅ । ସଫଳତା ନିଶ୍ଚୟ ପାଇବ ।



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଏଥରଠୁଁ ଆଇନକାନୁନ୍‌କୁ ନେଇ ଦେବେ ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରିବେ ।

# ପୈତୃକ ସମ୍ପତ୍ତିରେ ଝିଅର ଅଧିକାର

## ଆଇନ ପରାମର୍ଶ - ୧



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍

ଫୋନ : ୯୩୦୯୧୧୯୬୨୫

ବର୍ତ୍ତମାନ ବହୁତ ଲୋକଙ୍କର ଆଇନ ଉପରେ ସଚେତନତା ନାହିଁ । ନିଜର ଅଧିକାର ସମ୍ପର୍କରେ ମଧ୍ୟ ସେମାନେ ଅବଗତ ନାହାଁନ୍ତି । ତେବେ ସେମାନେ କିପରି ସଚେତନ ରହିବେ ସେ ଉପରେ ନଜର ।

ବିଶେଷକରି ମହିଳାଙ୍କର ସମ୍ପତ୍ତି ଉପରେ ଅଧିକାରକୁ ନେଇ ବହୁତ ଜଟିଳ ସମସ୍ୟା ଉପୁଜିଥାଏ । ଯେତେବେଳେ ସେମାନେ ବିବାହ କରି ଅନ୍ୟ ଘରକୁ ଚାଲିଯାଆନ୍ତି, ସେତେବେଳେ ଜଟିଳ ସମସ୍ୟାମାନ ଦେଖା ଯାଇଥାଏ । ତେବେ ଏ ପରିପ୍ରେକ୍ଷୀରେ ପ୍ରଶ୍ନ ଉଠୁଛି, ଗୋଟେ ବିବାହିତ ମହିଳାଙ୍କର ସମ୍ପତ୍ତିଗତ ଅଧିକାର କ'ଣ ?

### ମହିଳାଙ୍କ ଅଧିକାର

ଆପଣ ବିବାହିତା ହୋଇଥାନ୍ତୁ କି ଅବିବାହିତା, ମହିଳାଙ୍କୁ ନିଜର ପୈତୃକ ସମ୍ପତ୍ତିରେ ସମାନ ଅଧିକାର ମିଳିବାର ପ୍ରାବଧାନ ଆଇନରେ ରହିଛି । ଆଇନ୍ ଅନୁଯାୟୀ କୌଣସି ମହିଳାଙ୍କୁ ନିଜ ବାପାଙ୍କର ପୈତୃକ ବା ପୁସ୍ତାନୁ ସମ୍ପତ୍ତିରେ ଅଧିକାର ଦିଆଯାଇଛି । ଯଦି ବାପା ନିଜର ଗଚ୍ଛିତ ସମ୍ପତ୍ତିର କୌଣସି କାଗଜପତ୍ର କରିନାହାଁନ୍ତି, ତେବେ ତାଙ୍କର ମୃତ୍ୟୁ ପରେ ଝିଅଙ୍କୁ ବି ଭାଇ ଏବଂ ମା'ଙ୍କ ପରି ସମାନ ଅଂଶ ମିଳିବ । ଏପରିକି ବିବାହ ପରେ ମଧ୍ୟ ଏହି ଅଧିକାର ରହିବ । ପୁନଶ୍ଚ ବିଧବା ବୋହୂ ମଧ୍ୟ ଶ୍ୱଶୁର ଘର ଠାରୁ ଭରଣପୋଷଣ ଓ ସମ୍ପତ୍ତିରେ ଭାଗ ପାଇବାର ଅଧିକାର ରହିଛି ।

ସର୍ବୋଚ୍ଚ ନ୍ୟାୟାଳୟ ପୈତୃକ ସମ୍ପତ୍ତିରେ ବିବାହିତ ଝିଅକୁ ଭାଗ ଦେବାକୁ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ସେଥିରେ ସେ ବି ବାପା ଦ୍ୱାରା ନିଜ ଝିଅକୁ ଭାଇ କିମ୍ବା ମା'କୁ ଅଣଦେଖା କରି ସମ୍ପତ୍ତିର ଉତ୍ତରାଧିକାରୀ ଘୋଷିତ କରିପାରନ୍ତି ।

ଉତ୍ତରାଧିକାରୀ ନିୟମରେ ସମ୍ପତ୍ତିର ଭାଗବଣ୍ଟା ଦ୍ୱାରା କୌଣସି ବି ବ୍ୟକ୍ତି ସ୍ୱୟଂ ଅର୍ଜିତ ସମ୍ପତ୍ତିକୁ ହସ୍ତାନ୍ତର କରିବାର ଅଧିକାର ବି ସ୍ପଷ୍ଟ ବ୍ୟାଖ୍ୟା କରିଥାଏ । ସୋସାଇଟି ଆକ୍ଟ ଧାରାରେ ଜଣେ ବାପା ନିଜର ବିବାହିତ ଝିଅକୁ ପତ୍ନୀ ଏବଂ ପୁଅକୁ ଅଣଦେଖା କରି ଘରର ମାଲିକାନା ହକ୍ ବଞ୍ଚି ଥାଉ ଥାଉ ବି ନ୍ୟସ୍ତ କରି ପାରିବେ ।

### ବିବାହ ପରେ

ବିବାହ ପରେ ସ୍ୱାମୀର ସମ୍ପତ୍ତିରେ ମହିଳାଙ୍କ ମାଲିକାନା ହକ୍ ନଥାଏ । ହେଲେ ସିଆର୍‌ପିସି ହିନ୍ଦୁ ମ୍ୟାରେଜ୍ ଆକ୍ଟ ହିନ୍ଦୁ ଆଡ଼ପ୍ସନ୍ ଆଣ୍ଡ୍ ମେଣ୍ଟେନାନ୍ସ ଆକ୍ଟ ଏବଂ ଘରୋଇ ହିଂସା ଆଇନ୍ ଅନୁସାରେ ଭରଣପୋଷଣ ଭତ୍ତା ଦାବି କରିହେବ ।

### ସ୍ୱାମୀଙ୍କ ମୃତ୍ୟୁ ପରେ

ଯଦି ସ୍ୱାମୀ କୌଣସି ଘୋଷଣାପତ୍ର କରିନାହାଁନ୍ତି ଏବଂ ତାଙ୍କର ମୃତ୍ୟୁ ହୋଇଯାଏ, ତେବେ ପତ୍ନୀଙ୍କୁ ତାଙ୍କର ସ୍ୱାମୀଙ୍କ ଅର୍ଜିତ ସମ୍ପତ୍ତିରେ ଭାଗ ମିଳିବ । କିନ୍ତୁ ପୈତୃକ ସମ୍ପତ୍ତିରେ ସେ ଦାବି କରି ପାରିବେ ନାହିଁ ।

### ଛାଡ଼ପତ୍ର ପରେ

ଛାଡ଼ପତ୍ର ପରେ ମହିଳାଙ୍କୁ ସ୍ୱାମୀଙ୍କର ପୈତୃକ ଏବଂ ଘୋଷଣାପତ୍ର ଅନୁଯାୟୀ ସମ୍ପତ୍ତିରୁ ଅନୁକମ୍ପା ଭାଗିଦାରୀ ମିଳିବ । ପୈତୃକ ସମ୍ପତ୍ତିରେ ଅନୁକମ୍ପା ମିଳିବା ଦ୍ୱାରା ଛାଡ଼ପତ୍ର ସମୟରେ ଯେତେବେଳେ ଅନୁକମ୍ପା ରାଶି ଧାର୍ଯ୍ୟ କରାଯିବ ସେତେବେଳେ ସ୍ୱାମୀଙ୍କର ଦରମା ଏବଂ ତାଙ୍କ ଅର୍ଜିତ ସମ୍ପତ୍ତି ଏବଂ ପୈତୃକ ସମ୍ପତ୍ତି ଆଧାରରେ ଭରଣପୋଷଣ ଟଙ୍କା ଏବଂ ଅନୁକମ୍ପା ସ୍ଥିର କରାଯିବ ।

### ମହିଳାଙ୍କ ସମ୍ପତ୍ତିରେ ଦାବି

କୌଣସି ମହିଳା ନିଜ ଅଂଶରେ ଆସିଥିବା ପୈତୃକ ସମ୍ପତ୍ତି ଏବଂ ନିଜ ଅର୍ଜିତ ସମ୍ପତ୍ତିକୁ ଚାହିଁଲେ ଆଇନର ସୁରକ୍ଷା ନେଇ ଘୋଷଣାପତ୍ର ପ୍ରସ୍ତୁତ କରିପାରିବେ । ଏଥିରେ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିପାରିବେ ନାହିଁ । ମହିଳା ନିଜେ ଚାହିଁଲେ ପିଲାମାନଙ୍କ ଲାଳନପାଳନ କରିପାରିବେ । ହିନ୍ଦୁ ମ୍ୟାରେଜ୍ ଆକ୍ଟ ୧୯୫୫ର ସେକ୍ସନ ୨୭ ଅନୁସାରେ ପତି ଏବଂ ପତ୍ନୀ ଉଭୟଙ୍କ ଯେତିକି ବି ସମ୍ପତ୍ତି ରହିଥିବ ତା'ର ଭାଗବଣ୍ଟାକୁ ନେଇ ପତ୍ନୀ ଦାବି କରି ପାରିବେ । ଏହାଛଡ଼ା ପତ୍ନୀଙ୍କୁ ତାଙ୍କର ସ୍ତ୍ରୀ ଧନ ଉପରେ ମଧ୍ୟ ଅଧିକାର ରହିଛି । ହିନ୍ଦୁ ମ୍ୟାରେଜ୍ ଆକ୍ଟ ୧୯୫୪ ଅନୁସାରେ ମହିଳାମାନେ ସମ୍ପତ୍ତିରେ ଭାଗବଣ୍ଟାକୁ ନେଇ ଦାବି କରିପାରିବେ । ତାଙ୍କ ଜେଜେବାପା କିମ୍ବା ନିଜ ପୁରୁଖାଙ୍କ ଦ୍ୱାରା ଅର୍ଜିତ ସମ୍ପତ୍ତିରୁ ବି ନିଜର ଅଂଶ ପାଇବାର ଅଧିକାର ରହିଛି । ଏହି ନିୟମ ସମସ୍ତ ରାଜ୍ୟମାନଙ୍କରେ ଲାଗୁ ହୋଇସାରିଛି ।


### ଛାଡ଼ପତ୍ର ଚାଲିଥିବା ସମୟରେ

ଯଦି ପତ୍ନୀ ଓ ପତିଙ୍କ ଛାଡ଼ପତ୍ର ମାମଲା ଚାଲିଥାଏ, ତେବେ ସେ ହିନ୍ଦୁ ମ୍ୟାରେଜ୍ ଆକ୍ଟର ଧାରା ୨୪ ଅନୁସାରେ ଭରଣପୋଷଣ ଟଙ୍କା ଦାବି କରିପାରିବେ । ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଗଲେ ଛାଡ଼ପତ୍ର ସମୟରେ ଯେଉଁ ଅନୁକମ୍ପା ରାଶି ସ୍ଥିର ହୋଇଥାଏ, ତାହା ବି ପତିଙ୍କର ଦରମା ଓ ଅର୍ଜିତ ସମ୍ପତ୍ତି ଆଧାରରେ ହିଁ ଧାର୍ଯ୍ୟ ହୋଇଥାଏ ।

### ଲିଭ୍ ଇନ୍‌ରେ ରହୁଥିବା ମହିଳା

ଲିଭ୍ ଇନ୍ ରିଲେସନ୍‌ସିପ୍‌ରେ ରହୁଥିବା ମହିଳାଙ୍କୁ ଭରଣପୋଷଣ ଟଙ୍କା ପାଇବାର ବି ଅଧିକାର ରହିଛି । ଯଦିଓ ପାର୍ଟନରଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପତ୍ତିରେ ଅଧିକାର ନଥାଏ । ଯଦି ପାର୍ଟନରଙ୍କ ପାଖରେ ଅଧିକ ସମ୍ପତ୍ତି ରହିଛି ଓ ପୂର୍ବରୁ ଭରଣପୋଷଣ ଟଙ୍କା ସ୍ଥିର ରହିଛି ତେବେ ଉକ୍ତ ଭତ୍ତା ଜାରି ରହିପାରେ । ଯଦି ଲିଭ୍-ଇନ୍‌ରେ ରହି ପାର୍ଟନର୍ ଘୋଷଣାପତ୍ର ମାଧ୍ୟମରେ ପାର୍ଟନର୍‌କୁ ସମ୍ପତ୍ତି ଲେଖିଦିଅନ୍ତି ତେବେ ତାଙ୍କର ମୃତ୍ୟୁ ପରେ ମହିଳା ପାର୍ଟନର୍‌କୁ ସମ୍ପତ୍ତି ମିଳିଯିବ ।

ମହିଳା ନିଜ ଉପରେ ଆସିଥିବା ସମ୍ପତ୍ତି କିମ୍ବା ନିଜ ଅର୍ଜିତ ସମ୍ପତ୍ତିକୁ ନେଇ ଯାହା ଚାହିଁବେ କରି ପାରିବେ । ଯଦି ମହିଳା ତାକୁ ବିକିବାକୁ ଚାହିଁବେ ବିକ୍ରି ମଧ୍ୟ କରିପାରିବେ ।



# ଗୁଜୁରାଟୀ ବ୍ୟଞ୍ଜନ



# ଦୁଇଟି ବ୍ୟଞ୍ଜନ




**ଜ୍ୟୋତ୍ସ୍ନା ଅଶ୍ୱିନ ପଞ୍ଚାଲ**

୬ବି, ସାଇବାବା ସୋସାଇଟି, ଗାୟତ୍ରୀ ମନ୍ଦିର ରୋଡ଼, ମହାବୀର ନଗର, ହିମତ ନଗର
ସାବରକାଣ୍ଡ, ଗୁଜୁରାଟ
ଫୋନ : ୯୭୨୪୬୪୩୮୬୬


ଫଟୋ ସୌଜନ୍ୟ : ଲେଖିକା

## ଢୋକ୍‌ଲା



**ଆବଶ୍ୟକ ସାମଗ୍ରୀ :** ଗୋଟେ ଡାଟିଆ ଚାଉଳ, ଗୋଟେ ଡାଟିଆ ବୁଟ ଡାଲି, ଅଧ ଡାଟିଆ ହରଡ଼ ଡାଲି, ଅଧ ଡାଟିଆ ବିରି ଡାଲି, ଅଧ ଡାଟିଆ ଦହି, ଏକ ଇଞ୍ଚ୍ ଅଦା, ପାଞ୍ଚ କି ୬ଟି ଲଙ୍କା, ଦଶ, ବାର କୋଲା ରସୁଣ, ଅଧ ଚାମଚ ହଳଦୀ, ବଡ଼ ଦି ଚାମଚ ତେଲ, ଅଧ ଚାମଚ ଜୁଆଣି, ଛୋଟ ଅଧ ଚାମଚ ସୋଡ଼ା ବା ଇନୋ, ଲୁଣ ସ୍ୱାଦ ଅନୁସାର ।

ଛୁଙ୍କ ପାଇଁ ଅଧା ଚାମଚ ସୋରିଷ, ଗୋଟିଏରୁ ଦିଚାମଚ ତେଲ, କିଛି ହେଙ୍ଗୁ, ଧନିଆପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ଚାଉଳ, ବୁଟ, ହରଡ଼, ବିରି, ଡାଲିକୁ ଗ୍ରାଇଣ୍ଡରରେ ପେଷିଦିଅନ୍ତୁ । ଏହା ପୁରା ପୋଲିସ୍ ପାଉଡ଼ର୍ ନହେଇ ଆରିଷା ପିଠା ଚାଉଳ ପରି ଟିକେ ଖଦଖଦଡ଼ିଆ ରହିବ । ଗୁଣ୍ଡ କରି ସାରିଲା ପରେ ଦହିରେ ପାଣି ମିଶାଇ ଇଡ଼ଲି ପରି ଆଣ କରନ୍ତୁ । ମିଶ୍ରଣକୁ ୬ ରୁ ୭ ଘଣ୍ଟା ରଖିଲା ପରେ ସେଥିରେ ଲଙ୍କା, ଅଦା, ରସୁଣକୁ ବାଟି ମିଶାନ୍ତୁ । ତାପରେ ସେଥିରେ ଲୁଣ, ହଳଦୀ, ତେଲ, ଜୁଆଣି, ଖାଇବା ସୋଡ଼ା ମିଶାଇ ଭଲରେ ଫେଣ୍ଟନ୍ତୁ ।

ଇଡ଼ଲି ଷ୍ଟାଣ୍ଡ୍ ବା କଡ଼େଇରେ ପାଣି ଗରମ କରି ତା ଉପରେ ତେଲ ଲଗା ଯାଇଥିବା ଥାଳି ରଖି ଗରମ କରନ୍ତୁ । ଥାଳି ଗରମ ହେଲେ ସେଥିରେ ମିଶ୍ରଣକୁ ଢାଳି ପ୍ରଥମେ ଜୋର୍ ଆଞ୍ଚ ଆଉ ପରେ ଧିମା ଆଞ୍ଚରେ ୧୫ ରୁ ୨୦ ମିନିଟ୍ ଷ୍ଟିମ୍ କରନ୍ତୁ । ଢୋକ୍‌ଲା ହେଇଗଲେ ଆଞ୍ଚରୁ କାଢ଼ି ପାଞ୍ଚ ମିନିଟ ଥଣ୍ଡା ହେଲା ପରେ ନିଜ ଇଚ୍ଛାନୁସାରେ କାଟନ୍ତୁ । ତାପରେ ତେଲ ଗରମ କରି ସୋରିଷ ଓ ହେଙ୍ଗୁର ଛୁଙ୍କ ତା ଉପରେ ଢାଳି, ଉପରେ ଧନିଆପତ୍ର ସଜେଇ ରସୁଣ ବା ପୋଦିନା ଚଟଣି ସହ ସର୍ଭ କରନ୍ତୁ ।

## ହାଣ୍ଡ୍‌ଓ୍ୱା

**ଆବଶ୍ୟକ ସାମଗ୍ରୀ :** ଗୋଟେ ଡାଟିଆ ଭଙ୍ଗା ଚାଉଳ, ଗୋଟେ ଡାଟିଆ ବୁଟ ଡାଲି, ଅଧ ଡାଟିଆ ହରଡ଼ ଡାଲି, ଅଧ ଡାଟିଆ ଦହି, ଖଣ୍ଡେ ଅଦା, ପାଞ୍ଚ ଛ'ଟି ଲଙ୍କା, ଦଶ/ବାର ରସୁଣ ପାଖୁଡ଼ା, ଅଧ ଚାମଚ ହଳଦୀ, ଲୁଣ ସ୍ୱାଦ ଅନୁସାରେ, ଗୋଟେ ଲମ୍ବା ଲାଉ (ଅଧ କିଲୋ), ୫୦ ଗ୍ରାମ ଗୁଡ଼, ଅଧ ଚାମଚ ଜୁଆଣି, ତେଲ ଦୁଇ ଚାମଚ, ଦୁଇ ବଡ଼ ଚାମଚ ରାଶି । ଛୁଙ୍କ ପାଇଁ- ଦି ଚାମଚ ତେଲ, ଅଧ ଚାମଚ ସୋରିଷ, ହେଙ୍ଗୁ ।

**ପ୍ରସ୍ତୁତି ପ୍ରଣାଳୀ:** ଚାଉଳ ଓ ସବୁ ଡାଲିକୁ ମିଶାଇ ଗ୍ରାଇଣ୍ଡ୍ କରି ଦହି ଆଉ ପାଣି ମିଶାଇ ମୋଟା ଆଣ କରି ୬ ରୁ ୭ଘଣ୍ଟା ରଖିଲା ପରେ ସେଥିରେ ଅଦା, ରସୁଣ, ଲଙ୍କା ବାଟି ମିଶାନ୍ତୁ । ଗୁଡ଼, ଲୁଣ, ହଳଦୀ, ଜୁଆଣି, ତେଲ ମିଶାନ୍ତୁ । ତାପରେ ଲାଉକୁ କୋରି (କୁଦକସ କରି) ମିଶ୍ରଣରେ ମିଶାଇ ଭଲରେ ଫେଣ୍ଟନ୍ତୁ । ଗୋଟେ ମୋଟା ନନ୍‌ଷ୍ଟିକ୍ ପ୍ୟାନ୍‌ରେ ଦି ଚାମଚ ତେଲ ପକେଇ ମିଶ୍ରଣକୁ ଢାଳନ୍ତୁ । ତା ଉପରେ ସବୁତକ ରାଶି ଢାଳି ଦେଇ ଘୋଡ଼େଇ ଦେଇ ମିଡ଼ିଅମ୍ ଆଞ୍ଚରେ ରଖନ୍ତୁ, ପରେ ଆଞ୍ଚ ଧିମା କରନ୍ତୁ । ବୁଢ଼ା ଚକୁଳି ପରି ମଝିରେ ମଝିରେ ଚେକ୍ କରନ୍ତୁ । ତଳ ହେଇସାରିଥିଲେ ହାଣ୍ଡ୍‌ଓ୍ୱାକୁ ଓଲଟାଇ ଗ୍ୟାସ୍‌ରେ କିଛି ସମୟ ରଖନ୍ତୁ । ଦୁଇପଟ ହେଇଗଲେ ତେଲରେ ହେଙ୍ଗୁ ଓ ସୋରିଷ ଫୁଟେଇ ତା ଉପରେ ଢାଳି ଦିଅ । ଥଣ୍ଡା ହେଲେ ଖଣ୍ଡ ଖଣ୍ଡ କରି କାଟି ଧନିଆ ବା ପୋଦିନା ଚଟଣୀ ସହ ଖାଇବାକୁ ଦିଅନ୍ତୁ ।




ରୋଷେଇଶାଳି-୨
ଓଡ଼ିଆ ରାନ୍ଧଣା

# ଦୁଇଟି ବ୍ୟଞ୍ଜନ



**କଳ୍ପଲତା ବେହେରା**
୬୦- ସ୍ୱର୍ଣ୍ଣପୁରୀ, ପଟିଆ, ଭୁବନେଶ୍ୱର-୨୪
ଫୋନ : ୯୪୩୭୨୦୮୪୯୯

ଫଟୋ ସୌଜନ୍ୟ : ଲେଖିକା

## ପାଳଙ୍ଗ ସେଉ



**ଆବଶ୍ୟକ ସାମଗ୍ରୀ :** ବଡ଼ ବଡ଼ ମୋଟା ପତ୍ରଥିବା ପାଳଙ୍ଗ ଶାଗ ଦୁଇ ବିଡ଼ା, ଲୁଣ, ଟିପେ ଖାଇବା ସୋଡ଼ା, ବେସନ, ଛାଣିବା ପାଇଁ ତେଲ, ସେଉ ଛାଞ୍ଚ । ଆବଶ୍ୟକ ମୁତାବକ ପାଣି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳଙ୍ଗ ଶାଗକୁ ଭଲ ଭାବେ ଧୋଇ ଶିର ବାହାର କରି ଖାଲି ପତ୍ର ନେବେ । ଟିକେ ଗରମ ପାଣିରେ ପକେଇ ଦେବେ । ଗରମ ପାଣିରେ ଦେଲେ ରଙ୍ଗ ଭଲ ଆସେ ଓ ଗ୍ରାଇଣ୍ଡର୍‌ରେ ବାଟିବାକୁ ସୁବିଧା ହୁଏ । ନହେଲେ ପତ୍ରତକ ଉପରକୁ ଉଠିବ ଭଲରେ ବାଟି ହେବନି । ଏଇ ବଟା ପାଳଙ୍ଗକୁ ଚାମଚରେ ଘାଣ୍ଟି ଘାଣ୍ଟି ଚାଉମିନ୍ ଛଣାରେ ଭଲ ଭାବେ ଛାଣି ନେବେ । ପାରୁ ସବୁ ବାହାର କରି ଫୋପାଡ଼ି ଦେବେ । ପାଳଙ୍ଗ ବଟାରେ ବେସନ ମିଶେଇବେ । ଟିପେ ଖାଇବା ସୋଡ଼ା ଦେଇ ଲୁଣ ମିଶେଇବେ । ଭଲ ଭାବେ ଘାଣ୍ଟିବେ । ସେଉ ମିଶ୍ରଣ ଟିକେ ଟାଇଟ୍ ହୁଏ । ତାପରେ ସେଉଛାଞ୍ଚରେ ତେଲ ମାରି ସେଇ ମିଶ୍ରଣ ଭର୍ତ୍ତି କରି ଗରମ ତେଲରେ ସରୁସରୁ ସେଉ ଛାଣିବେ । ଉପରେ ବିଟ୍ ଲୁଣ, ଲଙ୍କାଗୁଣ୍ଡ, ଆମଚୁର୍ ପାଉଡ଼ର ଦେଇ ଡବାରେ ଭର୍ତ୍ତି କରି ବହୁତ ଦିନ ପର୍ଯ୍ୟନ୍ତ ରଖି ପାରିବେ । ପିଲାମାନେ ଶାଗ ଖାଇବାକୁ ଭଲ ପାଉନଥିଲା ବେଳେ ଏଇ ସେଉ ସେମାନେ ଖୁସିରେ ଖାଇବେ । ଖୁବ୍ ସ୍ୱାଦିଷ୍ଟ ଏଇ ପାଳଙ୍ଗ ସେଉ ।

## ମଞ୍ଜା ବରା

**ଆବଶ୍ୟକ ସାମଗ୍ରୀ :** ମଞ୍ଜା, କର୍ଣ୍ଣଫ୍ଲୋର୍, ବେସନ, ସିଝା ଆଳୁ, ପିଆଜ, ଲଙ୍କାଗୁଣ୍ଡ କିମ୍ବା କଞ୍ଚାଲଙ୍କା, ଧଣିଆପତ୍ର, ଲୁଣ, ହଳଦୀ, ଅଳ୍ପ ତେଲ । ପରିମାଣ ଦେଖି ସବୁ ଜିନିଷ ନେବେ ।

**ପ୍ରସ୍ତୁତି ପ୍ରଣାଳୀ:** ମଞ୍ଜାର ଉପର ବହଳା ଚୋପା ଛଡ଼େଇ ଭିତରୁ ସୂତା କାଢ଼ି ଗୋଲ ଗୋଲ କାଟିବେ । ତାପରେ ଭଲରେ ଚୁନି ଚୁନି କରି କାଟି ରଖିବେ । ଅଳ୍ପ ପାଣିରେ ଲୁଣ ହଳଦୀ ମିଶାଇ ମଞ୍ଜାକୁ ଟିକେ ସିଝେଇ ନେବେ । ଥଣ୍ଡା ହେଲା ପରେ ଚକଟି ଦେବେ । ଯାହାର ଇଚ୍ଛା ହେବ ଶୁଖିଲା ଗ୍ରାଇଣ୍ଡିଂ ବି କରି ପାରନ୍ତି । ସେଥିରେ ସିଝା ଆଳୁ, କର୍ଣ୍ଣଫ୍ଲୋର୍, ଅଳ୍ପ ବେସନ, ଧଣିଆପତ୍ର କଟା, ଲୁଣ, ହଳଦୀ, ପିଆଜ, ଲଙ୍କା ଦେଇ ଭଲକି ଚକଟି ଦେବେ । ନନ୍ ଷ୍ଟିକ୍ ତାୱାରେ ତେଲ ଦେଇ ଅଳ୍ପ ଅଳ୍ପ କରି ଥୋପି ଥୋପି ବରା ଭଳି ଭାଜିବେ । ନନ୍ ଷ୍ଟିକ୍ ତାୱାରେ କଲେ କମ୍ ତେଲ ଲାଗିବ । ଗରମ ଗରମ ପରଷିବେ, ନିଜେ ଖାଇବେ ।





# ମାର୍ଗଶିରର ମହାଭୋଗ



# ଦୁଇଟି ବ୍ୟଞ୍ଜନ




**ଗାୟତ୍ରୀ ଦାସ**

ଗୀତାଗ୍ରାମ, ଅନୁଗୋଳ

ଫୋନ : ୯୪୩୮୭୭୧୯୧୫


ଫଟୋ ସୌଜନ୍ୟ : ଲେଖିକା



## କୁଣ୍ଡା ଚକୁଳି

**ଆବଶ୍ୟକ ସାମଗ୍ରୀ:** ବିରି, ଚାଉଳ, ଗୁଡ଼, କଦଳୀ, ନଡ଼ିଆ, ଛେନା, ଗୁଜୁରାତି, ତେଜପତ୍ର ୨ଟି, ଘିଅ, ଲୁଣ, କୁଣ୍ଡା ଅଧାଚାମଚ (ବିଧି ପାଇଁ), ଭାସ୍କର ଲବଣ ।

**ପ୍ରସ୍ତୁତି ପ୍ରଣାଳୀ:** ସମାନ ପରିମାଣର ବିରି ଓ ଚାଉଳକୁ ଅଲଗା ଦେଇ ଦୁଇଘଣ୍ଟା ଭିଜାଇ ଦିଅନ୍ତୁ । ଭିଜିଗଲା ପରେ ବିରି ଓ ଚାଉଳକୁ ଅଲଗା ବାଟି ନିଅନ୍ତୁ । ଏବେ ବିରିକୁ ହାତରେ ଭଲ ଭାବରେ ଫେଣ୍ଟି ଦିଅନ୍ତୁ । ନଡ଼ିଆକୁ ଅଧା କୋରି ଦିଅନ୍ତୁ ଏବଂ ଅଧା କାଟି ରଖନ୍ତୁ । ଏବେ ବିରି, ଚାଉଳ, କଟା ନଡ଼ିଆ , କୋରା ନଡ଼ିଆ, ଛେନା, ଗୁଡ଼, କଦଳୀ, ତେଜପତ୍ର, ଗୁଜରାତି ଗୁଣ୍ଡ, ଲୁଣ, ଅଳ୍ପ ଭାସ୍କର ଲବଣ ପକାଇ ଭଲଭାବରେ ଗୋଳାଇ ରଖନ୍ତୁ । ମନେ ରଖିବେ ଆଣ ଯେପରି ମୋଟା ରହେ । ଏବେ ତାୱା କିମ୍ବା କଡ଼େଇରେ ଘିଅ ଦେଇ ଆଣକୁ ଢାଳି ଦିଅନ୍ତୁ । ତାୱା ଗରମ ହେଲା ପରେ ଫ୍ଲେମ୍ କମେଇ ଦିଅନ୍ତୁ ଏବଂ ପିଠା ଶୀଘ୍ର ଶିଝିବା ପାଇଁ ଘୋଡ଼େଇ ଦିଅନ୍ତୁ । କିଛି ସମୟ ଶିଝିଲା ପରେ ଏବେ ଲେଉଟାଇ ପୁଣି ଘୋଡ଼ାଇ ଦିଅନ୍ତୁ । ଦଶ ମିନିଟ୍ ପରେ ଆପଣଙ୍କ କୁଣ୍ଡା ଚକୁଳି ପ୍ରସ୍ତୁତ । କଞ୍ଚା କଦଳୀ ପତ୍ରରେ ଏହି କୁଣ୍ଡା ଚକୁଳିକୁ ସଜେଇ ମା' ମହାଲକ୍ଷ୍ମୀଙ୍କୁ ଅର୍ପଣ କରନ୍ତୁ । ଲକ୍ଷ୍ମୀ ପୁରାଣ ଅନୁସାରେ ଏହି ପିଠାକୁ (ପ୍ରସାଦକୁ) ଘରର ଝିଅକୁ ଖାଇବାକୁ ଦିଆଯାଏ ନାହିଁ କିମ୍ବା ପଡ଼ୋଶୀଙ୍କୁ ମଧ୍ୟ ଦିଆଯାଏ ନାହିଁ ।

## ଛେନା କାକରା

**ଆବଶ୍ୟକ ସାମଗ୍ରୀ:** ଅରୁଆ ଚାଉଳ ୫୦୦ ଗ୍ରାମ, ଗୁଡ଼ ୩୦୦ଗ୍ରାମ, ଗୋଟିଏ ନଡ଼ିଆ (କୋରା ଯାଇଥିବା), ଛେନା ୨୫୦ଗ୍ରାମ, ଗୁଜୁରାତି ୮/୧୦ଟି, ଗୋଲମରିଚ ଗୁଣ୍ଡ ଅଧାଚାମଚ । ଛାଣିବା ପାଇଁ ଘିଅ, ଲୁଣ ସ୍ୱାଦ ଅନୁସାରେ ।

**ପ୍ରସ୍ତୁତି ପ୍ରଣାଳୀ:** ଚୁଲିରେ କଡ଼େଇ ବସେଇ ୧୦୦ଗ୍ରାମ ଗୁଡ଼ ପକାନ୍ତୁ । ଗୁଡ଼ ଗରମ ହୋଇ ପାଗ ହୋଇ ଗଲେ ସେଥିରେ ଛେନା ଏବଂ ନଡ଼ିଆ କୋରା ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ଛେନା, ନଡ଼ିଆ କୋରାରୁ ପାଣି ମରିଗଲେ ଗୁଜରାତି ଗୁଣ୍ଡ ଏବଂ ଗୋଲମରିଚ ଗୁଣ୍ଡ ପକେଇ ଓହ୍ଲାଇ ଦିଅନ୍ତୁ । କାକରା ପାଇଁ ଏବେ ଆପଣଙ୍କର ପୁର ପ୍ରସ୍ତୁତ ।

ଅରୁଆ ଚାଉଳକୁ ଦୁଇଘଣ୍ଟା ପୂର୍ବରୁ ଭିଜାଇ ଚିକ୍କଣ କରି ବାଟି ଦିଅନ୍ତୁ । ଏବେ ଚୁଲାରେ କଡ଼େଇ ବସେଇ ଦୁଇଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋଇଗଲେ ସେଥିରେ ଏକ ଲିଟରରୁ ଟିକେ ଅଧିକ ପାଣି ଦିଅନ୍ତୁ । ସେହି ପାଣିରେ ବଳକା ଗୁଡ଼ ଏବଂ ଗୁଜୁରାତି ଗୁଣ୍ଡ ପକାନ୍ତୁ । ପାଣି ଉଷୁମ ହେଲେ ବାଟିଥିବା ଚାଉଳକୁ ଢାଳି ଘାଣ୍ଟିବାରେ ଲାଗନ୍ତୁ । ଧିମା ଆଞ୍ଚରେ ଜନ୍ତଣୀକୁ ଶିଝାନ୍ତୁ । ସ୍ୱାଦ ଅନୁସାରେ ଲୁଣ ଦିଅନ୍ତୁ । ଜନ୍ତଣୀ ଶିଝିଗଲା ପରେ ଓହ୍ଲାଇ ଦିଅନ୍ତୁ । ଏବେ ହାତରେ ତେଲ ଟିକେ ଦେଇ ଜନ୍ତଣୀକୁ ନରମ କରି ଦଳି ଦିଅନ୍ତୁ ଏବଂ ଛେନା ନଡ଼ିଆର ପୁର ଦେଇ ସୁନ୍ଦର ଭାବରେ କାକରାର ଆକୃତିରେ ଗଢ଼ି ଦିଅନ୍ତୁ । ଏବେ ଅନ୍ୟ ଏକ କଡ଼େଇରେ ଘିଅ ଗରମ କରି କାକରା ଗୁଡ଼ିକୁ ଗୋଟିକ ପରେ ଗୋଟିଏ ଛାଣି ଦିଅନ୍ତୁ । କଦଳୀପତ୍ର ଖଣ୍ଡକ ଉପରେ ଯତ୍ନରେ ସଜେଇ ଦିଅନ୍ତୁ ଏବଂ ଉପରେ ଅଳ୍ପ କର୍ପୂର ଗୁଣ୍ଡ ଛିଞ୍ଚି ଦିଅନ୍ତୁ । ଏବେ ଆପଣଙ୍କର ମହାଭୋଗ ପ୍ରସ୍ତୁତ । ଶ୍ରୀଲକ୍ଷ୍ମୀଙ୍କ ପାଖରେ ଶ୍ରଦ୍ଧାର ସହ ନୈବେଦ୍ୟ ଅର୍ପଣ କରନ୍ତୁ ଏବଂ ଆପଣ ପରିବାର ମଧ୍ୟରେ ବାଣ୍ଟି ଦିଅନ୍ତୁ । ଏହି କାକରା ଖୁବ୍ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟଯୁକ୍ତ ।



# ଚଟ୍‌ପଟି ଖାନା



# ଦୁଇଟି ବ୍ୟଞ୍ଜନ




**ସୁନନ୍ଦା ବେହେରା**
ମାଇନିଂ ରୋଡ, କେନ୍ଦୁଝର

ଫଟୋ ସୌଜନ୍ୟ : ଲେଖିକା


## ଚିଲି ପଟାଟୋ



**ଆବଶ୍ୟକ ସାମଗ୍ରୀ :** ଦୁଇଟି ବଡ଼ ସାଇଜ୍ ଆଳୁ, ଅଧା କପ୍ ମଇଦା, ଅଧା କପ୍ କର୍ଣ୍ଣ ଫ୍ଲୋର୍, ଅଧା ଚାମଚ୍ ଲୁଣ, ଅଳ୍ପ ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ ଅଧାଚାମଚ, ରିଫାଇନ୍ ତେଲ, ଗ୍ରୀନ୍ ଚିଲିସସ୍, ରେଡ୍ ଚିଲିସସ୍, ଦୁଇ ଚାମଚ ଟମାଟୋ କେଚ୍ଅପ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁକୁ ଭଲ ଭାବେ ଧୋଇ ଚୋପା ଛଡ଼େଇ ନେବା । ସମାନ ଆକାରରେ ସରୁ ସରୁ ଲମ୍ବା ଲମ୍ବା କରି କାଟିବା । ଗୋଟେ ବାଉଲ୍‌ରେ ମଇଦା, କର୍ଣ୍ଣଫ୍ଲୋର୍, ସ୍ୱାଦ ଅନୁସାରେ ଲୁଣ, ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ ପକେଇ ଅଳ୍ପ ପାଣି ଦେଇ ଘୋଳ ପ୍ରସ୍ତୁତ କରିବା, ଧ୍ୟାନ ଦେବା ଘୋଳ ଯେମିତି ଅଧିକ ମୋଟା ବା ବେଶି ପତଳା ନହୁଏ । ଏଥର ଚୁଲାର କଡ଼େଇ ବସେଇ ତେଲ ଗରମ କରି କଟା ହେଇଥିବା ଆଳୁକୁ ଉକ୍ତ ଘୋଳରେ ବୁଡ଼େଇ ତେଲରେ ଛାଣିବା ପରେ ବାହାର କରି ରଖିବା । ଏବେ ଚୁଲାରେ ଆଉ ଏକ କଡ଼େଇ ବସେଇ ଏକ ରୁ ଦୁଇ ଚାମଚ ତେଲ ନେବା, ତେଲ ଗରମ ହେଲେ ଛୋଟ ଛୋଟ କଟା ରସୁଣ ଗୋଟେ ଚାମଚ୍ ପକେଇବା, ଟିକେ ଭାଜିହେଲେ ଗୋଟେ ମଧ୍ୟମ ସାଇଜ୍‌ର ପିଆଜ ଚୁନାଚୁନା କାଟି ପକାଇବା, ପିଆଜ ନରମ ହେଇଗଲେ ସେଥିରେ ଗୋଟେ ଚାମଚ ଗ୍ରୀନ୍ ଚିଲିସସ୍, ଗୋଟେ ଚାମଚ ରେଡ଼ ଚିଲିସସ୍ ଆଉ ଦୁଇ ଚାମଚ ଟମାଟୋ କେଚ୍ଅପ୍ ଦେବା । ଏବେ ସେଥିରେ ଛଣା ଆଳୁ ସବୁ ପକେଇ ୫ ମିନିଟ୍ ଯାଏଁ ଅଳ୍ପ ଆଂଚରେ ରାନ୍ଧିବା, ଶେଷରେ ୨ ଚାମଚ ପିଆଜ ସଣ୍ଢା ପକେଇ ଭଲ ଭାବେ ଗୋଳେଇ ଦେଇ ଗ୍ୟାସ୍ ଆଂଚ ବନ୍ଦ କରି, ଏବେ ଗରମ ଗରମ ପ୍ଲେଟ୍‌ରେ ପରଷିବା ସ୍ୱାଦିଷ୍ଟ ଚିଲି ପଟାଟୋ ।

## ଚିକେନ୍ ମୋମୋ

ମୋମୋ ଏକ ନେପାଳି ଖାଦ୍ୟ । କିନ୍ତୁ ଭାରତରେ ତାର ଏକ ସ୍ୱତନ୍ତ୍ର ଚାହିଦା ଅଛି ଭିନ୍ନ ସ୍ୱାଦ ଭିନ୍ନ ରୂପରେ,ଛୁଆଙ୍କ ଠାରୁ ବୟସ୍କ ଯାଏଁ ସମସ୍ତେ ଏବେ ପସନ୍ଦ କରୁଛନ୍ତି ଏଇ ଖାଦ୍ୟ । ଖାଇବା ବଜାରରେ ମୋମୋର ଚାହିଦା ଖୁବ୍ ଅଧିକ । ଫାଷ୍ଟଫୁଡ୍ ଠେଲାରୁ ଆରମ୍ଭ କରି ଫାଇଭ୍ ଷ୍ଟାର୍ ହୋଟେଲ୍ ଯାଏଁ ସବୁଠି ମୋମୋ କ୍ରେଜ୍ । କିନ୍ତୁ ଏହାକୁ ଆମେ ଘରେ ମଧ୍ୟ ବନେଇ ପାରିବା ଖୁବ୍ ସହଜରେ । ଆସନ୍ତୁ ଆଜି ତିଆରିବା ଘରେ ଚିକେନ୍ ମୋମୋ ।

**ଆବଶ୍ୟକ ସାମଗ୍ରୀ :** ଗୋଟେ କପ୍ ମଇଦା, ଚିକେନ୍ ୨୦୦ ଗ୍ରାମ, ଲୁଣ, ସୋୟାସସ୍ ଅଧା ଚାମଚ, ଗୋଟିଏ କଂଚା ଲଙ୍କା, ଛୋଟ ଛୋଟ କଟା ରସୁଣ, ଛୋଟ ଖଣ୍ଡେ ଅଦା, ଗୋଲମରିଚ ଗୁଣ୍ଡ, ଛୋଟ ଛୋଟ କଟା ହୋଇଥିବା ପିଆଜ ସଣ୍ଢା, ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଇଦାରେ ସ୍ୱାଦ ଅନୁସାରେ ଲୁଣ ମିଶେଇ ଅଟା ପରି ଦଳି ଦେବା, ଏହାକୁ ଓଦା କନା ଘୋଡ଼େଇ ରୁମ୍ ଟେମ୍ପେଚର୍‌ରେ ଗୋଟେ ଘଣ୍ଟା ରଖିଦେବା । ଏଥର ଗୋଟେ ବାଉଲ୍‌ରେ ଖୁବ୍ ଛୋଟ ଛୋଟ କଟା ହେଇଥିବା ଚିକେନ ନେବା, ସେଥିରେ ଅଧାଚାମଚ ସୋୟାସସ୍, ଛୋଟ ଛୋଟ କଟା ହେଇଥିବା ରସୁଣ, ଅଦା ଅଧା ଚାମଚ, ଗୋଲମରିଚ ଗୁଣ୍ଡ ଅଧାଚାମଚ୍, ଛୋଟ ଛୋଟ କଟା ପିଆଜ ସଣ୍ଢା ୨ ଚାମଚ, ଗରମ ରିଫାଇନ୍ ତେଲ ଗୋଟେ ଚାମଚ ଦେଇ ସବୁକୁ ଭଲଭାବେ ଗୋଳେଇ ନେବା ।

ଗୋଟେ ଷ୍ଟିମର୍ ବା ଇଟିଲି ଛାଂଚକୁ ଚୁଲାରେ ପାଣି ଦେଇ ପାତ୍ରରେ ଅଳ୍ପ ତେଲ ମାଖି ମଧ୍ୟମ ଆଂଚରେ ବସେଇ ଦିଅନ୍ତୁ । ଏଥର ପୂର୍ବରୁ ପ୍ରସ୍ତୁତ ହେଇଥିବା ଚକଟା ମଇଦାକୁ ଆଣି ସମାନ ଭାବରେ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରିବା । ଗୋଟେ ବଲ୍ ବା ଗୁଳା ହାତରେ ନେଇ ଅନ୍ୟଗୁଡ଼ିକ ଢାଙ୍କି ରଖିଦେବା ଯେମିତି ନ ଶୁଖିଯାଏ । ଏଥର ପ୍ରଥମ ଗୁଳାଟିକୁ ପୁରୀ ପରି ବେଲି ନେବା, ଏଥିରେ ଚିକେନ୍ ଷ୍ଟଫିଂ ବା ପୂର ଦେଇ ସୁନ୍ଦର ଆକାର କରି ମୁହଁ ବନ୍ଦ କରିଦେବା । ସବୁ ଗୁଳାଗୁଡ଼ିକୁ ଏପରି ଷ୍ଟଫିଂ ଦେଇ ଗଢ଼ିନେବା । ଏବଂ ଆଗରୁ ଚୁଲାରେ ବସିଥିବା ଷ୍ଟିମର୍‌ରେ ଏଇ ଗୁଳାସବୁକୁ ରଖି ୨୦ ମିନିଟ୍ ଯାଏଁ ଷ୍ଟିମ୍ ହେବାକୁ ଛାଡ଼ିଦେବା, ୨୦ ମିନିଟ୍ ପରେ ଷ୍ଟିମର୍‌ରୁ କାଢ଼ି ସସ୍ କିମ୍ବା ଚଟଣୀ ସାଥେ ପ୍ଲେଟ୍‌ରେ ପରଷି ଦିଅନ୍ତୁ ଗରମା ଗରମ୍ ଚିକେନ୍ ମୋମୋ । (ଭେଜିଟେବୁଲ୍ ଦେଇ ମଧ୍ୟ ପ୍ରସ୍ତୁତ କରିପାରିବେ ଭେଜ୍ ମୋମୋ) ।



# ସର୍ବୋତ୍ତମ ଉତ୍ତମ



# ଜୀବନରେ ମୁଁ କେବେ ବିଫଳତା ଦେଖିନାହିଁ : ଉତ୍ତମ ମହାନ୍ତି





ସାକ୍ଷାତ୍ : **ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି**
ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ ଓ ହର ପ୍ରସାଦ ମହାପାତ୍ର





ସେ ସର୍ବୋତ୍ତମ । ସେ ସିନେ-ଇତିହାସର ଅଜାତଶତ୍ରୁ । ସେ ସବାକ୍ ସିନେମାର ଅଧୀଶ୍ୱର । ସେ ହେଲେ ଉତ୍ତମ ମହାନ୍ତି । ଶତାଧିକ ସିନେମାରେ ଅଭିନୟ କରିଥିବା ଜଣେ ସଫଳତମ ଅଭିନେତା । ବିଫଳତା ଯାହାକୁ ଛୁଇଁ ପାରିନି, ସଂଘର୍ଷ ଯାହାକୁ ଅଟକାଇ ପାରିନି, ସେ ହିଁ ତ ସର୍ବୋତ୍ତମ । ସେ ହିଁ ଉତ୍ତମ । କେବେ ଭାବିନଥିଲେ, ଓଡ଼ିଆ ଚଳଚ୍ଚିତ୍ରର ସେ ହେଇଯିବେ ତାରକା । ସେ ହେଇଯିବେ ସହସ୍ର ପ୍ରାଣର ହୀରୋ । କେବେ କଳ୍ପନା ବି କରିନଥିଲେ । ଏ କଣ ନାଁର ନିୟତି ! ନା ବିଧି-ନିର୍ଧାର୍ଯ୍ୟ ସତ୍ୟର ସ୍ତୁତି ! କୂଳକିନାରା ମିଳେନା, ଉତ୍ତମଙ୍କ ବ୍ୟାପ୍ତି ଓ ପରିଧିକୁ ଖୋଜି ବସିଲେ । ସେ ଅତୁଲ୍ୟ ସେ ଅଜେୟ ସେ ବି ଅନତିକ୍ରମ୍ୟ ପ୍ରଣମ୍ୟ ପୁରୁଷ, ଆମ ଓଡ଼ିଆ ଛାୟାଛବିର । ସିନେମାରୁ ସନ୍ନ୍ୟାସ ପରେ, ଘରେ ଏବେ ବିନ୍ଦାସ୍ ଜୀବନ ଜିଉଁଥିବା ଏ ମଣିଷଟି ୧୯୭୭ରୁ ଲଗାତାର୍ ସିନେ-ଜଗତକୁ ଭେଟି ଦେଇଛନ୍ତି ଗୋଟେ ପରେ ଗୋଟେ ସଫଳ ଫିଲ୍ମ । ପରିଶ୍ରମର ଫଳ କେବେ ବେକାର୍‌ରେ ଯାଏନି- ଏହାର ଜ୍ୱଳନ୍ତ ଉଦାହରଣ ସେ । ୧୯୫୪ରେ ଜନ୍ମ ଗ୍ରହଣ କରିଥିବା ଉତ୍ତମ, ବାରିପଦାର ବାବୁସାହେବ୍, ଅସୁସ୍ଥତା ସତ୍ତ୍ୱେ 'ରେବତୀ' ପାଇଁ ଏକ୍ସକ୍ଲୁସିଭ୍ ସାକ୍ଷାତକାରରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।



ଓଡ଼ିଆ ସିନେମାର ଅନ୍ୟଜଣେ କିମ୍ବଦନ୍ତୀ ପୁରୁଷ । କଳାଧଳାରୁ ରଙ୍ଗୀନ ସିନେମାର ପଟ୍ଟ ପରିବର୍ତ୍ତନ ପର୍ଯ୍ୟନ୍ତ ଯେତେ ମାଇଲ୍ ଖୁଣ୍ଟ ଅତିକ୍ରମ କରିଛନ୍ତି, ତାହା ତାଙ୍କ ସିନେମା କ୍ୟାରିୟରର ଏକ ଲମ୍ବା ଫର୍ଦ୍ଦ । ନାୟକ ଭାବେ ଓଡ଼ିଆ ଇଣ୍ଡଷ୍ଟ୍ରୀରେ ରାଜ୍ କରିବାର ଯେତିକି ଲମ୍ବା ଇନିସିଂ ସେ ଷ୍ଟାଣ୍ଡବାଏ ହୋଇ ଫାଷ୍ଟ୍‌ଡ଼ାଉନ୍‌ରେ ଅପ୍‌ନର୍ ଭାବେ ରହିଛନ୍ତି, ବୋଧେ ଆଉ କାହା କଳାକାର ଜୀବନରେ ସେମିତି ଘଟି ନାହିଁ । ଜୀବନର ଗତିପଥ ଏମିତି ବଦଳିଯିବ କିଏ ବା ଜାଣିଥିଲା । ଏକ ସଂଯୋଗକ୍ରମେ ସିନେମାରେ ଅଭିନୟ କରିବାକୁ ସୁଯୋଗଟିଏ ପାଉ ପାଉ ହଠାତ୍ କଳାକାର ହୋଇଯିବେ, ତାହା ଥିଲା ଯେମିତି ନିୟତି । ସ୍କୁଲ୍ ହେଉ ବା କଲେଜ୍, ତାଙ୍କର କ୍ୟାରିୟରରେ ନଥିଲା ଜର୍କ । ପାଠ ଯେମିତି ପଢୁଥିଲେ ଖେଳ ବି ସେମିତି ଖେଳୁଥିଲେ । ବାପାମାଆଙ୍କର ଲକ୍ଷ୍ୟ ଥିଲା ଭିନ୍ନ । ଭଲ ପାଠ ପଢ଼ି ଯେମିତି ଭଲ ମଣିଷଟିଏ ହୁଅନ୍ତୁ ବୋଲି ଯେଉଁ ଲକ୍ଷ୍ୟ ଥିଲା ତାହା ପରବର୍ତ୍ତୀ ସମୟରେ ଜଣେ ସୁପରଷ୍ଟାର୍ ହୋଇ ସାରା ଓଡ଼ିଶା ଲୋକଙ୍କ ହୃଦୟ ଜୟ କରିପାରିବେ, କିଏ କଣ ଜାଣିଥିଲା ! ମୟୂରଭଞ୍ଜର ବାରିପଦା ସହରରେ ୧୯୫୪ ମସିହାରେ ଜନ୍ମ ହୋଇଥିବା ଉତ୍ତମଙ୍କ ସିନେମା କ୍ୟାରିୟର୍ ଓଡ଼ିଆ ସିନେମା ପାଇଁ ଯେମିତି ଏକ ସୁବର୍ଣ୍ଣଯୁଗ ଆଣିଥିଲା, ନିଜ ପାଇଁ ବି ସେମିତି ଅନେକ ଦିନ ଆଧିପତ୍ୟ ଜାହିର କରିବାରେ ସହାୟକ ହୋଇ ପାରିଥିଲା ।

**ଉତ୍ତମଙ୍କ ପିଲାଦିନ**

ବାରିପଦା ଭଳି ଏକ ମନୋରମ ପରିବେଶରେ ଜନ୍ମ । ପ୍ରକୃତି କୋଳର ସବୁଜିମା ଭିତରେ ହଜି ଯାଇଥିବା ଏକ ସହର

# ମନୋରଂଜନ ନୁହେଁ, ଓଡ଼ିଶାର କଳାକୁ ବଞ୍ଚାଇବାକୁ ସମସ୍ତଙ୍କ ଭିତରେ ସେହି ପ୍ରେମ ରହିବା ଦରକାର : ଉତ୍ତମ ମହାନ୍ତି

**▲ଅଭିନୟକୁ ଆପଣେଇବା ପଛରେ ସେମିତି କିଛି କାହାଣୀ ଅଛି କି ?**

▲▲ନା, ସେମିତି ମୋର ମୂଳରୁ ହିଁ ଆଗ୍ରହ ନଥିଲା । ଲୁଧିଆନାରେ ଚାଟାର୍ଡ଼ ଆକାଉଣ୍ଟାନ୍‌ସି ପଢୁଥିଲି । ସେତେବେଳେ ଆମ ଅଞ୍ଚଳର ଜଣେ ପ୍ରଯୋଜକ ସିନେମାରେ ଅଭିନୟ କରିବାକୁ କହିଲେ । ମୁଁ ସେମାନଙ୍କ କଥାରେ ରାଜି ହୋଇ ଯାଇଥିଲି । ଯେହେତୁ ପ୍ରଯୋଜକ, ସଂଳାପ ଲେଖକ, ସଂଗୀତ ନିର୍ଦ୍ଦେଶକଙ୍କ ଘର ଆମ ବାରିପଦା ସହରରେ ଥିଲା, ସେଥିପାଇଁ ଆଗ୍ରହ ପ୍ରକାଶ କରିଥିଲି । ଏକ ମାସ ସୁଟିଂ ଲାଗିଥିଲା । ତା'ପରେ ମୁଁ ୨ବର୍ଷ ସିନେମା କରି ନଥିଲି । କିନ୍ତୁ ପରେ ଏମିତି ଏକ ଘଟଣା ଘଟିଲା ଯାହା ମୋତେ ସବୁଦିନ ସିନେମା ଲାଇନ୍‌ରେ ରହିବାକୁ ବାଧ୍ୟ କରିଥିଲା ।


**▲ଏମିତି କେଉଁ ଘଟଣା ଘଟିଲା ଯାହା ପାଇଁ କଳାକାର ହେବାକୁ ମନ ବଳାଇଲେ ?**

▲▲ମୋତେ ଗୋଟେ ବଙ୍ଗଳା ସିନେମା ଭଲ ଲାଗିଥିଲା । ମୁଁ ସେହି ସିନେମାଟିକୁ ଓଡ଼ିଆରେ କରିବାକୁ ପ୍ରଯୋଜକଙ୍କୁ କହିଥିଲି । ସେ ରାଜି ହୋଇ ସିନେମାଟିକୁ କରିଥିଲେ ଓ ମୋତେ ଲିଡ୍ ରୋଲ୍ ମଧ୍ୟ ଦେଇଥିଲେ । ଏମିତିକି ମୋ କଷ୍ଟ୍ୟୁମ୍‌ର ମାପ ନେଇ ସାରିଥିଲେ । କିନ୍ତୁ ହଠାତ୍ ଶୁଣିଲି ଅନ୍ୟଜଣକୁ ନାୟକ ଭାବରେ ନେଉଛନ୍ତି । ତାହା ଶୁଣି ମୋ ମନ ଭିତରେ ପ୍ରତିକ୍ରିୟା ତିଆରି ହୋଇଥିଲା । ମୁଁ ପରେ ଆଉ ଏକ ସିନେମାରେ ସେହି ରାଗରେ ଅଭିନୟ କରିଥିଲି, ଯାହା ହିଟ୍ ସାବ୍ୟସ୍ତ ବି ହୋଇଥିଲା । ତା'ପରେ ଆଉ ମୁଁ ପଛକୁ ଫେରି ଚାହିଁନାହିଁ ।

**▲ଓଡ଼ିଆ ସିନେମା ଯେତେବେଳେ ଅଗ୍ନି ପରୀକ୍ଷା ଦେଉଥିଲା, ଆପଣ ଅଭିନେତା ହିସାବରେ ପରଦାକୁ ଆସିଥିଲେ, ସେତେବେଳେ କେଉଁ ସ୍ଥିତି ଦେଇ ଓଡ଼ିଆ ସିନେମା ଗତି କରୁଥିଲା ?**

▲▲ମୋତେ କିଛି ଅଗ୍ନିପରୀକ୍ଷା ଦେବାକୁ ପଡ଼ି ନାହିଁ । ମୁଁ ଯେତେବେଳେ 'ଅଭିମାନ' ପରେ ଓଡ଼ିଆ ସିନେମାରେ ପ୍ରବେଶ କଲି, ସେତେବେଳେ ସାଉଥ୍ ଇଣ୍ଡିଆନ୍‌ମାନେ ଓଡ଼ିଆ ଇଣ୍ଡଷ୍ଟ୍ରୀରେ ରାଜ୍ କରୁଥିଲେ । ସେମାନଙ୍କର କିଛି ପୁରୁଣା ତେଲୁଗୁ ସିନେମାକୁ ଆଣି ଓଡ଼ିଆରେ କରୁଥିଲେ । ଅବଶ୍ୟ ପରେ ପରେ କିଛି ନିର୍ଦ୍ଦେଶକ ଏହି ଧାରାକୁ ବଦଳେଇ ଥିଲେ । ଖାଣ୍ଟି ଓ ନିଛକ କାହାଣୀରେ ଓଡ଼ିଆ ସିନେମା ନିର୍ମାଣ କଲେ । ଯାହାଦ୍ୱାରା ଓଡ଼ିଆ ସିନେମାର ଧାରା ପରିବର୍ତ୍ତନ ହୋଇ ଯାଇଥିଲା ।

**▲ସିନେମାରେ ଆପଣ ଜଣେ କିମ୍ବଦନ୍ତୀ ପୁରୁଷ । କୁହନ୍ତୁ ସିନେମାର ଯେଉଁ**



**କ୍ରମବିବର୍ତ୍ତନ ଘଟିଛି କଣ ବିଳକ୍ଷଣ ଦେଖିବାକୁ ମିଳୁଛି ?**

▲▲ସେତେବେଳେ ମନୋରଞ୍ଜନର କୌଣସି ମାଧ୍ୟମ ଏତେ ନଥିଲା । ଲୋକେ ଓଡ଼ିଆ ସିନେମା ଦେଖିବାକୁ ବେଶି ପସନ୍ଦ କରୁଥିଲେ । ଆଜିକାଲି ଭଳି ଏତେ ସୁଯୋଗ ମଧ୍ୟ ହାତପାହାନ୍ତାରେ ନଥିଲା । ଏବେ ଲୋକେ ଘରେ ବସି ଟିଭି କି ମୋବାଇଲ୍‌ରେ ଯେମିତି ସିନେମା ଦେଖି



ବାରିପଦା । ସେଇଠି ଉତ୍ତମଙ୍କ ପିଲାଦିନ ସୁରୁଖୁରୁରେ କଟିଥିଲା । ସିନେମାରେ ହେଉ କି ପାଠପଢ଼ା, ସବୁଠି ସାଧନା ଓ ଅଧ୍ୟବସାୟ ଥିଲା ଆଗ । ସେ ମୋଟାମୋଟି ଭାବରେ ଖେଳପ୍ରିୟ ଯେମିତି, ପାଠ ବି ସେମିତି ଭଲ ପଢୁଥିଲେ । ସିନେମା କିଏ ନା ସିଏ କିଏ । ଏମ୍.କେ.ସି. ହାଇସ୍କୁଲରେ ଦଶମ ପାସ୍ କଲା ପରେ ବିଜ୍ଞାନ ଛାତ୍ର ଭାବରେ ଏମ.ପି.ସି. କଲେଜ, ବାରିପଦାରେ ଯୋଗ ଦେଲେ । କଲେଜ କ୍ୟାରିଅର୍‌ରେ ଗୀତଗାଇବା ଓ ଅଭିନୟ କରିବା ପ୍ରତି ଥିଲା ଦୁର୍ବଳତା । ସେ ବିଭିନ୍ନ କାର୍ଯ୍ୟକ୍ରମରେ କଲେଜରେ ଅଂଶଗ୍ରହଣ କରିବା ସହ ଭଲ ମଧ୍ୟ ଖେଳି ପାରୁଥିଲେ । ତାଙ୍କର ବିଶେଷକରି ବ୍ୟାଡ଼ମିଣ୍ଟନ୍ ଓ ଟେବୁଲ୍ ଟେନିସ୍ ଖେଳ ପ୍ରତି ଦୁର୍ବଳତା ରହିଥିଲା । ସେ ଗ୍ରାଜୁଏସନ୍ କମର୍ସରେ ପାସ୍ କରିସାରିବା ପରେ ଚାଟାର୍ଡ଼ ଆକାଉଣ୍ଟାନ୍ସି ପଢ଼ିବା ପାଇଁ ଲୁଧିଆନା ଚାଲି ଯାଇଥିଲେ । ତାଙ୍କର ବଡ଼ ଭାଇ ଅରୁଣ କୁମାର ମହାନ୍ତି ସେତେବେଳେ କୋଲକାତାରେ ରହୁଥାନ୍ତି । ସେହି କାରଣରୁ ସେ ଆସି ତାଙ୍କ ବଡ଼ ଭାଇଙ୍କ ପାଖରେ ରହିଥିଲେ ।

## ସିନେମାରେ କ୍ୟାରିଅର୍

ସେ ସିନେମାରେ କ୍ୟାରିଅର୍ କରିବେ ବୋଲି କେବେ ବି ଭାବି ନଥିଲେ । ଏମିତି ବି ସିନେମାକୁ ନେଇ ତାଙ୍କ ଜୀବନରେ କିଛି ପ୍ଲାନିଂ ନଥିଲା । ସେ ବାପାମାଆଙ୍କର ଇଚ୍ଛାକୁ ପୂରଣ କରିବାକୁ ଯାଇ ଶିକ୍ଷାଗ୍ରହଣ କରିବାରେ ବେଶି ମନୋନିବେଶ କରିଥିଲେ । ସାନପୁଅ ହୋଇଥିବା ପାରୁଛନ୍ତି, ସେମିତି କିଛି ସୁବିଧା ନଥିଲା । ସେଥିପାଇଁ ସିନେମାର କ୍ରେଜ୍ ଅଧିକ ଥିଲା । ସେତେବେଳେ ଏତେ ଟେକ୍ନୋଲୋଜି ଉନ୍ନତ ନଥିଲା, ଯାହା ଆଜିକା ଦିନରେ ସିନେମା ମେକିଂ ପାଇଁ ସହଜ ହୋଇ ପାରିଛି । ସେତେବେଳେ କାହାଣୀକୁ ଗୁରୁତ୍ୱ ଦିଆ ଯାଉଥିବା ବେଳେ ଏବେ କପି ସିନେମାକୁ ବେଶି ପ୍ରାଧାନ୍ୟ ଦିଆଯାଉଛି । ଏବେ କାହାଣୀ ଓ ଯୁବ ନିର୍ଦ୍ଦେଶକଙ୍କର ଆବଶ୍ୟକତା ରହିଛି ।

**▲ଆପଣ ଦୀର୍ଘଦିନ ଧରି ସିନେମାରେ ରାଜ୍ କରୁଥିଲେ, କେଉଁ ବିଫଳତା କି ସଫଳତା ଆଜି ବି ମନେ ରହିଛି ?**

▲▲ ଜୀବନରେ ମୁଁ ବିଫଳତା କେବେ ଦେଖି ନାହିଁ । ଏମିତି ସମୟରେ ମୁଁ ସିନେମାରେ ଥିଲି ଖାଲି ସଫଳତା ହିଁ ସଫଳତା ମିଳିଛି ।

**▲ନିଜର ସଂଘର୍ଷ କରିବାର ସମୟ କେମିତି ଥିଲା ?**

▲▲ମୋର ସଂଘର୍ଷ ବୋଲି କିଛି ନାହିଁ । ମୁଁ ଘରେ ସାନପୁଅ ହୋଇଥିବା କାରଣରୁ ଯାହା ଇନ୍‌କମ୍ କରୁଥିଲି, ତାହା ହିଁ ଖର୍ଚ୍ଚ କରୁଥିଲି । ମୋ ଉପରେ ପାରିବାରିକ କିଛି ଚାପ ନଥିଲା ।

**▲ଆପଣ ଯଦି ନ୍ୟାସ୍‌ନାଲ୍ ସ୍କୁଲ୍ ଅଫ୍ ଡ୍ରାମାରେ ପଢ଼ିଥିଲେ, ଓଡ଼ିଆ ବ୍ୟତୀତ ହିନ୍ଦୀ ସିନେମା କରିବାର ଅଭିଳାଷ ରଖିଥାନ୍ତେ କି ?**

▲▲ହଁ, ନିଶ୍ଚିତ ଭାବରେ ମୁଁ ଯେତେବେଳେ ସେଥିରେ ପାଠ ପଢ଼ିଥାନ୍ତି, ନିଶ୍ଚିତ ଭାବରେ କ୍ୟାରିୟର୍ କରିବାକୁ ଚାହିଁଥାନ୍ତି । ଆଗକୁ ଯିବାକୁ ମଧ୍ୟ ଚାହିଁଥାନ୍ତି । କିନ୍ତୁ ମୋର ତ ମୂଳରୁ ଅଭିନୟକୁ ଆସିବାର ନଥିଲା । ସେଥିପାଇଁ ମୁଁ ହିନ୍ଦୀ ପ୍ରତି ମନ ବଳାଇ ନଥିଲି ।

**▲ସେତେବେଳେ ସିନେମା ଜଟିଳ ସମୟ ଦେଇ ଗତି କରୁଥିଲେ ବି କ୍ରେଜ୍ ଅଧିକ ଥିଲା, ଆଜି କାହିଁକି ସେସବୁ ଦେଖିବାକୁ ମିଳୁନାହିଁ ?**

▲▲ସେତେବେଳେ ମନୋରଞ୍ଜନର ମାଧ୍ୟମ ତ କିଛି ନଥିଲା, ତାପରେ ବି ଓଡ଼ିଆ ସିନେମା ନିଛକ କାହାଣୀକୁ ନେଇ ତିଆରି ହେଉଥିବାରୁ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଫଳରେ ଲୋକେ ସିନେମା ସହିତ ବାନ୍ଧି ହୋଇ ରହୁଥିଲେ, ଯାହା ଆଜି ଦେଖିବାକୁ ମିଳୁନାହିଁ ।

**▲ସମୟ ଅନୁସାରେ ଆପଣ ନିଜ ଅଭିନୟର ତରିକା ବଦଳେଇ ଦେଇଥିଲେ, ତାହାକୁ ଦର୍ଶକ ଗ୍ରହଣ କରିଥିଲେ କି ?**

▲▲ହଁ, ମୁଁ ଖାଲି ସାମାଜିକ କାହାଣୀକୁ ନେଇ ତ ସିନେମା କରିନାହିଁ ବରଂ ପୌରାଣିକ ସହିତ କଳାତ୍ମକ ସିନେମା ବି କରିଛି । ଦର୍ଶକ ସବୁ ପ୍ରକାର ଚରିତ୍ରରେ ଦେଖିବାକୁ ପସନ୍ଦ କରିଛନ୍ତି । ମୁଁ ନାୟକ ଭାବେ ଅନେକ ଦିନ ଅଭିନୟ କରିବା ପରେ ବି ଚରିତ୍ର ଅଭିନେତା ହିସାବରେ ଲୋକେ ଗ୍ରହଣ କରିଛନ୍ତି ।

**▲ଉତ୍ତମ-ଅପରାଜିତାଙ୍କ ଯୋଡ଼ି ବେଶ୍ କିଛି ବର୍ଷ ଚର୍ଚ୍ଚାରେ ରହିଥିଲା, ପ୍ରେମରୁ ବିବାହ ନା ବିବାହରୁ ପ୍ରେମ ହୋଇଥିଲା, ଯାହା ସେମିତି ଆଜିଦିନ ଯାଏଁ ଅତୁଟ ରହିଛି ?**

▲▲ସେମିତି ଦେଖାଚାହାଁ, ପ୍ରେମ ଓ ତା'ପରେ ବିବାହ । ସେମିତି ଦେଖିବାକୁ ଗଲେ ପ୍ରେମ କଥା ଯାହା ହେଉ ବିବାହ ପାଇଁ ପ୍ରପୋଜାଲ୍ ପଡ଼ିଥିଲା, ଓ ବାହାଘର ହୋଇଥିଲା ।

**▲ଆପଣଙ୍କ ପରିବାର କଳାରେ ସମର୍ପିତ, ତାହା ପୁଣି ଲିଡ୍ କଳାକାର ଆପଣଙ୍କ ପରିବାରରୁ, ସିନେମାରେ ଆପଣଙ୍କ ଉତ୍ତରପିଢ଼ିକୁ କାହିଁକି ସାମିଲ୍ କରେଇଲେ ?**

▲▲ସବୁ ସେହି ଭଗବାନଙ୍କ ଇଚ୍ଛା । ଆମେ ଚାହୁଁଥିଲୁ ବାବୁସାନ୍ ଗୀତ ଗାଉ । ସେଥିପାଇଁ ତାକୁ ଗୀତ ହିଁ ଶିଖାଉଥିଲୁ । ତା' ମାଆର ଯେମିତି ଇଚ୍ଛା





▼ଜଳରଂଗ ପୋଟ୍ରେଡ୍ : ସଂଜୟ ରାଉଳ

କାରଣରୁ ଖୁବ୍ ଅୟସ୍‌ରେ କଟିଥିଲା ଦିନସବୁ । ହିପି ସାଙ୍ଗକୁ ସାମ୍ପୁକରା ବାଳ, ସୁନ୍ଦର ଶରୀର, ଗୋଲ୍‌ଗାଲିଆ ସୁଠାମ ଚେହେରାର ଚମକ ଯେମିତି ଥିଲା, କେଉଁ ହିନ୍ଦୀ ସିନେମାର ହିରୋ ବି ବଳି ଯିବେନି । ହିରୋ ଫିଗର୍‌କୁ ଦେଖି ହଠାତ୍ ଦିନେ ଜଣେ ପ୍ରଯୋଜକ ସିନେମାରେ ଅଭିନୟ କରିବାକୁ ଡ଼ାକିଲେ,



ଯାହା ଥିଲା ସଂପୂର୍ଣ୍ଣ ନୂଆ ଉତ୍ତମଙ୍କ ପାଇଁ । ଏମିତି ବି ହେଲା ସେହି ସିନେମାଟି ହିଟ୍ ସାବ୍ୟସ୍ତ ହେଲା । ଜମାରୁ ଅଭିନୟରେ ଦଖଲ ନଥିବା ଉତ୍ତମ ଏତେ ଭଲ ରୋଲ୍ କରିବେ ବୋଲି କାହାର ବି ଆଶା ନଥିଲା । ୧୯୭୭ ମସିହାର କଥା । ପ୍ରଥମ ସିନେମା 'ଅଭିମାନ' । ଏ ସିନେମା ହିଁ ବଦଳାଇ ଦେଲା ତାଙ୍କ ଜୀବନର ଗତିପଥ । 'ଅଭିମାନ' ପାଲଟିଗଲା ପରିବର୍ତ୍ତନର ଏକ ଦିଗବାରେଣୀ । ଏ ସିନେମା ଥିଲା ସ୍ନେହର ଏକ ଡାକ : ଆନ୍ତରିକତାର ଏକ ଆହ୍ୱାନ । ତାଙ୍କ ଜୀବନରେ ଏ ଘଟଣା, ତାଙ୍କୁ ସିନେମା ଦୁନିଆରେ ସବୁଦିନ ବାନ୍ଧି ରଖିବାକୁ ଯେମିତି ସ୍ଥାନ ସୁରକ୍ଷିତ କରି ରଖିଥିଲା । ତାଙ୍କୁ ଗୋଟିଏ ସିନେମାରେ ଅଭିନୟ କରିବାକୁ ନିଷ୍ପତ୍ତି ନିଆଯାଇ ଅନ୍ୟଜଣକୁ ସେହି ସ୍ଥାନରେ ନିଆଯିବା କଥାଟି ତାଙ୍କୁ ବହୁତ ବାଧିଥିଲା । ସେଥିପାଇଁ ସେ ପରବର୍ତ୍ତୀ ସିନେମାରେ ଅଭିନୟ କରିବେ ଓ ତାଙ୍କର ପାରଦର୍ଶିତାକୁ ପ୍ରମାଣ କରେଇବେ, ଏମିତି ଏକ ଜିଦ୍‌ରେ କଳାକାର ବନିଗଲେ ସେ । ଜିଦ୍ ରହିଲା, ସିନେମା ବି ହେଲା । କିନ୍ତୁ ନିଜର ଦକ୍ଷତାକୁ ଏଭଳି ଭାବରେ ପ୍ରମାଣ କରିଦେଲେ ଯେ ସିନେମାଟି ହିଟ୍ ସାବ୍ୟସ୍ତ ହୋଇ ଦର୍ଶକ ମହଲରେ ଆଦୃତି ଲାଭ କଲା । ଏହି ଘଟଣା ପରେ ସେ ସିନେମାରେ ଏମିତି ମଜ୍ଜିଗଲେ ଯେ, ପଛକୁ ଫେରି ଚାହିଁବାକୁ ମିନିଟିଏ ବି ମିଳିଲାନି ।

## ସିନେମାରୁ ପ୍ରେମ, ପ୍ରେମରୁ ବିବାହ

ସିନେମା ହେଉ କି ସାଧାରଣ ଜୀବନ, କାହା ଭିତରେ ପ୍ରେମ ଜନ୍ମ ନ ନେଇଛି ! କିଏ କେତେବେଳେ କାହା ପ୍ରେମରେ ପଡ଼ିବ, କିଏ କଣ କହିପାରିବ ! କିଏ ପ୍ରେମରେ ହାରିଯିବ, ତ କିଏ ପ୍ରେମରେ ଜିତିଯିବ । କେଉଁଠି ବି ପ୍ରେମ ମଝିରେ ଅଟକି ଯାଇ କଷ୍ଟ ଦେବ । କେଉଁ ପ୍ରେମ ବି ବିବାହରେ ରୂପାନ୍ତରିତ ହେବ କହିବା ମୁସ୍କିଲ୍ । ସେମିତି ଉତ୍ତମଙ୍କ ଜୀବନରେ ମଧ୍ୟ ପ୍ରେମକୁ ନେଇ

ଥିଲା ମୋର ବି ସେମିତି ଇଚ୍ଛା ଥିଲା, ସିଏ କଣ୍ଠଶିଳ୍ପୀଟିଏ ହେଉ । ସେ ଭଲ ଗୀତ ବି ଗାଉଥିଲା । କାଳକ୍ରମେ ସେ ନାୟକ ପାଲଟିଗଲା ।

**▲ପ୍ରଥମ ଅଭିନୀତ ସିନେମାର ଅଭିନୟ କେମିତି ଥିଲା ?**

▲▲ମୁଁ ସିନେମା କଣ, ଏହାର ଟେକ୍ନିକାଲ୍ ପାର୍ଟ କଣ ଜାଣି ନଥିଲି । ମୋତେ ଡ଼ରାଇ ଦେଉଥିଲେ ସମସ୍ତେ ଏୟା କରିବୁ, ଏୟା କରିବୁନି । କିନ୍ତୁ ମୋର ଗୋଟେ ଭଲ ଗୁଣ ଥିଲା, ମୁଁ ବହୁତ କିଛି ମନେ ରଖି ପାରୁଥିଲି । ସେଥିପାଇଁ ଅଭିନୟ କରିବାରେ ମୋର କିଛି ଅସୁବିଧା ହୋଇନଥିଲା ।

**▲ପ୍ରଯୋଜକ ନା ନିର୍ଦ୍ଦେଶକ କାହାର ଦିଗ୍‌ଦର୍ଶନରେ ସେତେବେଳେ ସିନେମାକୁ ହିଟ୍‌ରେ ରୂପାନ୍ତରିତ କରି ହେଉଥିଲା ?**

▲▲ପ୍ରଯୋଜକଙ୍କର ସେତେବେଳେ ଏତେ କିଛି ଆଧିପତ୍ୟ ନଥିଲା, ନିର୍ଦ୍ଦେଶକ ଯାହା କହୁଥିଲେ, ତାହା ହିଁ କରୁଥିଲୁ । ନିର୍ଦ୍ଦେଶକଙ୍କ ଅଧିକ ଦାୟିତ୍ୱ ଥିଲା ସିନେମା ହିଟ୍ କରେଇବାରେ ।

**▲ଗୀତ ଉପରେ ସେତେବେଳେ ହିଟ୍ ପାଇଁ ନିର୍ଭର କରିବାକୁ ପଡୁଥିଲା କି ? ନା କାହାଣୀକୁ ଲୋକେ ବେଶି ପସନ୍ଦ କରୁଥିଲେ ?**

▲▲ସେତେବେଳେ ହେଉକି ଏବେ, ଗୀତ ଉପରେ ସିନେମାକୁ ତ ନିର୍ଭର କରିବାକୁ ପଡେ । ମୋର ସବୁଯାକ ସିନେମାର ଗୀତ ହିଟ୍ ସାବ୍ୟସ୍ତ ହୋଇଥିଲା । କାହାଣୀ ତ ମୁଖ୍ୟ ବିଷୟବସ୍ତୁ । ଗୀତ



ଓ କାହାଣୀର ସନ୍ତୁଳନରେ ସିନେମା ହିଟ୍ ସାବ୍ୟସ୍ତ ହୁଏ ।

**▲ଆପଣଙ୍କର ସମସାମୟିକ ନିର୍ଦ୍ଦେଶକ, ସଂଳାପ ଲେଖକ, କଳାକାରଙ୍କ ମଧ୍ୟରେ କାହାକୁ ବେଶି ମନେ ରଖିବାକୁ ବାଧ୍ୟ ହୋଇଛନ୍ତି, ସେମିତି କେହି ବ୍ୟକ୍ତିତ୍ୱଙ୍କ ନାଁ ସ୍ମରଣକୁ ଆଣିବେ କି ?**

▲▲ସେତେବେଳେ ମୋର ସମସାମୟିକ କେହି ନଥିଲେ ବରଂ ବଡ଼ ଥିଲେ । ଏମିତି କିଛି ଚରିତ୍ର ବଡ଼ ହୁଅନ୍ତୁ କି ସାନ ମନେ ରହିବେ, ସେମାନେ ହେଲେ ହର ପଟ୍ଟନାୟକ, ରବି କିନ୍ନାଗୀ, ଶିଶିର ମିଶ୍ର ମୋତେ ପ୍ରଭାବିତ କରିଛନ୍ତି ।

**▲ସିନେମାରେ ବର୍ତ୍ତମାନ ଯେଉଁ କାହାଣୀର ଅଭାବ ଦେଖା ଯାଉଛି ବୋଲି ସମସ୍ତେ କହୁଛନ୍ତି, ଏହାକୁ କିଭଳି ଗ୍ରହଣ କରିବେ ?**

▲▲ହଁ, ଏହି କଥା ସହିତ ମୁଁ ଏକମତ । ବର୍ତ୍ତମାନ କେହି ଭଲ ସ୍କ୍ରିପ୍ଟ ରାଇଟର୍ ବାହାରିବା ଦେଖା ଯାଉନାହିଁ ବା ଆବିଷ୍କାର କରା ଯାଉନାହିଁ । କାହାଣୀର ଦୁର୍ବଳତା ଆଜି ଓଡ଼ିଆ ସିନେମାରେ ବହୁଳ ପରିମାଣରେ ଦେଖିବାକୁ ମିଳିଛି ।

**▲ଆପଣଙ୍କ ଜମାନାରେ ସିନେମାରେ ଥିଲା ଓଡ଼ିଆ ବାସ୍ନା । ଏବେ ତାହା ଗାଏବ୍ କାହିଁକି ?**

▲▲କେହି ଆଉ କାହାଣୀ ତିଆରି କରିବା ପାଇଁ ସମୟ ଦେବାକୁ କି ଓଡ଼ିଆ ବାସ୍ନା ଥିବା କାହାଣୀକୁ ବାଛି ସିନେମା ତିଆରି କରୁନାହାନ୍ତି । କାହାଣୀକୁ କନ୍‌ସେଣ୍ଟ୍ରେସନ୍ ରଖି ସମୟ ଦେଇ ଗଢ଼ିଲେ ହେବ, ସେମିତି ତରବରିଆ ଭାବେ କଲେ କଣ ହେବ ?

**▲ସିନେମାରେ କପି ହେଉଥିବା କଥା କିଭଳି ଗ୍ରହଣ କରିବେ ?**

▲▲କାଳେ କପି କରିଦେଲେ ହିଟ୍ ହୋଇଯିବ ବା କାହାକୁ ଭଲ ଲାଗିବ ବୋଲି ଭାବି କରୁଛନ୍ତି । କିନ୍ତୁ ଆଜିର ଦିନରେ ତାହା କାହିଁକି ଆଦୃତ ହେଉନି ମୁଁ ବି ନିଜେ ଜାଣେନା ।

**▲ମୌଳିକ ସିନେମା ନିର୍ମାଣରେ ଓଡ଼ିଶା ପଛରେ, ଦାୟୀ କିଏ ?**

▲▲ପ୍ରଯୋଜକଙ୍କୁ ପ୍ରଥମେ କରିବି, ତା ପରେ

ସରକାରଙ୍କୁ ।

**▲ସୁଦୂର ବାରିପଦାରୁ ଆସି ଇଣ୍ଡଷ୍ଟ୍ରୀରେ ରାଜ୍ କରିବା କେମିତି ସମ୍ଭବ ହୋଇଥିଲା ? ସେତେବେଳେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ କି ?**

▲▲ବଡ଼ ପୁଅ ହୋଇଥିଲେ ସିନା ଘରକୁ ପଇସା ପତ୍ର ଦେଇଥାନ୍ତି କି ପାରିବାରିକ ଚାପ ପଡ଼ିଥାନ୍ତା । ସେମିତି ମୁଁ କେବେ ଆର୍ଥିକ ସ୍ଥିତି ଖରାପରେ ଥିବା କଥା ଅନୁଭବ କରିନାହିଁ ।

**▲ଆପଣଙ୍କ ନଜରରେ ଭଲ ସିନେମା କାହାକୁ କହିହେବ ?**

▲▲ଯାହା ଦର୍ଶକଙ୍କୁ ଭଲ ଲାଗିବ ବା ଦର୍ଶକ ଗ୍ରହଣ କରିବେ, ତାହା ହିଁ ଭଲ ସିନେମା ।

**▲ଓଡ଼ିଶାର ସିନେମା ହଲ୍‌ରେ ଦର୍ଶକ କାହିଁକି କମିବାରେ ଲାଗିଛନ୍ତି ? ସରକାରଙ୍କର ଉତ୍ତରଦାୟିତ୍ୱ କିଛି ରହିଛି ବୋଲି ଭାବୁଛନ୍ତି କି ?**

▲▲କମିବାରେ ବହୁତ କାରଣ ରହିଛି । ଭଲ ସିନେମା କରିବାକୁ ବା ସିନେମାରେ ପରୀକ୍ଷାନିରୀକ୍ଷା କରିବାକୁ ଅର୍ଥର ଆବଶ୍ୟକତା ରହିଛି । ଏହି ଅର୍ଥ ଖର୍ଚ୍ଚ କରିବାକୁ ପ୍ରଯୋଜକମାନେ ବି ଡ଼ରୁଛନ୍ତି । ତାହାର କାରଣ ହେଲା, ସରକାର ଯେଉଁ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ, ଆଜି ଆଉ ସେଭଳି କିଛି ସୁବିଧା ନାହିଁ । ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସେମିତି କିଛି ବନ୍ଦୋବସ୍ତ ନାହିଁ କି ସବସିଡ଼ି ନାହିଁ । ଏଥିପାଇଁ ସରକାର ସିନେମା ନିର୍ମାଣ କରିବାକୁ ସାହାଯ୍ୟ ସହଯୋଗ କରିବା ସହିତ ସବସିଡ଼ି ଦେବା କି ସିନେମା ହଲ୍ ସଂଖ୍ୟା ବୃଦ୍ଧି କରିବାର ଆବଶ୍ୟକତା ରହିଛି ।

**▲ସିନେମାରୁ ଅବ୍ୟାହତି ନେବା ପରେ ଅବସର ସମୟ କେମିତି କାଟୁଛନ୍ତି ?**

▲▲ଖାଇପିଇ ମସ୍ତରେ ରହିବା କଥା । ବାସ୍, ଜୀବନ ତ ଏଇଆ ।

**▲ଓଡ଼ିଆ ସିନେମାରେ ବର୍ତ୍ତମାନ ସ୍ଥିତିରେ କେଉଁ ଅଭାବବୋଧକୁ ଲକ୍ଷ୍ୟ କରୁଛନ୍ତି ?**

▲▲ଲୋକଙ୍କ ଫିଙ୍ଗର୍ ଟିପ୍‌ସ୍‌ରେ ଯେତେବେଳେ ସୁବିଧା ସୁଯୋଗ ମିଳିପାରୁଛି, କାହିଁକି ହଲ୍‌କୁ ଯିବେ । ମନୋରଞ୍ଜନ ନୁହେଁ ଓଡ଼ିଶାର କଳାକୁ ବଞ୍ଚାଇବାକୁ ସମସ୍ତଙ୍କ ଭିତରେ ସେହି ପ୍ରେମ ରହିବା ଦରକାର ।

**▲ଓଡ଼ିଆ ସିନେମାରେ ଆପଣ ଜଣେ ପିତାମହ, ନୂଆ କ୍ୟାରିୟର୍ କରିବାକୁ ଆସୁଥିବା ପିଲାମାନଙ୍କୁ କଣ କହିବେ ?**

▲▲ପରିଶ୍ରମ କଲେ ପରିଶ୍ରମର ଫଳ ସବୁବେଳେ ମିଠା । ବାସ୍, ଏହା ହିଁ ଆଗକୁ ନେଇପାରିବ ।

ଉପୁଜିଛି ଅନେକ ଦ୍ୱନ୍ଦ୍ୱ, ଅନେକ ସଂଘାତ । ମହାଶ୍ୱେତାଙ୍କ ସହ ୨୦ଟି ସିନେମାରେ ଅଭିନୟ କରିବା ପରେ ଦିନେ ଅନୁଭବ କଲେ ପ୍ରେମର ରୁଗୁରୁଗୁ ଛୁଆଁ ଛାତି ତଳେ । ମହାଶ୍ୱେତା ଓ ସେ କେମିତି ଧିରେ ଧିରେ ନିକଟତର ହେଉଛନ୍ତି । ଏମିତି ବି ହେଲା ସାରା ସିନେମା ଜଗତରେ ଗୁଜବ ପ୍ରଚାରିତ ହେଲା । ଉତ୍ତମ-ମହାଶ୍ୱେତାଙ୍କୁ ନେଇ କିଛିଦିନ ପରେ କିଛି ବି ଘଟିପାରେ । ଏହି କଥାକୁ ସତ କରିବାକୁ ଦୁହେଁ ନିଷ୍ପତ୍ତି ନେଲେ ବିବାହ କରିବେ ଓ ସାଂସାରିକ ବନ୍ଧନରେ ବାନ୍ଧି ହୋଇଯିବେ । କିନ୍ତୁ ଏହା ବେଶି ଦିନ ତିଷ୍ଠି ପାରିଲା ନାହିଁ । ସେମାନଙ୍କ ଜୀବନର ୧୯୮୫ ମସିହାରେ ଅଭିନୀତ ସିନେମା 'ପଳାତକ' ଥିଲା ଯେମିତି ଏକ ପୂର୍ଣ୍ଣଚ୍ଛେଦ । ଉତ୍ତମ-ଅପରାଜିତାଙ୍କ ପ୍ରେମରେ ସମୟ ହିଁ ଥିଲା ପଳାତକ । ସେମାନଙ୍କୁ ମଝି ଛକରେ ଠିଆ କରେଇ ଦେଇ ସମୟ ଯେମିତି ନେଇଥିଲା ପ୍ରତିଶୋଧ । ଦୁହେଁ ଅଲଗା ହୋଇଗଲେ । ମହାଶ୍ୱେତା ଯେମିତି ଫେରିଗଲେ ସିନେମା ଦୁନିଆକୁ, ଉତ୍ତମ ବି ସେମିତି । ବଦଳିଗଲା ପ୍ରେମର ଗତିପଥ, ସେମିତି ବି ସିନେମା ।

୧୯୮୨ ମସିହାରେ 'ଅନ୍ତରାଗ' ଆସିଲା । ଏଥିରେ ଅପରାଜିତା ଉତ୍ତମଙ୍କ ବିପକ୍ଷରେ ନାୟିକା ହୋଇ ଅଭିନୟ କଲେ । ଉତ୍ତମଙ୍କ ଜୀବନରେ ଆରମ୍ଭ ହେଲା ଦ୍ୱିତୀୟ ଇନିଂସ୍‌ର ପ୍ରେମ । ଅପରାଜିତାଙ୍କ ସହ ସିନେମାରେ ଅଭିନୟ, ଅଭିନୟରୁ ଅଳ୍ପ ପ୍ରେମ, ପ୍ରେମରୁ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ୧୭ ମେ ୧୯୮୭ ମସିହାରେ, ଭୁବନେଶ୍ୱରର ମ୍ୟୁନିସିପାଲିଟି ଗେଷ୍ଟହାଉସ୍‌ରେ । ଉତ୍ତମ କେବଳ ମହାଶ୍ୱେତା କି ଅପରାଜିତାଙ୍କ ସହ ନାୟକ ଭାବରେ ନୁହେଁ ଅନୀତା, ସୁଜାତା, ତନ୍ଦ୍ରା, ଦୀପା, ବୈଶାଳୀ, ଶୁଭ୍ରା ପତି, ରଚନା ବାନାର୍ଜୀଙ୍କ ଭଳି ହିରୋଇନ୍‌ମାନଙ୍କ ବିପକ୍ଷରେ ନାୟକ ଭାବେ କାମ କରିଛନ୍ତି ।



## ସିନେମାର କ୍ୟାରିଅର୍

ଓଡ଼ିଆ ସିନେମାରେ ଜମା ବିଫଳତାର ସ୍ୱାଦ ଚାଖି ନଥିବା ଉତ୍ତମଙ୍କ ସିନେମାର ତାଲିକା ଖୁବ୍ ଲମ୍ବା । ନାୟକ ଭାବରେ ବୋଧେ ଆଉ କୌଣସି ଓଡ଼ିଆ କଳାକାର ଏତେ ଦିନ ରାଜ୍ କରିନାହାନ୍ତି । ସେ ୧୯୭୭ ମସିହାରୁ 'ଅଭିମାନ' ସିନେମାରୁ ଆରମ୍ଭ କରି ୨୦୦୯ ମସିହାର 'ପାଗଳ କରିଛି ପାଉଁଜି ତୋର' ସିନେମା ପର୍ଯ୍ୟନ୍ତ ଖେଳିଛନ୍ତି ଲମ୍ବା ଇନିଂସ୍ । ତାଙ୍କର ପ୍ରାୟ ସବୁ ସିନେମା ହିଟ୍ ସାବ୍ୟସ୍ତ ହୋଇଥିବା ବେଳେ ବର୍ଷକୁ ଅତି କମ୍‌ରେ ୪/୫ଟି ସିନେମା କରି ଦର୍ଶକଙ୍କ ହୃଦୟର ହିରୋ ହୋଇଛନ୍ତି ସେ । ଏମିତିକି ଉତ୍ତମଙ୍କ ସିନେମାର ଥିଲା ଭିନ୍ନ କ୍ରେଜ୍ । ଲୋକେ ହଲ୍‌ରେ ସିନେମା ଲାଗିବା ମାତ୍ରେ ପାଗଳ ହୋଇ ଯାଉଥିଲେ । ଭିଡ଼ ତ ଭିଡ଼, ବ୍ଲାକ୍‌ରେ ବି ଲୋକେ ଟିକେଟ୍ କିଣି ସିନେମା ଦେଖୁଥିଲେ । ତାଙ୍କ ଅଭିନୀତ ସିନେମାଗୁଡ଼ିକ ମଧ୍ୟରେ ଦଣ୍ଡାବାଳୁଙ୍ଗା, ସରପଞ୍ଚ ବାବୁ, ବାଜେ ବଇଁଶୀ ନାଚେ ଘୁଙ୍ଗୁର, ରାମରହିମ୍, ମମତା ମାଗେ ମୂଲ, ଶଙ୍ଖାସିନ୍ଦୁର, ଏଇ ଆମ ସଂସାର, ବଧୂ ନିରୁପମା, ଚକା ଆଖି ସବୁ ଦେଖୁଛି, ସୁନା ଚଢ଼େଇ, ଠାକୁର ଅଛନ୍ତି ଚଉବାହାକୁ, ଆମଘର ଆମସଂସାର, ଭୀଷ୍ମ ପ୍ରତିଜ୍ଞା, ତୋ ବିନୁ ଅନ୍ୟ ଗତି ନାହିଁ, ମାଆ, ଭାଗ୍ୟ ହାତେ ଡ଼ୋରି, ନାଗପଞ୍ଚମୀ, ଲକ୍ଷେ ଶିବ ପୂଜି ପାଇଛି ପୁଅ, କାଳଚକ୍ର, ମାଆ ପରି କିଏ ହେବ... ଏମିତି ଆହୁରି ଅନେକ । ସେ ୨୦୦ରୁ ଊର୍ଦ୍ଧ୍ୱ ଓଡ଼ିଆ ସିନେମାରେ ଅଭିନୟ କରିବା ସହିତ ୩୦ରୁ ଊର୍ଦ୍ଧ୍ୱ ବଙ୍ଗଳା ସିନେମାରେ ମଧ୍ୟ ଅଭିନୟ କରିଛନ୍ତି । ସେ ଯଶୋଦା, ସୁଭଦ୍ରା, କଳାମାଣିକ ଭଳି ସିନେମାରେ ଚରିତ୍ର ଅଭିନେତା ଭାବରେ ବେଶ୍ ଚମକ ଦେଖାଇ ପାରିଛନ୍ତି ।

ଟେଲି ସିରିଏଲ୍‌ରେ ମଧ୍ୟ ନିଜର ପାରଦର୍ଶିତା ଦେଖେଇଛନ୍ତି ଉତ୍ତମ । ଯେ ପକ୍ଷୀ ଉଡ଼େ ଯେତେଦୂର, ସାରା ଆକାଶ, ପଣତକାନି, ଉତ୍ତରଦାୟୀ ଭଳି ଚର୍ଚ୍ଚିତ ସିରିଏଲ୍‌ରେ ଅଭିନୟ କରିଛନ୍ତି । ସେ କେବଳ ଓଡ଼ିଆ ନୁହେଁ ହିନ୍ଦୀ ସିରିଏଲ୍ 'ପଲାସ' ଓ ବଙ୍ଗଳା ସିରିଏଲ 'ବିଦେଶିନୀ' ବୋହୂରେ ମଧ୍ୟ ବଳିଷ୍ଠ ଅଭିନୟର ପରାକାଷ୍ଠା ଦେଖାଇଛନ୍ତି । ସେ ମଧ୍ୟ ଅନେକ ଭଜନ ଓ ଆଲବମ୍‌ରେ ଅଭିନୟ କରି ଦର୍ଶକଙ୍କ ମନ ମୋହିଛନ୍ତି । ସେ ଅଶୀ ଓ ନବେ ଦଶକରେ ନିଜର ଅଭିନୟ ପାଇଁ ପରିଚିତ ଥିଲେ ଘରେ ଘରେ । ଆଜି ବି ।


ମୁଦ୍ରା
ବିୟୁଟିସିଆନ୍ ସସ୍ମିତା ମେହେର
ପାଇଁ ସ୍ୱତନ୍ତ୍ର ମୁଦ୍ରାରେ
ଶୁଭେଚ୍ଛା ସହ...
ସସ୍ମିତା ମେହେର

# ଛଦ୍ମଲେଖକ ବା ଘୋଷ୍ଟ ରାଇଟର୍

ଥରେ କଥା ଛଳରେ ମୋର ଜଣେ ହିତୈଷୀ ପ୍ରସ୍ତାବ ଦେଲେ: ଆପଣ ଛଦ୍ମଲେଖକ ହେବେ? ଅର୍ଥାତ୍ ଘୋଷ୍ଟ ରାଇଟର୍। ପ୍ରଥମ ଥର ଏପରି ଏକ କଥା ମୁଁ ଶୁଣୁଥିଲି ତ ଅବାକ୍ ହେବା କଥା। କାରଣ, ସତ କହିଲେ ମୋ ଲେଖକୀୟତାକୁ ନେଇ ମୁଁ କେବେ କିଛି ପ୍ରତ୍ୟାଶୀ ରଖିନଥିଲି। କାରଣ ଦୀର୍ଘ ତିନିଦଶନ୍ଧିରୁ ଊର୍ଦ୍ଧ୍ୱକାଳ ମୁଁ ସାହିତ୍ୟ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହି ଆସିଛି ଏବଂ ଏବେ ମଧ୍ୟ ରହିଛି। ଅଧିକ ସ୍ପଷ୍ଟ କରି କହିଲେ, ସାହିତ୍ୟ ହିଁ ମୋର ଜୀବନ ଓ ଜୀବିକା। ବୃତ୍ତି-ପ୍ରବୃତ୍ତି ସବୁକିଛି। ଏହି ଦୃଷ୍ଟିରୁ ଦେଖିଲେ ହୁଏତ ମୋର ସେଇ ହିତୈଷୀ ଜଣକ ମୋ ପାଇଁ ଉଚିତ ପ୍ରସ୍ତାବ ଦେଇଥିଲେ। କାରଣ ସେ କାହୁଁ ଜାଣିବେ, ମୁଁ ତାଙ୍କ ଜ୍ଞାନଗାରିମା ତୁଳନାରେ କେତେ ପଛରେ! ମୁଁ ପୃଥିବୀ ଦେଖିଛି କେତେ କମ୍!

ହଁ, କହୁଥିଲି 'ଘୋଷ୍ଟ ରାଇଟର୍' କଥା। ହିତୈଷୀଙ୍କର ମୋ ପ୍ରତି ଥିବା ସମସ୍ତ ମଙ୍ଗଳେଚ୍ଛାକୁ ଯଥାସମ୍ମାନ ପୂର୍ବକ କହିଲି: ନାଇଁ ଆଜ୍ଞା। ମୌଳିକ ଲେଖକଟିଏ ମୁଁ। ମୌଳିକ ଲେଖକ ଭାବେ ହିଁ ମରିବାକୁ ଚାହେଁ। ଛଦ୍ମ ଫନ୍ଦରେ ପଶିବା ମୋର କାମ ନୁହେଁ ବା ମୁଁ ସେଥିରେ କାଣିଚାଏ ବି ଆଗ୍ରହୀ ନୁହେଁ।


କଥାଟିକୁ ପ୍ରାଞ୍ଜଳ ଭାବେ ହିତୈଷୀଙ୍କ ମୁହଁରୁ ଶୁଣିବା ସକାଶେ ମୁଁ ପଚାରିଦେଲି: ଆଚ୍ଛା ଛଦ୍ମଲେଖକ ବା ଆପଣଙ୍କ ଭାଷାରେ 'ଘୋଷ୍ଟ ରାଇଟର୍' କଥାଟି କ'ଣ? ସେ ଟିକିଏ ହସିଲେ। କହିଲେ ତା'ପରେ। ତାଙ୍କ କହିବା ଅନୁସାରେ ଯେକୌଣସି ଜଣେ ପ୍ରସିଦ୍ଧ ବ୍ୟକ୍ତିଙ୍କ ପାଇଁ ଲେଖିବା କାମଟି ଯିଏ କରେ, ସେ ହେଉଛି ଘୋଷ୍ଟ ଲେଖକ। ଯେଉଁ ବ୍ୟକ୍ତିଙ୍କ ପାଇଁ ସେ ଲେଖିବ ସେ ବ୍ୟକ୍ତିଙ୍କ ନାମରେ ହିଁ ବହି ପ୍ରକାଶିତ ହେବ। ପ୍ରକାଶିତ ଲେଖାର କ୍ରେଡିଟ୍ କସ୍ମିନ୍‌କାଳେ 'ଘୋଷ୍ଟ ଲେଖକ'ଟି ପାଇବ ନାହିଁ। ସିଧାକଥାରେ କହିଲେ: ତୁ ହେବୁ ଲେଖକ ଆଉ ତୋ ପାଇଁ ଲେଖିବି ମୁଁ। ଏ ଲେଖିବା କର୍ମଟି ପାଇଁ ମୁଁ ପାଇବି ଯଥେଷ୍ଟ ମଜୁରୀ।

ପ୍ରଥମଥର ପାଇଁ ଏପରି ଏକ କଥାର ପ୍ରଚଳନକୁ ନେଇ ମୋ ଭିତରେ ଆରମ୍ଭ ହେଲା ପ୍ରବଳ ଅସନ୍ତୋଷ। ଭାବିଲି: ଏ କେମିତି କଥା ଯେ! ଜଣକର ଲେଖକୀୟ ପ୍ରତିଭା ନାହିଁ, ନାହିଁ ମଧ୍ୟ ସୃଜନଶୀଳ ଦକ୍ଷତା। ଅଥଚ ସେ ଲେଖକ ବୋଲାଇବ ଆଉ ଜଣେ ପ୍ରକୃତ ଲେଖକଙ୍କ ଲେଖାକୁ କ୍ରୟ କରି। ଏ କି ପ୍ରକାର ମାନସିକତା! ମାନୁଛି ଏହା ଏକ ରୋଜଗାରର ପନ୍ଥା। ତା' ବୋଲି ଜଣେ ଲେଖକ କ'ଣ କେବେ ତା'ନିଜ ଲେଖାକୁ ଅନ୍ୟ ଜଣକର ନାମରେ ପ୍ରକାଶିତ ହେବା ଦେଖି ପାରିବ! ତାକୁ କାନ୍ଦ ଲାଗିବ ନାହିଁ! ତାକୁ ଲାଗିବ ନାହିଁ, ସେ ତା ସୃଜନଶୀଳତାକୁ ନେଇ ବେପାର କଲା! ସେ ଯେତେ ବି ନିର୍ଧନ ହୋଇଥାଉ ନା କାହିଁକି ନିଜ ସୃଷ୍ଟିକୁ କିପରି ଅଳ୍ପ କିଛି ଅର୍ଥ ବିନିମୟରେ ଅନ୍ୟ ନାଁରେ କବଲା କରିଦେବ! ଅସମ୍ଭବ। ଏପରି ହୋଇ ପାରେନା। ସାମାନ୍ୟତମ ସ୍ୱାଭିମାନ ଥିବା ଲେଖକଟେ ଏପରି କରି ହିଁ ପାରିବ ନାହିଁ।

ସୁତରାଂ ମୁଁ ତତ୍‌କ୍ଷଣାତ୍ ମନା କରି ଦେଇଥିଲି। କାରଣ ପ୍ରଚୁର ସ୍ୱାଭିମାନୀ ଥିଲି ମୁଁ ମୋର ଲେଖାକୁ ନେଇ। ମୋ ପରି ଅନ୍ୟ ପ୍ରଣମ୍ୟ ଲେଖକଗଣ ମଧ୍ୟ ନିଜ ସ୍ୱାଭିମାନକୁ କେବେ ବିକ୍ରି କରିଦେଇ ପାରିବେ ନାହିଁ- ଏ ବିଶ୍ୱାସ ବି ମୋର ଅଛି। କିନ୍ତୁ ମୁଁ ସିନା ଏତେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଲି ଏଇ କଥାରେ। ଅଥଚ ମୁଁ ଯେତେବେଳେ ଜାଣିଲି ଏପରି କର୍ମରେ ନିୟୋଜିତ ଅଛନ୍ତି ଅନେକ ଲେଖକ, ମୁଁ ଚକିତ ହେଲି। କିଛି ପଇସା ଅର୍ଜନର ଲାଳସାରେ ଆମ ଓଡ଼ିଶାରେ ମଧ୍ୟ 'ଘୋଷ୍ଟ ରାଇଟର୍' ଅଛନ୍ତି, ଏକଥା କାହାକୁ ହୁଏତ ଅଛପା ନଥିବ। କିନ୍ତୁ ମୁଁ ଏ ବାବଦରେ ଅଜ୍ଞ ଥିଲି। ଅନେକ ସମୟରେ ବଡ଼ବଡ଼ ପଦପଦବୀରେ ଥିବା ପ୍ରଶାସନିକ ଅଧିକାରୀମାନେ ଏପରି 'ଘୋଷ୍ଟ ରାଇଟର୍'ଙ୍କୁ ହାୟର୍ ବା ଭଡ଼ା ନେଇଥାନ୍ତି। ଆଶାତୀତ ଅର୍ଥ ବିନିମୟରେ ଭଡ଼ାରେ ନିଅନ୍ତି ଲେଖକଙ୍କୁ। ବହିର ଅସଲ ସ୍ରଷ୍ଟା ରହେ ଆଢୁଆଳରେ। ବହି ଛପା ହୁଏ ଲେଖାର ଧାର୍ ଧାରୁନଥିବା ଜନୈକ ଆଗ୍ରହୀ ବ୍ୟକ୍ତିଙ୍କ ନାମରେ। ଏପରି ଏକ ଛଦ୍ମତା ଭିତରେ ଲେଖାଲେଖି ଭଳି ଏକ ସାରସ୍ୱତ କାର୍ଯ୍ୟ ଚାଲିଥିବା, କାହାକୁ କେମିତି ଲାଗିବ ମୁଁ କହି ପାରିବିନି, ମୁଁ କିନ୍ତୁ ଗଭୀର ଭାବରେ କ୍ଷତାକ୍ତ।

ମାଆଟିଏ କେବେ କ'ଣ ତାର ନିଜ ସନ୍ତାନକୁ କିଛି ପଇସା ବଳରେ ବିକ୍ରି କରିଦେଇ ପାରେ? କସ୍ମିନ୍‌କାଳେ ସମ୍ଭବ ନୁହେଁ। ଲେଖକଟିଏ ମଧ୍ୟ ତା ଲେଖାକୁ ମନରେ ଧାରଣ କରି ପରିପକ୍ୱ କରେ ଓ ଜନ୍ମ ଦେଇଥାଏ। ସେ ତେବେ କିପରି ଅନ୍ୟ ପାଇଁ ନିଜ ଲେଖାକୁ ବିକ୍ରି କରିଦେଇ ପାରିବ। ଇଂରାଜୀ ସାହିତ୍ୟରେ ଏପରି 'ଘୋଷ୍ଟ ରାଇଟର୍' ଏକ ସାଧାରଣ କଥା ହୋଇଥାଇପାରେ। କିନ୍ତୁ ଓଡ଼ିଆ ସାହିତ୍ୟରେ କାଁଭାଁ ଏପରି ଘଟୁଥିବା ବିଷୟରେ ଯାହା ତଥ୍ୟ ସାମ୍ନାକୁ ଆସେ, ତାହା ବିଶ୍ୱାସଯୋଗ୍ୟ ନୁହେଁ। କିନ୍ତୁ ସତରେ ଯଦି ଏପରି କେହି ଛଦ୍ମଲେଖକ ଥାଆନ୍ତି, ତାହା ଆମ ଓଡ଼ିଆ ସାହିତ୍ୟ ପାଇଁ ଖାଲି ଅପମାନଜନକ ନୁହେଁ, ବିପଜ୍ଜନକ ମଧ୍ୟ। ତେଣୁ ଏ ଦିଗ ପ୍ରତି ଆପଣମାନଙ୍କୁ ଅବଗତ କରାଇବା ବେଳେ 'ଛଦ୍ମତା'ରୁ ଦୂରେଇ ରହିବାକୁ ଅନୁରୋଧ କରୁଛି।




Bharat Petroleum
ସେବା ଓ ଗୁଣବତ୍ତାରେ
ବାଲେଶ୍ୱର ଜିଲ୍ଲାରେ ପ୍ରଥମ
ଶ୍ରୀ ରାଧାକୃଷ୍ଣ ଫିଲିଙ୍ଗ୍ ଷ୍ଟେସନ
ତାମୁଲିଆ ଫାଟକ, ବାଲେଶ୍ୱର
ସମ୍ପର୍କ: ୯୩୩୭୨୨୭୦୦୮
୯୫୫୬୫୬୬୬୬୫

The **REBATI AMA MATIRA SWARA** • January 2020 Vol - 2 Issue - 3 • R.N.I. Title Code : ODIODI 07916 • Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**